ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଶନିବାର, ଡିସେମ୍ବର ୨/୨୦୨୩ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, December 2/2023 Page 20 ₹ 7.00 | BERHAMPUR
୫୦ଶ ଭାଗ ୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 9 ମୂଲ୍ୟ ₹୭/-

# ଏ ବର୍ଷ ହେବନି ହାଡ଼ଭଙ୍ଗା ଶୀତ

**ଭୁବନେଶ୍ୱର,୧।୧୨(ଅନିଲ ଦାସ)**

କାର୍ତ୍ତିକ ଯାଇ ମାର୍ଗଶିର ମାସ ହେଲା। ଘୋଡ଼େଇ ହେବାକୁ କମ୍ବଳ ଦରକାର ପଡ଼ିଲା ନାହିଁ। ଶୀତବସ୍ତ୍ର ମଧ୍ୟ ବାକ୍ସରୁ ବାହାରିଲା ନାହିଁ। ନଭେମ୍ବରରେ ଚୈତ୍ର ମାସ ଭଳି ଗରମ ଅନୁଭୂତ ହେଲା। ରାତିରେ ହାଲୁକା ଶୀତ ପଡୁଥିଲେ ମଧ୍ୟ ବିନା ପଙ୍ଖାରେ ଶୋଇହେଉ ନାହିଁ। ଦିନରେ ମଧ୍ୟ ପାରଦ ୩୨ ଡିଗ୍ରୀ ସେଲ୍‌ସିୟସକୁ ଟପିଯାଉଛି। ଶୀତ ହେଉ ନ ଥିବାରୁ ରାଜ୍ୟରେ ଏକପ୍ରକାର ଅସ୍ୱାଭାବିକ ପରିବେଶ ସୃଷ୍ଟି ହୋଇଛି। ଚଳିତ ବର୍ଷ ଆଉ ହାଡ଼ଭଙ୍ଗା ଶୀତ ହେବ ନାହିଁ। ଜାନୁୟାରୀ ଶେଷ ସପ୍ତାହରୁ ଗରମ ଆରମ୍ଭ ହୋଇଯିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କଲାଣି। ଶୁକ୍ରବାର ବିଭାଗ ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ ଡିସେମ୍ବରରୁ ଫେବୃୟାରୀ ଶେଷ ପର୍ଯ୍ୟନ୍ତ ସମଗ୍ର ଦେଶରେ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକଠାରୁ ଉପରେ ରହିବ। କେବଳ କେନ୍ଦ୍ରୀୟ ଏବଂ ଉତ୍ତର-ପଶ୍ଚିମ ଭାରତର କିଛି ଅଞ୍ଚଳକୁ ଛାଡ଼ିଦେଲେ ଅନ୍ୟ ସବୁ ସ୍ଥାନରେ ସର୍ବନିମ୍ନ ତାପମାତ୍ର ସ୍ୱାଭାବିକଠାରୁ ଉପରେ ରହିବ। ପ୍ରଶାନ୍ତ ମହାସାଗରରେ ଏଲ୍-ନିନ୍ୟୋ ରହିଥିବାରୁ ଚଳିତ ବର୍ଷ ଏହା ଭାରତୀୟ ଜଳବାୟୁକୁ ପ୍ରଭାବିତ କରୁଛି ବୋଲି ପାଣିପାଗ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ଦିବ୍ୟକୃପା ପାଇଁ ଦାନ

# ଜାହାଜରୁ ୨୨୦ କୋଟିର କୋକେନ୍ ଜବତ

## ପାରାଦୀପ ବନ୍ଦର ଇତିହାସରେ ପ୍ରଥମ ଘଟଣା

ଇଣ୍ଡୋନେସିଆ ଗ୍ରେସିକ ପୋର୍ଟରୁ ପାରାଦୀପ ବନ୍ଦରକୁ ଆସିଥିବା ଏକ ପଣ୍ୟବାହୀ ଜାହାଜରୁ କଷ୍ଟମ୍ସ ବିଭାଗ ଶୁକ୍ରବାର ୨୨ ପ୍ୟାକେଟ୍ (ପ୍ରାୟ ୨୨ କିଲୋଗ୍ରାମ) କୋକେନ ଜବତ କରିଛି। ଅନ୍ତର୍ଜାତୀୟ ବଜାରରେ ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୨୨୦ କୋଟି ଟଙ୍କା ହେବ ବୋଲି କଷ୍ଟମ୍ସ ବିଭାଗ ପକ୍ଷରୁ କୁହାଯାଇଛି। ଏହି କୋକେନ ଓଡ଼ିଶାକୁ ଆସୁଥିଲା ନା ଏଠାରୁ କେଉଁଠିକୁ ଯାଉଥିଲା ଏବଂ ଏହାପଛରେ କେଉଁମାନେ ଅଛନ୍ତି ସେନେଇ ପ୍ରଶ୍ନ ଉଠିଛି। ତେବେ ଏତେ ମୂଲ୍ୟର ନିଶାଦ୍ରବ୍ୟ ଜବତ ହେବା ପାରାଦୀପ ବନ୍ଦର ଇତିହାସ ଏବଂ ଦେଶର ସରକାରୀ ବନ୍ଦର ମଧ୍ୟରେ ପ୍ରଥମ ଘଟଣା ବୋଲି କୁହାଯାଉଛି। ଏହାସହ ଗୁଜରାଟସ୍ଥିତ ଆଦାନୀ ଗ୍ରୁପ୍‌ର ମୁନ୍ଦ୍ରା ବନ୍ଦର କଥା ମନେ ପକାଇ ଦେଇଛି। ଗତ ୩ ବର୍ଷରେ ମୁନ୍ଦ୍ରା ବନ୍ଦରରୁ ୩୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ହେରୋଇନ୍ ଓ ଅନ୍ୟ ନିଶାଦ୍ରବ୍ୟ ଜବତ ହେଲାଣି।

**ପାରାଦୀପ,୧।୧୨(ଶରତ ରାଉତ)**

ପାନାମାରେ ତିଆରି ହୋଇଥିବା 'ଏମ୍‌ଭି ଦେବୀ' ନାମକ ପଣ୍ୟବାହୀ ଜାହାଜ ଇଣ୍ଡୋନେସିଆରୁ ଆସିଥିଲା। ପାରାଦୀପରୁ ଷ୍ଟିଲ୍ କାର୍ଗୋ ନେଇ ଡେନମାର୍କ ଯିବାର ଥିଲା। ଗୁରୁବାର ମଧ୍ୟାହ୍ନ ୧୨ଟାରେ ପାରାଦୀପ




ଜବତ କୋକେନ

ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ (ପିଆଇସିଟି) ବର୍ଥରେ ଲାଗିଥିଲା। ନିୟମାନୁସାରେ ପ୍ରଥମେ କଷ୍ଟମ୍ସ ଅଧିକାରୀମାନେ ଜାହାଜ ଯାଞ୍ଚ କରି କ୍ଲିୟରାନ୍ସ ଦେଇଥିଲେ। ତା'ପରେ ଜେଏସ୍‌ପିଏଲ କମ୍ପାନୀର ଷ୍ଟିଲ ବୋଝେଇ ହେଉଥିଲା। ଦ୍ୱିତୀୟ ସିଫ୍ଟ ରାତି ୧୦ ଟାରେ ସରିବା ପରେ ତୃତୀୟ (ରାତି ୧୦ରୁ ସକାଳ ୬) ସିଫ୍ଟର ଅପରେଟର ଜାହାଜର କ୍ରେନ୍ ଉପରେ ଚଢ଼ିଥିଲେ। ସେତେବେଳେ ସେହି କ୍ରେନ କ୍ୟାବିନ ଭିତରେ କିଛି ସାମଗ୍ରୀ, କଳା ପଲିଥିନ ଓ ଏକ ବାଲ୍ଟି ମଧ୍ୟରେ କିଛି ଥିବା ଦେଖି ସନ୍ଦେହ କରିଥିଲେ। ସେ ତୁରନ୍ତ ପିଆଇସିଟି ଟର୍ମିନାଲ ମୁଖ୍ୟ ଓ ଜାହାଜ କ୍ୟାପଟେନଙ୍କୁ ସୂଚନା ଦେଇଥିଲେ। କିଛି ବିସ୍ଫୋରକ ସାମଗ୍ରୀ ରହିଥିବା ପ୍ରଥମେ ସନ୍ଦେହ ହୋଇଥିଲା। ଏହାପରେ ପୋର୍ଟ ସିଆଇଏସ୍‌ଏଫ୍, ମେରାଇନ ପୋଲିସ, କଷ୍ଟମ୍ସ ବିଭାଗ ଅଧିକାରୀ ପହଞ୍ଚି ଡଗ ସ୍କ୍ୱାଡ୍, ବୋମା ନିଷ୍କ୍ରିୟକାରୀ ଟିମ୍ ସହାୟତାରେ ଯାଞ୍ଚ କରିଥିଲେ। ରାତିତମାମ ଯାଞ୍ଚ ପରେ ତାହା ବିସ୍ଫୋରକ ନୁହେଁ ବୋଲି ଜଣାପଡ଼ିଥିଲା। ସକାଳୁ ସେହି ପ୍ୟାକେଟ ଖୋଲି ଦେଖିବା ପରେ ତାହା ବ୍ରାଉନ୍‌ସୁଗାର ବୋଲି ଅନୁମାନ କରାଯାଇଥିଲା। ହେଲେ ଜାହାଜର ଭିନ୍ନ ଭିନ୍ନ ଜାଗାରୁ ୮ଟି ପ୍ୟାକେଟ୍ ମିଳିବା ପରେ ନିଶାଦ୍ରବ୍ୟ ଯାଞ୍ଚ ପାଇଁ ଭୁବନେଶ୍ୱରରୁ କିଟ୍ ଅଣାଯାଇ ତଦନ୍ତ କରାଯିବାରୁ ତାହା କୋକେନ ବୋଲି ସ୍ପଷ୍ଟ ହୋଇଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ହୋଇଥିବା ଯାଞ୍ଚରୁ ଜାହାଜରୁ ମୋଟ ୨୨ଟି ପ୍ୟାକେଟ ମିଳିଥିଲା। ରିପୋର୍ଟ ଲେଖା ହେବା ସୁଦ୍ଧା ଜାହାଜ ଭିତରେ କଷ୍ଟମ୍ସ, ସିଆଇଏସ୍‌ଏଫ୍, ମେରାଇନ ପୋଲିସ ଓ କୋଷ୍ଟଗାର୍ଡ ପକ୍ଷରୁ ଯାଞ୍ଚ ଚାଲିଥିଲା। ଜାହାଜ ଅଟକ ରହିଛି। ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ ପୁନର୍ବାର ଜାହାଜ ଚାଲିବ ବୋଲି କଷ୍ଟମ୍ସ ବିଭାଗ ଭୁବନେଶ୍ୱର ଜୋନ୍ କମିଶନର ମାଧବଚନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି।

କମିଶନର ମିଶ୍ର କହିଛନ୍ତି ଯେ, ଜାହାଜରେ ୨୦ଜଣ କ୍ରିଉ ମେମ୍ବର ଥିବାବେଳେ ସେମାନେ ସମସ୍ତେ ଭିଏଟନାମା ନାଗରିକ। ସେମାନଙ୍କୁ ପଚରାଉଚରା କରାଯାଉଛି। ସେମାନେ ପ୍ରାୟତଃ ଇଂଲିଶ ବୁଝି ପାରୁ ନ ଥିବାରୁ ଜେରାବେଳେ ଅସୁବିଧା ହେଉଛି। ମିଳିଥିବା ସୂଚନା ଅନୁଯାୟୀ, ଏହି ଭିଏଟନାମା କ୍ରିଉ ମେମ୍ବରଙ୍କୁ ପଚରାଉଚରା ପାଇଁ ଇଣ୍ଟରପ୍ରିଟର୍ସଙ୍କ ସହାୟତା ନିଆଯାଇପାରେ।

ଅନ୍ୟପକ୍ଷରେ କଷ୍ଟମ୍ସ ବିଭାଗ ପକ୍ଷରୁ ଜାହାଜରେ ଯାଞ୍ଚ କରାଯାଇ କ୍ଲିୟରାନ୍ସ ଦିଆଯିବା ☞ପୃଷ୍ଠା-୪

# କପ୍୩୩ ପାଇଁ ଭାରତ ପ୍ରସ୍ତୁତ



ଦୁବାଇର ଏକ୍ସପୋ ସିଟିରେ କପ୍୨୮ ଅବସରରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ (ବାମରୁ ପ୍ରଥମ)ଏବଂ ୟୁଏଇ ପ୍ରେସିଡେଣ୍ଟ ମୋହାମେଦ୍ ବିନ୍ ଜାୟେଦ୍ ଅଲ୍ ନହ୍ୟାନ୍‌ଙ୍କ ସହ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି (ମଝି)।

## ୨୦୨୮ରେ ଆୟୋଜନ ପ୍ରସ୍ତାବ ଦେଲେ ପ୍ରଧାନମନ୍ତ୍ରୀ

**ଦୁବାଇ/ନୂଆଦିଲ୍ଲୀ,୧।୧୨**

୨୦୨୮ରେ ଜାତିସଂଘର ଜଳବାୟୁ ସମ୍ମିଳନୀ କପ୍୩୩ ଭାରତରେ ଆୟୋଜନ କରିବା ପାଇଁ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରସ୍ତାବ ଦେଇଛନ୍ତି। ଦୁବାଇର ଏକ୍ସପୋ ସିଟିରେ ଚାଲିଥିବା ଜାତିସଂଘର ୨୮ତମ ଜଳବାୟୁ ପରବର୍ତ୍ତନ ସମ୍ମିଳନୀ କପ୍୨୮ରେ ଯୋଗଦେଇ ସେ ଉପରୋକ୍ତ ବିବୃତି ଦେଇଛନ୍ତି। ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ବିକାଶ ଓ ପରିବେଶ ସୁରକ୍ଷା ମଧ୍ୟରେ ସନ୍ତୁଳନ ରକ୍ଷାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି।

କପ୍୨୮ର ଉଦ୍‌ଘାଟନୀ ସମାରୋହରେ ଏହାର ଆୟୋଜକ ସୁଲ୍‌ତାନ ଅଲ୍ ଜାବେର ଏବଂ ୟୁଏନ୍ କ୍ଲାଇମେଟ୍ ଚେଞ୍ଜ ପ୍ରେସିଡେଣ୍ଟ ସାଇମୋନ୍ ଷ୍ଟେଇଲଙ୍କ ସହ ସାମିଲ ହୋଇଥିବା ଏକମାତ୍ର ନେତା ମୋଦି ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି, ଜଳବାୟୁ ପରିବର୍ତ୍ତନ ପ୍ରକ୍ରିୟା ସମ୍ପର୍କିତ ଜାତିସଂଘର ଫ୍ରେମ୍‌ୱାର୍କ ପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ। ତେଣୁ ୨୦୨୮ରେ ଭାରତରେ କପ୍୩୩ ଆୟୋଜନ ପାଇଁ ଏହି ମଞ୍ଚରୁ ସେ ପ୍ରସ୍ତାବ ଦେଉଛନ୍ତି। ୨୦୩୦ ସୁଦ୍ଧା ଉତ୍ସର୍ଜନକୁ ୪୫% ହ୍ରାସ କରିବା ପାଇଁ ଭାରତ ଲକ୍ଷ୍ୟ ରଖିଛି। ଏଥିପାଇଁ ଅଣଜୀବାଶ୍ମ ଇନ୍ଧନ ମାତ୍ରାକୁ ୫୦% ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଆମେ ନିଷ୍ପତ୍ତି ନେଇଛୁ। ☞ପୃଷ୍ଠା-୪





# ପୁରୁଣା ସଭ୍ୟତାକୁ ଆଜି ବି ବଜାୟ ରଖିଛନ୍ତି ଡଙ୍ଗରିଆ

**ବିଷମକଟକ,୧।୧୨ (ବିଭୂତି ଭୂଷଣ ନାୟକ)**

ଅନେକ ଆଦିବାସୀ ଜନଜାତି ଓଡ଼ିଶାରେ ଦେଖିବାକୁ ମିଳନ୍ତି। ସେ ମଧ୍ୟରୁ ଡଙ୍ଗରିଆ କନ୍ଧ ଅନ୍ୟତମ। ଖାଦ୍ୟଠାରୁ ପୋଷାକ, ଅନେକ ପରମ୍ପରା ଓ ରୀତିନୀତି ସବୁକିଛିରେ ରହିଛି ଭିନ୍ନତାର ସ୍ୱାଦ । ପରିବର୍ତ୍ତନଶୀଳ ଦୁନିଆ ଭିତରେ ଆଜି ବି ପୁରୁଣା ସଭ୍ୟତା ଏବଂ ପ୍ରକୃତି ପୂଜାର ପରମ୍ପରାକୁ ବଜାୟ ରଖିଛନ୍ତି ରାୟଗଡ଼ା ଜିଲାର ଆଦିମ ଜନଜାତି ଡଙ୍ଗରିଆ କନ୍ଧ ସମାଜ। ରାୟଗଡ଼ା ଜିଲାର ପୂର୍ବଘାଟ ପର୍ବତମାଳା ନିୟମଗିରି ପାହାଡ଼ ପାଦଦେଶରେ ଏହି ପ୍ରଜାତି ବସବାସ କରିଥାନ୍ତି। ବିଶେଷକରି ରାୟଗଡା ଜିଲାର କଲ୍ୟାଣସିଂହପୁର, ବିଷମକଟକ, ମୁନିଗୁଡା ଏବଂ କଳାହାଣ୍ଡି ଜିଲାର ଲାଞ୍ଜିଗଡ଼ ଏହି ଚାରୋଟି ବ୍ଲକରେ ଅଧିକ ଡଙ୍ଗରିଆ କନ୍ଧ ଦେଖିବାକୁ ମିଳନ୍ତି । ଏମାନେ ପାହାଡ ବା ଡଙ୍ଗରରେ ବସବାସ କରୁଥିବାରୁ ଏମାନଙ୍କୁ ଡଙ୍ଗରିଆ କୁହାଯାଏ। ଏହି ଜନଜାତିଙ୍କ ଦ୍ୱାରା ପରିଧାନ କରାଯାଉଥିବା ସ୍ୱତନ୍ତ୍ର ପୋଷାକ ପାଇଁ ସେମାନେ ଅନ୍ୟ ଜନଜାତିର ଲୋକଙ୍କଠାରୁ ଦେଖିବାକୁ ଭିନ୍ନ ଓ ସ୍ୱତନ୍ତ୍ର। ଏହି ଜନଜାତି ପ୍ରକୃତିର ଅର୍ଥ ଠିକ୍ ଭାବେ ବୁଝିଥାନ୍ତି । ପ୍ରକୃତିକୁ ସୁରକ୍ଷା ଦେବା, ତା'ର ସଂରକ୍ଷଣଠାରୁ ଆରମ୍ଭକରି ଅନ୍ୟ ପାରମ୍ପରିକ ଜ୍ଞାନକୌଶଳର ଉପଯୋଗରେ ଏମାନେ ନିଜ ଅଞ୍ଚଳକୁ ସୁରକ୍ଷା ଦେଇଥାନ୍ତି। ସେମାନଙ୍କର ଏହି ନିଆରା ସଂସ୍କୃତି, ନିଜର ଜୀବନଶୈଳୀ ଓ ପ୍ରକୃତି ପ୍ରତି ସେମାନଙ୍କର ଥିବା ନିରନ୍ତର ଭଲପାଇବା ତାଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା କପଡାଗଣ୍ଡା ଶାଲ୍‌ରେ ବେଶ୍ ଭଲ ଭାବେ ପ୍ରତିଫଳିତ ହୋଇଥିବା ଦେଖିବାକୁ ମିଳେ। ସେମାନଙ୍କ ଇଷ୍ଟ ଦେବତା ହେଲେ 'ନିୟମ ରାଜା'। ଭଲ ଫସଲ ପାଇ ହେଉ ବା ସୁସ୍ଥ ରହିବା ପାଇଁ ନିୟମରାଜା ପାଖରେ ସେମାନେ ଶରଣ ପଶନ୍ତି। ଏହି ଆଦିମ ଜନଜାତିଙ୍କ ବିଶ୍ୱାସ ହେଲା ଯେଉଁଠି ପୂଜା ନାହିଁ, ସେଠାରେ ଡଙ୍ଗରିଆ ନାହିଁ।

ଏହି ଜନଜାତିଙ୍କ ବିଭିନ୍ନ ଜାତି ବା ମୁଠା ଥାଏ। ଯେମିତିକି ୱାଡ଼ାକା, ସିକ୍‌କା, ଜାକେସିକା, ନିସିକା, କାଡ୍ରାକା, ନୁଣ୍ଡୁକା, ପୁସିକା, ୱେଙ୍ଗିସିକା। ଏହି ମୁଠା ଅନୁସାରେ ସେମାନଙ୍କ ଆରାଧ୍ୟ ଦେବତା ଧରଣୀପେନୁଙ୍କୁ ପୂଜା କରିଥାନ୍ତି। ପ୍ରତି ଗାଁ ମୁଣ୍ଡରେ ଯାତ୍ରାକୁଡ଼ି (ଗ୍ରାମଦେବୀ)ଙ୍କୁ ପୂଜା କରାଯାଇଥାଏ। ଡଙ୍ଗରିଆଙ୍କ କଥିତ ଭାଷା ହେଲା କୁଭି। ସେମାନେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବା ସହ ପୋଡୁଚାଷକରି ଜୀବନ ଜୀବିକା ନିର୍ବାହ କରିଥାନ୍ତି। ଚାଷ କାର୍ଯ୍ୟରେ ମଧ ବେଶ୍ ଆଗୁଆ ଏହି ଜନଜାତି । ପୁରୁଷଠାରୁ ମହିଳା ସମସ୍ତେ ଚାଷ କାମରେ ପାରଙ୍ଗମ । ପୂର୍ବରୁ ଏହି ଜନଜାତି ମାଣ୍ଡିଆ, କାନ୍ଦୁଲ, ଖୋସଲା, କଟିଙ୍ଗ, ଝୁଡୁଙ୍ଗ, ଜଡା, ହଳଦୀ, ପାଳୁଅ ଆଦି ଚାଷ କରୁଥିବାର ସୂଚନା ରହିଛି । ସେହିପରି ପରବର୍ତ୍ତୀ ସମୟରେ ସପୁରି, ପଣସ, ଆମ୍ବ, କଦଳୀ ଚାଷ କରି ଭଲ ଦୁଇ ପଇସା ରୋଜଗାର କରୁଥିବା ଦେଖିବାକୁ ମିଳିଛି । ଡଙ୍ଗରିଆ କନ୍ଧ ସମାଜର ସ୍ତ୍ରୀମାନେ ମୁଣ୍ଡଠାରୁ ପାଦ ପର୍ଯ୍ୟନ୍ତ ଅଳଙ୍କାରରେ ଭୂଷିତ ହୋଇଥାନ୍ତି। ପୁରୁଷମାନେ ମଧ ଅଳ୍ପ ପରିମାଣରେ ଅଳଙ୍କାର ପିନ୍ଧିଥାନ୍ତ। ସନ୍ଧ୍ୟାରେ ଗ୍ରାମର ଧାଙ୍ଗିଡ଼ି ଝିଅମାନେ ଏକାଠି ହୋଇ ବାହାର ଗ୍ରାମରୁ ଆସିଥିବା ଧାଙ୍ଗଡାଙ୍କ ସହିତ ମିଶି ନାଚିଥାନ୍ତି। ଏହା ତାଙ୍କର ମନୋରଞ୍ଜନ ସହିତ ପାହାଡ଼ରେ କରିଥିବା ପରିଶ୍ରମ ଦୂର ହୋଇଥାଏ ବୋଲି ଡଙ୍ଗରିଆମାନେ କହିଥାନ୍ତି।



ଅଭିନନ୍ଦନ
ଧରିତ୍ରୀ ସ୍ୱନକ୍ଷତ୍ର ଉତ୍ସବର ୫୦ ବର୍ଷ ପାଳନ ଅବସରରେ ଧରିତ୍ରୀ ପରିବାର ସହିତ ବାଲିଆପାଳ ବ୍ଲକର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା । ଆସନ୍ତା ନବବର୍ଷ ୨୦୨୪ ସମସ୍ତଙ୍କ ପାଇଁ ଶୁଭଙ୍କର ହେଉ ।
ଅମ୍ବିକା ପ୍ରସାଦ ରଥ
ଯୋଗାଣ ଅଧିକାରୀ,ବାଲିଆପାଳ ବ୍ଲକ,ବାଲିଆପାଳ

ବାର୍ତ୍ତା
ବହୁଳ ପ୍ରସାରିତ ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀ ତା'ର ୫୦ତମ ସ୍ୱନକ୍ଷତ୍ର ଉତ୍ସବ ନଭେମ୍ବର ୨୪ ତାରିଖରେ ପାଳନ ହୋଇଥିବା ଜାଣି ମୁଁ ବହୁତ ଆନନ୍ଦିତ । ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ । ଭାରତ ଭଳି ଏକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପ୍ରଶାସନ, ନ୍ୟାୟପାଳିକା ଓ ବ୍ୟବସ୍ଥାପିକା ସଭା ଭଳି ଆମ ଦେଶର ଜନସାଧାରଣଙ୍କ ପ୍ରତି ଗଣମାଧ୍ୟମର ମଧ୍ୟ କିଛି ଉତ୍ତରଦାୟିତ୍ୱ ରହିଛି । ଏହି ଉତ୍ତରଦାୟିତ୍ୱକୁ ସଠିକ ଓ ସୁଚାରୁରୂପେ ନିର୍ବାହ କରିବା ହେଉଛି ପ୍ରତ୍ୟେକ ଗଣମାଧ୍ୟମର କର୍ତ୍ତବ୍ୟ । ଏ କ୍ଷେତ୍ରରେ ଧରିତ୍ରୀ ଦୀର୍ଘ ୫୦ ବର୍ଷ ଧରି ଓଡ଼ିଶାର ଜନସାଧାରଣଙ୍କ ପ୍ରତି ତା'ର କର୍ତ୍ତବ୍ୟ ଓ ଦାୟିତ୍ୱ ସଠିକଭାବେ ନିଭାଇ ଆସୁଛି । ନିର୍ଭୀକ ଓ ନିରପେକ୍ଷ ସମ୍ବାଦ ପରିବେଷଣ କ୍ଷେତ୍ରରେ ଧରିତ୍ରୀ ଆଜି ତା'ର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଏଥିପାଇଁ ଧରିତ୍ରୀ ପରିବାରର ପ୍ରତ୍ୟେକ ସଦସ୍ୟ ଓ ସଦସ୍ୟାଙ୍କୁ ଅଶେଷ ଅଶେଷ ଧନ୍ୟବାଦ ।
ଏହି ଅବସରରେ ମୁଁ ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଉତ୍ସବର ସଫଳତା କାମନା କରିବା ସହ ଧରିତ୍ରୀ ପରିବାରର ପ୍ରତ୍ୟେକ ସଦସ୍ୟ ସଦସ୍ୟାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।
(ଅଚ୍ୟୁତ ସାମନ୍ତ)
ସାଂସଦ, ଲୋକସଭା
ପ୍ରତିଷ୍ଠାତା, କିଟ୍ ଓ କିସ୍, ଭୁବନେଶ୍ୱର

ଉଦ୍ୟାନ କୃଷି ଯୋଜନାରେ ନୂତନ ଫଳବଗିଚା, ହାଇବ୍ରିଡ୍ ପନିପରିବା ଚାଷ, ମସଲା ଚାଷ, ସୁରକ୍ଷିତ ଚାଷ, ଅମଳର ପରବର୍ତ୍ତୀ ଯତ୍ନ, ଉଦ୍ୟାନ କୃଷି ଯନ୍ତ୍ରପାତି କ୍ରୟ ଇତ୍ୟାଦିରେ ପ୍ରୋତ୍ସାହନ ପାଇବା ପାଇଁ ନିକଟସ୍ଥ ଉଦ୍ୟାନ କୃଷି କର୍ମଚାରୀଙ୍କ ସହ ଯୋଗାଯୋଗ କରନ୍ତୁ।
ସ୍ୱା/-
ସହକାରୀ ଉଦ୍ୟାନ ନିର୍ଦ୍ଦେଶକ
ଜଗତ୍‌ସିଂହପୁର

ଅଭିନନ୍ଦନ
୫୦ ବର୍ଷ ପୂର୍ତ୍ତି ଅବସରରେ ଛାତ୍ରୀଛାତ୍ର ତଥା ଧରିତ୍ରୀ ପରିବାରକୁ ଆନ୍ତରିକ ଶୁଭେଚ୍ଛା ।
ଉର୍ମିଳା ପିପଲି
ପ୍ରଧାନ ଶିକ୍ଷୟିତ୍ରୀ,ହାକୁଶପଙ୍ଗା ଆଶ୍ରମ ବିଦ୍ୟାଳୟ, ବ୍ଲକ ଚନ୍ଦ୍ରପୁର, ରାୟଗଡ଼ା ଜିଲ୍ଲା

ଅଭିନନ୍ଦନ
ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଉପଲକ୍ଷେ ସିମୁଳିଆ ନିର୍ବାଚନମଣ୍ଡଳୀର ସମସ୍ତ ଅଧିବାସୀଙ୍କର ସୁସ୍ଥ, ନିରାମୟ ଓ ଦୀର୍ଘଜୀବନ କାମନା କରୁଛି । ମାନବ ସେବା ହିଁ ମାଧବ ସେବାକୁ ବ୍ରତ ଭାବେ ଗ୍ରହଣ କରି ୧୦ ବର୍ଷ ଧରି ନିଜ ଅର୍ଜିତ ଆୟରୁ ଦଳିତ ନିଷ୍ପେଷିତଙ୍କ ଚିକିତ୍ସା, ଅଭାବୀ ବାପାମା'ଙ୍କୁ କନ୍ୟା ବିବାହ ପାଇଁ ସହାୟତା ପ୍ରଦାନରେ ନିଜକୁ ସମର୍ପିତ କରିଛି ଏବଂ ଆଗାମୀ ଦିନରେ ଜାରି ରଖିବାକୁ ପ୍ରତିଶ୍ରୁତିବଦ୍ଧ ।
ଶଶୀ କୁମାର ସାହୁ
ରାଜ୍ୟ ସମ୍ପାଦକ,
କଳା, ସଂସ୍କୃତି ଓ ମାନବ ସମ୍ବଳ ବିକାଶ ବିଭାଗ, ଓଡ଼ିଶା ସରକାର

Taking the Community Along
towards a better tomorrow
S.R. RUNGTA GROUP
Cares for the land and its people
RUNGTA SONS PVT. LTD.
MINING
Rungta House, Chaibasa, Jharkhand - 833201

"୫୦ ବର୍ଷରେ ପଦାର୍ପଣ କରିଥିବା ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ଅବସରରେ ବାରିପଦା ମ୍ୟୁନିସିପାଲିଟିର ସମସ୍ତ ଜନସାଧାରଣ ଓ ମୟୂରଭଞ୍ଜବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।"
ଶ୍ରୀଯୁକ୍ତ କୃଷ୍ଣାନନ୍ଦ ମହାନ୍ତି
ପୌରାଧକ୍ଷ
ବାରିପଦା ମ୍ୟୁନିସିପାଲିଟି

ପଞ୍ଚାୟତ ସମିତି, ସୋରଡ଼ା
ଧରିତ୍ରୀର ସମସ୍ତ ପାଠିକା ପାଠକମାନଙ୍କୁ ଆନ୍ତରିକ ଅଭିନନ୍ଦନ ଜ୍ଞାପନ କରୁଛି।
ସୋରଡ଼ା ସହରର ସମସ୍ତ ପ୍ରକାର ଉନ୍ନତିମୂଳକ କାର୍ଯ୍ୟରେ ସମସ୍ତେ ସହଯୋଗ କରନ୍ତୁ। ଆସନ୍ତୁ ମିଳିମିଶି ଏହି ସହରକୁ ସ୍ୱଚ୍ଛ, ସୁନ୍ଦର ଓ ବିକଶିତ ଏନ୍.ଏ.ସି. ରୂପେ ଗଢ଼ି ତୋଳିବା। ଶ୍ରୀଜଗନ୍ନାଥଙ୍କ କୃପାରୁ ସମସ୍ତ ଜନସାଧାରଣଙ୍କ ସୁସ୍ଥ ଓ ଉନ୍ନତିର ଧାରା ବଜାୟ ରହୁ ଏତିକି ହିଁ କାମନା।
ଶ୍ରୀଯୁକ୍ତ ଶିବଶଙ୍କର ପଣ୍ଡା
ଅଧ୍ୟକ୍ଷ, ସୋରଡ଼ା, ଏନ୍.ଏ.ସି.

ବିକାଶ ପଥେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି
- ୫ଟି ରୂପାନ୍ତରିତ ଯୋଜନାରେ ୫ କୋଟି ୬୦ ଲକ୍ଷ ଟଙ୍କା ବିନିମୟରେ ୨୮ଟି ଉଚ୍ଚ ବିଦ୍ୟାଳୟକୁ ସାମିଲ କରାଯାଇ ଉନ୍ନତୀକରଣ କରାଯାଇଛି।
- ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠି ଯୋଜନାରେ ୬ଟି କଲେଜକୁ ୪ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି।
- ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ୫୬୦ ପ୍ରକଳ୍ପ ପାଇଁ ୨୦କୋଟି ୫୦ ଲକ୍ଷ ଟଙ୍କା ବିନିଯୋଗ କରାଯିବା ପାଇଁ ପ୍ରସ୍ତାବ ରଖାଯାଇଛି।
- ଲକ୍ଷ୍ମୀ ବସ୍‌ଷ୍ଟାଣ୍ଡ ଯୋଜନାରେ ୯୭ ଲକ୍ଷ ୭୪ ହଜାର ଟଙ୍କା ବିନିଯୋଗରେ ୧୮ଟି ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି।
- ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ୧୭ ହଜାର ୬୧୨ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି ଓ ୯୪ଜଣଙ୍କୁ ବାଣୀଶ୍ରୀ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି।
- ଓଡ଼ିଶା ଜୀବିକା ମିଶନ ଆନୁକୂଲ୍ୟରେ ଏହି ବ୍ଲକରେ ୨୯୩୦ଟି ସ୍ୱୟଂ ସହାୟିକା ଗୋଷ୍ଠୀ, ୩୨୨ଟି ଆଞ୍ଚଳିକ ମଞ୍ଚ, ୪୨ଟି ମହାସଂଘ ଗଠନ କରାଯାଇଛି। ୮ଟି ମହାସଂଘକୁ ଗୋଷ୍ଠୀ ବିନିଯୋଗ ପାଇଁ ୧୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।
- ୩୩ଟି ମହାସଂଘକୁ ୨୧କୋଟି ୧ ଲକ୍ଷ ୭୨ ହଜାର ୧୮୫ଟଙ୍କା ଆନୁଷ୍ଠାନିକ ବିକାଶ ପାଣ୍ଠି ପ୍ରଦାନ କରାଯାଇଛି। ୪୧ଟି ଆଞ୍ଚଳିକ ମଞ୍ଚକୁ ୬୫ଲକ୍ଷ ୬୦ ହଜାର ଟଙ୍କା ନିରାପତ୍ତା ପାଣ୍ଠି ଯୋଗାଇ ଦିଆଯାଇଛି।
- ବ୍ଲକରେ ମିଶନ ଶକ୍ତି ଭବନ ଓ ପ୍ରତି ପଞ୍ଚାୟତରେ ମାଆମାନଙ୍କ ପାଇଁ ମିଶନ ଶକ୍ତି ଗୃହ ଯୋଗାଇ ଦିଆଯାଇଛି। ବ୍ଲକ ପରିସରରେ ମହାସଂଘ ଆନୁକୂଲ୍ୟରେ ମିଶନ ଶକ୍ତି କାଫେ ଲୋକାର୍ପିତ ହୋଇଛି।

ଅଶୋକ ଓଝା
ଉପାଧ୍ୟକ୍ଷ
ରୋଜି ସେଠୀ
ଅଧ୍ୟକ୍ଷା

With Best Compliments From:
ROTARY & INNER WHEEL CLUB
JARAKA
ରୋଟାରୀ କ୍ଲବ୍ ଦେଶରୁ ପୋଲିଓ ମୁକ୍ତ କରିବା ପାଇଁ ଆଗେଇ ଚାଲିଛି। ଧର୍ମଶାଳାର ଉନ୍ନତି ପାଇଁ ରୋଟାରୀ ଓ ଇନର ହୁଇଲ୍ କ୍ଲବରେ ସଭ୍ୟ ହେବା ସହିତ ସହଯୋଗର ହାତ ବଢ଼ାନ୍ତୁ।
Er. BIPIN SARANGI
President
Rotary Club
JAYGURU PATRA
Secretary
Rotary Club
SUBHALAXMI KAR
President
Inner Wheel Club
BISWAMITRA SAHOO
Secretary
Inner Wheel Club

ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ସୋରଡ଼ା ବ୍ଲକର ସମସ୍ତ ଗ୍ରାମପଞ୍ଚାୟତର ସମସ୍ତଜନସାଧାରଣଙ୍କ ସୁଖ, ସମୃଦ୍ଧି, ଶାନ୍ତି ଓ ମୈତ୍ରୀ କାମନା କରୁଛୁ । ଜଗନ୍ନାଥଙ୍କ କୃପାରୁ ସମାଜର ପ୍ରତିଟି କାର୍ଯ୍ୟ ସଦ୍‌ଭାବନାର ସହ ସମ୍ପୂର୍ଣ୍ଣ ହେଉ, ଏତିକି ହିଁ କାମନା ।
ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଘ
ପଞ୍ଚାୟତ ସମିତି, ସୋରଡ଼ା, ଗଞ୍ଜାମ

# ସୈନିକ ସ୍କୁଲ୍ ଡମ୍ପିଂୟାର୍ଡ ଦୁର୍ଗନ୍ଧ ରହି ହେଉନି



ସୈନିକ ସ୍କୁଲ୍ ନିକଟ ଅସ୍ଥାୟୀ ଡମ୍ପିଂୟାର୍ଡରେ ଆବର୍ଜନାର ପାହାଡ଼।

**ଭୁବନେଶ୍ୱର, ୧।୧୨ (ବନ୍ଦନା ସେଠୀ)**

ଦିନକୁ ଦିନ ଅସହ୍ୟ ହେଉଛି ଆବର୍ଜନା ଦୁର୍ଗନ୍ଧ। ବିଗିଡି ଯାଉଛି ସ୍ମାର୍ଟସିଟିର ଜୀବନ। ସୈନିକ ସ୍କୁଲ ନିକଟରେ ଥିବା ବିଏମ୍‌ସିର ଅସ୍ଥାୟୀ ଡମ୍ପିଂୟାର୍ଡ ବା ଟେମ୍ପୋରାରି ଟ୍ରାଞ୍ଜିଟ୍ ଷ୍ଟେଶନ (ଟିଟିଏସ୍)ରୁ ବାହାରୁଥିବା ଏହି ଦୁର୍ଗନ୍ଧ ଏବେ ସାରା ସହରକୁ ବ୍ୟାପୁଥିବାବେଳେ ନାନାଦି ରୋଗର କାରଣ ସାଜିଛି। ଟିଟିଏସ୍ ପାର୍ଶ୍ୱବର୍ତ୍ତୀ ଜନବସତିରେ ଘରେ ଘରେ ଜ୍ୱର, ବାନ୍ତି, ଚର୍ମ ରୋଗ ଦେଖିବାକୁ ମିଳୁଛି। ଏପରିକି ଏସବୁ ଅଞ୍ଚଳରୁ ବିଭିନ୍ନ ସଂକ୍ରାମକ ରୋଗ ରାଜଧାନୀର ଅନ୍ୟ ଅଞ୍ଚଳକୁ ମାଡୁଥିବାରୁ ଚିନ୍ତା ବଢ଼ିଛି। ବିଶେଷକରି ସ୍ଥାନୀୟ ଲୋକଙ୍କ ଦୁର୍ଦ୍ଦଶା ସବୁଠୁ ବଳିଯାଇଛି। ଦିନବେଳା ଯାହା ଯେମିତି ବିତି ଯାଉଛି, ମାତ୍ର ସନ୍ଧ୍ୟା ପରଠାରୁ ସ୍ଥିତି ସଙ୍ଗିନ ହୋଇ ପଡୁଛି। କାରଣ ପ୍ରତିଦିନ ଦିନବେଳା କେମିକାଲ ସ୍ପ୍ରେ କରାଯାଉଛି। ସଫେଇ କର୍ମଚାରୀମାନେ ହାତରେ ବର୍ଜ୍ୟ ପୃଥକୀକରଣ ଏବଂ ଅନ୍ୟ କାମ କରୁଛନ୍ତି। କିନ୍ତୁ ସନ୍ଧ୍ୟା ପରଠାରୁ ଟେରେକ୍ସ ମେଶିନ୍‌ରେ ବର୍ଜ୍ୟ ପ୍ରକ୍ରିୟାକରଣ ଆରମ୍ଭ ହେବାକ୍ଷଣି ଦୁର୍ଗନ୍ଧ ତୀବ୍ର ହେଉଛି। ଦୁର୍ଗନ୍ଧରେ ଆଉ ରହି ହେଉନି। ପେଟକୁ ଭାତ ଯାଉନି କି ଶାନ୍ତିରେ ଶୋଇ ହେଉନି। ପୂର୍ବରୁ ଅସ୍ୱାସ୍ଥ୍ୟକର ପରିବେଶ ସହ ଦୁର୍ଗନ୍ଧ ଯୋଗୁ ଟିଟିଏସ୍ ନିକଟ ଧୀରିକୁଟି ବସ୍ତି, ମହାବୀର ବସ୍ତି, ପାତ୍ରସାହି ବସ୍ତି ଆଦି ଅଞ୍ଚଳରେ ଚର୍ମରୋଗ ବ୍ୟାପିଥିଲା। ଏବେ ସମ୍ପୃକ୍ତ ଅଞ୍ଚଳରେ ଘରେ ଘରେ ଝାଡ଼ା, ବାନ୍ତି ଏବଂ ଜ୍ୱର ଲାଗି ରହୁଛି। ପିଲାଠାରୁ ବୟସ୍କ ସମସ୍ତେ ଆକ୍ରାନ୍ତ ହେଉଛନ୍ତି। ସେହିପରି ରଙ୍ଗମାଟିଆ, ଆଚାର୍ଯ୍ୟବିହାର, ଭିଏସ୍‌ଏସ୍ ନଗର, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ରସୁଲଗଡ଼ ସମେତ ସହରର ବିଭିନ୍ନ ଅଞ୍ଚଳକୁ ଦୁର୍ଗନ୍ଧ ଯାଉଥିବାରୁ ଲୋକଙ୍କ ମନରେ ରୋଗ ଭୟ ଘାରିଲାଣି। ଏନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ କିଛି ସୁଫଳ ମିଳୁ ନ ଥିବା ସ୍ଥାନୀୟ ଲୋକେ କହୁଛନ୍ତି। ଓଲଟା ବିଏମ୍‌ସି କର୍ତ୍ତୃପକ୍ଷ ସେମାନଙ୍କୁ ନାଲି ଆଖି ଦେଖାଉଥିବା ସେମାନେ ଅଭିଯୋଗ କରିଛନ୍ତି।

## ପାଗ ପରିବର୍ତ୍ତନକୁ ଦାୟୀ କଲେ ଅତିରିକ୍ତ କମିଶନର

ଦୁର୍ଗନ୍ଧ ପାଇଁ ଚର୍ମରୋଗ ହେବା ବା ଜ୍ୱର, ବାନ୍ତି ଆଦି ହେବା ଅଭିଯୋଗ ମିଥ୍ୟା, ଭିତ୍ତିହୀନ ବୋଲି ବିଏମ୍‌ସିର ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ କହିଛନ୍ତି। ଏବେ ପାଗ ପରିବର୍ତ୍ତନ ହେଉଥିବାରୁ ସବୁଆଡେ ଥଣ୍ଡା, ଜ୍ୱର ଲାଗି ରହୁଛି। ଯଦି ସେପରି କିଛି ହେଉଥା'ନ୍ତା, ତେବେ ଟିଟିଏସ୍‌ରେ କାମ କରୁଥିବା ସଫେଇ କର୍ମଚାରୀ ପ୍ରଥମେ ଅସୁସ୍ଥ ହୁଅନ୍ତେ। କାରଣ ସେମାନେ ୮ ଘଣ୍ଟାକାଳ ଆବର୍ଜନା ଭିତରେ କାମ କରୁଛନ୍ତି। ତେଣୁ ଲୋକେ ନିଜ ଆଖପାଖ ପରିଷ୍କାର ରଖିବା ସହ ନିଜେ ସଫାସୁତୁରା ରହିଲେ ଚର୍ମରୋଗ ଓ ଅନ୍ୟ ସାଧାରଣ ରୋଗଠାରୁ ଦୂରେଇ ରହିହେବ ବୋଲି ସେ ପରାମର୍ଶ ଦେଇଛନ୍ତି।

## କ'ଣ କୁହନ୍ତି ସେମାନେ...

### ମୁଣ୍ଡ ବୁଲାଇବା ସହ ବାନ୍ତି ହେଉଛି



୧୨ବର୍ଷ ହେବ ଏଠାରେ ଘର କରି ରହୁଛୁ। ଆଗରୁ ଏଭଳି ଦୁର୍ଗନ୍ଧ ଆସୁ ନ ଥିଲା। ମାତ୍ର ଏବେ ଆଉ ଘରେ ରହି ହେଉନି। ଦୁର୍ଗନ୍ଧ ପାଇଁ ଗତ କିଛିଦିନ ହେବ ମୁଣ୍ଡ ବୁଲାଇବା ସହ ବାନ୍ତି ହେଉଛି। ସବୁଦିନ ବିଏମ୍‌ସି ଗାଡ଼ି ଆସି ଏଠାରେ ଅଳିଆ ପକାଉଛି। ଦିନରାତି କାମ ଚାଲୁଛି। ଦିନବେଳା ଯାହା ଯେମିତି କଟି ଯାଉଛି, ହେଲେ ସନ୍ଧ୍ୟା ପରଠାରୁ ଆଉ ରହି ହେଉନାହିଁ।

- ଲକ୍ଷ୍ମୀ ନାୟକ, ମହାବୀର ବସ୍ତି

### ରାତିରେ ରହି ହେଉନି କି ଖାଇ ହେଉନି



ସକାଳୁ ସନ୍ଧ୍ୟା ଯାଏ ଟିଟିଏସ୍ ଭିତରେ କେମିକାଲ ସ୍ପ୍ରେ କରାଯାଉଛି। ତେଣୁ ଗନ୍ଧ କିଛିଟା କମ୍ ରହୁଛି। ହେଲେ ସନ୍ଧ୍ୟା ୬ଟା ପରେ ସକାଳ ପର୍ଯ୍ୟନ୍ତ ମେଶିନ୍‌ରେ କାମ ହେଉଛି। ଅଳିଆ ଯେତେ ଘଣ୍ଟା ହେଉଛି ଗନ୍ଧ ସେତିକି ହଉଛି। ରାତିରେ ଜମାରୁ ଖାଇ ହଉନି କି ରହି ହେଉନି। ଏମିତିକି ଛୁଆମାନେ ବି ଉପାସରେ ଶୋଉଛନ୍ତି।

- କସ୍ତୁରୀ ବେହେରା, ମହାବୀର ବସ୍ତି

### ମେୟର, କମିଶନର ଆମ କଷ୍ଟ ବୁଝୁନାହାନ୍ତି



ନାକରେ ଲୁଗାଦେଇ ରହିବାକୁ ପଡୁଛି। ଦୁର୍ଗନ୍ଧରୁ ବର୍ତ୍ତିବା ପାଇଁ ଯେତେ ଯାହାକଲେ କିଛି କାମ ଦେଉନି। ବିଏମ୍‌ସିରେ ଯେତେ ଅଭିଯୋଗ କଲେ କିଛି ଲାଭ ହେଉନି। ଏମିତି ହବ, କାମ ସରିବା ପର୍ଯ୍ୟନ୍ତ ଧୈର୍ଯ୍ୟ ଧର ବୋଲି କହୁଛନ୍ତି। ମେୟର, କମିଶନର ଏବଂ ଅନ୍ୟ ଅଧିକାରୀ ଆସିଲେ ମାସ୍କ ପିନ୍ଧି ଆସୁଛନ୍ତି, ଆଉ ୫/୧୦ ମିନିଟ୍ ରହି ପଳାଉଛନ୍ତି। ତେଣୁ ସେମାନେ ଆମ କଷ୍ଟ ବୁଝି ପାରୁନାହାନ୍ତି।

- ସୁକାନ୍ତ ବେହେରା, ମହାବୀର ବସ୍ତି

### ରୋଗ କଥା କହିଲେ ବସ୍ତି ଉଠାଇ ଦେବାକୁ ଧମକ



ଘରେ ପିଲାଙ୍କୁ ଜ୍ୱର, ବାନ୍ତି ଲାଗି ରହିଛି। ଯେତେ ଔଷଧ ଖାଇଲେ ବି କମୁନି। ଡାକ୍ତରଙ୍କୁ ଦେଖାଇବାରୁ ଦୁର୍ଗନ୍ଧ କାରଣରୁ ସଂକ୍ରମଣ ହୋଇ ଏପରି ହେଉଥିବା କହୁଛନ୍ତି। ଛୋଟପିଲାମାନେ ବେଶି ଏଥିରେ ସଂକ୍ରମିତ ହେଉଛନ୍ତି। ଏପଟେ ବିଏମ୍‌ସିରେ ଅଭିଯୋଗ କଲେ, ଆମ ଜାଗାରେ ଘର କରି ଅଛ, ଜଲ୍‌ଦି ଏଠାରୁ ଛାଡ଼ି ପଳାଅ। ବେଶି କିଛି କହିଲେ ବସ୍ତି ଉଠେଇଦବୁ ବୋଲି ଧମକାଉଛନ୍ତି। ଘରଛାଡ଼ି ଆଉ କୁଆଡ଼େ ଯିବୁ ଏମିତି ଅସୁବିଧାରେ କେମିତି ବଞ୍ଚିବୁ କିଛି ବୁଝିପାରୁନି।

- ବିଦ୍ୟୁଲତା ନାୟକ, ସ୍ଥାନୀୟ ଅଞ୍ଚଳବାସୀ

### କୁଣ୍ଡାଇ କୁଣ୍ଡାଇ ହାତଗୋଡ଼ ଖଣ୍ଡିଆ ହୋଇଗଲାଣି



୧୦ବର୍ଷ ହେଲା ସ୍ୱାମୀ, ପୁଅ ସହ ଏଠି ରହୁଛି। କିନ୍ତୁ ଏବେ ଯେଉଁଭଳି ଗନ୍ଧ ହେଉଛି, ଘରେ ରହିବା କଷ୍ଟକର ହୋଇପଡୁଛି। ତା' ସାଙ୍ଗକୁ ଏଭଳି ଦୂଷିତ ପରିବେଶ ପାଇଁ ଆମକୁ ରୋଗ ହୋଇଗଲାଣି। କୁଣ୍ଡେଇ କୁଣ୍ଡେଇ ମୋ ହାତଗୋଡ ଖଣ୍ଡିଆ। ଯେତେ ଔଷଧ ଖାଇଲେ ଭଲ ହେଉନି। ମୋ ସ୍ୱାମୀ, ପୁଅର ବି ସମାନ ଅବସ୍ଥା। ଦୂଷିତ ପବନ ବାଜି ଏଭଳି ଚର୍ମରୋଗ ହେଉଛି ବୋଲି ଡାକ୍ତର କହୁଛନ୍ତି।

- ମମତା ନାହାକ, ଧୀରିକୁଟି ବସ୍ତି

### ପଚା କଳାପାଣି ଆମ ଦୁଆର ଦେଇ ଯାଉଛି



ଗତ ୬ମାସ ହେଲା ପୁଅ ଘରକୁ ଆସିଛି। ବୟସ ଟିକେ ଅଧିକ ଥିବାରୁ ଏମିତିରେ ଦେହ ଭଲ ରହୁନି, ତା' ସାଙ୍ଗକୁ ଅଳିଆ ଗନ୍ଧ ପାଇଁ ବାନ୍ତି ହେଉଛି। ଖାଇବା କିଛି ପେଟରେ ରହୁନି। ଟିଟିଏସ୍‌ରେ ମେଶିନ ଚାଲିବା ପରେ ସେପଟୁ ପଚା କଳା ପାଣି ଆମ ଦୁଆର ଦେଇ ଯାଉଛି। ଗନ୍ଧ ସାଙ୍ଗକୁ ମଶା ମଧ ପ୍ରବଳ ହଉଛନ୍ତି। ରାତିବେଳା ବେଶି ହଇରାଣ ହଉଛୁ।

- ପ୍ରଫୁଲ୍ଲ ମହାନ୍ତି, ଧୀରିକୁଟି ବସ୍ତି

Biju Patnaik Institute of Information Technology & Management Studies
BIITM
Approved by AICTE | Affiliated to BPUT, Odisha | NAAC Accredited | ISO 9001 : 2015
TRANSFORMATION TOWARDS EXCELLENCE · SILVER JUBILEE YEAR · BIITM
UNIVERSITY GOLD MEDALISTS
MS. SUBHASHREE PRADHAN MBA, BATCH: 2014-16
MS. NIKITA AGRAWAL MBA, BATCH: 2017-19
MS. SWIKRUTI KAR MBA, BATCH: 2018-20
MS. NEEYATI KASHYAP MBA, BATCH: 2019-21
BIITM Offers :
2 Year MBA 180 SEATS
2 Year MBA (Business Administration) 60 SEATS
5 Year INTEGRATED MBA (IMBA) 60 SEATS
Admission Criteria For The Year – 2024 :
MBA / MBA (BA) - 2 YEARS: Graduates in any discipline are eligible with minimum 50% Marks (45% for SC & ST). Graduates and Final year students graduating in 2024 have to appear OJEE-24 / MAT / CMAT / ATMA / CAT / XAT test to obtain Rank for MBA admission.
Integrated MBA (IMBA) - 5 Years : +2 Pass out in Arts, Science & Commerce are eligible with 45% minimum marks (40% for SC & ST). +2 Pass out and final year students of +2 in 2024 have to appear for OJEE – 2024 test to obtain OJEE Rank for I-MBA admission or they may contact to BIITM.
Transformation Towards Excellence
PRIYA YADAV Rs. 13.58 LPA FEDERAL BANK
PRAVAT KU. SAHOO Rs. 9.80 LPA AXIS BANK
RISHAB TRPATHY Rs. 9.00 LPA Mahindra FINANCE
MD SADIK Rs. 7.96 LPA uti
CHANDAN K. KAR Rs. 7.45 LPA
R. SHIVAM Rs. 6.71 LPA MRF
ANSUMAN KAR Rs. 6.50 LPA alliantgroup
RAJESWARI PARIDA Rs. 6.25 LPA KANSAI NEROLAC
SOURAV AGRAWAL Rs. 6.10 LPA Birla White
HIGHEST PACKAGE RS. 13.58 LAKHS | PER ANNUM
BIITM ignites in its students the spirit of innovation & focuses on excellence with social responsibility with strong leadership. Excellent placement track record over the years with 418 offers from 125 Companies for 2023 Batch.
LATE KALPATARU DAS
Founder Chairman, BIITM
VISION :
To achieve excellence in management education, as a Nationally acclaimed Business School for developing leaders, who can contribute meaningfully to the society.
MISSION :
M1: To provide excellent academic ambience and adequate exposure to the business world, in order to develop successful business leader.
M2: To consistently endeavor to achieve holistic development of the students in terms of knowledge, skill and attitude.
M3: To Provide supportive ecosystem for developing innovative mindset and encouraging entrepreneurship.
M4: To inculcate professional values, ethics an concern for environmental sustainability and society at large.
Campus : F/4, Chandaka Industrial Estate, Near Infocity, Patia, Bhubaneswar - 751024, Odisha
Contact Admission Cell : 9040003344 | 8018305333 | 9938310444
For details, please visit : admission@biitm.ac.in | www.biitm.ac.in

Scan to Apply
www.cutm.ac.in

THE RIGHT SKILLS LEAD TO
RIGHT DIAGNOSTIC OBSERVATIONS
MADE IN CENTURION
ACCREDITED WITH GRADE A+ NAAC
The career opportunities in the medical field are infinite. And at present, one of the most in-demand medical personnel are Allied Health Professionals (AHP). At Centurion University, we understand the importance of AHP. Our courses offer students hands-on experience in administration of anesthesia, providing diagnostic, technical, therapeutic and direct patient care and other support services and take the next step towards enhancing India's medical community.
FOR ADMISSIONS, CALL: 82600 77222
LEARN EXPERIENCE CHANGE
Centurion UNIVERSITY
PARAMEDICS & ALLIED HEALTH COURSES :
Certificate Courses:
- Ophthalmic Assistance
- Dialysis Technician
- Operation Theatre (OT) Technician
- Electrocardiogram (ECG) Technician
- Electroencephalogram (EEG) Technician
- Electromyography (EMG) Technician
- Blood Collection Technician
- Ward Technician
- Ophthalmic Surgical Assistant
Diploma Courses:
- Medical Laboratory Technology
- Medical Radiology Technology
Bachelor Courses:
- B.Sc. Medical Laboratory Technology
- B.Sc. Clinical Microbiology
- B.Sc. Medical Radiation Technology (Radiology)
- B.Sc. Operation Theatre Technology
- B.Sc. Optometry
- B.Sc. Anesthesia Technology
- B.Sc. Emergency Medicine Technology
- Bachelor in Physiotherapy
- Nursing
Masters Courses:
- M.Sc. in Medical Laboratory Technology
- M.Sc. in Applied & Clinical Microbiology
- M.Sc. Optometry
CAMPUSES: PARALAKHEMUNDI | BHUBANESWAR | VIZIANAGARAM | BOLANGIR | RAYAGADA | BALASORE | CHATRAPUR

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟୋକା ଟାକରା ତଟୁ ଘୋଡା**
**ଖାଆନ୍ତି ବହୁତ, କାମ ଥୋଡା।**

ତଟୁ ଘୋଡା ଯେଉଁ ପରିମାଣରେ ଖାଦ୍ୟ ଖାଆନ୍ତି, ସେଇ ପରିମାଣରେ କାମ କରିପାରି ନ ଥାନ୍ତି। ପରୋକ୍ଷରେ କୌଣସି କାମଧନ୍ଦା ନ କରି ଘରେ ଖାଇପିଇ ଆରାମ କରିବା ସହ ବାହାରେ ବୁଲି ସମୟ ନଷ୍ଟ କରୁଥିବା ଭେଣ୍ଡିଆ ଟୋକା ପ୍ରତି ଏଭଳି କଟୂକ୍ତି ଭାବ ପ୍ରକାଶ କରାଯାଇଛି।

**ଟିକିକ କଥା**
**ଟିକିକ କଥାରେ ମନର ବ୍ୟଥା।**

ଛୋଟ ଛୋଟ କଥା ବେଳେବେଳେ ମନକୁ ଭାରାକ୍ରାନ୍ତ ବା କ୍ଷତାକ୍ତ କରିଦିଏ। ତେବେ ଛୋଟମୋଟ କଥାକୁ ଅଧିକ ଗୁରୁତ୍ୱ ନ ଦେଇ ତାକୁ ଅଣଦେଖା କରିଦେବା ହିଁ ଉଚିତ ହୋଇଥାଏ। କାରଣ ଏପରି କଥା ଶୁଣି ମନ ଖରାପ କରିବାରେ ଲାଭ କିଛି ମିଳୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଘରକାନ୍ଥ ପଡ଼ି ୨ଜଣଙ୍କ ମୃତ୍ୟୁ

**କୁଚିଣ୍ଡା, ୧।୧୨ (ବିରଞ୍ଚି ଦର୍କା)**

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅନ୍ତର୍ଗତ କୁଟୁରାଚୁଆଁ ପଞ୍ଚାୟତ ବିଜାଡିହି (ସାତକମା) ଗ୍ରାମରେ ପୁରୁଣା କାନ୍ଥ ପଡି ଶୁକ୍ରବାର ୨ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବିଜାଡିହି ଗ୍ରାମର ନମିତା ପଟେଲ(୪୫) ଓ ଲଳିତ ଦେହୁରି (୫୫)। ସୂଚନା ଅନୁଯାୟୀ ପୂର୍ବାହ୍ନରେ ବିଜାଜିହି ଗ୍ରାମର ଆର୍ତ୍ତତ୍ରାଣ ପଟେଲ ତାଙ୍କ ଘର କାନ୍ଥ ଭାଙ୍ଗିବା ପାଇଁ ଗ୍ରାମର ଲଳିତ ଦେହୁରିଙ୍କୁ ଶ୍ରମିକ ଭାବେ ନିୟୋଜିତ କରିଥିଲେ। କାମ କରୁଥିବା ସମୟରେ ଦୁର୍ବଳ ଥିବା ପୁରୁଣା ଇଟା କାନ୍ଥଟି ଅଚାନକ ଲଳିତ ଓ ପାଖରେ ଠିଆ ହୋଇଥିବା ଆର୍ତ୍ତତ୍ରାଣଙ୍କ ସ୍ତ୍ରୀ ନମିତାଙ୍କ ଉପରେ ପଡିଯାଇଥିଲା। ଫଳରେ ଉଭୟେ କାନ୍ଥରେ ଚାପି ହୋଇ ଗୁରୁତର ହୋଇଥିଲେ। ପରିବାର ଲୋକେ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କୁଚିଣ୍ଡା ମେଡିକାଲକୁ ନେଇଥିଲେ। ମାତ୍ର ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ପୃଥକ୍ ମାମଲା(ନଂ.୬୨ ଓ ୬୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

# ସୁବର୍ଣ୍ଣପୁର ଜିଲାପାଳଙ୍କୁ ଓଏଚ୍ଆର୍ସିଙ୍କ ନୋଟିସ

**କଟକ, ୧।୧୨ (କାର୍ତ୍ତିକ ସାହୁ)**

## ମୁକୁଳା ବୋର୍‌ୱେଲରେ ପଡ଼ି ବୃଦ୍ଧା ମୃତ୍ୟୁ ମାମଲା

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକର ଖଲିଆପାଲି ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ବୃଦ୍ଧା ଦୁଃଖୀ ନେଗିଙ୍କ ବୋର୍‌ୱେଲରେ ପଡ଼ି ମୃତ୍ୟୁ ମାମଲାରେ ଓଡ଼ିଶା ମାନବିକ ଅଧିକାର ଆୟୋଗ (ଓଏଚ୍ଆର୍ସି) ସ୍ଥାନୀୟ ଜିଲାପାଳଙ୍କୁ ଶୁକ୍ରବାର ନୋଟିସ ଜାରି କରିଛନ୍ତି। ଉକ୍ତ ଘଟଣାର ତଦନ୍ତ କରାଇ ପରବର୍ତ୍ତୀ ଶୁଣାଣି ସୁଦ୍ଧା ରିପୋର୍ଟ ଦାଖଲ ନିମନ୍ତେ ଓଏଚ୍ଆର୍ସି ନିର୍ଦ୍ଦେଶ ଦେଇଛନ୍ତି। ୨୦୨୪ ଫେବୃୟାରୀ ୯ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ମାମଲାର ବିବରଣୀ ଅନୁଯାୟୀ, ଦୁଃଖୀ ଝିଅ ଘରକୁ ବୁଲିବାକୁ ଆସିଥିବାବେଳେ ଗତ ୧୪ ତାରିଖରେ ଅଘଟଣର ଶିକାର ହୋଇଥିଲେ। ରାଜ୍ୟ ସରକାରଙ୍କ ଉଠାଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ଏକ ମୁକୁଳା ବୋର୍‌ୱେଲରେ ବୃଦ୍ଧା ଜଣଙ୍କ ଖସିପଡ଼ି ୨୪ ଘଣ୍ଟା ରହିବା ଦ୍ୱାରା ତାଙ୍କର ମୃତ୍ୟୁ ଘଟିଥିଲା। ମାନବାଧିକାର କର୍ମୀ ପ୍ରବୀର କୁମାର ଦାସ ଏନେଇ ଓଏଚ୍ଆର୍ସିରେ ମାମଲା ରୁଜୁ କରି ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ନିମନ୍ତେ ନିବେଦନ କରିଛନ୍ତି।




# ତାଲିକାରେ ଯୋଡିହେଲେ ୫.୫୧ ଲକ୍ଷ ନୂଆ ଭୋଟର

**ଭୁବନେଶ୍ୱର, ୧।୧୨ (ସୁନିତ୍ ମିଶ୍ର)**

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୂଚନା ମୁତାବକ ଓଡ଼ିଶାରେ ମୋଟ୍ ୫ ଲକ୍ଷ ୫୧ ହଜାର ୨୩୭ ଜଣ ନୂଆ ଭୋଟରଙ୍କୁ ତାଲିକାରେ ଯୋଡ଼ାଯାଇଛି। ସେହିପରି ଭୋଟର ତାଲିକାରୁ ମୋଟ୍ ୧ ଲକ୍ଷ ୮୭ ହଜାର ୪୦୫ ଜଣଙ୍କୁ ବାଦ୍ ଦିଆଯାଇଛି। ବରଗଡ଼ ଜିଲାରେ ୨୩,୬୮୨, ଝାରସୁଗୁଡ଼ା ୮୮୪୯, ସୁନ୍ଦରଗଡ଼ ୨୮୨୮୩, ସମ୍ବଲପୁର ୧୧୭୪୦, ଦେବଗଡ଼ ୪୬୮୩, କେନ୍ଦୁଝର ୧୪୯୭୫, ମୟୂରଭଞ୍ଜ ୨୩୧୪୬, ବାଲେଶ୍ୱରରେ ୩୧୦୦୬, ଭଦ୍ରକ ୧୭୫୦୯, ଯାଜପୁର ୧୫୨୫୮, ଢେଙ୍କାନାଳ ୧୪୯୫୨, ଅନୁଗୋଳ ୧୯୮୪୦, ସୁବର୍ଣ୍ଣପୁର ୭୪୮୬, ବଲାଙ୍ଗୀର ୪୧୫୧୩, ନୂଆପଡ଼ା ୯୨୯୮, ନବରଙ୍ଗପୁର ୧୩୧୬୦, କଳାହାଣ୍ଡି ୧୯୪୪୭, କନ୍ଧମାଳ ୮୧୬୯, ବୌଦ୍ଧ ୪୬୧୦, କଟକ ୪୪୭୩୨, କେନ୍ଦ୍ରାପଡ଼ା ୧୫୪୪୯, ଜଗତ୍‌ସିଂହପୁର ୧୬୫୦୯, ପୁରୀ ୨୧୧୨୦, ଖୋର୍ଦ୍ଧା ୪୫୩୯୮, ନୟାଗଡ଼ ୭୬୭୬, ଗଞ୍ଜାମ ୩୯୨୯୭, ଗଜପତି ୯୧୪୨, ରାୟଗଡ଼ା ୧୧୬୩୮, କୋରାପୁଟ ୧୪୮୭୪ ଏବଂ ମାଲକାନଗିରିରେ ୭୭୯୬ ଜଣ ନୂଆ ଭୋଟରଙ୍କୁ ଯୋଡ଼ାଯାଇଛି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ଭୋଟରଙ୍କ ନାଁ ଯୋଡ଼ାଯାଇଛି। ସେହିପରି ରାଜ୍ୟରେ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଜିଲାଗୁଡିକ ମଧ୍ୟରେ ଗଜପତିରୁ ସର୍ବନିମ୍ନ ୨୨ ଜଣ ଅଛନ୍ତି। ସେହି ଅନୁଯାୟୀ ବରଗଡ଼ରେ ୨୭୪୧୨, ଝାରସୁଗୁଡା ୨୪୭୪, ସୁନ୍ଦରଗଡ଼ ୪୧୦୪, ସମ୍ବଲପୁର ୧୮୫୮, ଦେବଗଡ଼ ୧୦୦୬, କେନ୍ଦୁଝର ୩୧୩୦, ମୟୂରଭଞ୍ଜ ୩୧୫୩, ବାଲେଶ୍ୱର ୧୧୩୦୦, ଭଦ୍ରକ ୧୧୦୩୩, ଯାଜପୁର ୨୩୩୨୯, ଢେଙ୍କାନାଳ ୫୮୧୩, ଅନୁଗୋଳ ୨୯୧୪, ସୁବର୍ଣ୍ଣପୁର ୭୨୩, ବଲାଙ୍ଗୀର ୧୬୯୦୭, ନୂଆପଡ଼ା ୪୫୭୪, ନବରଙ୍ଗପୁର ୧୫୮୫, କଳାହାଣ୍ଡି ୭୭୫୧, କନ୍ଧମାଳ ୫୩୮, ବୌଦ୍ଧ ୧୨୮୪, କଟକ ୧୦୬୨୨, କେନ୍ଦ୍ରାପଡ଼ା ୨୦୦୯, ଜଗତ୍‌ସିଂହପୁର ୯୧୬୧, ପୁରୀ ୧୫୪୮, ଖୋର୍ଦ୍ଧା ୧୪୭୭୯, ନୟାଗଡ଼ ୩୧୪୫, ଗଞ୍ଜାମ ୧୦୩୨୬, ଗଜପତି ଓ ରାୟଗଡ଼ା ୨୭୮, କୋରାପୁଟ ୨୦୬୮ ଏବଂ ମାଲକାନଗିରିରେ ୨୩୫୯ ଜଣ ଭୋଟର ତାଲିକାରୁ ବାଦ୍ ପଡ଼ିଛନ୍ତି।

# ବର୍ଦ୍ଧିତ କ୍ଷତିପୂରଣ ଦାବିରେ ଜଳ ସତ୍ୟାଗ୍ରହ


**ପାଲଲହଡ଼ା, ୧।୧୨ (ଦିବ୍ୟଜ୍ୟୋତି ଦାଶ)**

## ଆନ୍ଦୋଳନକୁ ଓହ୍ଲାଇଲେ ରେଙ୍ଗାଳି ବିସ୍ଥାପିତ

ଅନୁଗୋଳ ଜିଲା ରେଙ୍ଗାଳି ବହୁମୁଖୀ ଜଳ ଭଣ୍ଡାର ପାଇଁ ବିସ୍ଥାପିତ ହୋଇଥିବା ପାଲଲହଡ଼ା ଉପଖଣ୍ଡର ଶତାଧିକ ଗ୍ରାମବାସୀ ବର୍ଦ୍ଧିତ କ୍ଷତିପୂରଣ ଦାବିରେ ଶୁକ୍ରବାର ଦ୍ୱିତୀୟ ଚିଲିକାଠାରେ ଜଳସତ୍ୟାଗ୍ରହ କରିଛନ୍ତି। ବିସ୍ଥାପିତମାନେ ଅଭିଯୋଗ କରିଛନ୍ତି, ଦୀର୍ଘବର୍ଷ ଧରି ବର୍ଦ୍ଧିତ କ୍ଷତିପୂରଣ ପାଇବା ପାଇଁ ଆନ୍ଦୋଳନ କରିଆସିଥିଲେ ହେଁ ସରକାର ପ୍ରତିଶ୍ରୁତି ବ୍ୟତୀତ ଅନ୍ୟ କୌଣସି ପଦକ୍ଷେପ ନେଉନାହାନ୍ତି। ତେଣୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପାଲଲହଡା ବିସ୍ଥାପିତ କ୍ଷତିଗ୍ରସ୍ତ ପ୍ରଜା ସଂଘ ସଭାପତି ଡା. ସନ୍ତୋଷ କୁମାର ଦେହୁରୀଙ୍କ ନେତୃତ୍ୱରେ ଉପଖଣ୍ଡର ୨୬୩ ଗ୍ରାମରୁ କ୍ଷତିଗ୍ରସ୍ତ ପ୍ରଜାମାନେ ବିରାଟ ଶୋଭାଯାତ୍ରାରେ ଯାଇ ସହରରେ ଏକତ୍ରିତ ହୋଇଥିଲେ। ମା' କୁଣ୍ଢେଇବିରାଙ୍କୁ ଦର୍ଶନ କରିବା ପରେ ସେମାନେ ପୁରୁଣା ଗୁରୁସୁଲେଇସ୍ଥିତ ରେଙ୍ଗାଳି ଜଳ ଭଣ୍ଡାରର ଦ୍ୱିତୀୟ ଚିଲିକାଠାରେ ଜଳ ସତ୍ୟାଗ୍ରହ ଆରମ୍ଭ କରିଛନ୍ତି। ଦାବି ପୂରଣ ଯାଏ ଆନ୍ଦୋଳନ ଚାଲିବ ବୋଲି ସଂଘ ସଭାପତି ସୂଚନା ଦେଇଛନ୍ତି। ପାଲଲହଡା ଉପଖଣ୍ଡ ପ୍ରଶାସନ ତରଫରୁ ଆନ୍ଦୋଳନସ୍ଥଳରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ତହସିଲଦାର ଦାୟିତ୍ୱରେ ଥିବା ବିଡିଓ ଦିଲୀପ କୁମାର ବାଡା ଆଲୋଚନା ପାଇଁ ଡାକିଥିଲେ ମଧ୍ୟ ପାଣି ଭିତରକୁ ଆସି ଆଲୋଚନା ପାଇଁ ଆନ୍ଦୋଳନକାରୀ ଜିଦ୍ ଧରିବାରୁ କୌଣସି ଆଲୋଚନା ହୋଇପାରି ନାହିଁ। ଏହି ଆନ୍ଦୋଳନକୁ ଭାଜପା ସମର୍ଥନ ଦେଇଥିବା ବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି ମାତ୍ର ୨ ଘଣ୍ଟା ଜଳ ସତ୍ୟାଗ୍ରହରେ ସାମିଲ ହୋଇ ଚାଲିଯିବା ଚର୍ଚ୍ଚାର ବିଷୟ ହୋଇଛି।



ରେଙ୍ଗାଳି ଜଳଭଣ୍ଡାରର ଦ୍ୱିତୀୟ ଚିଲିକାଠାରେ ବିସ୍ଥାପିତମାନେ ସତ୍ୟାଗ୍ରହ ଚଳାଇଛନ୍ତି।




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

**ପ୍ରଥମ ପୃଷ୍ଠାରୁ...**

## ଏ ବର୍ଷ ହେବନି ...

ବିଭାଗ ପକ୍ଷରୁ କୁହାଯାଇଛି। ଭାରତ ମହାସାଗରର ଉପରିଭାଗ ଜଳର ତାପମାତ୍ରା ବୃଦ୍ଧି ହେଉଥିବାରୁ ଜଳବାୟୁ ପ୍ରଭାବିତ ହୋଇଛି। ଏଥିଯୋଗୁ ମଧ୍ୟ ଶୀତର ପ୍ରକୋପ ବଢୁନାହିଁ। ରାଜ୍ୟରେ ନଭେମ୍ବରରୁ ଫେବୃୟାରୀ ଯାଏ ୪ ମାସ ଶୀତ ଅନୁଭୂତ ହୋଇଥାଏ। ମାତ୍ର ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। କେବଳ ଡିସେମ୍ବରରେ କିଛିଦିନ ଶୀତ ହେବ ବୋଲି ପୂର୍ବାନୁମାନ କରାଯାଇଛି। ଚଳିତ ବର୍ଷ ଶୀତ ଲହର ଆସିବା ସମ୍ଭାବନା କମ ରହିଛି। ନଭେମ୍ବର ଶେଷ ହୋଇଥିବା ବେଳେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୧୨ ଡିଗ୍ରୀ ତଳକୁ ଖସୁନାହିଁ। ବଙ୍ଗୋପସାଗରରେ ବାରମ୍ବାର ବାତ୍ୟା ସୃଷ୍ଟି ହେବା ଯୋଗୁ ରାଜ୍ୟରେ ଅଧିକାଂଶ ଦିନ ଆକାଶ ମେଘାଚ୍ଛନ୍ନ ରହୁଛି। ନଭେମ୍ବରରୁ ଡିସେମ୍ବର ୧ ତାରିଖ ଯାଏ ବଙ୍ଗୋପସାଗରରେ ୩ଟି ବାତ୍ୟା ସୃଷ୍ଟି ହେଲାଣି। ଆଉ ଏକ ବାତ୍ୟା ଦକ୍ଷିଣ ଆଣ୍ଡାମାନ ଉପକୂଳରେ ଦାନା ବାନ୍ଧୁଛି। ଏଥିଯୋଗୁ ଡିସେମ୍ବର ଦ୍ୱିତୀୟ ସପ୍ତାହ ଯାଏ ଶୀତର ପ୍ରକୋପ ବଢିବ ନାହିଁ ବୋଲି ପାଣିପାଗ ବିଶେଷଜ୍ଞ ପୂର୍ବାନୁମାନ କରିଛନ୍ତି। ନଭେମ୍ବରରୁ ରାଜ୍ୟକୁ ଉତ୍ତର-ପଶ୍ଚିମ ଦିଗରୁ ବାୟୁ ପ୍ରବାହ ହୋଇଥାଏ। ତେବେ ଚଳିତ ବର୍ଷ ପୂର୍ବ ଦିଗରୁ ବାୟୁ ପ୍ରବାହ ଜାରି ରହିଥିବାରୁ ରାଜ୍ୟରେ ପାରଦ ତଳମୁହାଁ ହେଉନାହିଁ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ଶୁକ୍ରବାର କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୧୨ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଅନ୍ୟାନ୍ୟ ସ୍ଥାନରେ ପାରଦ ଏହା ଉପରେ ରହିଛି। ସର୍ବୋଚ୍ଚ ତାପମାତ୍ରା ମଧ୍ୟ ୩୨ ଡିଗ୍ରୀ ଉପରେ ରହୁଛି। ଚଳିତ ବର୍ଷ ଶୀତଦିନ କମିବା ଏକପ୍ରକାର ସ୍ପଷ୍ଟ ହେଲାଣି। ଶୀତ ହ୍ରାସର ପ୍ରଭାବ ରାଜ୍ୟରେ ଚାଷ ଉପରେ ପଡ଼ିବ। ପନିପରିବା ଓ ରବି ଜାତୀୟ ଫସଲ ଉତ୍ପାଦନ ହ୍ରାସ ପାଇବା ନେଇ କୃଷି ବିଶେଷଜ୍ଞ ଆଶଙ୍କା କରିଛନ୍ତି।

## କପ୍‌୩୩ ପାଇଁ ...

ଏହାବାଦ୍ ୨୦୭୦ ସୁଦ୍ଧା ନେଟ୍ ଜିରୋ ଲକ୍ଷ୍ୟ ହାସଲ ପାଇଁ ଆମେ ଅଗ୍ରସର ହେଉଛୁ। ପୃଥିବୀ ମାତା ନିଜ ଭବିଷ୍ୟତର ସୁରକ୍ଷା ପାଇଁ ଆମକୁ ଦେଖୁଛି। ଆମକୁ ନିର୍ଣ୍ଣାୟକ ହୋଇ ସଫଳତା ହାସଲ କରିବାକୁ ପଡ଼ିବ। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ଜଳବାୟୁ ପରିବର୍ତ୍ତନ ଏକ ବୈଶ୍ୱିକ ଆହ୍ୱାନ। ଏହାର ମୁକାବିଲା ପାଇଁ ଏକାଠି ହେବାକୁ ପଡ଼ିବ। ଏଥିସକାଶେ ଆବଶ୍ୟକ ପ୍ରଭାବଶାଳୀ ପଦକ୍ଷେପରେ ତତ୍ପରତା ଭରିବା ଦିଗରେ ଭାରତର ସକାରାତ୍ମକ ଆଭିମୁଖ୍ୟ ରହିଛି। ବିକାଶଶୀଳ ରାଷ୍ଟ୍ରଗୁଡ଼ିକୁ କ୍ଲାଇମେଟ୍ ଫାଇନାନ୍ସିଂ (ଜଳବାୟୁ ପରିବର୍ତ୍ତନଜନିତ କ୍ଷତିପୂରଣ) ଓ ଟେକ୍ନୋଲୋଜିକାଲ ଟ୍ରାନ୍ସଫର (କାରିଗରି ହସ୍ତାନ୍ତରଣ) ଜରୁରୀ ହୋଇପଡ଼ିଛି। ଦୁବାଇରେ ୨୧ ଘଣ୍ଟା ରହଣି ଭିତରେ ମୋଦି ୭ଟି ଦ୍ୱିପାକ୍ଷିକ ବୈଠକରେ ଯୋଗଦେବେ। ସେ ୪ଟି ଅବସରରେ ଅଭିଭାଷଣ ଦେବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ମୋଦି ବିଶ୍ୱନେତାମାନଙ୍କ ସହ ଅଣାନୁଷ୍ଠାନିକ ବୈଠକ କରିବେ। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଅଧ୍ୟକ୍ଷତାରେ ନଭେମ୍ବର ୩୦ରୁ ଆରମ୍ଭ ହୋଇଥିବା କପ୍‌୨୮ ଡିସେମ୍ବର ୩୦ ପର୍ଯ୍ୟନ୍ତ ଚାଲିବ।

## ଜାହାଜରୁ ୨୨୦ କୋଟିର ...

ପରେ ପୁଣି ସେଠାରୁ କିପରି ଏତେ ପରିମାଣର ନିଶାଦ୍ରବ୍ୟ ମିଳିଲା, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ ପିଆଇସିଟି ବର୍ଥ ଘରୋଇ କମ୍ପାନୀ ଜେ. ଏମ୍. ବକ୍ସି ଦ୍ୱାରା ଚାଲିଛି। ଉକ୍ତ କମ୍ପାନୀ ୩୦ ବର୍ଷ ପାଇଁ ବିଓଟି (ବିଲ୍ଡ ଅପରେଟ୍ ଟ୍ରାନ୍ସଫର) ବେସିସରେ ପରିଚାଳନା କରୁଛି। ଏଥିପାଇଁ ସ୍ୱତନ୍ତ୍ର ଗେଟ୍ ଓ ଘରୋଇ ସିକ୍ୟୁରିଟି ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେଠାରେ ପାରାଦୀପ ପୋର୍ଟ କର୍ତ୍ତୃପକ୍ଷଙ୍କର କର୍ତ୍ତୃତ୍ୱ ନ ଥିବା କୁହାଯାଉଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆପଣଙ୍କ ଦୈହିକ ଦୁର୍ବଳତା ସାଙ୍ଗକୁ ଧୈର୍ଯ୍ୟହରା ଓ ନୈରାଶ୍ୟ ଆପଣଙ୍କୁ ବ୍ୟସ୍ତବିବ୍ରତ କରାଇପାରେ। କର୍ମକ୍ଷେତ୍ରରେ କୌଶଳପୂର୍ଣ୍ଣ ବ୍ୟବହାର ଅନ୍ୟମାନଙ୍କୁ ଆପଣାର କରିବାରେ ସାହାଯ୍ୟ କରିବ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଅଫିସରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।

**ବୃଷ** — କଥାକୁ ଠିକ୍ ଭାବରେ ନବୁଝି କିମ୍ବା କଥା କଥାକେ ମଉଜିଆ କଥା କହିବାକୁ ନେଇ କଳହ ଲାଗିପାରେ। ଅଟକି ରହିଥିବା କାମର ଚିନ୍ତା ଆଜି ମନକୁ ଆନ୍ଦୋଳିତ କରିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କ୍ଷତି କିମ୍ବା ସମସ୍ୟାର ଆଶଙ୍କା ରହିଛି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଖୁସି ରହିପାରନ୍ତି।

**ମିଥୁନ** — ନିଜ ବନ୍ଧୁମାନଙ୍କୁ ଆପଣେଇ ନେବାରେ ସମର୍ଥ ହୋଇପାରିବେ। ବିଭିନ୍ନ ଯୋଜନା, ସାଂଗଠନିକ କାର୍ଯ୍ୟ କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ନିଜ ନିଜର କର୍ମକ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ। ସଂଯମତାର ଅଭାବ ଓ ଧନହାନି ଦୁଶ୍ଚିନ୍ତାର କାରଣ ହୋଇପାରେ।

**କର୍କଟ** — ଆଜି ବନ୍ଧୁଙ୍କ ସହ ବିବାଦ ଓ କିଛି ନୂତନ କାମରେ ପ୍ରତିବନ୍ଧକ ହେତୁ ଚିନ୍ତିତ ରହିବେ। ଅପେକ୍ଷା କରିଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇ ପଡ଼ିବେ। ସମସ୍ୟା ସମାଧାନ ହେବାରେ କୌଣସି ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ।

**ସିଂହ** — ଆଜି ଧାର୍ମିକ କାର୍ଯ୍ୟ, ସତ୍‌ସଙ୍ଗ, ଦେବାର୍ଚ୍ଚନା କରିବାକୁ ମନ ବଳାଇବେ। ପରିବାରରେ ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ ଓ ମଧୁମୟ କରିବ। ମାତ୍ର କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା** — ମିଥ୍ୟା ଗୁଜବ ମନକୁ ଚହଲାଇ ଦେବ। କର୍ମକ୍ଷେତ୍ରରେ ଲକ୍ଷ୍ୟ ପୂରଣ ନ ହେବାରୁ ଦୁଃଖିତ ହେବେ। ଅର୍ଥ ଦେବା ନେବାକୁ କେନ୍ଦ୍ରକରି ଝଗଡ଼ା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପ୍ରଶାସନ, ଆଇନ ଓ ଅଦାଲତ ତଥା ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି।

**ତୁଳା** — ନୂତନ ବନ୍ଧୁ ସମ୍ପର୍କ ଓ ସୁଚିନ୍ତିତ କାର୍ଯ୍ୟଧାରା କାମକୁ ଅଗ୍ରଗାମୀ କରାଇବ। ଜଣେ ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। କୌଣସି ନିର୍ଦ୍ଦିଷ୍ଟ କାରଣ ନ ଥାଇ ମନଟା ଭଲ ଲାଗିବ ନାହିଁ। ପିଲାଙ୍କ ଆଚରଣରେ ପରିବର୍ତ୍ତନ କାରଣରୁ ମନେ ମନେ ବିରକ୍ତ ହେବେ।

**ବିଛା** — ଯାହା ଖୋଜୁଛନ୍ତି ଅବଶ୍ୟ ପାଇବେ, ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ। ସାଧାରଣ କଥାକୁ କେନ୍ଦ୍ରକରି ଅପରାହ୍ନରେ ଟେନସନ୍ ବଢ଼ିପାରେ।

**ଧନୁ** — ଆପଣଙ୍କ କୌଶଳପୂର୍ଣ୍ଣ କଥାବାର୍ତ୍ତା କାମକୁ ସହଜ କରିବାରେ ସାହାଯ୍ୟ କରିବ। ଅତି ଦରକାରୀ ଜିନିଷ ଗୁଡ଼ିକ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ବହୁ ଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇପାରନ୍ତି। ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି।

**ମକର** — ଆଲୋଚନା ପରିସରରେ ନୀରବତା ଅବଲମ୍ବନ କରି ବନ୍ଧୁ କହିଥିବା କଥାରେ ସତ୍ୟତାକୁ ଉପଲବ୍ଧି କରିବେ। ପରିବାରରେ ଧାର କରଜ କରି କାମ ତୁଲାଇ ନେବାକୁ ବାଧ୍ୟ ହେବେ। ସମ୍ପର୍କୀୟମାନେ କାଳେ ଦେବାକୁ ପଡିବ, ଏହି କାରଣରୁ ପାଖ ମାଡିବେ ନାହିଁ। ପରିହାସ ଯୁକ୍ତ କଥା କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବାରେ ସାହାଯ୍ୟ କରିବ।

**କୁମ୍ଭ** — ଆଜିର ଯାତ୍ରା, ଶୁଭ କାର୍ଯ୍ୟାରମ୍ଭ, ସତ୍‌ଚିନ୍ତା ଓ ଶୁଦ୍ଧଭାବନା ମନରେ ଭାବାନ୍ତର ସୃଷ୍ଟି କରିବ। ସାମାନ୍ୟ କେତେକ ସଧାରଣ ଅସୁବିଧାକୁ ବାଦ୍ ଦେଲେ ଦିନଟିରେ ବହୁତ ଭଲ କାମ କରିବେ। ଆଶା ପୂରଣ ହେବ, ଅର୍ଥ ପାଇବେ ଏବଂ ନୂତନ ଜିନିଷ କ୍ରୟ କରିବା ସକାଶେ ପାଇଁ ମନ ବଳିବ। ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସନ୍ତୁ ନାହିଁ।

**ମୀନ** — ଆଜି ଘରର ଅଶାନ୍ତ ପରିବେଶ କେତେକାଂଶରେ ଶାନ୍ତ ପଡ଼ିଯାଇଥିବ। ସଭାସମିତିରେ ମିଠା କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଫେରନ୍ତା ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ ତଥାପି ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

ଆଜି ମାର୍ଗଶୀର କୃଷ୍ଣ ୫ମୀ ଶନିବାର, ଡିସେମ୍ବର ୨ ତାରିଖ, ରାଶିନକ୍ଷତ୍ର-ପୁଷ୍ୟା/କର୍କଟ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୩୬ ଗତେ ଘ.୦୮।୫୨ ମଧ୍ୟେ, ଘ.୧୧।୫୭ ମି. ଗତେ ଘ.୧୨।୫୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୫୨ ମି. ଗତେ ଘ.୧୦।୧୪ ମଧ୍ୟେ ରାହୁକାଳ।




# 'ବର୍ତ୍ତମାନର ଆବଶ୍ୟକତା ଅନୁଯାୟୀ ପାଠ୍ୟକ୍ରମ ପ୍ରଚଳନ କରାଯାଉ'

## ଘରୋଇ, ମାନ୍ୟତାପ୍ରାପ୍ତ ବିଶ୍ୱବିଦ୍ୟାଳୟ କୁଳପତି ସମ୍ମିଳନୀ

ଭୁବନେଶ୍ୱର, ୧।୧୨
(ଅସମାପିକା ସାହୁ)

ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ ଜାତୀୟ ଶିକ୍ଷା ନୀତି-୨୦୨୦ ହେଉଛି ଦୂରଦୃଷ୍ଟିସମ୍ପନ୍ନ ପ୍ରୟାସ। ଏହାକୁ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟ ଲାଗୁ କରିବା ଦରକାର। ପାଠ ସହିତ ଶାଠର ଆବଶ୍ୟକତା ରହିଛି। ସାମ୍ପ୍ରତିକ ସମୟର ଆହ୍ୱାନ ଓ ଆବଶ୍ୟକତା ଅନୁଯାୟୀ ପାଠ୍ୟକ୍ରମ ପ୍ରଚଳନ କରିବାକୁ ରାଜ୍ୟପାଳ ରଘୁବର ଦାସ ବିଶ୍ୱବିଦ୍ୟାଳୟ କୁଳପତିମାନଙ୍କୁ ପରାମର୍ଶ ଦେଇଛନ୍ତି। ଶୁକ୍ରବାର ରାଜଭବନରେ ଘରୋଇ ଓ ମାନ୍ୟତାପ୍ରାପ୍ତ ବିଶ୍ୱବିଦ୍ୟାଳୟର କୁଳପତି ସମ୍ମିଳନୀକୁ ସମ୍ବୋଧିତ କରି ରାଜ୍ୟପାଳ କହିଛନ୍ତି, ବିକଶିତ ଭାରତ ଓ ଆତ୍ମନିର୍ଭର ଭାରତ ନିର୍ମାଣ ନିମନ୍ତେ ଶିକ୍ଷାର ବଳିଷ୍ଠ ଯୋଗଦାନ ରହିଛି। ଶିକ୍ଷା ହିଁ ପରିବର୍ତ୍ତନର ପ୍ରମୁଖ ମାଧ୍ୟମ ଏବଂ ଏହା ଉପରେ ଗୁରୁତ୍ୱ ଦେବାକୁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି। କୌଣସି ଛାତ୍ରୀଛାତ୍ର ଅର୍ଥ ଅଭାବରୁ ଉଚ୍ଚଶିକ୍ଷାରୁ ବଞ୍ଚିତ ହେବା ସ୍ପୃହଣୀୟ ନୁହେଁ। ଘରୋଇ ବିଶ୍ୱବିଦ୍ୟାଳୟ ଏହାକୁ ଧ୍ୟାନରେ ରଖି କାର୍ଯ୍ୟ କରିବା ସହ ସରକାରଙ୍କ ଆରକ୍ଷଣ ନୀତି ଲାଗୁ କରିବା ଉଚିତ। ସେହିପରି ଓଡ଼ିଶାରେ ଶିଳ୍ପାୟନ ବେଶ୍ ଉତ୍ସାହଜନକ। ଶିଳ୍ପ ଓ ବ୍ୟବସାୟ ଜଗତର ଆବଶ୍ୟକତା ଭିତ୍ତିରେ ନୂତନ ଦକ୍ଷତାସମ୍ପନ୍ନ ମାନବ ସମ୍ବଳ ସୃଷ୍ଟି ହେବା ଦରକାର। ପ୍ରାସଙ୍ଗିକ ପାଠ୍ୟକ୍ରମ ଓ ସମୟର ଆବଶ୍ୟକତା ପୂରଣ ଦିଗରେ ବିଶ୍ୱବିଦ୍ୟାଳୟଗୁଡ଼ିକ ପ୍ରଚେଷ୍ଟା କରିବା ଦରକାର।

ରାଜ୍ୟପାଳ ଆହୁରି ମଧ୍ୟ କହିଛନ୍ତି, ଭାରତକୁ ବିଶ୍ୱଗୁରୁ ହେବାର ସମୟ ଆସିଛି। ଭାରତର ଯୁବଶକ୍ତି ଆମର ଅମୂଲ୍ୟ ସମ୍ପଦ। ଏହି ଜନସାଂଖ୍ୟିକ ସୁବିଧାର ସଫଳ ଉପଯୋଗ କରିବା ଦରକାର। ଘରୋଇ ବିଶ୍ୱବିଦ୍ୟାଳୟ ରାଜ୍ୟ ତଥା ଦେଶର ପ୍ରଗତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଦିଗରେ ଆନୁଷ୍ଠାନିକ ସାମାଜିକ ଦାୟିତ୍ୱ ନିର୍ବାହ କରୁ। ଗୁଣାତ୍ମକ ଶିକ୍ଷାର ମାନ ନିର୍ଦ୍ଧାରଣ ନିମନ୍ତେ ଯେଉଁସବୁ ମାନକ ଓ ବିଧିବ୍ୟବସ୍ଥା ରହିଛି, ପ୍ରତ୍ୟେକେ ପାଳନ କରିବା ଦରକାର। ବିଶ୍ୱସ୍ତରୀୟ ଶିକ୍ଷା ବ୍ୟବସ୍ଥା ପାଇଁ ଅନୁରୂପ ଚିନ୍ତନ ଓ ପ୍ରସ୍ତୁତି ଆବଶ୍ୟକ। ସମୟର ଆହ୍ୱାନକୁ ସାମ୍ନା କରିବାକୁ ବିଶ୍ୱବିଦ୍ୟାଳୟର କ୍ଷମତା ବୃଦ୍ଧି ପାଇଁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି।

ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ରାଜ୍ୟ ସରକାରଙ୍କ ବିଭିନ୍ନ ଶୈକ୍ଷିକ ନୀତି ଓ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇ ଘରୋଇ ଓ ସରକାରୀ ବିଶ୍ୱବିଦ୍ୟାଳୟ ମଧ୍ୟରେ କ୍ରିୟାଶୀଳ ସମନ୍ୱୟ ଓ ସମ୍ପର୍କ ଉପରେ ଗୁରୁତ୍ୱାରୋପ କରିଥିଲେ। ନ୍ୟାଶନାଲ ଏକାଡେମିକ ଡିପୋଜିଟୋରିର ସୁବିଧାର ଉପଯୋଗ କରିବା, ସରକାରୀ ପ୍ରୋତ୍ସାହନ ସମ୍ପର୍କରେ ସଚେତନତା ସୃଷ୍ଟି ତଥା ମଧ୍ୟମ, କ୍ଷୁଦ୍ର ଓ ଅଣୁ ଶିଳ୍ପ କ୍ଷେତ୍ରରେ ନବସର୍ଜନାକୁ ପ୍ରୋତ୍ସାହିତ କରିବା ପାଇଁ ସେ ସହଯୋଗ କାମନା କରିଥିଲେ। ସମ୍ମିଳନୀରେ ରାଜ୍ୟର ୧୩ଟି ଘରୋଇ ଓ ମାନ୍ୟତାପ୍ରାପ୍ତ ବିଶ୍ୱବିଦ୍ୟାଳୟର କୁଳପତିମାନେ ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ, ଆଦର୍ଶ, ପ୍ରଗତି ଓ ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ।


ସମ୍ମିଳନୀରେ ରାଜ୍ୟପାଳ ରଘୁବର ଦାସଙ୍କ ସହ କୁଳପତି ଓ ଅନ୍ୟମାନେ।

# କୋଟିପତି ସହକାରୀ ଯନ୍ତ୍ରୀ ଗିରଫ

## ୧୬୮ ପ୍ରତିଶତ ଅଧିକ ଆୟବହିର୍ଭୂତ ସମ୍ପତ୍ତି ଠାବ

ଭୁବନେଶ୍ୱର,୧।୧୨
(ସତ୍ୟଜିତ୍ ରାଉତ)

ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ (ଆର୍‌ଡବ୍ଲୁଏସ୍ଏସ୍) ଭୁବନେଶ୍ୱର ସର୍କଲର ସହକାରୀ ଯନ୍ତ୍ରୀ (ଏଇ) ସୁନୀଲ କୁମାର ପାଢ଼ୀ ବିପୁଳ ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିଛନ୍ତି। ଚଢ଼ାଉ ଓ ଯାଞ୍ଚରୁ ଏହା ଜଣାପଡିବା ପରେ ଭିଜିଲାନ୍ସ ପକ୍ଷରୁ ଶୁକ୍ରବାର ତାଙ୍କୁ ଗିରଫ କରାଯାଇଛି। ସୁନୀଲଙ୍କଠାରୁ ଠାବ ହୋଇଥିବା ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ତାଙ୍କ ପ୍ରକୃତ ଆୟଠାରୁ ୧୬୮ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମ୍ପତ୍ତି ସଂକ୍ରାନ୍ତରେ ସେ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ତାଙ୍କ ନାମରେ ଏକ ମାମଲା (ନଂ.୧୨/୨୦୨୩) ରୁଜୁ କରାଯାଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗିରଫ ପରେ ଅଭିଯୁକ୍ତ ସୁନୀଲଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ଗୁରୁବାର ଭିଜିଲାନ୍ସ ପକ୍ଷରୁ ସୁନୀଲଙ୍କ ଗଞ୍ଜାମ ଓ ଭୁବନେଶ୍ୱରସ୍ଥିତ ଘର ସମେତ ୫ସ୍ଥାନରେ ଏକକାଳୀନ ଚଢ଼ାଉ ହୋଇଥିଲା। ଚଢ଼ାଉରେ ଭୁବନେଶ୍ୱର ଜାଗମରାରେ ଥିବା ୧.୧୦ କୋଟି ଟଙ୍କାର ଏକ ୩ ମହଲା କୋଠା, ଆସ୍କାରେ ଗୋଟିଏ କୋଠା, ଆସ୍କା ବସ୍ ଷ୍ଟାଣ୍ଡରେ ଏକ ମାର୍କେଟ କମ୍ପ୍ଲେକ୍ସ ଓ ବ୍ରହ୍ମପୁର ଟାଉନ ଅଞ୍ଚଳରେ ଥିବା ୫ ପ୍ଲଟ୍ ଠାବ ହୋଇଥିଲା। ସେହିଭଳି ଯନ୍ତ୍ରୀଙ୍କ ବ୍ୟାଙ୍କ ଓ ଜୀବନବୀମା ଜମା ୫୬ଲକ୍ଷ ଟଙ୍କା, ନଗଦ ୪ ଲକ୍ଷ ୫ ହଜାର ୩୧୮ ଟଙ୍କା, ୨୦.୫୮ ଲକ୍ଷ ଟଙ୍କାର ଗୋଟିଏ କାର୍, ୪ ବାଇକ୍ ଏବଂ ଅନ୍ୟାନ୍ୟ ଘରୋଇ ଆସବାବପତ୍ର ଆଦି ଠାବ କରିଛି ଭିଜିଲାନ୍ସ। ତେବେ ଚଢ଼ାଉ ସମୟରେ କୋଟିପତି ଯନ୍ତ୍ରୀ ସୁନୀଲ ଜାଗମରାସ୍ଥିତ ଘରର ଛାତ ଡେଇଁ ଖସିଯିବାକୁ ଉଦ୍ୟମ କରୁଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିନେଇଥିଲେ।


ସୁନୀଲ କୁମାର ପାଢ଼ୀ

# ଏମ୍ଆର୍‌ଏଫ୍‌ଟି ପାଇଁ ଆଜିଠୁ ଆବେଦନ

ଭୁବନେଶ୍ୱର, ୧।୧୨
(ଅସମାପିକା ସାହୁ)

୨୦୨୩-୨୪ ଶିକ୍ଷାବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଫେଲୋସିପ ଟେଷ୍ଟ(ଏମ୍ଆର୍‌ଏଫ୍‌ଟି) ନିମନ୍ତେ ଶନିବାରଠାରୁ ଆବେଦନ ଆରମ୍ଭ ହେବ। ଛାତ୍ରୀଛାତ୍ର www.samsodisha.gov.in ୱେବ୍‌ସାଇଟ୍‌ରେ ଆବେଦନ କରିବେ। ଏ ନେଇ ଶୁକ୍ରବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଆବେଦନ ପ୍ରକ୍ରିୟା ୨ ତାରିଖ ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହୋଇ ୩୦ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଚାଲିବ। ଜାନୁୟାରୀ ୩ ଓ ୪ ତାରିଖ ଏହି ଦୁଇଦିନ ଛାତ୍ରୀଛାତ୍ର ଆବେଦନ ଫର୍ମର ପରିବର୍ତ୍ତନ କରିପାରିବେ। ତେବେ ଏହି ସମୟରେ କୌଣସି ନୂଆ ଆବେଦନକୁ ଗ୍ରହଣ କରାଯିବ ନାହିଁ। ଜାନୁୟାରୀ ୨୬ରେ ଷ୍ଟେଟ୍ ସିଲେକ୍ସନ ବୋର୍ଡରେ ଆବେଦନକାରୀଙ୍କ ଡାଟା ଦାଖଲ କରାଯିବ। ତେବେ ପରୀକ୍ଷା କେବେ ହେବ ସେ ନେଇ କୌଣସି ନିଷ୍ପତ୍ତି ହୋଇ ନ ଥିବା ବେଳେ ୧୦ଦିନ ପୂର୍ବରୁ ଜଣାଇଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ସମ୍ବଲପୁର ମଣ୍ଡଳ ଜେଲରୁ ବିଚାରାଧୀନ କଏଦୀ ଚମ୍ପଟ୍

ସମ୍ବଲପୁର,୧।୧୨
(ପ୍ରମୋଦ ବହିଦାର)

ସମ୍ବଲପୁର ମଣ୍ଡଳ ଜେଲ୍‌ରୁ ଜଣେ ବିଚାରାଧୀନ କଏଦୀ ଚମ୍ପଟ୍ ମାରିଛନ୍ତି। ସେ ହେଲେ କୁଚିଣ୍ଡା ଉପଖଣ୍ଡ ମହୁଲପାଲିର ସଞ୍ଜିବ କିଷାନ (୩୨)। ଜେଲ୍ ଅଧୀକ୍ଷକଙ୍କ ପକ୍ଷରୁ ଶୁକ୍ରବାର ଏ ନେଇ ଧନୁପାଲି ଥାନାରେ ଏତଲା ଦିଆଯାଇଛି। ଏତଲା ଆଧାରରେ ପୋଲିସ ଏକ ମାମଲା (ନଂ. ୪୧୩/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ ସଞ୍ଜୀବ ଏକ ନାବାଳିକା ବଳାତ୍କାର ମାମଲାରେ ୨୦୨୨ରୁ ବିଚାରାଧୀନ କଏଦୀ ଭାବେ ମଣ୍ଡଳ ଜେଲ୍‌ରେ ରହିଥିଲେ। ଗୁରୁବାର ରାତିରେ ଶୌଚାଳୟ ଯିବା ବାହାନାରେ ସେ ଜେଲ୍‌ରୁ ଫେରାର ହୋଇଯାଇଛନ୍ତି। ଅଭିଯୋଗ ପରେ ଧନୁପାଲି ପୋଲିସ ଜେଲକୁ ଯାଇ ସେଠାରେ ଲାଗିଥିବା ସିସିଟିଭି କ୍ୟାମେରା ଯାଞ୍ଚ କରିଛି।

# ୨ରୁ ଯୁକ୍ତ୨ ପ୍ରାକ୍ଟିକାଲ ପରୀକ୍ଷା

ଭୁବନେଶ୍ୱର, ୧।୧୨
(ଅସମାପିକା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପ୍ରାକ୍ଟିକାଲ ପରୀକ୍ଷା ଜାନୁୟାରୀ ୨ରୁ ଆରମ୍ଭ ହେବ। ଏହା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏ ନେଇ ପରିଷଦ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ଥିଓରି ପରୀକ୍ଷା ଫେବୃୟାରୀ ୧୬ରୁ ଆରମ୍ଭ ହେବାର ସମ୍ଭାବନା ରହିଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ତାରିଖ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

ରାଜ୍ୟରେ ମୋଟ ୨,୦୬୫ଟି ଉଚ୍ଚ ମାଧ୍ୟମିକ ସ୍କୁଲ ମଧ୍ୟରୁ ୧,୫୬୦ଟି ଜେନେରାଲ କଲେଜ ଓ ଅବଶିଷ୍ଟ ଯୁକ୍ତ୨ ସଂସ୍କୃତ କଲେଜ ରହିଛି। ପରୀକ୍ଷା ସରିବା ପରେ ମାର୍ଚ୍ଚ ଶେଷ ସପ୍ତାହ ସୁଦ୍ଧା ରେଜଲ୍ଟ ପ୍ରକାଶ କରିବାକୁ ପରିଷଦ ଲକ୍ଷ୍ୟ ରଖିଛି। ତେବେ ଯଦି ଆବଶ୍ୟକ ପଡ଼େ ସାଧାରଣ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପରେ ରେଜଲ୍ଟ ପ୍ରକାଶ କରାଯିବ। ମାତ୍ର ଆସନ୍ତା ସାଧାରଣ ନିର୍ବାଚନ ପ୍ରକ୍ରିୟାକୁ ନଜର ଦେଇ ଏପରି ଶୀଘ୍ର ପରୀକ୍ଷା କରାଯାଉଛି। ନିର୍ବାଚନ ଲାଗି ରାଜ୍ୟର ଅନେକ କଲେଜରେ ବ୍ୟବସ୍ଥା କରାଯିବା ସହ ଅନେକ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ନିର୍ବାଚନ ଦାୟିତ୍ୱରେ ସାମିଲ କରାଯିବ। ତେଣୁ ନିର୍ବାଚନ ପୂର୍ବରୁ ଯୁକ୍ତ୨ ପରୀକ୍ଷା ଶେଷ କରିବା ସହ ରେଜଲ୍ଟ ପ୍ରକାଶ କରିବାକୁ ପରିଷଦ ଗୁରୁତ୍ୱ ଦେଉଥିବା ଜଣାପଡ଼ିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**REQUIRED**
**PRODUCT MANAGER**
**DEVI CROPSCIENCE PVT. LTD.**
DEVI देवी Corporate Office: 'Devi House', 281-4, Sivagangai Main Road, Gomathipuram, Madurai – 625 020 Tamilnadu
A leading Agrochemical Manufacturing and Exporting Company with its Flagship product & Brand Leader BOOM FLOWER (New Generation Plant Growth Regulator & Now CIB/Govt. Approved) and also dealing with quality Biostimulants, Biological Pesticides, Bio Fertilizers having branches all over India are recruiting the following position in their marketing expansion program.
**PRODUCT MANAGER**
**Cuttack H.Q.**
Candidate should be minimum B.Sc (Agri) having around 10-12 years experience in Marketing & Product Development with reputed Agricultural inputs marketing company. Should have handled sales promotion & marketing in entire Odisha State. Fluency in English is preferred. Salary commensurate with experience and qualification.
Please send your resume on the email or WhatsApp number.
Email: pune@devicropscience.com
akroy@devicropscience.com
**Whatsapp: 9547209142**

**ଡ୍ରାଇଭର ଆବଶ୍ୟକ**
ମର୍ସିଡିଜ୍ କାର ଚଳାଇବା ପାଇଁ ଆମେ ଭୁବନେଶ୍ୱରରେ ଅବସ୍ଥିତ ଏକ ବ୍ୟକ୍ତିଗତ ଡ୍ରାଇଭର ପଦ ଖୋଜୁଛୁ। ସ୍ୱୟଂଚାଳିତ ଯାନ ଅଭିଜ୍ଞତା ଥିବା ବ୍ୟକ୍ତିଙ୍କୁ ପସନ୍ଦ କରାଯିବ ଆକୋମୋଡେସନ୍ ଉପଲବ୍ଧ। PI ଏକ ଟ୍ରାଏଲ୍ ଡ୍ରାଇଭ୍ ଏବଂ ପରବର୍ତ୍ତୀ ଆଲୋଚନା ପାଇଁ ଆସ ଡ. ଜଗନ୍ନାଥ ପଟ୍ଟନାୟକ ଭିଲ୍ଲା ନଂ-୨, ତପସ୍ୱିନୀ କ୍ୟାମ୍ପସ୍ ରଘୁନାଥପୁର, ନନ୍ଦନ କାନନ ରୋଡ୍, ଭୁବନେଶ୍ୱର, ଓଡ଼ିଶା।
**9132933333 / 9132460000**

**REQUIRED**
30 Caregivers for Autism Ashram, Hyderabad. 10th or 12th Pass. **Salary:** Rs.12,000/-. Free Food, Free Accommodation.
**Age below:** 25.
**Whatsapp:**
**Apurva: 8435155697**

**LADY OFFICE ASSISTANT**
FREE ACCOMMODATION
FREE FOODING
10,000/- to 15,000/-
**7809525452**

**ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର**
ତେଲଦିଆ, ସୋମପୁର, କଟକ
**ଆଚାର୍ଯ୍ୟ/ଆଚାର୍ଯ୍ୟା ଆବଶ୍ୟକ**
• ଶିକ୍ଷାଗତ ଯୋଗ୍ୟତା: ସ୍ନାତକ ସହିତ ବିଏଡ୍/+୨ ସହିତ CT/D.El.Ed. • ବୟସ: ୩୧।୦୩।୨୦୨୪ ସୁଦ୍ଧା ୪୫ବର୍ଷରୁ ଅଧିକ ହୋଇନଥିବ। • ତା୦୮।୧୨।୨୦୨୩ ମଧ୍ୟରେ କାର୍ଯ୍ୟାଳୟରେ ୨୦୦ ଟଙ୍କା ଦାଖଲ କରି ଫର୍ମ ନେଇପାରିବେ।
**ମୋ.: 9337227930**
ସମ୍ପାଦକ

**ଆବଶ୍ୟକ**
Technician for Four Wheeler, Wheel alignment.
**Mob.: 9437415530**

**WANTED LABOUR (KERALA)**
ରବର ମ୍ୟାଟ୍ ଏକ୍ସପୋର୍ଟ କମ୍ପାନୀ ହେଲ୍‌ପର୍ ଆବଶ୍ୟକ କରୁଛି। ଦୈନିକ ମଜୁରି ୮୦୦ ଟଙ୍କା।
**7356003566, 9744904029**
**9497202109**

See Career Appointment on every **Wednesday & Saturday**

**Need Representatives**
For all districts of Odisha
Earn : 10k to 30k Per month.
NGO work of **SUPPORT INDIA DEVELOPMENT PROGRAMME**
**L-215, Baramunda Housing Board Colony, Bhubaneswar, Odisha.**
**7735462623, 9124960534**

**AADYA URJA SOLUTIONS PVT. LTD.**
1st Floor Sai Complex, Besides Aditya VIP Enclave, Near Ganesh Mandap Chhak, Jharpara, Bhubaneswar-751006
**EMPLOYMENT**
1. Retired Government Civil Engineer- No. of Vacancy 1 Position
2. Office Assistant- No. of Vacancy 4 Positions
   Any Graduate have experience- Minimum 2 Years
3. Civil-Diploma/ B Tech - No. of Vacancy 4 Positions
   Experience in building estimation, site layout implementation and Experience in road Construction
4. Electrical-Diploma/B Tech- No. of Vacancy 4 Positions
   Experience in Commissioning, Testing of VCV, CT, PT, RMU and Electrical Substation 33kv/11kv lines.

Interested candidates can mail there resume or contact on below details
**Ph.No.-8917474130, 9437065212**
**E-mail- aadyaurja@gmail.com, aadyahr2020@gmail.com**

**STEEL AUTHORITY OF INDIA LIMITED**
**Rourkela Steel Plant**
Rourkela - 769 011, Odisha, India
Advt No. 08/2023 Date: 15/11/2023
Rourkela Steel Plant (RSP), a unit of Steel Authority of India Limited (SAIL) - a Maharatna Public Sector Enterprise and the leading steel-making company in India, invites online applications from eligible candidates for the following posts for its Plant at Rourkela and Mines at Bolani, Barsuan & Kalta under Odisha Group of Mines (OGoM).

| No. | Post | | Vacancy | Age as on 16/12/2023 |
|---|---|---|---|---|
| 1 | Operator-cum-Technician (Boiler Operator) (S-3) | | 20 | 18 to 30 years |
| 2 | Operator-cum-Technician (Electrical Supervisor) (S-3) | | 10 | 18 to 28 years |
| 3 | Attendant-cum-Technician (Trainee) : 80 posts | Electrician | 25 | 18 to 28 years |
| | | Fitter | 28 | |
| | | Electronics | 10 | |
| | | Machinist | 10 | |
| | | Diesel Mechanic | 4 | |
| | | CoPA/IT | 3 | |

For full details of the advertisement, please visit SAIL website www.sail.co.in. Eligible and interested candidates would be required to apply online only through SAIL's website www.sail.co.in at the link "Careers" or www.sailcareers.com. No other mode of application shall be accepted.
• Starting date for submitting applications: 20/11/2023
• Closing date for submitting applications: 16/12/2023
Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

ଧରିତ୍ରୀ DHARITRI Oriya daily
**ଆବଶ୍ୟକ କରୁଛି**
**ସହସମ୍ପାଦକ**
• ପ୍ରାର୍ଥୀଙ୍କର ସହସମ୍ପାଦନା କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
• ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିବେ।
• ଅନୁବାଦ କ୍ଷେତ୍ରରେ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।
Apply immediately to : recruitment@dharitri.com
ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ।

A Residential College with Difference
ଭିନ୍ନ ଏକ ଅନୁଷ୍ଠାନ - ଭିନ୍ନ ଏକ ପ୍ରତିବଦ୍ଧତା
**KIIT HIGHER SECONDARY SCHOOL**
TWO YEARS INTEGRATED PROGRAM for NEET & JEE
SAFE SCHOOL ZONE — The School campus is under CCTV Surveillance
+2 Science Campus (Recognised by Government of Odisha and Affiliated to C.H.S.E., Odisha)


Introducing Our School Toppers
CHSE-2023
1 555 (92.5)
Appeared - 238
1st Div. - 207
2nd Div. - 30
Result - 100%
%age of 1st Div. - 87%
90% above - 6
Highest mark - 555
School Topper KHITISH CHANDRA NAYAK
ADITYA SWAIN (552) Mark Secured
SOUMYA PRIYADARSHINI (549) Mark Secured
AVALIDEEPTI SENAPATI (546) Mark Secured
SUBHASMITA SAHOO (544) Mark Secured
ANISKA OTTA (540) Mark Secured
Admission Helpline 24x7 9090091591, 9556383366
EXCELLENT PERFORMANCE IN NEET - 22
ABHIPSIT DAS SCB, Cuttack (641/720)
DEBASHRITA DEBADARSHINI FMMC, Balasore (605/720)
SUBHAM PATTNAYAK SLN, Koraput (609/720)
SHUVAM SHANKAR SAHOO PRM, Baripada (597/720)
JEE - 23 (Advance)
Sahilur Raheman Khan 98.998
DIBYAJYOTI 95.83
SAI SUMAN 94.324
DEBASISH 94.544

ଆମର ଏଇ ସାଧାରଣ ମାନବୀୟ ସ୍ତରରୁ ଊର୍ଦ୍ଧ୍ୱକୁ ଉଠିଥିବା ଯେକୌଣସି ମହାନ୍ ମଣିଷ ଆମକୁ ଏହି ପ୍ରତ୍ୟୟ ଦିଅନ୍ତି ଯେ- ମଣିଷ ପକ୍ଷରେ ଏକ ଦିବ୍ୟ ଜୀବନ ବଞ୍ଚିବାର ସମ୍ଭାବନା ଅଛି। ଏବଂ ଯେକୌଣସି ମନୁଷ୍ୟ ମଧ୍ୟ ଇଚ୍ଛା ବା ସଂକଳ୍ପ କଲେ- ଦିବ୍ୟ ଆଲୋକ ଓ ଦିବ୍ୟଶକ୍ତି ପ୍ରାପ୍ତ ହୋଇପାରିବ। **-ଶ୍ରୀଅରବିନ୍ଦ**



# ଦିବ୍ୟକୃପା ପାଇଁ ଦାନ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଏକ ଆଧ୍ୟାତ୍ମିକ ଓ ସମ୍ବେଦନାତ୍ମକ ଭାବ ଦେଖାଦେଇଛି ଅବସରପ୍ରାପ୍ତ ବାବୁ ଏସ୍. ଲକ୍ଷ୍ମୀ ନାରାୟଣନଙ୍କ କ୍ଷେତ୍ରରେ। ପ୍ରଭୁ ରାମଙ୍କ ପ୍ରତି ତାଙ୍କ ଭାବକୁ ଏକ ଅପ୍ରତ୍ୟାଶିତ ସ୍ତରକୁ ବଢ଼ାଇ ଦେଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ପୂର୍ବତନ ସଚିବ ତଥା ୧୯୭୦ ବ୍ୟାଚ୍‌ର ଏହି ଆଇଏଏସ୍ ଅଧିକାରୀ ସ୍ୱଇଚ୍ଛାରେ ଜୀବନର ସବୁ ସଞ୍ଚିତ ଆୟକୁ ଦାନ କରିଦେବାକୁ ଚାହିଁଛନ୍ତି। ଜାନୁୟାରୀ ୨୦୨୪ରେ ପ୍ରତିଷ୍ଠା ହେବାକୁ ଥିବା ଅଯୋଧ୍ୟାର ବୃହତ୍ ରାମମନ୍ଦିରକୁ ୫ କୋଟି ଟଙ୍କା ମୂଲ୍ୟର ଦାନ ଦେଉଛନ୍ତି। ସେ ତାଙ୍କର ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ରାମ ଲାଲାଙ୍କୁ ଦାନ କରିଥିବା ଜଣାପଡ଼ିଛି। ଏକ ଲୋ ପ୍ରୋଫାଇଲ ଜୀବନ ଆଡ଼କୁ ସେ ମନବଳାଇଛନ୍ତି। ସାର୍ବଜନୀନ ପରିଚୟକୁ ପସନ୍ଦ କରୁନାହାନ୍ତି ଏବଂ ମନ୍ଦିର ଟ୍ରଷ୍ଟ ତରଫରୁ ପ୍ରକାଶ କରାଯାଇଥିବା ତାଙ୍କର ଦାନ ସମ୍ପର୍କିତ ଖବରଠାରୁ ନିଜକୁ ଦୂରେଇ ରଖୁଛନ୍ତି। ଏହା ସ୍ପଷ୍ଟ ଯେ, ପ୍ରଭୁ ଶ୍ରୀରାମଙ୍କ ଅଭିଷେକ ପରେ ନାରାୟଣନ ୧୫୧ କେ.ଜି.ର ରାମ ଚରିତମାନସ ପୁସ୍ତକ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ଯାହାର ମୂଲ୍ୟ ୫ କୋଟି ଟଙ୍କା। ୧୦,୯୦୨ ପଦ ବିଶିଷ୍ଟ ଏହି ରାମ ଚରିତମାନସର ପୃଷ୍ଠାଗୁଡ଼ିକ ତମ୍ବାରେ ହେବା ସହ ଅକ୍ଷରଗୁଡ଼ିକ ୨୪ କ୍ୟାରେଟ ସୁନା ହେବ। ଏହାର ପ୍ରସ୍ତୁତି ଶେଷ ହୋଇଗଲା ପରେ ତାହାକୁ ରାମ ଲାଲାଙ୍କ ଚରଣରେ ସମର୍ପଣ କରାଯିବ। ଏହି କଳାକୃତି କାର୍ଯ୍ୟ ଓ ଦିବ୍ୟ କୃପା ପାଇଁ ଆବଶ୍ୟକ ଅର୍ଥ ନିମନ୍ତେ ନାରାୟଣନ ତାଙ୍କ ସମ୍ପତ୍ତିଠାରୁ ଆରମ୍ଭକରି ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଶେଷ କରିଦେବା ଲାଗି ହୋଇଛନ୍ତି।

### ରଣନୀତିରେ ପରିବର୍ତ୍ତନ

ଏକ ଆଶ୍ଚର୍ଯ୍ୟଜନକ ପଦକ୍ଷେପରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅନୁରୋଧ କ୍ରମେ ସୀମା ପରିଚାଳନା ବିଭାଗର କେନ୍ଦ୍ର ସଚିବ ଅଟଳ ଦୁଲ୍ଲୋଙ୍କୁ ତାଙ୍କ କ୍ୟାଡର ରାଜ୍ୟକୁ ଫେରାଇ ଆଣିବା ପାଇଁ କେନ୍ଦ୍ର ଅପ୍ରତ୍ୟାଶିତ ପଦକ୍ଷେପ ନେଇଛି। ଜମ୍ମୁ କଶ୍ମୀରର ବର୍ତ୍ତମାନର ମୁଖ୍ୟ ଶାସନ ସଚିବ ଅରୁଣ କୁମାର ମେହେଟ୍ଟାଙ୍କ ଅବସରର କିଛିଦିନ ପୂର୍ବରୁ ଏହି ନିଷ୍ପତ୍ତି ନିଆଯାଇଥିଲା। ସମ୍ଭବତଃ ସେହି ସମ୍ମାନଜନକ ପଦବୀ ଲାଗି ଦୁଲ୍ଲୋଙ୍କୁ ଏହି ଦୌଡ଼ର ଆଗରେ ରଖିବା ଲାଗି କେନ୍ଦ୍ରର ଏହା ଏକ ବୃହତ୍ ରଣନୀତିକ କୌଶଳକୁ ସୂଚିତ କରେ। ଅନେକ ମାସ ହେଲା ମୁଖ୍ୟ ଶାସନ ସଚିବ ମେହେଟ୍ଟାଙ୍କ କାର୍ଯ୍ୟକାଳ ବୃଦ୍ଧି ଏବଂ ରାଜକୁମାର ଗୋଏଲ ସମ୍ଭାବ୍ୟ ଉତ୍ତରାଧିକାରୀ ହେବା ବିଷୟରେ ବିଭାଗୀୟ ବ୍ୟକ୍ତିମାନେ କଳ୍ପନା କରିଥିଲେ। ଅବଶ୍ୟ, କେନ୍ଦ୍ର ପୁଣି ଥରେ ଦୁଲ୍ଲୋଙ୍କୁ ତାଙ୍କ କ୍ୟାଡର ରାଜ୍ୟକୁ ଫେରାଇ ନେବା ପାଇଁ ପୁନଃ ନିର୍ଦ୍ଦେଶ ଦେବାରେ ଆଗ୍ରହ ପ୍ରକାଶ କରିବା ଏକ ଆଶ୍ଚର୍ଯ୍ୟଜନକ ଘଟଣା । ଏହି ଚୟନ ଜମ୍ମୁ-କଶ୍ମୀର ଶାସନ ପାଇଁ ଏକ ନୂତନ ଆଭିମୁଖ୍ୟ ଆଣିପାରେ । କେତେଜଣ ବରିଷ୍ଠ ବାବୁ ବିଶ୍ୱାସ କରନ୍ତି ଯେ, ଭାରତ ସରକାର କେନ୍ଦ୍ରଶାସିତ ଅଞ୍ଚଳର ଶୀର୍ଷ ବାବୁ ଭାବେ ଦୁଲ୍ଲୋଙ୍କ ନିଯୁକ୍ତି ପାଇଁ ପଥ ପରିଷ୍କାର କରାଇଥିଲେ ବି ଗୋଏଲଙ୍କ ପାଇଁ ସମ୍ଭବତଃ ଶୀର୍ଷ ସ୍ତରର ପଦବୀରେ ଏକ ଭିନ୍ନ ଭୂମିକା ଦେବା ଲାଗି ଚିନ୍ତା କରିଥାଇପାରନ୍ତି। କେନ୍ଦ୍ର ଏହି ଯୋଜନାକୁ ଅପ୍ରକାଶ୍ୟ ରଖିଥିଲେ ମଧ୍ୟ ଜମ୍ମୁ କଶ୍ମୀର ଇତିହାସରେ ଏକ କୌତୂହଳ ବିଷୟକୁ ଯୋଡ଼ିଛନ୍ତି। ଆଗାମୀ ଦିନର ନିଷ୍ପତ୍ତି ରାଜ୍ୟ ନେତୃତ୍ୱକୁ ପ୍ରଭାବିତ କରିବା ସହ ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏହି ଅଞ୍ଚଳରେ ଶାସନ ପଇଁ ଏକ ବୃହତ୍ ଦୃଷ୍ଟିକୋଣକୁ ପ୍ରକାଶ କରିଛି।

### ସାଧୁତାର ପ୍ରତୀକ

ଦୁର୍ନୀତି ଓ ଅନ୍ୟ ସବୁ ଅନିୟମିତତା ଉପରେ ସରକାରଙ୍କ ସହ ବହୁ ନ୍ୟାୟିକ ଯୁଦ୍ଧରେ ବିଶେଷ ଜ୍ଞାନ ଥିବା ହ୍ୱିସିଲବ୍ଲୋୟର ହେଉଛନ୍ତି ଭାରତୀୟ ବନସେବା ଅଧିକାରୀ (ଆଇଏଫ୍ଏସ୍) ସଞ୍ଜୀବ ଚତୁର୍ବେଦୀ। ତାଙ୍କୁ ଲୋକେ ଏପରିକି ଏବେ କୋର୍ଟର ପ୍ରଶଂସା ପ୍ରାପ୍ତ ହୋଇଛି। ନିକଟରେ ଏକ ଶୁଣାଣିରେ ହରିୟାଣା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଚତୁର୍ବେଦୀଙ୍କ ନ୍ୟାୟିକ କାର୍ଯ୍ୟକୁ ସ୍ୱୀକାର କରିଥିବାବେଳେ ଏହି ମାଗାସେସେ ପୁରସ୍କାର ବିଜେତାଙ୍କ କ୍ୟାରିୟରରେ ଆଉ ଏକ ସମ୍ମାନ ଯୋଡ଼ିଛନ୍ତି। ପ୍ରଧାନ ବିଚାରପତି ଚତୁର୍ବେଦୀଙ୍କୁ ପ୍ରଶଂସା କରି କହିଥିଲେ, ସେ ଅନ୍ୟ ପରାମର୍ଶଦାତାଙ୍କ ଅପେକ୍ଷା ଆଇନରେ ଅଧିକ ପାରଙ୍ଗମ। ହାଇକୋର୍ଟଙ୍କ ଏପରି ଖୋଲା ପ୍ରଶଂସା ପ୍ରାୟତଃ ନ୍ୟାୟିକ ଲଢ଼େଇ ସମୟରେ ଦେଖାଯାଇଥିବା ଆଇନଗତ ଜଟିଳତା ବିଷୟରେ ଚତୁର୍ବେଦୀଙ୍କ ଗଭୀର ବୁଝାମଣାକୁ ସୂଚିତ କରେ। ଚତୁର୍ବେଦୀ ହରିୟାଣାରେ ନିଯୁକ୍ତି ପାଇଥିବାବେଳେ ଖଣି ଖନନ, ଅବୈଧ ଗଛକଟା ଓ ଶିକାର ଦୁର୍ନୀତିରେ ଜଡ଼ିତ ଦୁର୍ନୀତିଗ୍ରସ୍ତ ରାଜନେତା, ବରିଷ୍ଠ ଅମଲାତନ୍ତ୍ରୀଙ୍କୁ ବିରୋଧ କରିଥିଲେ। ଅନେକ ବର୍ଷର ଉତ୍ପୀଡ଼ନ ଏବଂ କୋର୍ଟମାମଲା ପରେ ତାଙ୍କୁ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍‌ସେସ୍ (ଏଆଇଆଇଏମ୍ଏସ୍)ର ମୁଖ୍ୟ ଭିଜିଲାନ୍ସ ଅଫିସର ଭାବରେ ଦିଲ୍ଲୀ ସ୍ଥାନାନ୍ତର କରାଯାଇଥିଲା, ଯେଉଁଠାରେ ସେ ମଧ୍ୟ ବ୍ୟାପକ ଦୁର୍ନୀତିକୁ ସାମ୍ନାକୁ ଆଣିଥିଲେ ଏବଂ ଏଥିପାଇଁ ତାଙ୍କୁ ହଟାଇ ଦିଆଯାଇଥିଲା। ହରିୟାଣାରୁ ଉତ୍ତରାଖଣ୍ଡକୁ କ୍ୟାଡର ବଦଳାଇବା ପାଇଁ ଦୀର୍ଘ ଦିନର ଆଇନଗତ ଯୁଦ୍ଧ ପରେ ସେ ଏବେ ଉତ୍ତରାଖଣ୍ଡରେ ଅଛନ୍ତି। ଏହି ସମୟରେ ବ୍ୟାପକ ଦୁର୍ନୀତିର ପରିବେଶରେ, ଚତୁର୍ବେଦୀ ସାଧୁତା ତଥା ନ୍ୟାୟପରାୟଣତାର ପ୍ରତୀକ ଭାବରେ ଉଭା ହୋଇଛନ୍ତି, ତାଙ୍କର ଦୃଢ଼ ଆଭିମୁଖ୍ୟ ପାଇଁ ସେ ବହୁ ମୂଲ୍ୟ ଦେଇଥିଲେ ବି ସେ ଅଟଳ ଓ ନିର୍ଭୀକତା ପ୍ରଦର୍ଶନ କରିଥିଲେ। ଏହି ବିଷୟକୁ ଏବେ ନ୍ୟାୟପାଳିକା ସ୍ୱୀକାର କରିଛି।

Email: dilipcherian@gmail.com

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | | 7 | 8 | |
| | 3 | 9 | | | | | | |
| 7 | | | | 2 | | 3 | 4 | 6 |
| | 4 | | 5 | | | | | |
| | | 6 | | 1 | | | | |
| | | | | 6 | 9 | | 2 | 1 |
| | | | | | 2 | 6 | | 7 |
| | | 1 | | 3 | | | | |
| | | | 8 | 7 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 4 | 7 | 6 | 1 | 2 | 9 | 3 |
| 2 | 3 | 1 | 4 | 9 | 5 | 6 | 8 | 7 |
| 6 | 9 | 7 | 3 | 8 | 2 | 4 | 1 | 5 |
| 7 | 6 | 9 | 8 | 2 | 3 | 5 | 4 | 1 |
| 1 | 2 | 3 | 5 | 4 | 7 | 8 | 6 | 9 |
| 4 | 8 | 5 | 9 | 1 | 6 | 7 | 3 | 2 |
| 3 | 4 | 8 | 2 | 5 | 9 | 1 | 7 | 6 |
| 9 | 1 | 2 | 6 | 7 | 4 | 3 | 5 | 8 |
| 5 | 7 | 6 | 1 | 3 | 8 | 9 | 2 | 4 |

ଗତକାଲିର ଉତ୍ତର

# ଆଉ ଶ୍ରୀକ୍ଷେତ୍ର ଆସିବୁନି



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଜଗନ୍ନାଥ ଦର୍ଶନ ବିଶ୍ୱର କୋଣ ଅନୁକୋଣରେ ଥିବା ଭକ୍ତଙ୍କ ଜୀବନକାଳର ଏକ ବାଞ୍ଛିତ ଅଭିଳାଷ ଏବଂ ସେଇ ଦୃଷ୍ଟିରୁ ଶ୍ରୀକ୍ଷେତ୍ର ଆଗମନ ସମସ୍ତଙ୍କ ପାଇଁ ଏକ ଚିର ଈପ୍‌ସିତ ମୁହୂର୍ତ୍ତ। ସଭିଙ୍କ ଚେତନାରେ ଜଗନ୍ନାଥ ଦର୍ଶନ ଏକ ଅମୃତମୟ ଅନୁଭବର ସାକାର ରୂପାୟନ। କ'ଣ ଥାଏ କେଜାଣି ସେଇ କଳା କାଷ୍ଠ ମୂର୍ତ୍ତିର ଚକାଚକା ଦୁଇ ଆଖିରେ, ତାହା ଟାଣି ଆଣିପାରେ ଅଗଣିତ ଶ୍ରଦ୍ଧାଳୁ ଭକ୍ତଜନଙ୍କୁ। ସେଇ ଚମତ୍କାରୀ ଚକାନୟନ ଦିଓଟି ଆମ ଦାରୁଦେବତା ଶ୍ରୀଜଗନ୍ନାଥଙ୍କର। ସେଇ କଳାଠାକୁରଙ୍କୁ ଟିକେ ଆଖି ପୂରାଇ ଦେଖିବାକୁ ଭକ୍ତ ପ୍ରାଣର କି ବିଚିତ୍ର ବ୍ୟାକୁଳତା ! କି ଆକୁଳ ଅସ୍ଥିରତା !

ଅଥଚ ସଦ୍ୟ ଜଗନ୍ନାଥ ଦର୍ଶନ କରି ଫେରିଥିବା ଜଣେ ଅଶୀତିପର ବୃଦ୍ଧ ଅନ୍ତରରେ ପୁଳାଏ ଅସନ୍ତୋଷ ଭରି ଦୀର୍ଘଶ୍ୱାସ ପକାଇ କହୁଥିଲେ- ''ଏଇଟା ଜୀବନର ଶେଷ ଦର୍ଶନ। ଆଉ ଶ୍ରୀକ୍ଷେତ୍ର ଆସିବୁନି।''ଏଇ ବୃଦ୍ଧ ଜଣକ କାର୍ତ୍ତିକର ପଞ୍ଚକ ବ୍ରତ ପାଳନ କରିବାକୁ ନିକଟରେ ସସ୍ତ୍ରିକ ପୁରୀ ଯାଇଥିଲେ। ପଞ୍ଚକ ସାରି ପୁରୀରୁ ଗାଁକୁ ବାହୁଡ଼ିବା ବାଟରେ ଭୁବନେଶ୍ୱରରେ ଜଣେ ସମ୍ପର୍କୀୟଙ୍କ ଘରେ ପହଞ୍ଚିଥିଲେ। ସମ୍ପର୍କୀୟଙ୍କ ନିକଟରେ ପୁରୀ ରହଣି ଓ ଜଗନ୍ନାଥ ଦର୍ଶନର ଅନୁଭୂତି ବଖାଣି ସେ ଦୁଃଖରେ କହିଥିଲେ, ଏଇ କଥା ପଦକ- 'ଆଉ ଶ୍ରୀକ୍ଷେତ୍ର ଆସିବୁନି।' ଜଗନ୍ନାଥ ଚେତନାରେ ନିଜ ଭକ୍ତସତ୍ତାକୁ ସମୃଦ୍ଧ କରିଥିବା ଯେକୌଣସି ଓଡ଼ିଆଙ୍କ କାନକୁ ବେଶ୍ ଶ୍ରୁତି କଟୁ ମନେ ହେଉଥିବା ଏଇ କଥା ପଦକରେ ଭରି ରହିଥିଲା ବ୍ୟବସ୍ଥା ବିରୋଧରେ ଯେତିକି ଅଭିଯୋଗ, ତାହାଠୁଁ ଢେର ଅଧିକ ଥିଲା ନିଜ ପ୍ରାଣଦେବତା ଜଗନ୍ନାଥଙ୍କ ପାଇଁ ଅଭିମାନ!

ଅତ୍ୟନ୍ତ ବାଷ୍ପରୁଦ୍ଧ କଣ୍ଠରେ ବୃଦ୍ଧ କହୁଥିଲେ- ବର୍ଷ ବର୍ଷ ଧରି ନୀଳାଚଳ ଶ୍ରୀକ୍ଷେତ୍ରରେ ପଞ୍ଚକ ପାଳନ କରିଆସୁଛୁ। ବର୍ଷର ଏଇ ପାଞ୍ଚଦିନ ଶ୍ରୀମନ୍ଦିରରେ କାଳିଆଠାକରଙ୍କୁ ଦର୍ଶନ ନ କଲେ ଜୀବନ କେମିତି ଅସମ୍ପୂର୍ଣ୍ଣ ବୋଧହୁଏ। ଅଥଚ ଏଥର ପୁଅ ସୂଚେଇ ଦେଲା ଯେ, ଆମଭଳି ପରିଣତ ବୟସର ବୁଢ଼ାବୁଢ଼ୀଙ୍କୁ ଜଗନ୍ନାଥ ଦର୍ଶନ କରିବାକୁ ନ ଆସିବା ପାଇଁ କୁଆଡେ ସତର୍କ କରିଦିଆଯାଇଛି। ପୁଅଠୁ ଏଭଳି ବିଚିତ୍ର ସୂଚନା ପାଇ ମୁଁ ଆଶ୍ଚର୍ଯ୍ୟ ହେଲି। କରୋନା କାଳର ସେଇ ଦୁଇ ବର୍ଷ ଠାକୁରଙ୍କଠୁ ଦୂରେଇ ରହି ଯେଉଁ କଷ୍ଟ ପାଇଛୁ, ସେ କଷ୍ଟ ଆଉଥରେ ଭୋଗିବାକୁ ମନ ଚାହିଁଲା ନାହିଁ। ଜଗନ୍ନାଥଙ୍କ ଡୋରି ଲାଗିଲେ କୋଉ ହାକିମ ଅବା ଭକ୍ତଙ୍କୁ ଅଟକାଇ ପାରିବେ! ସୁତରାଂ, ଆମେ ଆସିଲେ ସିନା, ମାତ୍ର ଘଣ୍ଟା ଘଣ୍ଟା ଧରି ଲମ୍ବା ଧାଡ଼ିରେ ଛିଡ଼ାହେବାର ଯେଉଁ ଯନ୍ତ୍ରଣା ଭୋଗିବାକୁ ପଡ଼ିଲା ଓ ମନ୍ଦିର ଭିତରେ



ଭୀଷଣ ଭିଡ଼ରେ ଯେମିତି ମୃତପ୍ରାୟ ଅବସ୍ଥା ସାମ୍ନା କରିବାକୁ ପଡ଼ିଲା, ତାହା ମନ୍ଦିର ହାକିମଙ୍କ ଚେତାବନୀକୁ ଯୁକ୍ତିଯୁକ୍ତ ସାବ୍ୟସ୍ତ କରୁଥିଲା।

ତେବେ କାହିଁକି ଶ୍ରୀକ୍ଷେତ୍ରରେ ଏ ଅବ୍ୟବସ୍ଥା। ପୂର୍ବରୁ ତ ଅଗଣିତ ଭକ୍ତଜନଙ୍କର ସମାଗମ ହେଉଥିଲା। ସିଂହଦ୍ୱାର ପୂର୍ବରୁ ବାରିକେଡ୍ ନ ଥିଲା। କାହାକୁ ବି ମୁହୂର୍ତ୍ତଟିଏ ଅପେକ୍ଷା କରିବାକୁ ପଡୁ ନଥିଲା ସିଂହଦ୍ୱାର ପ୍ରବେଶପଥରେ । ବେଳେବେଳେ ଲୋଭାସକ୍ତ ପଣ୍ଡାଙ୍କ ଦୌରାତ୍ମ୍ୟ ସହିବା ବ୍ୟତୀତ ବଡ଼ ଦେଉଳରେ ଦିଅଁ ଦର୍ଶନ ପାଇଁ କିଛି ବି ବାଧା ନ ଥିଲା। କୁହାଯାଉଛି ମନ୍ଦିର ପରିକ୍ରମା କାର୍ଯ୍ୟ ରୂପାୟନ ପାଇଁ ଅନ୍ୟ ସବୁ ଦ୍ୱାର ବନ୍ଦ ରହିଥିବା ହେତୁ ଏ ସବୁ ସାମୟିକ ଅସୁବିଧା। ମାତ୍ର ଭକ୍ତଙ୍କ ପାଇଁ ପରା ଭଗବାନ। ଭକ୍ତଜନଙ୍କ ଦର୍ଶନ ଜନିତ ଅଶ୍ୱସ୍ତି ଓ ଅସନ୍ତୋଷ ଦେଖି ଭଗବାନ ଖୁସି ହୁଅନ୍ତୁ କି ନ ହୁଅନ୍ତୁ ଜନମାନସରେ ଶ୍ରୀକ୍ଷେତ୍ରର ମହିମା କ୍ଷୁଣ୍ଣ ହେଉଛି ନିଶ୍ଚୟ ! ଶ୍ରୀକ୍ଷେତ୍ରର ମହିମା ଅନନ୍ତ କାଳ ଧରି ବିଶ୍ୱର ପ୍ରତ୍ୟେକ ପ୍ରାନ୍ତରେ ପରିବ୍ୟାପ୍ତ। କଶ୍ମୀରରୁ କନ୍ୟାକୁମାରୀ ଯାଏ, ପୁଣି ଆମେରିକାରୁ ଅଷ୍ଟ୍ରେଲିଆ ପର୍ଯ୍ୟନ୍ତ ସମସ୍ତଙ୍କୁ ସବୁ କାଳରେ ଏହା ସମ୍ମୋହିତ କରିଆସିଛି। କିଏ ନନ୍ଦିଘୋଷ ରଥର ଦଉଡ଼ି ସ୍ପର୍ଶ କରିବାକୁ ପାଗଳ ତ କିଏ ପୁଣି ଦାସିଆ ବାଉରୀ ଗାଁରୁ ଆସିଥିବା ସଂକୀର୍ତ୍ତନ ଦଳରେ ମିଶି ଘେରାଏ ନାଚିବା ସୁଖରେ ବିଭୋର। କିଏ କେଉଁ ଭାବେ ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡକୁ ଆକର୍ଷିତ ହୋଇ ଆସନ୍ତି ତାହା ଜାଣି ହେଉ ନ ଥିଲେ ବି ସେମାନଙ୍କ ଭକ୍ତିଭାବୋଦୀପ୍ତ ମୁଖମଣ୍ଡଳରୁ ସ୍ପଷ୍ଟ ବାରିହୋଇପଡ଼େ ତାଙ୍କ ମନର ଭକ୍ତି ନିବେଦନ।

ମାତ୍ର ନିଜର ସମସ୍ତ କାମନାକୁ ମହୋଦଧିରେ ବିସର୍ଜନ ଦେଇ ଶ୍ରୀକ୍ଷେତ୍ରରୁ ବାହୁଡ଼ିଲା ବେଳେ ଯାତ୍ରୀଟି ମନରେ ନା ଥାଏ ତା' ଯାତ୍ରା ପୂର୍ବର ଆନନ୍ଦ, ଆବେଗ ନା ଥାଏ ଆଧ୍ୟାତ୍ମିକ ଜାଗରଣର ସନ୍ତୋଷ। ପ୍ରଚଣ୍ଡ ଯାତ୍ରୀଭିଡ଼ରେ ପେଷିହୋଇ ଜଗନ୍ନାଥ ଦର୍ଶନ କଲାବେଳର କଷ୍ଟରେ ତା' ଶରୀର ପୀଡ଼ା ପାଇବା ସହ ଆତ୍ମା ବି ପୀଡ଼ିତ ହୋଇଥାଏ ଅସୀମ ହତାଶା ଓ ଅସନ୍ତୋଷରେ। ନୀଳାଚଳର ଅମୃତ ଚାଖିବାକୁ କାହିଁ କେତେ ଦୂରରୁ ସେ ଧାଇଁ ଆସିଥିଲା। ଅଥଚ ଏଠି ତାକୁ ମିଳିଲା କ'ଣ ! ବଙ୍ଗୋପସାଗରର ଲୁଣିପାଣିଠାରୁ ଆହୁରି କିଛି ଲବଣାକ୍ତ ଅନୁଭବ ଓ କଟୁତିକ୍ତ ଅନୁଭୂତି। ସୁତରାଂ ପୁରୀ ଛାଡ଼ିବା ବେଳେ ବହୁ ଦୂରରୁ ପତିତପାବନ ନେତକୁ ଚାହିଁ ଶେଷ ବିଦାୟ ମାଗୁଥିବା ବେଳେ ତା' ମୁହଁରୁ ସ୍ୱତଃ ବାହାରିପଡ଼େ- ''ଏଇଟା ହିଁ ଶେଷ। ଆଉ ଶ୍ରୀକ୍ଷେତ୍ର ଆସିବି ନାହିଁ।''

ଏ ପ୍ରସଙ୍ଗରେ ଏକ ଅଙ୍ଗେଲିଭା ଅନୁଭୂତି। ପୁରୀରେ ଚାକିରି କରୁଥିଲାବେଳେ ଏକଦା ଟ୍ରେନ୍‌ରେ ଭୁବନେଶ୍ୱର ଫେରୁଥିବା ଏ ଲେଖକର ସହଯାତ୍ରୀ ଥିଲେ କେଇଜଣ ପୁରୀ ବାହୁଡ଼ା ବଙ୍ଗୀୟ ଭକ୍ତ। ପରସ୍ପର ସହ କଥାବାର୍ତ୍ତା ବେଳେ ସେମାନେ କେବଳ ଶ୍ରୀକ୍ଷେତ୍ର ନୁହେଁ, ସମଗ୍ର ଉତ୍କଳୀୟ ସଂସ୍କୃତି ବିରୋଧରେ ଯେଉଁ ବିଷୋଦଗାର କରୁଥିଲେ, ତାହା ବଡ଼ ଅସହ୍ୟ ବୋଧ ହେଲା ଏଇ ଉତ୍କଳୀୟଟିକୁ। ଯୁଗ ଯୁଗ ଧରି ଜଗନ୍ନାଥ ଚେତନାରେ ସୁସମୃଦ୍ଧ ଉତ୍କଳୀୟ ସଂସ୍କୃତିକୁ ନେଇ ଗର୍ବ କରୁଥିବା ତା' ଓଡ଼ିଆ ପ୍ରାଣଟି ଏହି ବଙ୍ଗବାସୀଙ୍କ ଅଭିଯୋଗ ନିକଟରେ ନିଜକୁ ଅସହାୟ ମଣୁଥିଲା। ସେ ଏହାର ପ୍ରତିବାଦ କରିବାକୁ ପ୍ରସ୍ତୁତ ହେଉଥିଲା ବେଳେ ସେଇ ଘଟଣାଟି ଘଟିଗଲା ଅତି ଅକସ୍ମାତ ଭାବେ।

ସେଇ ଯାତ୍ରୀ ଦଳଟିରେ ଥିଲା ପ୍ରାୟ ପାଞ୍ଚବର୍ଷ ବୟସର ଶିଶୁଟିଏ, ଯିଏ ଟିକେଟ୍ ଯାଞ୍ଚ କରୁଥିବା ଟିଟିଇଙ୍କ ଦୃଷ୍ଟିରେ ଥିଲା ଛଅବର୍ଷରୁ ଅଧିକ। ତା' ପାଇଁ ଚାଇଲ୍ଡ ଟିକେଟ୍‌ଟିଏ ହୋଇ ନ ଥିବା ଅପରାଧରେ ସେ ଜରିମାନା ଆଦାୟ କରିବାକୁ ଯାଉଥିବା ବେଳେ ଘଟଣାରେ ହସ୍ତକ୍ଷେପ କରିଥିଲା ଏଇ ଓଡ଼ିଆ ଲୋକଟି। ଟିଟିଇଙ୍କ ନଜରରେ ଗୋଟିଏ ଶିଶୁର ବୟସ ନିର୍ଦ୍ଧାରିତ ହୁଏ ନାହିଁ ବୋଲି ସେ ଯୁକ୍ତି କରିବାରୁ ଅନ୍ୟାୟ ଭାବେ ଅଯଥା ଜରିମାନା ଦେବାଠୁ ମୁକ୍ତି ପାଇଥିଲେ ବଙ୍ଗୀୟଯାତ୍ରୀ ଦଳ। ଜଣେ ଅବାଞ୍ଛିତ ଓଡ଼ିଆ ଯାତ୍ରୀ ପାଇଁ କିଛି ରୋଜଗାର ହାତମୁଠାରୁ ଖସି ଯିବାରୁ ଚରମ ଅସନ୍ତୋଷରେ ଟିଟିଇ ଚାଲିଗଲା ପରେ ଯାତ୍ରୀ ଦଳର ମୁଖ୍ୟ ସତୁରି ବର୍ଷୀୟ ବ୍ୟକ୍ତି ଜଣଙ୍କ ଆଖିରୁ କୃତଜ୍ଞତାର ଲୁହ ଦୁଇ ବୁନ୍ଦା ନିଗିଡ଼ି ପଡ଼ିଲା। ସେ କହିଲେ-''ଜଗନ୍ନାଥ ବଡ଼ ଲୀଳାମୟ ବାବୁ! ଶହ ଶହ ମାଇଲ ଦୂରରୁ ଆମକୁ ତାଙ୍କ ନିକଟକୁ ଟାଣି ଆଣୁଛନ୍ତି। ବହୁବିଧ ଅସୁବିଧାର ସମ୍ମୁଖୀନ ହୋଇ ଆମେ ଯେତେବେଳେ ଆଉ ଶ୍ରୀକ୍ଷେତ୍ର ଆସିବୁନି ବୋଲି ଶପଥ କରୁଛୁ, ସେତେବେଳେ ଆପଣଙ୍କ ପରି ସମ୍ବେଦନା ପ୍ରକାଶ କରୁଥିବା ସହଯାତ୍ରୀଙ୍କୁ ପଠାଇ ଆମର ସେହି ଶପଥ ଭାଙ୍ଗି ଦେଉଛନ୍ତି।'' ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଦୁଇହାତ ଯୋଡ଼ି ବୃଦ୍ଧ ଜଣକ ତାଙ୍କ ଭାଷାରେ କହୁଥିଲେ, ''ଆମି ଆବାର ଆସ୍‌ବୋ ପ୍ରଭୋ !''

ମୋ-୮୮୯୫୬୨୪୧୦୫

## ଏଇ ଭାରତରେ

ହିନ୍ଦୁ ଶାସ୍ତ୍ର 'ଗୀତା' ଅନ୍ୟକୁ ଠିକ୍ ମାର୍ଗ ଦେଖାଇବା ଭଳି କୋଲକାତାର ଗୀତା ରାଉତ ମଧ୍ୟ ଅସହାୟ ଶିଶୁମାନଙ୍କୁ ଶିକ୍ଷାର ବାଟ ଦେଖାଉଛନ୍ତି। ସେ କୋଲକାତା ଷ୍ଟେଶନ ନିକଟରେ ରହୁଥିବା ଗରିବ ଅସହାୟ ପିଲାମାନଙ୍କୁ ମାଗଣାରେ ଶିକ୍ଷା ଦେବା ସହ ସେମାନଙ୍କ ପାଇଁ ଦିନକୁ ଦୁଇଓଳା ଖାଇବାର ବ୍ୟବସ୍ଥା କରିଛନ୍ତି। ଗୀତା ଏଭଳି ପିଲାମାନଙ୍କ ସହ ପିଲାଦିନରୁ ଜଡ଼ିତ। ସେ ଷ୍ଟେଶନ ଦେଇ ସ୍କୁଲକୁ ଯିବା ସମୟରେ ଭୋକରେ ଭିକ୍ଷା ମାଗୁଥିବା ପିଲାମାନଙ୍କୁ ଦେଖନ୍ତି। ସେ ସବୁଦିନ ସ୍କୁଲକୁ ନେଉଥିବା ଟିଫିନ ସେମାନଙ୍କୁ ଖାଇବାକୁ ଦେଉଥିଲେ। ଏପରିକି କୌଣସି ଦିନ ସେମାନଙ୍କୁ ଟିଫିନ ନ ଖୁଆଇଲେ ଦୁଃଖିତ ହେଉଥିଲେ। ସେବେଠାରୁ ସେମାନଙ୍କ ପାଇଁ କିଛି କରିବାର ସ୍ୱପ୍ନ ଦେଖିଥିଲେ ଗୀତା। ସ୍କୁଲ ଶିକ୍ଷା ପରେ ସେ କୋଲକାତା ଷ୍ଟେଶନ ନିକଟରେ କେତେଜଣ ପିଲାଙ୍କୁ ମାଗଣାରେ ପଢ଼ାଇବା ଆରମ୍ଭ କଲେ। ଏହା ଦେଖି ତାଙ୍କ ନିକଟରେ ଅନେକ ଅଦସହାୟ ପିଲା ପହଞ୍ଚିଥିଲେ ଓ ସେ ସେମାନଙ୍କୁ ମଧ୍ୟ ପଢ଼ାଇବା ଆରମ୍ଭ କରିଦେଲେ। ଗୀତାଙ୍କ ଏହି କାର୍ଯ୍ୟ ଦେଖି କୋଲକାତାର ବ୍ୟବସାୟୀ କିଶୋର ଜୟସ୍ୱାଲ ଏକ ଜାଗା ଦେଲେ ଓ ସେଠାରେ ସ୍କୁଲ ପ୍ରତିଷ୍ଠା ହେଲା। ପରେ ଦୁହିଁଙ୍କ ଉଦ୍ୟମରେ ସ୍କୁଲରେ ଏବେ ୧୫୦ ପିଲା ପଢୁଛନ୍ତି। ସେଠାରେ ପିଲାମାନେ ପଢ଼ିବା ସହ ଦୁଇ ବକତ ଖାଇବାକୁ ପାଉଛନ୍ତି। ଗୀତା ଏଥିପାଇଁ ଟିୟର୍ସ (ଟୁ ଏଡୁକେଟ ଆଣ୍ଡ ରିଗେନ୍ ସ୍ମାଇଲ)ନାମକ ସଂସ୍ଥା ଖୋଲି ତା' ମାଧ୍ୟମରେ ପରିଚାଳନା କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨ ଡିସେମ୍ବର ୧୯୭୪

- ମଣିପୁରରେ ୱାଇ ସାଏଜାଙ୍କ ନେତୃତ୍ୱରେ ପରିଚାଳିତ ପ୍ରଗତିଶୀଳ ଗଣତାନ୍ତ୍ରିକ ସାମ୍ମୁଖ୍ୟ ମନ୍ତ୍ରିମଣ୍ଡଳରୁ କଂଗ୍ରେସର ସମର୍ଥନ ପ୍ରତ୍ୟାହାର।
- ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ, ସଙ୍ଗଠନ କଂଗ୍ରେସ ନେତ୍ରୀ ତଥା ଆଚାର୍ଯ୍ୟ କେ.ବି. କୃପାଲାନୀଙ୍କ ପତ୍ନୀ ସୁଚେତା କୃପାଲାନୀଙ୍କ ୬୭ ବର୍ଷ ବୟସରେ ପରଲୋକ।


# ସାହିତ୍ୟ ଜଗତରେ ବୋମା ଆତଙ୍କ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ବଲିଉଡ୍‌ର ଅଗ୍ରଣୀ ଅଭିନେତା ଆମିର ଖାନ୍ ୧୯୯୫ରେ ରାମଗୋପାଳ ବର୍ମାଙ୍କ ରୋମାଣ୍ଟିକ୍ କମେଡି 'ରଙ୍ଗିଲା'ରେ ଅଭିନୟ ପାଇଁ ଫିଲ୍ମଫେୟାର ନୋମିନେଶନ ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିଲେ। ସେ ଦୃଢ଼ନିଶ୍ଚିତ ଥିଲେ ଯେ ଏହି ଶ୍ରେଷ୍ଠ ଅଭିନେତା ପୁରସ୍କାର ତାଙ୍କୁ ମିଳିବ। କିନ୍ତୁ ସେତେବେଳେ 'ଦିଲ୍‌ୱାନେ ଦୁଲ୍‌ହନିୟା ଲେ ଯାଏଙ୍ଗେ'ର ନାୟକ ଶାହରୁଖ ଖାନ୍ ଏହି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହେଲେ। ଏହା ଆମିରଙ୍କୁ ହତୋତ୍ସାହିତ ତଥା କ୍ଷୁବ୍ଧ କରିଥିଲା। ତା'ପରେ ସେ ନିଷ୍ପତ୍ତି ନେଇଥିଲେ, ଏଣିକି କୌଣସି ପୁରସ୍କାର ଉତ୍ସବରେ ଯୋଗଦେବେନାହିଁ। ତାଙ୍କର ଏହି କଠୋର ଶପଥ ପାଳନପୂର୍ବକ ସେ ବହୁ ଅନୁନୟ ବିନୟ ସତ୍ତ୍ୱେ କୌଣସି ପୁରସ୍କାର ଉତ୍ସବ, ବି-ଟାଉନ ଷ୍ଟାର୍‌ମାନଙ୍କ ସମାବେଶକୁ ଗଲେନାହିଁ। ଅବଶ୍ୟ ଏମିତି ଅପ୍ରୀତିକର ଘଟଣା ଥାଇ ମଧ୍ୟ ଶାହରୁଖ ଓ ଆମିରଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରହିଛି। ଉଭୟେ ଆମିରଙ୍କ 'ଲାଲ୍ ସିଂ ଚଡ୍ଢା' ଫିଲ୍ମରେ ଅଭିନୟ କରିଥିଲେ।

ତେବେ ଏହି ପ୍ରସଙ୍ଗ ସୂଚାଏ ପୁରସ୍କାରର ପ୍ରଭାବ କେତେ ଶକ୍ତିଶାଳୀ। ଏହା ଜଣକ ଜୀବନଶୈଳୀକୁ ଅସମ୍ଭବ ଭାବେ ବଦଳାଇ ଦେଇପାରେ। କେବଳ ଚଳଚ୍ଚିତ୍ର ଜଗତରେ ନୁହେଁ, ସାହିତ୍ୟ କ୍ଷେତ୍ରରେ ମଧ୍ୟ ପୁରସ୍କାରର ଭୂମିକା ବେଶ୍ ଚମକପ୍ରଦ ଓ ଚାଞ୍ଚଲ୍ୟକର। ଆନେ ଏର୍ନାକ୍ସ (ଜନ୍ମ: ୧୯୦୦, ଲିଲେବନ, ଫ୍ରାନ୍ସ) ଜଣେ ବିଶ୍ୱବିଖ୍ୟାତ ଲେଖିକା। ତାଙ୍କ ଆତ୍ମଜୀବନୀ ଉପରେ ଆଧାରିତ 'କ୍ଲିନ୍‌ଡ ଆଉଟ' ଫରାସୀ ଭାଷାରେ ଲିଖିତ ଉପନ୍ୟାସରୁ ସାହିତ୍ୟରେ ଲେଖିବା ଆରମ୍ଭ କରିଥିଲେ। ପରବର୍ତ୍ତୀ କାଳରେ ବାପାଙ୍କ ସହ ତାଙ୍କ ସମ୍ପର୍କ ବିଷୟରେ ଉପନ୍ୟାସ (ଏ ମ୍ୟାନ୍ସ ପ୍ଲେସ୍, ୧୯୮୪) ପ୍ରକାଶ କରିଥିଲେ। ତାଙ୍କର ବିଭିନ୍ନ ସାହିତ୍ୟ କୃତି ପାଇଁ ଏକାଧିକ ବିଶ୍ୱସ୍ତରୀୟ ସଂସ୍ଥା ତାଙ୍କୁ ପୁରସ୍କାରରେ ସମ୍ମାନିତ କରିଥିଲେ। ତେବେ ସାରା ବିଶ୍ୱର ସେ ଦୃଷ୍ଟି ଆକର୍ଷଣ କରିଥିଲେ ଯେତେବେଳେ ୨୦୨୨ ପାଇଁ ସାହିତ୍ୟରେ ନୋବେଲ ପୁରସ୍କାର ବିଜୟିନୀ ହେଲେ। ଏହି ଅବସରରେ 'ଦି ଗାର୍ଡିଆନ' ତରଫରୁ ତାଙ୍କର ଗୋଟିଏ ସାକ୍ଷାତ୍‌କାର ଚାର୍ଲସଟନ୍‌ରେ ଅନୁଷ୍ଠିତ ଉତ୍ସବରେ ଆଉ ଜଣେ ଯୁବ ଲେଖିକା ସାଲିରୁନିଙ୍କ ଦ୍ୱାରା ନିଆଯାଇଥିଲା। ସେଥିରେ ଏହି ବୟାଅଶୀ ବର୍ଷିଆ ଲେଖିକା ଯାହା କହିଥିଲେ, ତାହା ଜଣକୁ ବିସ୍ମୟାଭିଭୂତ କରିଦେବ। ସ୍ପଷ୍ଟଭାବେ ଯାହା ଜଣାଇଥିଲେ, ସେଥିରେ ସ୍ୱୀକାର କରିଛନ୍ତି, ସେ ଏହି ମର୍ଯ୍ୟାଦାଜନକ ପୁରସ୍କାର ଆଦୌ ଚାହୁଁ ନ ଥିଲେ। ଏହା ତାଙ୍କ ଉପରେ ବୋମା ପଡ଼ିବା ପରି ଏକ ନିଷ୍ଠୁର, ହୃଦୟ ବିଦାରକ, ଅପ୍ରତ୍ୟାଶିତ ଆଘାତ ଦେଲା। ଏହାପରେ ସେ ଆଉ ସ୍ୱଚ୍ଛନ୍ଦରେ ଲେଖିପାରିବେ ନାହିଁ। ତେବେ ଲେଖିବା ହେଉଛି ତାଙ୍କ ପାଇଁ ବଞ୍ଚିବାର ରାସ୍ତା। ଏଣିକି ଲେଖନୀ ଚାଳନା ଏକ ଦୁରୂହ ବ୍ୟାପାର ହୋଇଯିବ। କୋଡ଼ିଏଟି ବହିର ରଚୟିତା ଆନେ କହିଥିଲେ, ତାଙ୍କ ଲେଖିବାର ଉଦ୍ଦେଶ୍ୟ ପୁରସ୍କାର ପ୍ରାପ୍ତି ପାଇଁ ନୁହେଁ; ବରଂ ଲୋକଙ୍କ ସହ ଯୋଡ଼ିହେବା ସକାଶେ। ଏଥିସହ ସେ ସାହିତ୍ୟ ରଚନାର ପ୍ରକ୍ରିୟା ସମ୍ବନ୍ଧରେ ମତ ଦେଇଥିଲେ ଯେ, ଏହା ଖୁବ୍ ଅସ୍ୱସ୍ଥ। ଏହା ଲେଖିକାଙ୍କୁ ଛିନ୍ନ କରିବା ଏବଂ ମୃତ୍ୟୁ ଘଟାଇବା ପାଇଁ ପ୍ରେରିତ। ତଥାପି ଏହା ତାଙ୍କୁ ମୋକ୍ଷ କରିବ। ଏଥିରେ ନିର୍ବାଣ ପ୍ରାପ୍ତି ହେବ। ତେଣୁ କୌଣସି ରଚନାକୁ ଅସମ୍ପୂର୍ଣ୍ଣ ଅବସ୍ଥାରେ ଛାଡ଼ିଦେବା ଏକ ଅପରାଧ।



ତଥାପି ସାହିତ୍ୟିକମାନେ ପୁରସ୍କାର ପାଇଁ ଲାଳାୟିତ। ଯେତେ ମିଳିବ ସେମାନେ ସେତେ ଖୁସି। ଆମେ ଜାଣିବାରେ ଓଡ଼ିଶା ତଥା କେନ୍ଦ୍ର ଏକାଡେମୀ ପୁରସ୍କାର ଭାରତୀୟ ଜ୍ଞାନପୀଠ ପୁରସ୍କାର, ମୂର୍ତ୍ତିଦେବୀ ପୁରସ୍କାର, ସାହିତ୍ୟ ଏକାଡେମୀ ପୁରସ୍କାର, ସାରଳା ପୁରସ୍କାର, ଉତ୍କଳ ସାହିତ୍ୟ ସମ୍ମାନ ଓ ଓଡ଼ିଆ ପାଠକ ସଂଘ ଦ୍ୱାରା ପ୍ରଦତ୍ତ ସମ୍ମାନ, ଅତିବଡ଼ୀ ସମ୍ମାନ ଇତ୍ୟାଦି ହେଉଛି ସୁପରିଚିତ ମର୍ଯ୍ୟାଦାସମ୍ପନ୍ନ ପୁରସ୍କାର। ଧରାଯାଉ ଜଣେ ଲେଖକ ଏହି ତାଲିକାରୁ ଅନେକ ପୁରସ୍କାର ପାଇସାରିଛନ୍ତି। ତଥାପି ଯଦି ଆହୁରି ଅଧିକ ସମ୍ମାନ ପ୍ରତି ସେ ଦୃଷ୍ଟି ପକାନ୍ତି, ଆମେ ତାଙ୍କୁ କ'ଣ କହିବା ? ଅବଶ୍ୟ ଜଣେ ଘନ ଘନ ପୁରସ୍କାର ବିଜୟୀ ହେଲେ ଆମେ କେବଳ ଲେଖକଙ୍କୁ ଏଥିପାଇଁ କଟୁ ସମାଲୋଚନା କରିବା ଯଥାର୍ଥ ହୋଇ ନ ପାରେ। ଉଲ୍ଲେଖନୀୟ ଯେ , ଏମିତି କେତେକ ସଂସ୍ଥା ଅଛି, ଯାହାକି ନିଜ ଅନୁଷ୍ଠାନର ମାନବୃଦ୍ଧି କରିବାକୁ ଯଶସ୍ୱୀ ବ୍ୟକ୍ତିମାନଙ୍କୁ ଖୋସାମତ କରି ପୁରସ୍କୃତ କରୁଛନ୍ତି।

ସେ ଯାହାହେଉ, ଲେଖକଟିର ସମ୍ମାନ ତାଲିକା ଲମ୍ବି ଲମ୍ବି ଯାଏ। ଏହା ତେଲିଆ ମୁଣ୍ଡରେ ତେଲ ଢାଳିବା ପରି। ଆମେ ଜାଣୁ, ଏମିତି ତେଲ ମାରିଲେ ତା'ର ସୁଖର କିଛି ଅଂଶ ଆଖିରେ ପଶି ଜଳାପୋଡ଼ାକରେ। ଫଳରେ ଯେଉଁ ଯନ୍ତ୍ରଣାର ସମ୍ମୁଖୀନ କରାଏ, ତାହା ସାମାନ୍ୟ ନୁହେଁ। କିନ୍ତୁ ବହୁଳ ପୁରସ୍କୃତ ଲେଖକ ଏହାର ଏକ ବ୍ୟତିକ୍ରମ। ତା' ମସ୍ତକ ଏମିତି ବିଚିତ୍ର ଢଙ୍ଗରେ ଗଢ଼ାଯାଇଛି ଯେ ତେଲର ପରିମାଣ ଯେତେ ବଢ଼ାଇଲେ ମଧ୍ୟ ତାହା ଝରି ଯାଉଛି।

ତେବେ କହିବା କଥା, ଲେଖକଟି ନିଜେ ପ୍ରଲବ୍ଧ ନ ହେଲେ କିମ୍ବା ପୁରସ୍କାର ଗ୍ରହଣ ପାଇଁ ଅନିଚ୍ଛୁକ ହେଲେ, ଏମିତି ଅଶୋଭନୀୟ ପରିସ୍ଥିତି ଦେଖା ଦିଅନ୍ତା ନାହିଁ। କିନ୍ତୁ ଏହି ମନୋଭାବ ଦୃଷ୍ଟିଗୋଚର ହେଉନାହିଁ। ଆମ ମଧ୍ୟସ୍ଥ ଜଣେ ମଧ୍ୟ ବ୍ୟକ୍ତି ଆନେଙ୍କ ନୋବେଲ ପୁରସ୍କାର ପ୍ରାପ୍ତି ପ୍ରତି ପ୍ରତିକୂଳ ମତ ସ୍ୱାଗତ କରି ପୁରସ୍କାରକୁ ବୋମା ବୋଲି ଭାବୁନାହାନ୍ତି। କିଏ ଜାଣେ, ଏଇ ପୁରସ୍କାରମାନ ଉକ୍ତ ଲେଖକମାନଙ୍କୁ ବୋମା ଆକ୍ରମଣର ଆଶଙ୍କାରେ ଦିନେ ଆକ୍ରାନ୍ତ କରିବ ଏବଂ ସେମାନେ ବ୍ୟତିବ୍ୟସ୍ତ ହେବେ।

ଏହି ପରିପ୍ରେକ୍ଷୀରେ ମୁଲ୍ଲା ନସରିଦ୍ଦିନ୍‌ଙ୍କ ସମ୍ପର୍କିତ ଏକ ଘଟଣା ଆମ ସ୍ମରଣକୁ ଆସେ। ତାଙ୍କ ପ୍ରତ୍ୟେକ ମାମୁ ମରିବା ପରେ ମୁଲ୍ଲାଙ୍କ ନାମରେ ପଚାଶ ହଜାର ଟଙ୍କାର ଧନରାଶି ଉଇଲନାମା ଅନୁସାରେ ଉପହାର ଦିଅନ୍ତି। ପ୍ରଥମ ମାମୁ ମରିବା ପରେ ପରେ ସେ ପଚାଶ ହଜାର ଟଙ୍କା ପାଇଲେ। ଦୁଇଦିନ ପରେ ଅନ୍ୟ ଜଣେ ମାମୁଙ୍କ ମୃତ୍ୟୁ ପରେ ତାଙ୍କୁ ଏମିତି ମାଗଣା ଆଉ ପଚାଶ ହଜାର ଟଙ୍କା ମିଳିଲା। ମାସେ ଯାଇଛି କି ନାହିଁ, ଅନ୍ୟ ଜଣେ ମାମୁଙ୍କ ଦେହାବସାନ ଘଟିବାରୁ ତୃତୀୟ ଥର ଏମିତି ଧନ ଲାଭ ହେଲା। ତାଙ୍କ ସାଙ୍ଗସାଥୀମାନେ ଧରିନେଲେ ଯେ, ମୁଲ୍ଲା ଭାରି ଭାଗ୍ୟବାନ୍। ମାସେ ଦୁଇମାସ ଭିତରେ ଦେଢ଼ଲକ୍ଷ ଟଙ୍କା ! ତାଙ୍କୁ ଅଭିନନ୍ଦନ ଜଣାଇବାକୁ ସେମାନେ ତାଙ୍କ ନିକଟକୁ ଗଲେ। ଭାବିଥିଲେ, ଉତ୍ତମ ଜଳଯୋଗ ସହ ସ୍ପେଶାଲ ଚା' ମୁଲ୍ଲା ଖୁସିରେ ପିଆଇବେ। କିନ୍ତୁ ତାଙ୍କ ନିକଟରେ ପହଞ୍ଚି ଦେଖିଲେ ଯେ, ସେ କାନ୍ଦୁଛନ୍ତି। ସେମାନେ ଆଶ୍ଚର୍ଯ୍ୟ ହୋଇ ତାଙ୍କୁ ଏହାର କାରଣ ପଚାରିଲେ। ମୁଲ୍ଲା କହିଲେ, ''ମୋର ଆହୁରି କେତେଜଣ ମାମୁ ଅଛନ୍ତି। କିନ୍ତୁ ସେମାନଙ୍କ ମଧ୍ୟରୁ କେହି ମଧ୍ୟ ମରିବା ସମ୍ଭାବନା ନିକଟରେ ନାହିଁ। ସେମାନେ ଖୁବ୍ ସୁସ୍ଥ ସବଳ ଓ ସଚେତନ ଅଛନ୍ତି। ମୋତେ ଆଉ ଏମିତି ଉପୁରି ଟଙ୍କା ମିଳିବା ଆଶା ନାହିଁ।'' ଆମ ପ୍ରତିଷ୍ଠିତ ସାହିତ୍ୟିକମାନଙ୍କଠାରେ ଆମେ ଏମିତି ମନୋବୃତ୍ତି ଦେଖୁଛେ। ସେମାନେ କହୁନାହାନ୍ତି, ''ଆମେ ବହୁତ ପୁରସ୍କାର ପାଇଲୁଣି। ଏତିକିରେ ଥାଉ। ଦୟାପୂର୍ବକ ଆଉ ଆମକୁ ପୁରସ୍କୃତ କରନାହିଁ।''

ମୋ: ୯୦୭୮୭୪୩୮୪୩

## ଚିରନ୍ତନୀ

ଫେରି ଆସିବରେ ପୁରାଣ ଭାରତ ମମ
ଉଠିବ ଘେନି ସେ ନବ ରୂପ ଅନୁପମ
ସବୁ କଳଙ୍କ ଦୂରେ ଯିବ ଖସି
ପୁରାତନ ମାଟି ଉଠିବରେ ହସି
ପରାଚୀର ଭାଲେ ଉକୁଟେ ଆଲୋକ,
ନାହିଁ ନାହିଁ ଆଉ ଡେରି
ଅନ୍ଧାର କୋଳୁଁ ଭାରତ ଆସିବ ଫେରି।
-(ଭାରତ ଆସିବ ଫେରି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଦୃଷ୍ଟି ପଡୁ

ମହାଶୟ,

ମଧୁବାବୁ ପେନ୍‌ସନ ଯୋଜନାରେ ଅନେକ ଗରିବ ବୃଦ୍ଧାବୃଦ୍ଧ, ବିଧବା, ବିକଳାଙ୍ଗ ଭତ୍ତା ପାଉଛନ୍ତି। ଏହି ଭତ୍ତା ବୃଦ୍ଧି କରିବା ପାଇଁ ଅନେକ ଥର ଖବରକାଗଜ ମାଧ୍ୟମରେ ସରକାରଙ୍କୁ ଅନୁରୋଧ କରିଥିଲୁ । କିନ୍ତୁ କିଛି ବିଚାରକୁ ନିଆଗଲା ନାହିଁ କି କିଛି ସାନ୍ତ୍ୱନାମୂଳକ ଉତ୍ତର ରଖାଗଲା ନାହିଁ। ପୁନର୍ବାର ଅନୁରୋଧ କରୁଅଛି କି ମଧୁବାବୁ ଯୋଜନାରେ ପାଉଥିବା ପାଉଥିବା ଭତ୍ତା ୫୦୦ ଟଙ୍କା ବଦଳରେ ୧୫୦୦ ଟଙ୍କା କରାଯାଉ।

**-ଅରୁଣ କୁମାର ପଟ୍ଟନାୟକ, ବେଗୁନିଆ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କଂଗ୍ରେସର ତୁଳସୀ ଯାତ୍ରା



ତୁଳସୀ ଯାତ୍ରାରେ ପୁରୀ ଶ୍ରୀମନ୍ଦିର ଅଭିମୁଖେ ଯାଉଛନ୍ତି କଂଗ୍ରେସ ନେତୃବୃନ୍ଦ, ଜଗନ୍ନାଥପ୍ରେମୀ।

**ପୁରୀ,୧।୧୨(ଅଜିତ୍ ମହାନ୍ତି)**

ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା, ରତ୍ନଭଣ୍ଡାର ମରାମତି ଓ ଅଳଙ୍କାର ଗଣତି ସମେତ ୬ଦଫା ଦାବିନେଇ କଂଗ୍ରେସ ପକ୍ଷରୁ ଶୁକ୍ରବାର ତୁଳସୀ ଯାତ୍ରା କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭଙ୍ଗ ନିମନ୍ତେ ସାରା ରାଜ୍ୟରୁ ସଂଗୃହୀତ ତୁଳସୀ ଓ ସଜ ତୁଳସୀ ସହ କଂଗ୍ରେସ କର୍ମକର୍ତ୍ତା ଏବଂ ଜଗନ୍ନାଥପ୍ରେମୀମାନେ ଶରଧାବାଲିଠାରେ ଏକାଠି ହୋଇଥିଲେ। ପରେ ଗୁଣ୍ଡିଚା ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ବାହାରି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରୁ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ତୁଳସୀ ଅର୍ପଣ କରିଥିଲେ।

### ୬ ଦଫା ଦାବି

- ସାମିଲ ହେଲେ ପିସିସି ସଭାପତି, ରାଜ୍ୟ ପ୍ରଭାରୀ ଏବଂ ଅନ୍ୟ ନେତୃବୃନ୍ଦ
- ଗୁଣ୍ଡିଚା ମନ୍ଦିରଠାରୁ ଶୋଭାଯାତ୍ରାରେ ଯାଇ ମହାପ୍ରଭୁଙ୍କୁ ତୁଳସୀ ଅର୍ପଣ କଲେ

ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, କିଛି ମାସ ତଳେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଠିଆହୋଇଥିବା ଭକ୍ତଙ୍କ ମଧ୍ୟରୁ ପ୍ରାୟ ୩୦ ଜଣ ଦଳାଚକଟାରେ ଆହତ ହୋଇଥିଲେ। ଏପରିକି ଅନେକ ସମୟରେ ଭକ୍ତ ଅଚେତ ହେଉଥିବାବେଳେ ଦର୍ଶନ ନ ପାଇ ମନଦୁଃଖରେ ଫେରୁଛନ୍ତି। ମାତ୍ର ଏହାର ପ୍ରଭାବ ରାଜ୍ୟ ସରକାରଙ୍କ ଉପରେ ପଡୁନାହିଁ। ମହାପ୍ରଭୁଙ୍କୁ ଭକ୍ତମାନେ ନିଜ ଦୁଃଖ ଜଣାନ୍ତି। ମାତ୍ର ରାଜ୍ୟ ସରକାର ନିଜ ନିଷ୍ପତ୍ତି ଆଳରେ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ବାଡ଼ ସୃଷ୍ଟି କରୁଛନ୍ତି। ପବିତ୍ର ଧର୍ମ ମାସ କାର୍ତ୍ତିକରେ ଭକ୍ତମାନଙ୍କୁ ଶ୍ରୀମନ୍ଦିରକୁ ଅନାୟାସରେ ପ୍ରବେଶ ଓ ପ୍ରସ୍ଥାନ ପାଇଁ ଦାୟିତ୍ୱ ନିର୍ବାହ କରିବା ପରିବର୍ତ୍ତେ ଦ୍ୱାର ବନ୍ଦ କରି ରଖିବା ଜଗନ୍ନାଥ ସଂସ୍କୃତି ବିରୋଧୀ। ରାଜ୍ୟ ସରକାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଆଜିକୁ ପାଖାପାଖି ୩ ବର୍ଷରୁ ଅଧିକ ସମୟ ହେଲାଣି, ମାତ୍ର ଏ ପର୍ଯ୍ୟନ୍ତ ସମୁଦାୟ ପ୍ରକଳ୍ପର ୧୦ ଭାଗ କାମ ମଧ୍ୟ ହୋଇନାହିଁ। ସରକାରଙ୍କ ଏପରି କାର୍ଯ୍ୟକୁ କଂଗ୍ରେସ ବରଦାସ୍ତ କରିବ ନାହିଁ ବରଂ ଆନ୍ଦୋଳନ ଜାରି ରହିବ। ଅକ୍ଟୋବର ୧୬ରେ ରାଜ୍ୟ କଂଗ୍ରେସ ତରଫରୁ ବିରାଟ ଜନଆନ୍ଦୋଳନ କରାଯାଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ୬ଦଫା ଦାବି ସମ୍ବଳିତ ସ୍ମାରକପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିଲା। ଅକ୍ଟୋବର ୨୮ ସୁଦ୍ଧା ଦାବି ପୂରଣ ପାଇଁ ସମୟ ଦିଆଯାଇଥିଲା। ସେହିପରି ନଭେମ୍ବର ୯ରେ ଶ୍ରୀମନ୍ଦିର ସମ୍ମୁଖରେ ସଂକୀର୍ତ୍ତନ ସତ୍ୟାଗ୍ରହ କରାଯାଇଥିଲା। ଏହାସତ୍ତ୍ୱେ ସରକାର କୌଣସି ପଦକ୍ଷେପ ନେଇ ନ ଥିଲେ। ତେଣୁ କଂଗ୍ରେସ ପକ୍ଷରୁ ତୁଳସୀ ଯାତ୍ରା କରାଯାଇଥିଲା। ପିସିସି ସଭାପତିଙ୍କ ନେତୃତ୍ୱରେ ଏହି ତୁଳସୀ ଯାତ୍ରାରେ ରାଜ୍ୟ ପ୍ରଭାରୀ ଏ. ଚେଲ୍ଲା କୁମାର, ସମ୍ପାଦକ ବିଶ୍ୱନାଥ ଦାସ, ଉପସଭାପତି ଶିବାନନ୍ଦ ରାୟ, ଜିଲା ସଭାପତି ଜୟରାମ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ, ଗଣେଶ୍ୱର ବେହେରା, ଜୟଦେବ ଜେନା, ବିଜୟଲକ୍ଷ୍ମୀ ଦାସ, ବିଧାୟକ ସନ୍ତୋଷ ସିଂ ସାଲୁଜା, ତାରାପ୍ରସାଦ ବାହିନୀପତି, ରମେଶ ଜେନା, ଭୁଜବଳ ମାଝି, ଅଂଶୁମାନ ମହାନ୍ତି, ସୁଜିତ୍ ମହାପାତ୍ର, ବିନାୟକ ଦାସମହାପାତ୍ର, ପୁରୀ ନଗର କଂଗ୍ରେସ (କ) ସଭାପତି ଛବିନ୍ଦ୍ର ପଡ଼ିଆରୀ, (ଖ) ଅମରେନ୍ଦ୍ର ପାଇକରାୟ, ସଦର ବ୍ଲକ ସଭାପତି ରାମଚନ୍ଦ୍ର ସାହୁ, ଜିଲା ଲିଗାଲ ସେଲ ସଭାପତି କାଳିପ୍ରସାଦ ନାୟକ, ଜିଲା ମୁଖପାତ୍ର ସ୍ୱାଧୀନ କୁମାର ପଣ୍ଡା ଏବଂ ବିଦ୍ୟୁଲତା ଆଚାର୍ଯ୍ୟ ପ୍ରମୁଖ ସାମିଲ ଥିଲେ। ସୂଚନାଯୋଗ୍ୟ, ରାଜ୍ୟ କଂଗ୍ରେସ ଭବନ ଠାରେ ବିଭିନ୍ନ ଜିଲାରୁ ବହୁ କଂଗ୍ରେସ ନେତା ତୁଳସୀ ଧରି ଆସି ପହଞ୍ଚିଥିଲେ। ସେଠାରୁ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ବହୁ ନେତା, କର୍ମୀ ପଦଯାତ୍ରାରେ ରାଜମହଲ ପର୍ଯ୍ୟନ୍ତ ଯାଇଥିଲେ। ସେଠାରୁ ଗାଡ଼ି ଯୋଗେ ପୁରୀ ଅଭିମୁଖେ ବାହାରିଥିଲେ। ଏହି ପଦଯାତ୍ରାରେ ବହୁ ବରିଷ୍ଠ ନେତା ସାମିଲ ହୋଇଥିଲା।



ଏଏପି ପକ୍ଷରୁ ଦିଲ୍ଲୀ ଲକ୍ଷ୍ମୀନଗରରୁ 'ମେ' ଭି କେଜରିୱାଲ' ଦସ୍ତଖତ ଅଭିଯାନ ଆରମ୍ଭ କରୁଛନ୍ତି ମନ୍ତ୍ରୀ ଗୋପାଳ ରାୟ।

# ଅଳିଆ ଗନ୍ଧରେ ତ୍ରାହି ତ୍ରାହି ଡାକିଲେଣି ଲୋକେ: ମନମୋହନ

**ଭୁବନେଶ୍ୱର,୧।୧୨(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ସ୍ୱଚ୍ଛ ଭାରତ ଯୋଜନାରେ କୋଟି କୋଟି ଟଙ୍କା ଦେଉଛନ୍ତି, କିନ୍ତୁ ଓଡ଼ିଶାରେ ତାହାର କୌଣସି ସୁଫଳ ମିଳୁନାହିଁ। ରାଜ୍ୟ ସରକାର ଭୁବନେଶ୍ୱରରେ ଅଳିଆ ପାହାଡ଼ ଛିଡା କରାଇଛନ୍ତି। ଅଳିଆ ଗନ୍ଧରେ ଲୋକମାନେ ତ୍ରାହି ତ୍ରାହି ଡାକିଲେଣି। ସାରା ସହର ଏବେ ଗନ୍ଧମୟ ହୋଇପଡ଼ିଛି। ହଜାର ହଜାର ଲୋକ ଡେଙ୍ଗୁରେ ମୃତ୍ୟୁବରଣ କରୁଛନ୍ତି। ରାଜ୍ୟ ସରକାରଙ୍କ ଜୀବନ ଦେବାର ଅଧିକାର ନାହିଁ, କିନ୍ତୁ ଜୀବନ ନେବାର ଅଧିକାର କେଉଁଠୁ ଆସିଲା ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ପ୍ରଶ୍ନ କରିଛନ୍ତି।

ଭାଜପାର ଏକ ପ୍ରତିନିଧି ଦଳ ମନମୋହନଙ୍କ ନେତୃତ୍ୱରେ ଶୁକ୍ରବାର ଗାଡ଼କଣସ୍ଥିତ କୃତ୍ରିମ ଅଳିଆ ପାହାଡ଼ ପରିଦର୍ଶନ କରିବା ସହ ସେଠାକାର ବାସ୍ତବ ସ୍ଥିତିର ଅନୁଧ୍ୟାନକରି ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସେ ଆହୁରି କହିଛନ୍ତି, ରାଜ୍ୟ ସରକାର ସାମାଜିକ ଅପରାଧ କରିଛନ୍ତି ଏବଂ ବିଧିବ୍ୟବସ୍ଥା ଅନୁଯାୟୀ ଦଣ୍ଡିତ ହେବା ଉଚିତ। ରାଜ୍ୟ ସରକାର ତୁରନ୍ତ ଏହି ଅଳିଆ ପାହାଡ଼ର ସ୍ଥାୟୀ ସମାଧାନ କରନ୍ତୁ। ରାଜ୍ୟ ସରକାର ଓଡ଼ିଶାବାସୀଙ୍କ ଜୀବନ ନେଇ ଯେଉଁ ଖେଳ ଖେଳୁଛନ୍ତି ତାହାକୁ ବନ୍ଦ କରନ୍ତୁ। ଏହାପରେ ଭାଜପା ଭୁବନେଶ୍ୱର ସାଙ୍ଗଠନିକ ଜିଲା ପକ୍ଷରୁ ଜାରି ରହିଥିବା ସତ୍ୟାଗ୍ରହ କାର୍ଯ୍ୟକ୍ରମରେ ଯୋଗଦେଇ ମନମୋହନ କହିଛନ୍ତି, ସତ୍ୟାଗ୍ରହକୁ ୪ ଦିନ ବିତିଲାଣି ତଥାପି ରାଜ୍ୟ ସରକାର ନିଦାବିଷ୍ଟ ସାଜି ବସିଛନ୍ତି। ଭୁବନେଶ୍ୱରଠାରୁ ଦେଶର ଛୋଟିଆ ସହରଗୁଡ଼ିକରେ ସୁବ୍ୟବସ୍ଥିତ ଭାବେ 'ବର୍ଜ୍ୟବସ୍ତୁ ପରିଚାଳନା' କରାଯାଇ ସହରକୁ ସଫାସୁତୁରା ପରିବେଶ ପ୍ରଦାନ କରାଯାଉଛି। ମାତ୍ର ସ୍ମାର୍ଟ ସିଟିର ଆଖ୍ୟା ପାଇଥିବା ରାଜଧାନୀ ଭୁବନେଶ୍ୱରର ମଧ୍ୟବର୍ତ୍ତୀ ଅଞ୍ଚଳରେ ଅଳିଆ ଗଦାର ପାହାଡ଼ ସୃଷ୍ଟି କରାଯାଇ ପରିବେଶକୁ ଦୂଷିତ ଓ ଗନ୍ଧମୟ କରାଯାଉଛି। ନିଆଁରେ ଗଛ ପୋଡ଼ିହେବାର ଜାଣିଥିଲି, କିନ୍ତୁ ଦୂଷିତ ଅଳିଆ ଓ ପରିବେଶ କାରଣରୁ ଗଛ ପୋଡ଼ି ହେବା ପ୍ରଥମ ଥର ପାଇଁ ଦେଖିବାକୁ ମିଳିଲା। ଆସନ୍ତା ୭୨ ଘଣ୍ଟା ଭିତରେ ରାଜ୍ୟ ସରକାର ଏ ବାବଦରେ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ ନ କଲେ ସତ୍ୟଗ୍ରହକୁ ଆହୁରି ତୀବ୍ର କରାଯିବ ବୋଲି ସେ କହିଛନ୍ତି।

### କୃତ୍ରିମ ଅଳିଆ ପାହାଡ଼ ପରିଦର୍ଶନକଲା ଭାଜପା ଟିମ୍



# ବ୍ଲକ୍ ଘେରାଉ ଭଣ୍ଡୁରକଲେ ମହୁମାଛି

- ଭାଜପାର ବ୍ଲକ ଘେରାଉ ବେଳେ ମହୁମାଛି ଆକ୍ରମଣ
- ୧୦ରୁ ଊର୍ଦ୍ଧ୍ୱ ଗୁରୁତର

**ରାଇଘର, ୧।୧୨ (କିରଣ ପଟ୍ଟନାୟକ)**



ଗୁରୁତର କର୍ମୀଙ୍କୁ ଡାକ୍ତରଖାନା ନିଆଯାଉଛି।

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହାର କିଛିସମୟ ମଧ୍ୟରେ ହଠାତ୍ ଅନେକ ମହୁମାଛି ଆସି ଉପସ୍ଥିତ ନେତା, କର୍ମୀ ଓ ସାଧାରଣ ଲୋକଙ୍କୁ କାମୁଡ଼ିଥିଲା। ଫଳରେ ସମସ୍ତେ ଛତ୍ରଭଙ୍ଗ ଦେଇଥିଲେ। କେତେଜଣ ଆହତଙ୍କୁ ଡାକ୍ତରଖାନାରେ ମଧ୍ୟ ଭର୍ତ୍ତି କରାଯାଇଛି। ମହୁମାଛି ଆକ୍ରମଣରୁ ସୁରକ୍ଷିତଭାବେ ବର୍ତ୍ତିଯାଇଥିବା କେତେଜଣ କର୍ମୀ ବିଡିଓଙ୍କୁ ଦାବିପତ୍ର ଦେଇଛନ୍ତି।

ରାଇଘର ବ୍ଲକ ଭାଜପା କର୍ମୀମାନେ ଶୁକ୍ରବାର ଅପରାହ୍ନ ୨ଟାରୁ ନୂତନ ବସ୍ ଷ୍ଟାଣ୍ଡରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ ଅଫିସରେ ପହଞ୍ଚିଥିଲେ। କର୍ମୀମାନେ ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଭ୍ରଷ୍ଟାଚାର, ଅନ୍ୟାୟ, ଅତ୍ୟାଚାର, ସରକାରୀ କାମରେ ଲାଞ୍ଚ ମାଗିବା ବିରୋଧରେ ନାରାବାଜି କରି ବ୍ଲକ ଘେରାଉ କରିଥିଲେ। ସେଠାରେ ଏକ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ରମେଶ ସାହୁ, ସନ୍ତୋଷ ମହାପାତ୍ର, ସୁଦର୍ଶନ ମାଝି, ମିହିର ଡାଳି, ଜିତୁ ଶ୍ରୀବାସ୍ତବ, ଶିବ ଗଣ୍ଡ, ଶ୍ୟାମଲାଲ କଲାର, ସୁଶାନ୍ତ ସାମନ୍ତରାୟ, କମଲ ହାଲ୍‌ଦାର, ଦିଖିଲ ମଣ୍ଡଳ, ମନୋହର ଦଣ୍ଡସେନାଙ୍କ ସମେତ ସମସ୍ତ ବରିଷ୍ଠ ଭାଜପା କର୍ମୀ ଉପସ୍ଥିତ ଥିଲେ। ଏହାର କିଛି ସମୟ ମଧ୍ୟରେ ହିଁ ହଜାର ହଜାର ମହୁମାଛି ହଠାତ୍ କେଉଁଆଡୁ ଆସି ସମସ୍ତଙ୍କୁ ଆକ୍ରମଣ କରିଥିଲେ। ଉପସ୍ଥିତ ନେତା ଓ କର୍ମୀମାନେ ସଭାରୁ ଛତ୍ର ଭଙ୍ଗ ଦେଇଥିଲେ। ଏଥିରେ ୧୦ଜଣ ଆହତ ହୋଇଛନ୍ତି। ମୁଣ୍ଡିବେଡା ପଞ୍ଚାୟତର ବିକ୍ରମ ମାଝି ଗୁରୁତର ହେବାରୁ ତାଙ୍କୁ ରାଇଘର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେହିପରି ଉମରକୋଟ ବିଧାୟକଙ୍କ ପ୍ରତିନିଧି ଶିବନାଥ ବାନାର୍ଜୀଙ୍କୁ ୧୪ଟା ମହୁମାଛି କାମୁଡ଼ି ଥିବା ସେ କହିଛନ୍ତି। ଶେଷରେ ଯେତେକି କର୍ମୀ ରହିଲେ ସେମାନେ ବିଡିଓ ଲକ୍ଷ୍ମୀ ସାଗର ମାଝିଙ୍କୁ ଭେଟି ଦାବି ଜଣାଇଥିଲେ।

# ଚାକିରି ଛାଡ଼ି ନେତା ହେବାକୁ ଆଗ୍ରହୀ

**ବାରିପଦା,୧।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି ନିର୍ବାଚନୀ ଉଷ୍ମତା ସେତେ ବଢ଼ିବାରେ ଲାଗିଛି। ଅଧିକାରୀମାନେ ଚାକିରି ଛାଡ଼ି ନେତା ହେବାକୁ ବେଶ୍ ଆଗ୍ରହ ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି। ଚାକିରିରୁ ଅବସର ନେଇ ବିଭିନ୍ନ ଦଳରେ ସାମିଲ ହୋଇ ନିଜ ନିଜ କ୍ଷେତ୍ରରେ ପ୍ରଚାର ପ୍ରସାର କରିବାରେ ଲାଗିଛନ୍ତି। ମୟୂରଭଞ୍ଜ ଜିଲାରେ ଚାକିରି କରୁଥିବା ଅଧିକାରୀଙ୍କ କ୍ଷେତ୍ରରେ ଏଭଳି ଦେଖିବାକୁ ମିଳୁଛି। ଆଗାମୀ ଦିନରେ କିଛି ଅଧିକାରୀ ଚାକିରି ଛାଡ଼ିବା ନେଇ ଚର୍ଚ୍ଚା ହେଉଛି।


୨୦୨୪ ସାଧାରଣ ନିର୍ବାଚନ ନିମନ୍ତେ ପ୍ରଶାସନିକସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଇଭିଏମର ପରିଚାଳନା, ନିର୍ବାଚନୀ ପଦକ୍ଷେପ ଓ ବ୍ୟବସ୍ଥାକୁ ନେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗାଁରୁ ସହର ପର୍ଯ୍ୟନ୍ତ ଛକ ଓ ଜନଗହଳି ସ୍ଥାନରେ ହୋର୍ଡିଂ ଓ ବ୍ୟାନରରେ ସଜେଇ ହେଲାଣି। ଲୋକଙ୍କ ନିକଟତର ହେବା ପାଇଁ ନେତାମାନେ ଭୁବନେଶ୍ୱର ଛାଡ଼ି ଗାଁରେ ଡେରା ପକାଇବା ଆରମ୍ଭ କଲେଣି। ଏଭଳି ସମୟରେ ନିଜର ଦକ୍ଷତା ପ୍ରତିପାଦନ କରିବା ପାଇଁ କିଛି ଅଧିକାରୀ ରାଜନୀତିକୁ ଆପଣାଇବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ବିଗତ ଦିନରେ ମୟୂରଭଞ୍ଜ ଜିଲା ସଦର ମହକୁମା ବାରିପଦାରେ ଥିବା ସ୍ପେଶାଲ ବ୍ରାଞ୍ଚ ଡିଏସ୍‌ପି ରାଇସେନ ମୁର୍ମୁ ଚାକିରି ଛାଡ଼ି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ସେ ଦଳରେ ଯୋଗଦେବା ପରେ ରାଇରଙ୍ଗପୁର ବିଧାନସଭା କ୍ଷେତ୍ରରୁ ଟିକଟ ପାଇ ନିର୍ବାଚନ ମଇଦାନକୁ ଓହ୍ଲାଇବେ ବୋଲି ଚର୍ଚ୍ଚା ହେଉଛି। ତେଣୁ ସେ ବିଧାନସଭା କ୍ଷେତ୍ର ବୁଲି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାଗୁଡ଼ିକର ପ୍ରଚାର ପ୍ରସାର ଆରମ୍ଭ କରିଛନ୍ତି। ଲୋକଙ୍କ ସମସ୍ୟାକୁ ସମାଧାନ କରିବା ଦିଗରେ ପଦକ୍ଷେପ ମଧ୍ୟ ଗ୍ରହଣ କରୁଛନ୍ତି। ସେହିପରି ବିଗତ ଦିନରେ ମୟୂରଭଞ୍ଜ ଜିଲାରେ କାର୍ଯ୍ୟକରି ଅନ୍ୟତ୍ର ଚାକିରି କରୁଥିବା ୮ ଓଏଏସ୍ ଅଫିସର ଚାକିରି ଛାଡ଼ିବା ଲାଗି ନିଷ୍ପତ୍ତି ନେଇଥିବା ଚର୍ଚ୍ଚା ହେଉଛି। ଚାକିରି ଛାଡ଼ିବା ପୂର୍ବରୁ ନିଜର ଆବଶ୍ୟକୀୟ କାଗଜପତ୍ର ଠିକ୍ଠାକ୍ କରିବାକୁ ପ୍ରୟାସ ଚଳାଇଥିବା ଶୁଣିବାକୁ ମିଳୁଛି।

# ବେଳାଭୂମି ସଫେଇ କଲେ ଛାତ୍ରୀ

**ବାଲେଶ୍ୱର, ୧।୧୨(ମାନସ ବିଶ୍ୱାଳ):** ବାଲେଶ୍ୱର କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟ ଏବଂ କୁନ୍ତଳା କୁମାରୀ ସାବତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ରାଜ୍ୟ ସରକାରଙ୍କ 'ନୂଆ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅଧୀନ ଚାନ୍ଦିପୁର ବେଳାଭୂମି ସଫେଇ କରାଯାଇଛି। ଏହି ଦିନିକିଆ ସେବା କାର୍ଯ୍ୟରେ ବହୁ ସଂଖ୍ୟକ ଛାତ୍ରୀ ଯୋଗଦେଇ ବେଳାଭୂମିରେ ପଡ଼ିରହିଥିବା ଅଳିଆ ଆବର୍ଜନା, ପଲିଥିନ, ପ୍ଲାଷ୍ଟିକ ବୋତଲ ଆଦି ସଫା କରିଥିଲେ।

# ଆଉ ୩ ସ୍ଥାନରେ ଆରମ୍ଭହେଲା 'ଇକୋ ରିଟ୍ରିଟ୍'

**ଭୁବନେଶ୍ୱର,୧।୧୨ (ଶର୍ମିଷ୍ଠା ପାଣିଗ୍ରାହୀ)**



ଇକୋ ରିଟ୍ରିଟ୍‌କୁ ଭର୍ଚୁଆଲରେ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଓଡିଶା ପର୍ଯ୍ୟଟନର ଶ୍ରେଷ୍ଠ ତିନୋଟି ଫ୍ଲାଗସିପ ଇଭେଣ୍ଟ ତଥା ଇକୋ ରିଟ୍ରିଟ୍‌ର ପଞ୍ଚମ ସଂସ୍କରଣକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ଏହି କ୍ରମରେ ରାଜ୍ୟର ୩ଟି ସ୍ଥାନ କୋଣାର୍କ, ଗଞ୍ଜାମର ସୋନାପୁର ଓ ଭିତରକନିକାରେ ଆରମ୍ଭ ହୋଇଛି ଇକୋ ରିଟ୍ରିଟ୍। ଏଥିସହ କୋଣାର୍କଠାରେ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ ମଧ୍ୟ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ଭର୍ଚୁଆଲରେ ଯୋଗଦେଇ କହିଛନ୍ତି, ଚଳିତବର୍ଷ ଇକୋ ରିଟ୍ରିଟ ପର୍ଯ୍ୟଟକଙ୍କ ପାଇଁ ଓଡିଶାର ପର୍ଯ୍ୟଟନ ତଥା ଆତିଥ୍ୟର ସର୍ବୋତ୍ତମ ସ୍ଥାନ ଅନୁସନ୍ଧାନ କରିବ ବୋଲି ଆଶା କରୁଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ଏମ୍‌ପି ରାଜଶ୍ରୀ ମଲ୍ଲିକ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ଏବଂ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଅଧ୍ୟକ୍ଷ ଲେନିନ ମହାନ୍ତି ଉପସ୍ଥିତ ଥିଲେ।

ପ୍ରଥମ ଦିନରୁ ହିଁ ଇକୋ ରିଟ୍ରିଟ୍ ପାଇଁ ପର୍ଯ୍ୟଟକଙ୍କ ଉତ୍ସାହ ବେଶ୍ ଅଧିକ ଦେଖିବାକୁ ମିଳିଛି। କୋଣାର୍କରେ ଜଳକ୍ରୀଡ଼ା ସହ ଅନ୍ୟାନ୍ୟ ସ୍ଥାନରେ ଆୟୋଜିତ ହେଉଥିବା ଆକ୍ଟିଭିଟିଗୁଡ଼ିକ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରୁଛି। ପ୍ରଥମ ଦିନରେ କୋଣାର୍କରେ ୩୫ରୁ ୩୫ଟି ରୁମ୍ ବୁକ୍ ହୋଇଯାଇଛି। ସେହିପରି ପର୍ଯ୍ୟଟକଙ୍କ ଭିଡ଼ ମଧ୍ୟ ଦେଖିବାକୁ ମିଳିଥିଲା। ଚଳିତ ବର୍ଷର ଇକୋ ରିଟ୍ରିଟ୍ ଏକ ସଫଳ ରୂପାୟନ ହେବ ବୋଲି ବିଭାଗ ପକ୍ଷରୁ ଆଶା ପ୍ରକାଶ ପାଇଛି। ଏହିସବୁ ସ୍ଥାନରେ ୩ମାସ ଲେଖାଏ ଇକୋ ରିଟ୍ରିଟ ଚାଲିବ। ଆବଶ୍ୟକ ହେଲେ ଏହି ସମୟକୁ ବୃଦ୍ଧି କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ନଭେମ୍ବର ୧ରୁ ହୀରାକୁଦ, ପୁଟ୍‌ସିଲ୍, ସାତକୋଶିଆ ଓ ଦାରିଙ୍ଗବାଡ଼ିଠାରେ ଇକୋ ରିଟ୍ରିଟ୍ ଆରମ୍ଭ ହୋଇଛି।


On the Occasion of Christmas Day
**SPECIAL HANDLOOM EXPO - 2023**
Neelachal Urban Haat, Puri
From : 01.12.2023 to 15.12.2023, Time : 11.00 AM to 9.00 PM
*Inauguration by*
**Smt. Rita Sahu**
Hon'ble Minister, Handlooms, Textiles & Handicrafts Govt. of Odisha
*In Presence of*
**Dr. Arabinda Kumar Padhee, IAS**
Principal Secretary to Govt., Handlooms, Textiles & Handicrafts Department
&
**Sj. Shovan Krishna Sahu, IRS**
Director of Textiles & Handloom, Odisha
on 02nd December, 2023 at 5.30 PM
Organised by :
SAMBALPURI BASTRALAYA HANDLOOM CO-OPERATIVE SOCIETY LTD.
Sponsored by :
Handlooms, Textiles & Handicrafts Department, Government of Odisha
All are Cordially invited to the Inaugural Function
Sri Hrushikesh Mahali, Managing Director
Sri Sambit Kumar Acharya, President



**झारखण्ड सरकार**
**पथ निर्माण विभाग**
**कार्यपालक अभियन्ता का कार्यालय**
**पथ निर्माण विभाग, पथ प्रमण्डल, लातेहार**

(1st Call)
ई–प्रोक्योरमेंट सूचना
ई–टेन्डर रिफरेंस संख्या– RCD/LATEHAR/1029/2023-24
दिनांक–01.12.2023

| | | |
|---|---|---|
| 1. | कार्य का नाम | बालुमाथ – मुरपा – लपरा (एम.डी. आर.– 143) पथ (कुल लम्बाई–23. 00 कि0मी0) का पुनर्निर्माण कार्य। |
| 2क. | प्राक्कलित राशि (रू0 में) | रू0 :– 97,63,75,178.00 (सनतानबे करोड़ तिरसठ लाख पचहत्तर हजार एक सौ अठहत्तर रूपये) मात्र |
| 2ख. | बिड सिक्यूरिटी – (रू0 में) | रू0–97,64,000.00 (सनतानबे लाख चौसठ हजार) मात्र |
| 3. | कार्य पूर्ण करने की अवधि | 18 (अठारह) माह |
| 4. | वेवसाईट पर निविदा प्रकाशन की तिथि | 08.12.2023 को पूर्वाह्न 10.30 बजे से |
| 5. | निविदा प्राप्ति की अंतिम तिथि एवं समय | 28.12.2023 को दोपहर 12.00 बजे तक |
| 6. | निविदा आमंत्रित करने वाले कार्यालय का नाम एवं पता | कार्यपालक अभियन्ता, पथ निर्माण विभाग, पथ प्रमडल लातेहार, पिन कोड– 829206 |
| 7. | ई–प्रोक्योरमेंट पदाधिकारी का संपर्क संख्या | 06565–247907 |
| 8. | ई–प्रोक्योरमेंट सेल का हेल्पलाईन संख्या | 0651–2403007 |

नोट : निविदा की प्राक्कलित राशि घट–बढ़ सकती है।
निविदा की अन्य जानकारी http://jharkhandtenders.gov.in पर देखी जा सकती है।
कार्यपालक अभियन्ता
PR 312434 Road(23-24).D — पथ निर्माण विभाग, पथ प्रमण्डल,लातेहार



**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, डालटनगंज**

अल्पकालीन ई–निविदा आमंत्रण सूचना संख्या –06 / 2023–24/EE/RWD/DALTONGANJ
कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज द्वारा निम्न विवरण के अनुसार e-procurement पद्धति से पैकेजों के रूप में निविदा आमंत्रित की जाती है ।
दिनांक–30.11.2023

1. कार्य का नाम :

| क्र0 | आईडेन्टी फिकेशन संख्या/ पैकेज संख्या | प्रखंड | | कार्य का नाम | प्राक्कलित राशि (लाख में) अंक में | प्राक्कलित राशि (लाख में) अक्षर में | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|---|---|
| 1 | RWD/DALTONGANJ /STPKG/10/23-24 | रामगढ़ | 1 | बी0एम0डी0सी0 माईन्स से बेड़मा बभण्डीह तक पथ का सुदृढ़ीकरण कार्य । | 1030.296 | दस करोड़ तीस लाख उन्नतीस हजार छः सौ रूपये मात्र | 09 माह | प्रथम |
| | | चैनपुर | 2 | बांसडीह मोड़ से ताली पी0एम0जी0एस0वाई0 पथ तक पथ का सुदृढ़ीकरण कार्य। | | | | |
| | | चैनपुर | 3 | पी0डब्लू0डी0 पथ से हरीनामार तक पथ का सुदृढ़ीकरण कार्य । | | | | |
| | | चैनपुर | 4 | करसो से रंका सिवाना तक पथ का सुदृढ़ीकरण कार्य। | | | | |
| | | चैनपुर | 5 | चोटहासा से जयनागरा तक पथ का सुदृढ़ीकरण कार्य। | | | | |
| 2 | RWD/DALTONGANJ /STPKG/11/23-24 | चैनपुर | 1 | चान्दो से दुबा तक पथ का सुदृढ़ीकरण कार्य। | 1085.696 | दस करोड़ पच्चासी लाख उन्हतर हजार छः सौ रूपये | 09 माह | प्रथम |
| | | चैनपुर | 2 | चान्दो से मुरू महाउत मुड़ीया तक पथ का सुदृढ़ीकरण कार्य। | | | | |
| | | चैनपुर | 3 | पी0डब्लू0डी0 रोड जगरनाथ मिश्रा इन्टर कॉलेज से कल्यानपुर होते हुए ननफुलिया तक पथ का सुदृढ़ीकरण कार्य। | | | | |
| | | चैनपुर | 4 | चान्दो से अवसाने तक पथ का सुदृढ़ीकरण कार्य। | | | | |
| | | चैनपुर | 5 | आर0ई0ओ0 रोड हरभोंगा से गरदा तक पथ का सुदृढ़ीकरण कार्य। | | | | |
| 3 | RWD/DALTONGANJ /37/SRPKG/01/22-23 | हुसैनाबाद | 1 | मलवरिय मुख्य नहर पीच रोड से काजीबिगहा शेखपुरा खरडीहा होते हुए कुडुवा रोड तक पथ का विशेष मरम्मति कार्य। | 800.02984 | आठ करोड़ दो हजार नौ सौ चौरासी रू0 मात्र | 09 माह | द्वितीय |
| | | हैदरनगर | 2 | हैदरनगर मोहम्मदगंज आर0सी0डी0 पथ भाई बिगहा (थाना ब्लॉक रेलवे स्टेषन मोड़) से खरगड़ा होते हुए कबरा कला तक पथ का विशेष मरम्मति कार्य। | | | | |
| 4 | RWD/DALTONGANJ /38/SRPKG/02/22-23 | पांकी | 1 | पांकी मेन रोड से ग्राम सुरजवन चन्द्रपुर सिवान होते हुए सकलदीपा तक पथ का विशेष मरम्मति कार्य । | 695.25477 | छः करोड़ पंचाबे लाख पच्चीस हजार चार सौ सतहतर रू0 मात्र | 09 माह | द्वितीय |
| | | निलाम्बर पिताम्बरपुर | 2 | आर0सी0डी0 डबरा मोड़ से सांगबार तक पथ का विशेष मरम्मति कार्य । | | | | |
| | | पांकी | 3 | पी0डब्लू0डी0 रोड से हुरलौंग गोगार तक पथ का विशेष मरम्मति कार्य । | | | | |

2. बेवसाईट में निविदा प्रकाशन की तिथि :– 06.12.2023
3. ई–निविदा प्राप्ति की अंतिम तिथि एवं समय :– 19.12.2023 up to 5.00 PM
4. निविदा खोलने की तिथि एवं समय 21.12.2023 पूर्वाह्न 3.30 बजे
5. निविदा आमंत्रित करने वाले पदाधिकारी का नाम एवं पता : कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज ।
6. ई–निविदा प्रकोष्ठ का दूरभाष सं0 –.06562357595
विस्तृत जानकारी के लिए वेबसाईट Jharkhandtenders.gov.in में देखा जा सकता है ।
कार्यपालक अभियंता
PR.NO.312499 District(23-24):D — ग्रामीण कार्य विभाग, कार्य प्रमंडल, डालटनगंज ।

# ହଟିନି ଅନ୍ଧାର

ଗଳ୍ପ

ଝରଣା ପଟ୍ଟନାୟକ

ସହର, ଗାଁଗଣ୍ଡାରେ କାର୍ତ୍ତିକ ଝଡ଼ି ତା'ର ରୋବ୍ ଦେଖେଇ ଚାଲିଗଲା ପରେ ଆଜିର ସକାଳଟା ସନ୍ତୁଷ୍ଟିର ବାର୍ତ୍ତା ନେଇ ଆସିଥିଲା ଫୁଲର ମୁଣ୍ଡ ନଡ଼ବଡ଼ରେ। ପ୍ରଜାପତିମାନଙ୍କର ସୂକ୍ଷ୍ମ ଉଡ଼ାଣରେ।

ଫୋନ୍ ଉଠେଇଲି କ୍ରମାଗତ ରିଙ୍ଗ୍ ଟୋନ୍‌ରେ ଅତିଷ୍ଠ ହୋଇ। ଫୋନ୍ ଧରିଲି। ମହିଳା କମିଶନ ତନୁଶ୍ରୀ ମାଡାମ୍‌ଙ୍କ ଫୋନ୍। ସେ କହିଲେ, ‘‘ବଧେଇ ତୃପ୍ତି ମାଡ଼ାମ୍। ସମାଜକୁ ଚମକେଇ ଦେଲା ପରି ରିପୋର୍ଟଟେ ପ୍ରସ୍ତୁତ କରିଛନ୍ତି ଆପଣ। ସତରେ ମହିଳାଙ୍କୁ ନେଇ କ'ଣ ନ ଲେଖୁଛନ୍ତି ଆପଣ? କୁସଂସ୍କାରର ଚୁଲିରେ ନିଜକୁ ଜାଳି ଦହଗଞ୍ଜ ହେବା ପରେ ପାଠଶିଖନ୍ତି ସେମାନେ। ଶକ୍ତି ସାଉଁଟନ୍ତି। ସମାଜକୁ ଜବାବ ଦିଅନ୍ତି। ଆପଣଙ୍କୁ ଧନ୍ୟବାଦ ଏ ସାହସିକତା ପାଇଁ। ମହିଳାମାନଙ୍କୁ ବାଟ ଦେଖାନ୍ତୁ। ସମାଜରେ ଅସୁସ୍ଥ ପବନ ଖେଳେଇ ଲୋକଙ୍କୁ ବାଟବଣା କରୁଥିବା କିଛି ଅନ୍ଧବିଶ୍ୱାସୀ କୁସଂସ୍କାରୀଙ୍କ ପାଇଁ ଆପଣଙ୍କ ଲେଖା ତାତ୍ପର୍ଯ୍ୟପୂର୍ଣ୍ଣ।

କ'ଣ ଉତ୍ତରଦେବି? ଫୋନ୍ ରଖିଲି। ଏବେ ପୁଣି ଗର୍ଜିଲା ଫୋନ୍। ଉଠେଇଲି। ଫୋନ୍ ମାଆର। କହିଲା, ‘‘ଉଠିନୁ କି? ମୁଁ ମାଆର ସ୍ୱରରେ ଉତ୍ତେଜନା ଲକ୍ଷ୍ୟକଲି। ଅସ୍ୱାଭାବିକ ମାଆର ସ୍ୱର। ଗର୍ଭଣାରେ ଗୁଣ୍ ଗୁଣ୍ ହୋଇଥିବା ଧାନକିଆରିଟା ରାତାରାତି କିଏ କାଟି ନେଇଛି ଯେମିତି। ବ୍ୟସ୍ତ ହୋଇ ଫୋନ୍ କରିଚାଲିଛି।

ମପାଚୁପା ଶବ୍ଦ ବିନିମୟ କରୁଥିବା ଲୋକର କଥାରେ ସ୍ୱରରେ ଅସ୍ୱାଭାବିକତା। ଧୈର୍ଯ୍ୟର ସହିତ ଶୁଣିବାକୁ ପଡ଼ିବ।

ମାଆର କଥାଗୁଡ଼ା ଆରୋପଜନିତ ଉତ୍ତେଜନାରେ ଗାଧୋଇ ପଡ଼ିଥିଲେ। କଥାଗୁଡ଼ା ମେଞ୍ଚାଏ ଅପଶବ୍ଦରେ ଭରିଥିଲା। ସବୁ ସୁଶ୍ରୀ ବିରୋଧରେ।

ରାଜିହେଲି ପରଦିନ ଯାଇ ସମାଧାନର ବାଟ ବାହାର କରିବା ପାଇଁ।



ମାଆର କିଛି ବାକ୍ୟ ମୋ କାନରେ ଗୁଞ୍ଜି ହୋଇ ରହି ଯାଇଥିଲା। ଏତେ ଉଦ୍ଧତ? ଏତେ ଅଭଦ୍ର ଏ ଝିଅଟା?

ବିଗତ ବର୍ଷମାନଙ୍କରେ ମାଆର ହାତରନ୍ଧା ହବିଷ ଖାଇବାକୁ ମୁଁ ସାଙ୍ଗସାଥୀ ଧରି ପହଞ୍ଚେ। ମାଆ ତା'ର ସ୍ୱାଭାବିକ ଢଙ୍ଗରେ ସେମାନଙ୍କୁ କାର୍ତ୍ତିକ ମାହାତ୍ମ୍ୟରୁ କିଛି ବଛା ବଛା କଥା ଶୁଣାଏ। ନୂଆ ପ୍ରକାର ଖାଦ୍ୟ ପରଷି ତୁଷ୍ଟ କରେ ସମସ୍ତଙ୍କୁ। ଅନ୍ୟକୁ ଖୁସି, ସନ୍ତୁଷ୍ଟିରେ ରଖିବା ମହାପୁଣ୍ୟ ବୋଲି ବଖାଣେ।

ସକାଳୁ ଟ୍ୟାକ୍ସି ଧରି ଗାଁକୁ ବାହାରିଲି। ମୋ ଗାଁ ବିଶାଳିପଦର ଗାଁ ମୁଣ୍ଡରେ ରହିଗଲା ଗାଡ଼ି। ମାଟି କାମୁଡ଼ିବା ଅବସ୍ଥାରେ ବୁଢ଼ାବରଗଛଟା। ବର୍ଷ ବର୍ଷ ଧରି ବରଗଛର ସ୍ତ୍ରୀ ଭାବରେ ତାକୁ ଜାକିକୁଣ୍ଢେଇ ପଡ଼ିଥିବା ଓସ୍ତଗଛଟି ଏବେ ବରଓହଳ ଛିଡ଼େଇ ଭୂଲୁଣ୍ଠିତ। ଅଣ୍ଟା ସଳଖେଇବା ଚେଷ୍ଟାରେ ସମସ୍ତେ।

ଦରଉଡ଼ା ଚାଳଛପର ଦୁର୍ଦ୍ଦଶା ସେଠୀ ସାହିରେ ଭୁଶୁଡ଼ିଥିବା ସରକାରଙ୍କ ପ୍ରଦତ୍ତ କିଛି କୋଠାଘର ମୋତେ ବ୍ୟସ୍ତ କଲା। ସିଧାହୋଇ ଠିଆ ହେବା ପାଇଁ ଅର୍ଥ ଆଉ ସମୟ ଦରକାର ଅତିଭାବରେ।

ଚାଲି ଚାଲି ମୋ ଅନ୍ତୁଡ଼ିଶାଳର ଚାନ୍ଦିନୀ ପାଖରେ ପହଞ୍ଚିଲି। ସୁଶ୍ରୀ ଆସି ମୋ ହାତରୁ ବ୍ୟାଗ୍‌ଟା ଧରିନେଲା। ମୋ ହାତ ପାପୁଲିରେ ରଖିଦେଲା କିଛି କଡ଼ମିଶା ଗୋଲାପ।

ଆମୋହିତ ହେଲା। ଜାକି ପକେଇଲା ସେ ମୋତେ। ମୁଣ୍ଡିଆ ମାରିଲା। ଓଦା କରିଦେଲା ମଧ୍ୟ ଲୁହରେ ମୋ ପାଦ।

ମାଆ ଫୋନ୍ ମାଧ୍ୟମରେ ସୁଶ୍ରୀ ବିରୋଧରେ କହି ଥିବା କଥା କେଇପଦ ମୋତେ ଅସ୍ୱାଭାବିକ ଜଣାଗଲା।

ମାଆ ମୋ ହାତ ଟାଣି ନେଇ କହିଲା, କେମିତି ଭାଉଜଟା ମ? ଖାଇବା କଥା ନ ବୁଝି ଗେଲ ହଉଛି।

ସୁଶ୍ରୀ ମୋ ହାତ ଛାଡୁ ନ ଥିଲା। କ'ଣ କରିବି ମୁଁ ବୁଝି ପାରୁ ନ ଥିଲି।

‘‘ତୃପ୍ତି ଆ’ ଖାଇବୁ’’ କହି ମା ମୋ ହାତକୁ ଝିଙ୍କି ନେଲା। ରନ୍ଧା ହୋଇଛି ହବିଷ୍ୟାନ୍ନ। ବିଧବା ଓ ବୟସ୍କ ସ୍ତ୍ରୀ ଲୋକଙ୍କର ବ୍ରତଉପୟେ। ନିତିଦିନର ଜୀବନଚର୍ଯ୍ୟା ସହିତ ଖାଦ୍ୟ ବି ଅଲଗା।

ମୁଁ କହିଲି, ‘‘ମାଆ ତୋର ମନେ ଅଛି ନା ସ୍କୁଲରୁ ଫେରି ଆମେ ଭାଇଭଉଣୀ ଟିକି ଜେଜେମାନଙ୍କର ଭୋଗପତ୍ର ସହିତ ବଢ଼ା ହୋଇଥିବା କାବ୍‌ତା କାବ୍‌ତି ପତ୍ର ଖାଇବା ପାଇଁ କଜିଆ ହେଉ?’’

ସବୁ ମନେ ଅଛି। ଶାଶୁମାନେ ଭୋଜନ ନ କଲା ଯାଏଁ ଆମେ ମଧ୍ୟ ଖାଇ ନ ଥାଉ। ଶାଶୁଙ୍କ ପତ୍ରର ବଳକା ହବିଷ ପାଇସାରିବା ପରେ ଯାଆମାନେ ଘରର ରନ୍ଧା ଖାଦ୍ୟ ଖାଉ। କାର୍ତ୍ତିକ ପୂଣ୍ୟ ମାସ। ହବିଷ୍ୟାଳିଙ୍କର ନୀତିନିୟମ ପାଳନ ସତରେ ସ୍ତ୍ରୀ ଲୋକଙ୍କ ପାଇଁ ଆଦର୍ଶ ସଂହିତା।

ସୁଶ୍ରୀ ରନ୍ଧାଘର ଦୁଆରେ ବସିଥିଲା। ମାଆ କହିଲା, କିଲୋ ଚୁପୁସିମୁହିଁ? ଖାଉନୁ କାହିଁକି?

ମାଆର ସ୍ଥାନ, କାଳ, ପାତ୍ରର ଖିଆଲ ନ ଥିଲା ବୋଧେ। କହିଲା, ଏ ଖଣ୍ଡକ କମ୍ କି? ମୋତେ ଅବଜ୍ଞା। ମୋ ପୁଅକୁ ଅବଜ୍ଞା। ଦିନକୁ ଦିନ ତା'ର ଅସଲି ଗୁଣ ପଦାକୁ ଆସିଲାଣି। ‘ଓଃ ହୋ! ଏ କାଳୀମୁହିଁ ପୁଅ ଫେରିବା ଯାଏଁ ଏଠି ରହିବ? ଆଦୌ ନୁହେଁ। ଯେତେଦିନ ରହିବ କଳା ବୋଲି ଚାଲିବ ମୋ ମୁହଁରେ।’

ପରିବେଶ ଅଣମଚାଣ ହେଉଥିଲା ମାଆ ମୁହଁରୁ ଖସୁଥିବା ଝିଂଗାସିଆ ଶବ୍ଦରେ। ମୁଁ କିଛି ବି ବୁଝି ପାରୁ ନ ଥିଲି।

ମାଆ ମୁହଁରେ ହାତଦେଲି। ମୋ ହାତକୁ ଠେଲି ଦେଇ କହିଲା,‘‘ଆହୁରି ମୁହଁ ବଢ଼ଉଛୁ ତା'ର। ଭାରି ବହପ ସେ ଖଣ୍ଡକର। କହିଲା, ଗୋବରଗୋଡ଼ୀ ବୁଢ଼ୀହାଡ଼ୀଙ୍କର ମୁଁ କାଇଁ ଗୋଡ଼ଧୋଇବି? ଖାଡ଼ା ପହରା ଦେଇ ପାଣି ବାଲ୍‌ଟି ଧରି ଠିଆ ହେବି ଠାକୁର ମନ୍ଦିର ଦୁଆରେ? ମୋର ପୁଣ୍ୟ ଦରକାର ନାଇଁ କି ବ୍ରତପାଳି ପୁଣ୍ୟ ଅର୍ଜନ କରୁଥିବା ସ୍ତ୍ରୀ ଲୋକଙ୍କ ଗୋଡ଼ ଧୋଇବା ଦରକାର ନାଇଁ!

ସମସ୍ତେ ମୋତେ ଆବାକାବା ହୋଇ ଚାହିଁ ରହିଲେ ଲୋଝିଅ। ଆତ୍ମହତ୍ୟା କରିଦବା ପରି ଘଟଣାଟେ ଘଟିଗଲା ସେଦିନ। ଛି ଛାକର କଥାରେ ମୁହଁ ପୋଡ଼ିଗଲା ମୋର। ଆଉ ପାହାନ୍ତି ଦର୍ଶନ କରିବାକୁ ଗଲିନାହିଁ ଠାକୁର ମନ୍ଦିରକୁ।

ଅସମ୍ଭାଳ ହେଉଥିଲା ପରିସ୍ଥିତି। ସୁଶ୍ରୀର କୋଳଖାଲି ତା' ବାହାଘରର ପାଞ୍ଚବର୍ଷ ପରେ। ମାଆର ଉଦ୍ଦେଶ୍ୟ ହୁଏତ ବୋହୂ ପାଇଁ ଆଶୀର୍ବାଦ ସାଉଁଟିବା। ମାଆ ଏବେ ବି ଅନ୍ଧାରରେ।

କାହାକୁ କିଛି କହିଲିନି। କୁସଂସ୍କାର ଆମ ରକ୍ତରେ ରହିଛି। ତାକୁ ହଟେଇବା ପାଇଁ ସଂସ୍କାର ଆଣିବାର ପ୍ରୟାସ କେବଳ ପୋଥି ବାଇଗଣ ଛଡ଼ା ଅନ୍ୟ କିଛି ନୁହେଁ।

ମୋ: ୯୪୩୭୫୪୪୦୪୫

---

କବିତା

## ରୂପଜିବା

ଶୁଭଶ୍ରୀ ଶୁଭସ୍ମିତା ମିଶ୍ର

ଯଦି ତୁମେ ମୋତେ ପଚାର,
ସେ ଅନ୍ଧାର ଘରର କଥା
ଯେଉଁ ଅନ୍ଧାର ଜାଣେ ମୋ ସମସ୍ତ ପାପର ଠିକଣା
ତେବେ ବିଶ୍ୱାସ କରନ୍ତୁ,

ମୁଁ ଆପଣମାନଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଅକ୍ଷମ!

ମୁଁ କେବେ ଆଉ କୋଉଠି
ପ୍ରଥମ ଥର ଉଲଗ୍ନ ହେଲି
ତାର ଏକ ନିର୍ଦ୍ଦିଷ୍ଟ ତାରିଖ ମୋର ମନେନାହିଁ
କିନ୍ତୁ ଅସନ୍ତୁଳିତ ଏକ ନିରନ୍ତର
ଫେରିଯିବାର କାହାଣୀ
ସେଇ ଦିନ ଶେଷ ହେଇଗଲା
ଯେଉଁ ଦିନ ମୋ ଅଗଣାର ମାଟିରେ
ଗଢ଼ାହେଲା ଦୁର୍ଗା!

ମୁଁ ଦୁର୍ଗାଙ୍କୁ ମୋ ଆଲୋକତକ ଦେଇଦେଲି
ମୁଁ ତାଙ୍କୁ ଦେଲି ମୋର ଆତ୍ମସମୀକ୍ଷାର ଅଧିକାର
ମୁଁ ମୋର ସ୍ୱାଭିମାନ ଆଉ ଲଜ୍ଜା ତାଙ୍କୁ ଦେଇଦେଇ
ନିଃସ୍ୱ ହେଇଗଲି।

ଦିଗମ୍ବରୀ ଦେବୀର ଦେହକୁ ମୁଁ ମୋ
ଚର୍ମରେ କଲି ଆବୃତ
ମୋ' ଦେହ ଏଥର ନୀଳାମ୍ବରୀ

ମୁଁ ହେଲି ପ୍ରଶସ୍ତ ଆଉ ସଂକୋଚବିହୀନ
ତୁମେ ପଚାରିପାର;
କେମିତି ମୁଁ ପ୍ରତି ରାତିରେ ବିକ୍ରି କରିଦିଏ ନିଜକୁ?

ମୁଁ ନିଜଠୁ ବାହାରି ସାରିଥାଏ
ନିଜକୁ ନିଜ ଭିତରୁ କାଢ଼ି ଥୋଇଦେଇଥାଏ
ପ୍ରତିଟି ଦିନ ସଂଧ୍ୟାର ଆଗରୁ।

ମୋ' ଅସହାୟତାର କଥା ଜମା ବଖାଣି ବି ନାହିଁ
କହିବି ନାହିଁ ଯେ?
ସେ କୋଉ ଅମାହେନ୍ଦ୍ର ବେଳା ଯେଉଁଦିନ
ଏ ଯୁଗର ପ୍ରଥମ ବସ୍ତ୍ରହରଣ ଘଟିଥିଲା!

ମୋର ଆପଣମାନଙ୍କୁ ଉତ୍ତର ଦେବାକୁ
ଏତେ ଟିକେ ଆଗ୍ରହ ନାହିଁ।

ବରଂ ମୁଁ ତୁମ କୋଳାହଳକୁ ପଛକରି
ଫେରୁଛି ମୋ' ଘରକୁ
ଏ ଦେହର ଶାଢ଼ିକୁ
ମୋର ଆହୁରି ସଜାଡ଼ିବାର ଅଛି!

ମୋ: ୯୮୬୧୭୮୮୯୯୯

## ଫୁଲବାଣୀ: ଶୀତ

କିଶୋର ମିଶ୍ର

ଶୀତର ଓଠରୁ ଚୁମ୍ବନର ଦାଗ ଲିଭିନାହିଁ।
ରାତି ଚାରିପଟେ ଘେରାଇ ରଖିଛି କୁହୁଡ଼ି
କେଉଁ ଅନାମିକାର ହସ
ପ୍ରପାତ ପରି ଲମ୍ଫମାରେ ଶାଳବଣ ଭିତରୁ
ଓ ନିରବତା ଭାଙ୍ଗେ।
ଧାନ କ୍ଷେତ ଧାରେଧାରେ ବେଣୀ ଛାଟିଛାଟି
ଯା'ଆସ କରେ ସକାଳର ପହିଲି କିରଣ
ଫୁଲବାଣୀ।

ତୁମେ ସେମିତି ପ୍ରଗଲ୍‌ଭା ଥାଅ
ପ୍ରଥମ ବର୍ଷର କଲେଜ ଛାତ୍ରୀ ପରି
ମୋ ଛାତିର କ୍ୟାମ୍ପସ୍‌ରେ।

ସଲପ ରସର ଉଛକିତ ଫେଣରୁ
ଧାଙ୍ଗଡ଼ୀ ଗୀତ ଶୁଭେ
ବଗିଚା ସାରା ସେବତୀ, ଜିନିଆଁ
ଓ ଯେତେସବୁ ରଙ୍ଗିନ ଫୁଲ
ଆଖିକୁ ଅନ୍ଧ କରୁଥାଏ ଉପତ୍ୟକାରେ।

ଆମର ସବୁ ଦୁଷ୍ଟାମି ଓ ଚପଳତା
ସାଲୁଙ୍କିର ଧାର ସହ ବହିଯାଉଛି
ପାହାଡ଼ର କଡ଼େ କଡ଼େ।
ଏ ଶୀତରେ
ତୁମେ କେଉଁଠି ଅଛ ରଶ୍ମିରେଖା?

ଡିସେମ୍ବରରେ ଆସିବାକୁ କହିଥିଲ
ଗଲ ଯେ ଗଲ
ଏ ଯାଏଁ ଘାସରୁ ବି ଚିହ୍ନ ଲିଭିନାହିଁ
ତୁମ ଅଳତାବୋଳା ପାଦର
କେତେ ଶୀତ ଗଲାଣି ମନେନାହିଁ।

ମୋ: ୯୪୩୭୩୨୭୫୦୨

## ଚାରିଟି ଏକପଦୀ

ସୁଦର୍ଶନ ମହାପାତ୍ର

(ଦୁଃଖ)
ଯେବେଠୁ ତୋ' ସାଥେ ପରିଚୟ ମୋର
ଭୁଲି ମୁଁ ଯାଇଛି ପ୍ରୀତି
ତୋ' ଆଖି କଟାକ୍ଷେ ଘାଇଲା ମୋ'
ମନ
ଛାତିରେ ବୈଶାଖୀ ତାତି।

(ସ୍ୱପ୍ନ)
ସଞ୍ଜ ଗଭାରେ ତୁ ଲାଜୁଆ ତାରାଟେ
ଜଳୁଥାଉ ରାତିସାରା
ସିନ୍ଦୂରା ଫାଟିଲେ ଖୋଜିଲେ ମୁଁ ତୋତେ
ଦେଉନା କେବେ ତୁ ଧରା।

(ଭାଗ୍ୟ)
ଜାଣିକି ଅଜଣା ହେଉଚୁ କେମିତି
ଡାଲୁରୁ ନିଆଁରେ ଘିଅ
ଛାତିରେ କେମିତି ପଥର ଲଦି ତୁ
ମୋତେ ଦେଖଉଚୁ ମୁହଁ।


(ଜୀବନ)
କେବେ ତୁ ହସୁଚୁ କେବେ ତୁ କାନ୍ଦୁଚୁ
ତେଜ କେବେ ଅବସନ୍ନ
ଚାହୁଁ ଚାହୁଁ ଆସି ବେଳବୁଡ଼ିଲାଣି
ବୁଝିହେଲାନି ତୋ' ମନ।

ମୋ: ୯୪୩୮୧୭୫୫୪୨

---

ପୁସ୍ତକ ପରିଚୟ


## ଚର୍ଯ୍ୟାଗୀତିକା ଓ ସାରଳା ସାହିତ୍ୟର ଭାଷା



**ଲେଖକ :** ପ୍ର. ପ୍ରେମାନନ୍ଦ ମହାପାତ୍ର
**ପ୍ରକାଶକ :** ଏଥେନା ବୁକ୍ସ, ଭୁବନେଶ୍ୱର-୨
**ପ୍ରଥମ ପ୍ରକାଶ :** ୨୦୨୩, **ମୂଲ୍ୟ:** ଟ. ୫୫୬/-

ଚର୍ଯ୍ୟାଗୀତିକା ଓ ସାରଳା ଦାସଙ୍କ ସାହିତ୍ୟର ଭାଷା ସମ୍ପର୍କରେ ଆଲୋଚ୍ୟ ପୁସ୍ତକଟି ଏକ ଅନୁଧ୍ୟାନାତ୍ମକ ସମାଲୋଚନାଗ୍ରନ୍ଥ। ଗ୍ରନ୍ଥରେ ମୋଟ ପାଞ୍ଚଟି ଅଧ୍ୟାୟ ରହିଛି। ପ୍ରଥମ ଅଧ୍ୟାୟରେ ଲେଖକ ଚର୍ଯ୍ୟାଗୀତିକାର ସଂଗ୍ରହ ଓ ସମ୍ପାଦନାର ଇତିହାସ, ଦ୍ୱିତୀୟରେ ଚର୍ଯ୍ୟାଗୀତିକାର ଭାଷାନୁଶୀଳନ, ତୃତୀୟରେ ସାରଳା ମହାଭାରତ ଓ ସାରଳା ଦାସଙ୍କ ପରିଚିତି ପ୍ରଦାନ, ଚତୁର୍ଥରେ ସାରଳା ମହାଭାରତର ଭାଷା ଓ ପଞ୍ଚମ ଅଧ୍ୟାୟରେ ଚଣ୍ଡୀପୁରାଣ, ବିଲଙ୍କା ରାମାୟଣ ଓ ଲକ୍ଷ୍ମୀନାରାୟଣ ବଚନିକାର ଭାଷାଚର୍ଚ୍ଚା କରିଛନ୍ତି। ଆଲୋଚନା କାଳରେ ପ୍ରେମାନନ୍ଦ ବିଭିନ୍ନ ଲେଖକଙ୍କ ମତାମତ ଉଦ୍ଧାର କରି ବହିଟିକୁ ତଥ୍ୟନିଷ୍ଠ କରିବାର ଉଦ୍ୟମ କରିଛନ୍ତି, ହେଲେ ଏଥିରେ ଲେଖକଙ୍କର ନିଜସ୍ୱ ମତ ଯେଭଳି ଦୃଢ଼ ଭାବେ ଗଢ଼ିଉଠିବା କଥା ସେପରି ହୋଇ ନାହିଁ। ତା'ଛଡ଼ା ଗ୍ରନ୍ଥଟି ୪୦୦ରୁ ଊର୍ଦ୍ଧ୍ୱ ପୃଷ୍ଠା ବିଶିଷ୍ଟ ହୋଇଥିଲେ ବି ଉଦ୍ଧୃତି ପରିବେଷଣରେ ବହୁ ପୃଷ୍ଠା ବ୍ୟୟିତ ହୋଇଛି। ସାରଳା ମହାଭାରତର ଶବ୍ଦ ଗଣିବାରେ କେବଳ ଦେଢ଼ଶହ ପୃଷ୍ଠାର ଉପଯୋଗ କରାଯାଇଛି। ତେବେ ଓଡ଼ିଆ ପାଠକେ ଓ ସମାଲୋଚକେ ବହିଟି ପଢ଼ି ପୂରାପୂରି ନିରାଶ ହେବେ ନାହିଁ।

## ବିଜ୍ଞାନୀଙ୍କ ରସିକତା



**ଲେଖକ :** ଡା. ନିତ୍ୟାନନ୍ଦ ସ୍ୱାଇଁ
**ପ୍ରକାଶକ :** ଫ୍ରେଣ୍ଡ୍‌ସ ପବ୍ଲିଶର୍ସ, ବିନୋଦବିହାରୀ, କଟକ-2
**ପ୍ରଥମ ପ୍ରକାଶ :** ୨୦୨୩, **ମୂଲ୍ୟ:** ଟ.୨୦୦/-

ମୋଟ ୪୦ଟି ବିଷୟ ରହିଛି ବହିଟିରେ। ପ୍ରଚ୍ଛଦଲେଖରେ ଲେଖକ ଲେଖିଛନ୍ତି: ‘‘ଜନସାଧାରଣଙ୍କର ଧାରଣା ଯେ ବୈଜ୍ଞାନିକମାନେ ବଡ଼ ଗମ୍ଭୀର ଏବଂ ଅସାମାଜିକ। x x ବିଜ୍ଞାନରେ ବ୍ୟଙ୍ଗର ସ୍ଥାନ ନାହିଁ ଏବଂ ବିଜ୍ଞାନୀମାନେ ମଉଜିଆ ନୁହନ୍ତି ବୋଲି ଧରିନେବା ଠିକ୍ ନୁହେଁ। ନିଜେ ଆଇନ୍‌ଷ୍ଟାଇନ ବି କହିଛନ୍ତି- ‘‘ବିଜ୍ଞାନ କେବଳ ଆବିଷ୍କାର-ଉଦ୍ଭାବନରେ ସୀମାବଦ୍ଧ ନୁହେଁ, ବିଜ୍ଞାନ ଦୁନିଆରେ ମଧ୍ୟ ରହିଛି ଥଟ୍ଟାମଜା ଏବଂ ରଙ୍ଗରସ।’’ ବିଜ୍ଞାନରେ ହାସ୍ୟବ୍ୟଙ୍ଗର ଯେଉଁ ପ୍ରଚୁର ନମୁନାମାନ ରହିଛି, ତାହା ଦର୍ଶାଇବାକୁ ଲେଖକ ବିଭିନ୍ନ ବୈଜ୍ଞାନିକଙ୍କ ଜୀବନୀ ଅନୁଧ୍ୟାନ କରିଛନ୍ତି ଓ ସେସବୁକୁ ସଂଗ୍ରହ କରି ସରଳ ଭାଷାରେ ପାଠିକାପାଠକଙ୍କ ସମକ୍ଷରେ ଅଜାଡ଼ି ଦେଇଛନ୍ତି। ‘ବିଜ୍ଞାନୀ ସମାଜରେ ହସକୌତୁକ’ ଶୀର୍ଷକ ଲେଖାରେ ସେ ଭୂ-ରସାୟନବିତ୍ ମୋରିଜ୍ ଗୋଲ୍‌ଡ ସ୍ମିଟ୍, ପଦାର୍ଥ ବିଜ୍ଞାନୀ ଭନ୍ କାର୍‌ମ୍ୟାନ୍ ଓ ଆଇନ୍‌ଷ୍ଟାଇନଙ୍କ ଜୀବନୀରୁ ଉଦାହରଣ ଆଣି ଥୋଇଛନ୍ତି। ଆଇନ୍‌ଷ୍ଟାଇନଙ୍କ ପତ୍ନୀ ଏଲ୍‌ସା ଥରେ ଆଇନ୍‌ଷ୍ଟାଇନଙ୍କ ଆଗରେ ଅଭିଯୋଗ ବାଢ଼ି କହିଲେ ଯେ, ଲୋକେ ତାଙ୍କୁ ତାଙ୍କ ସ୍ୱାମୀଙ୍କ କାମ ବିଷୟରେ ପଚାରୁଛନ୍ତି। କିନ୍ତୁ ସେ ସେବିଷୟରେ କିଛି ଜାଣି ନ ଥିବାରୁ ସ୍ୱାମୀଙ୍କୁ କହିଲେ ଯେ, ତମେ ତମ କାମ ବିଷୟରେ ମୋତେ କୁହ! ଆଇନ୍‌ଷ୍ଟାଇନ ହସିହସି କହିଲେ- ତୁମକୁ କେହି ପଚାରିଲେ ତମେ କହିଦେବ ଯେ ‘ମୁଁ ମୋ’ ସ୍ୱାମୀଙ୍କ କାମ ବିଷୟରେ ଟିକିନିଖି ଜାଣିଛି, କିନ୍ତୁ ଗୋପନୀୟତା ରକ୍ଷା ପାଇଁ ମୁଁ ପାଟି ଖୋଲୁ ନାହିଁ।’ ‘ହସ ପରିହାସ କରିବାର ଚଳଣି ଆରମ୍ଭ ହେଲା କେବେ?’ ଶୀର୍ଷକ ଲେଖାରେ ଲେଖକ ନୀତ୍‌ସେଙ୍କର ଏକ ଚମତ୍କାର ଉକ୍ତି ଉଦ୍ଧାର କରିଛନ୍ତି। ସେଇଟି ହେଲା- ନୀତ୍‌ସେ କହିଥିଲେ- ‘‘ଏ ସଂସାରରେ ମଣିଷର ଦୁଃଖ ଯନ୍ତ୍ରଣା ଏତେ ଦୁଃସହ ଯେ ହସ ଉଦ୍ଭାବନ ନ କରି ତା'ର ଚାରା ନ ଥିଲା।’’ ଏହିପରି ବହିଟିସାରା ରସିକତା- ଯାହା ସଂସ୍ପର୍ଶରେ ଆସିଲେ ପାଠକେ ଜ୍ଞାନାର୍ଜନ ସହିତ ଆମୋଦିତ ହେବାର ଅବକାଶ ପାଇବେ।

---

କାଳକାଳକୁ

**‘‘ବିପଦ ମୁଣ୍ଡେଇ ନ ଥିବା ଶିଳ୍ପୀ କେବେ ବଡ଼ ଧରଣର କଳା ସୃଷ୍ଟି କରିପାରେନା।’’**
**-ରାଇନର୍ ମାରିଆ ରିଲ୍‌କେ**



**ରାଇନର୍ ମାରିଆ ରିଲ୍‌କେଙ୍କ** ଜନ୍ମ ୪ ଡିସେମ୍ବର ୧୮୭୫ରେ, ଅଷ୍ଟ୍ରିଆର ପ୍ରାଗ୍‌ରେ ଓ ପରଲୋକ ୨୯ ଡିସେମ୍ବର ୧୯୨୬ରେ ସୁଇଜରଲାଣ୍ଡର ମଣ୍ଟ୍ରୁକ୍ସରେ। ଏହି ବିଶ୍ୱବିଖ୍ୟାତ ଅଷ୍ଟ୍ରୀୟ କବି ଓ ଔପନ୍ୟାସିକ ଜର୍ମାନ ଏବଂ ଫରାସୀ ଭାଷାରେ ଲେଖନ୍ତି, ଯାହାଙ୍କ ଲେଖାର ମର୍ମସ୍ଥଳରେ ଉହ୍ୟ ଥାଏ ରହସ୍ୟର ଅନ୍ତଃସ୍ୱର। ରିଲ୍‌କେ ଥିଲେ ସାହିତ୍ୟରେ ଆଧୁନିକତାର ପ୍ରମୁଖ ବାର୍ତ୍ତାବହ। ତାଙ୍କର ଦୁଇଟି ପ୍ରଖ୍ୟାତ କବିତା ପୁସ୍ତକ ହେଉଛି- ‘Duino Elegies’ ଓ ‘Sonnets to Orpheus.’ ମୃତ୍ୟୁ ପରେ ପ୍ରକାଶିତ ଦଶଟି ମୂଲ୍ୟବାନ୍ ଚିଠିର ସଂକଳନ ‘Letters to a young poet.’ ମାରିଆ କହନ୍ତି- ‘‘ଜୀବନର ଅଭିପ୍ରାୟ ହେଉଛି ବୃହତ୍ତର ଘଟଣାମାନଙ୍କଠାରୁ ହାରିଯିବା।’’

---

# ମା’ଙ୍କ ଗୁଆର ରାଣ

ବିଶେଷ ଗଳ୍ପ

ଜଟିଦାନନ୍ଦ ଦାସ

କଟକ ସହରରୁ ଅଶୀ କିଲୋମିଟର ଦୂରରେ ଅବସ୍ଥିତ ମୁକୁନ୍ଦପୁର ଗାଁ। ଗାଁ ପରିବେଶ ଖୁବ୍ ମନୋହର। ଗାଁ ଶେଷମୁଣ୍ଡରେ ବ୍ରାହ୍ମଣୀ ନଦୀର ଶାଖା କାଣୀ ନଈ ବହିଯାଉଛି। ଆର ପଟେ ଆମ୍ବଗଛ ତୋଟାର ଛାଇ ଖରାଦିନେ ପଥିକକୁ ବେଶ୍ ଆରାମ ଯୋଗାଏ। ଫଗୁଣ ମାସରେ ଆମ୍ବ ବଉଳର ବାସନା ପରିବେଶକୁ ଆହୁରି ଆକର୍ଷକ କରିଦିଏ। ଗାଁ ମଝିରେ ମହାଜନ ଯୋଗେଶ ବାବୁଙ୍କର ତିନିମହଲା ଘର, ଖୁବ୍ ରଙ୍ଗବେରଙ୍ଗରେ ସଜ୍ଜା ହୋଇଛି ଘରଟିଏ। ଘର ଚାରିପଟେ ନଡ଼ିଆ ଗଛ, ଗୁଆ ଗଛ ଭର୍ତ୍ତି ହୋଇଛି। ଦୁଇ ଏକର ଜାଗାର ବିରାଟ ପାଚେରି, ସାମ୍ନାରେ ଗୋଟିଏ ପିତଳର ଗେଟ୍, ଗାଁକୁ ଯେ କେହି ଆସିଲେ ଯୋଗେଶବାବୁଙ୍କ ଘରଟି ସହରୀ ମଡେଲର ବୋଲି ଜଣାପଡ଼ିଯାଏ। ଶୀତଦିନେ ନଈପଠା ଓ ବିଲବାଡ଼ିରେ ଭରପୂର ଫସଲର ଆକର୍ଷଣ ଅତୀବ ଆନନ୍ଦଦାୟକ ଏବଂ ଏକ କୃଷିସମୃଦ୍ଧ ଗ୍ରାମ ବୋଲି ଜଣାପଡ଼େ। ବର୍ଷାଦିନେ ଓ ଶୀତଦିନେ କେଉଟ ଭାଇର ନଦୀରେ ମାଛଧରା ଦୃଶ୍ୟ ଓ ହଳିଆଭାଇର ନଦୀକୂଳ, ବିଲପଠାରେ ହଳ ବୁଲେଇବା ଦୃଶ୍ୟ ଆହୁରି ମନୋହର କରିଦିଏ। ସରପଞ୍ଚ ରବିବାବୁଙ୍କ ସହାୟତାରେ ଗ୍ରାମକୁ ପକ୍କାରାସ୍ତା ହୋଇଯାଇଛି। ରାତି ପାହିଲାବେଳକୁ କୋଇଲିର କୁହୁତାନ, ଘରଚଟିଆର ଚୁଚୁ ଶବ୍ଦ ଏବଂ କାକ ରାବ ସକାଳୁ ମଣିଷଙ୍କୁ ଭୋର ଉଠିବାର ପ୍ରୟାସ ଦେଇଥାଏ। ଗ୍ରାମରେ ଥିବା ଉଚ୍ଚ ବିଦ୍ୟାଳୟରେ ମାଳୀ ତା'ର ଫୁଲଗଛକୁ ପାଣିଦେବା ଏବଂ ଗଛମୂଳକୁ ମାଟି ଦେବାରେ ବ୍ୟସ୍ତତା ଇତ୍ୟାଦି ବାଟୋଇଙ୍କୁ ଖୁବ୍ ଆନନ୍ଦିତ କରିଥାଏ। କୁନି କୁନି ପିଲାଙ୍କର ସଚ୍ଚି ରାଉତରାୟଙ୍କ ପ୍ରିୟ ପଂକ୍ତି, ‘‘ଛୋଟ ମୋର ଗାଁ ଟି, ଭୂଗୋଳ ପୋଥି ପତରେ ପଛେ ନ ଥାଉ ତା'ର ନାଁଟି, ଛୋଟ ମୋର ଗାଁ ଟି’’ ମନରେ ଭରିଦିଏ ଅତ୍ୟନ୍ତ ଆନନ୍ଦ ଓ ଉତ୍ସାହ।

ନଈ ଏମୁଣ୍ଡ ଶେଷଆଡ଼କୁ ଚାରୁମା'ର ଘର। ବିଚରା ଚାରୁମା' ସ୍ୱାମୀକୁ ୩୦ ବର୍ଷ ବୟସରୁ ହରେଇଛି। ସ୍ୱାମୀ ଶ୍ୟାମସୁନ୍ଦର ଅନ୍ୟାୟ ବିରୋଧରେ ଲଢ଼ି ମହାଜନ ଆତତାୟୀ ଗୁଳିରେ ହତ୍ୟାର ଶିକୁଳିରେ ମୃତ୍ୟୁବରଣ କରିଥିଲା। ଚାରୁମା'ର ଉତ୍ତରାଧିକାରୀ କହିଲେ ଏକମାତ୍ର ପୁତ୍ର ରାକେଶ। ପିତାଙ୍କ ଦେହାନ୍ତ ବେଳକୁ ରାକେଶକୁ ମାତ୍ର ପାଞ୍ଚ ବର୍ଷ। ଚାରୁମା' ବିଚରା ଗାଁସାରା କାମଧନ୍ଦା କରି ନିଜ ପରିବାର ଚଳାଏ। ଏବେ ପୁଅଟି ହାଇସ୍କୁଲରେ ପଢ଼ିଲାଣି। ଚାରୁମା' ମହାଜନ ଘରେ ପାଇଟି କରି କିଛି ରୋଜଗାର କରି ପିଲାଙ୍କୁ ଏତେ ପର୍ଯ୍ୟନ୍ତ ଆଣିଲାଣି। ଯାହାହେଉ ପୁଅ ରାକେଶ ହାଇସ୍କୁଲ ଫାଇନାଲ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଗଲା। ମା'ର ଆନନ୍ଦ କହିଲେ ନ ସରେ। କଟକ ରେଭେନ୍ସା କଲେଜରେ ବିଜ୍ଞାନରେ ନାମ ଲେଖାଇବା ପାଇଁ ରାକେଶ ମନସ୍ଥ କଲା। ମା' ମଧ୍ୟ ରାଜି ହୋଇଗଲା। କଟକ ଯିବା ପାଇଁ ସବୁ ସଜବାଜ ହେବାରେ ଲାଗିଲା। ବିଚାରି ଚାରୁମା' ତାରିଣୀ ଠାକୁରାଣୀଙ୍କର ଜଣେ ଅନନ୍ୟ ଭକ୍ତ। ମା'ଙ୍କର ପୂଜା ଉପାସନାରେ ସଦାବେଳେ ଲାଗି ରହିଥାଏ। ଯିବା ଆଗରୁ ପୁଅର ମଙ୍ଗଳ କାମନା କରି ମା' ପାଖରେ କଳସ ବସେଇ ଦୁଇଟି ଗୁଆ ପୂଜା କଲା। ନନାଙ୍କୁ କହି ଖୁଆ, ଲଡ୍ଡୁ ଭୋଗ କରି ଗାଁ ଲୋକଙ୍କୁ ବାଣ୍ଟିଲା। ପୁଅ ରାକେଶକୁ ମଧ୍ୟ ଲଡ୍ଡୁଟିଏ ଖୁଆଇ ଦେଲା। ତା'ପରେ ଗୋଟିଏ ସଂକଳ୍ପ ଗୁଆ ଆଣି ପୁଅର ଆଟାଚିରେ ସାଇତି ରଖିବା ପାଇଁ କହିଲା। ଚାରୁମା' ପୁଅକୁ ଗୁଆର ରାଣ ଦେଇ କହିଲା, ‘‘ଦୁଷ୍ଟ ହବୁନି, ମନ ଦେଇ ପାଠ ପଢ଼ିବୁ, ସମସ୍ତଙ୍କୁ ଭଲ ବ୍ୟବହାର କରିବୁ। ବେଶୀ ସାଙ୍ଗମାନଙ୍କ ସହ ମିଶିବୁନି ଇତ୍ୟାଦି।’’ ଏସବୁ ଶୁଣି ରାକେଶ ମା'ର ପାଦ ଛୁଇଁ ପ୍ରଣାମ କଲା ଏବଂ କଟକ ଅଭିମୁଖେ ବାହାରି ପଡ଼ିଲା। ମୁକୁନ୍ଦପୁରରୁ କଟକ ଟ୍ରେନରେ ୨ ଘଣ୍ଟା ଲାଗେ। ରାକେଶ ସକାଳ ୭ଟାରେ ବାହାରି ୯ଟାରେ କଟକରେ ପହଞ୍ଚିଗଲା। ସଙ୍ଗେ ସଙ୍ଗେ ହଷ୍ଟେଲରେ ପହଞ୍ଚି ଜିନିଷପତ୍ର ରଖିଦେଇ କଲେଜ ବାହାରି ପଡ଼ିଲା, ମନ ଦେଇ ପାଠ ପଢ଼ିଲା।



ମା' କହିବା ଅନୁସାରେ ସାଙ୍ଗ ସାଥିରେ ବେଶୀ ବୁଲିଲାନି। ଶେଷରେ +୨ ବିଜ୍ଞାନ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲା ଏବଂ ପରବର୍ତ୍ତୀ ସମୟରେ ଡାକ୍ତରୀ ପଢ଼ିବା ପାଇଁ ମନ ବଳାଇଲା। ମା' ତା'ର ମହାଜନ ଘରେ କାମ କରି କିଛି ଧାର ଆଣି ପୁଅକୁ ଡାକ୍ତରୀ ପାଠ୍ୟକ୍ରମରେ ଆଡ୍‌ମିଶନ କରାଇଲା। ଡାକ୍ତରୀ କୋର୍ସଟା ପୁଅର ପାସ୍ କରେଇବା ପାଇଁ ବହୁତ ମେହନତ କରିବାକୁ ପଡ଼ିଲା ଚାରୁମା'କୁ। କିଛିଦିନ ପରେ ରାକେଶ ଡାକ୍ତର ହୋଇଗଲା। ଇତିମଧ୍ୟରେ ତା'ର ଜଣେ ସ୍ନେହା ନାମ୍ନୀ ଝିଅ ସଙ୍ଗେ ବନ୍ଧୁତା ଓ ପ୍ରେମ ସମ୍ପର୍କ ଗଢ଼ି ଉଠିଲା। ଶେଷରେ ମା'ଙ୍କୁ ନ ପଚାରି ନ କହି ତାକୁ ବିବାହ କରିନେଲା। ଦୁହେଁ କଟକ ମେଡିକାଲରେ ନିଯୁକ୍ତି ପାଇ ଚାକିରି ଜୀବନ ଆରମ୍ଭ କଲେ।

ୟାଡ଼େ ଗାଁରେ ଚାରୁମା' ଖଟି ଖଟି ତା'ର ଅବସ୍ଥା ଖରାପ ଆଡ଼କୁ ଗତିକଲା। ଜ୍ୱର, କାଶ, ଅଣ୍ଡା ହୋଇ ଦେହ ଭୀଷଣ ଖରାପ ହୋଇଗଲା। ଗାଁରେ ପାଖ ପଡ଼ୋଶୀ ସନିଆ ଭାଇ ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖାଇ ଔଷଧ କିଛି ଆଣିଦେଲା, ମାତ୍ର ତାହାଦ୍ୱାରା ଦେହ ଭଲ ହେଲା ନାହିଁ।

ଇତିମଧ୍ୟରେ ରାକେଶ ନୂଆ ସ୍ତ୍ରୀକୁ ପାଇ ମା' କଥା ଭୁଲିଗଲା। ରାକେଶ ସ୍ତ୍ରୀ ସଙ୍ଗେ ମଉଜ ମଜଲିସ୍‌ରେ ଦିନ କାଟିବାକୁ ଲାଗିଲା। ଏଣେ ସନିଆ ଭାଇ ଚାରୁମା' ଦେହ ବେଶୀ ଖରାପ ହେବାରୁ ତାକୁ କଟକ ନେଇ ସାଙ୍ଗରେ ଆସିଲା। କଟକ ବଡ଼ ମେଡିକାଲରେ ନାଁ ପଚାରି ବହୁକଷ୍ଟରେ ବସାରେ ଦୁଇଜଣଯାକ ପହଞ୍ଚିଲେ। ଘରେ ରାକେଶ ନ ଥିଲା। ଚାରୁମା' କାଶି କାଶି ବେଦମ ହୋଇ ବାରଣ୍ଡାରେ ଶୋଇ ପଡ଼ିଲା। ରାକେଶ ଆସି ଘରେ ପହଞ୍ଚି ମା' ବାରଣ୍ଡାରେ ଶୋଇଥିବାର ଦେଖି ଅତ୍ୟନ୍ତ ବିବ୍ରତ ହୋଇ ପଡ଼ିଲା। ରାକେଶର ଆଖିରୁ ଲୁହ ଝରି ଆସିଲା। ସ୍ତ୍ରୀ ସ୍ନେହା ସେପଟେ ନିରବ ହୋଇ ଠିଆ ହୋଇଥାଏ। ଚାରୁମା' ଦେହରେ କିଛି ନ ଥିଲା। ଥିଲା କାନିରେ ବନ୍ଧା ହୋଇଥିବା ଆଉ ଗୋଟିଏ ସଂକଳ୍ପ ଗୁଆ, ଯାହାକୁ ରାକେଶ ମୁଣ୍ଡରେ ଛୁଇଁ ରାଣ ଦେଇଥିଲା ସତ୍‌ମାର୍ଗରେ ଯିବା ପାଇଁ, ମାତ୍ର ସେତେବେଳକୁ ଆଉ କିଛି ନ ଥିଲା। ନିରବରେ ଚିରନିଦ୍ରାରେ ଶୋଇ ରହିଥିଲା ଚାରୁମା'। ଦୁଇଧାର ଅଶ୍ରୁ ବୋହି ଆସୁଥିଲା ତା' ଚକ୍ଷୁରୁ। ରାକେଶ ଇତସ୍ତତଃ ହୋଇ କାନ୍ଦି ଅଧୈର୍ଯ୍ୟ ହୋଇଗଲା। ସଙ୍ଗେ ସଙ୍ଗେ ଯାଇ ଠାକୁର ଘରେ ପିଢ଼ାରେ ରଖା ହୋଇଥିବା ମା'ଙ୍କ ସଂକଳ୍ପ ଗୁଆଟିକୁ ଧରି ଦେଖୁଥାଏ ଏବଂ ମୁଣ୍ଡରେ ମାରି ମାରି କାନ୍ଦୁଥାଏ।

ମୋ: ୯୯୩୮୧୮୧୩୨୦

# ପୁଣି ଯୁଦ୍ଧ: ଗାଜାରେ ଶତାଧିକ ନିହତ

ଗାଜା ସିଟି/ତେଲ୍ ଆଭିଭ୍,୧।୧୨

ସପ୍ତାହେ ଧରି ଚାଲିଥିବା ସନ୍ଧି ଶେଷ ହେବା ପରେ ଶୁକ୍ରବାର ଗାଜା ଷ୍ଟ୍ରିପ୍‌ରେ ହମାସ୍ ସହ ଇସ୍ରାଏଲର ଯୁଦ୍ଧ ପୁଣି ଆରମ୍ଭ ହୋଇଛି। ଇସ୍ରାଏଲର ରକେଟ ମାଡ଼ରେ ଶତାଧିକ ପାଲେଷ୍ଟିନୀୟ ନିହତ ହୋଇଛନ୍ତି। ଯୁଦ୍ଧ ପ୍ରଭାବିତ ଏହି ଭୂଖଣ୍ଡକୁ କଳାଧୂଆଁ ଆଚ୍ଛାଦିତ କରିଥିବାବେଳେ ଆକାଶମାର୍ଗରୁ ଫାଇଟର ଜେଟ୍‌ରୁ ଇସ୍ରାଏଲ ଲିଫ୍‌ଲେଟ୍ ଛାଡୁଛି, ଯହିଁରେ ଉଲ୍ଲେଖ କରାଯାଇଛି 'ଗାଜା ସିଟି ଓ ଦକ୍ଷିଣ ଭାଗକୁ ତୁରନ୍ତ ଖାଲି କର।' ଇସ୍ରାଏଲରେ ମଧ୍ୟ ଆତଙ୍କବାଦୀଙ୍କ ସମ୍ଭାବ୍ୟ ଆକ୍ରମଣ ପାଇଁ ପ୍ରସ୍ତୁତ ହେବାକୁ ସତର୍କତା ଲାଗି ସାଇରନ୍ ଗର୍ଜୁଛି। ସନ୍ଧି ଅବଧି ମଧ୍ୟରେ ହମାସ୍ ଶତାଧିକ ପଣବନ୍ଦୀଙ୍କୁ ଛାଡ଼ିଦେଇଥିବାବେଳେ ଏବେ ବି ସେମାନଙ୍କ କବଳରେ ୧୪୦ ଜଣ ରହିଛନ୍ତି। ସେମାନଙ୍କୁ ମୁକ୍ତକରି ଆଣିବା ପାଇଁ ଇସ୍ରାଏଲ ରାଷ୍ଟ୍ରପତି ଇସାକ୍ ହେର୍ଜୋଗ୍ ଦୁବାଇରେ ଚାଲିଥିବା କପ୍୨୮ ସମ୍ମିଳନୀ ଅବସରରେ


ଇସ୍ରାଏଲ ଆକ୍ରମଣରେ ଆହତ ଜଣେ ଶିଶୁକୁ ଧରି ଦୁଇ ପାଲେଷ୍ଟିନୀୟ ଧାଉଁଛନ୍ତି।

## ୧୪୦ ପଣବନ୍ଦୀଙ୍କ ମୁକ୍ତି ପାଇଁ ମୋଦିଙ୍କ ସହଯୋଗ ଲୋଡ଼ିଲା ଇସ୍ରାଏଲ

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହଯୋଗ ଲୋଡ଼ିଛନ୍ତି।

ଇଜିପ୍ଟ ସହିତ ମଧ୍ୟସ୍ଥ ଭୂମିକା ନେଇଥିବା କାତାର କହିଛି, ଅସ୍ତ୍ରବିରତି ପୁନଃ ଆରମ୍ଭ ପାଇଁ ଆଲୋଚନା ଉଦ୍ୟମ ଚାଲିଛି। ଏହାର ଦିନକ ପୂର୍ବରୁ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଇସ୍ରାଏଲୀ ଅଧିକାରୀମାନଙ୍କୁ ସାକ୍ଷାତ କରିଥିଲେ। ହମାସ୍‌କୁ ସମୂଳେ ବିନାଶ କରିବାବେଳେ ପାଲେଷ୍ଟିନୀୟ ନାଗରିକମାନଙ୍କ ସୁରକ୍ଷା ଦିଗରେ ଯତ୍ନଶୀଳ ହେବାକୁ ସେ ପରାମର୍ଶ ଦେଇଥିଲେ। ଶୁକ୍ରବାର କପ୍୨୮ରେ ଯୋଗଦେବା ପାଇଁ ଦୁବାଇ ଗସ୍ତ କରିଥିବା ବ୍ଲିଙ୍କେନ୍ ଆରବର ବହିର୍ବ୍ୟାପାର ମନ୍ତ୍ରୀମାନଙ୍କ ସହ ଏହି ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଅକ୍ଟୋବର ୭ରେ ହମାସ୍‌ର ଆକ୍ରମଣର ଜବାବ ଦେବାକୁ ଯାଇ ଇସ୍ରାଏଲର ପ୍ରତିଆକ୍ରମଣ ଯୋଗୁ ୨.୩ ନିୟୁତ ଜନସଂଖ୍ୟା ବିଶିଷ୍ଟ ଗାଜାରୁ ଅଧିକାଂଶ ଲୋକ ଗଣପଳାୟନ କଲେଣି। ଫଳରେ ସେଠାରେ ମାନବୀୟ ସଙ୍କଟ ଉପୁଜିଛି। ଲକ୍ଷ୍ୟ ହାସଲ ପର୍ଯ୍ୟନ୍ତ ଯୁଦ୍ଧ ଚାଲିବ ବୋଲି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଅଫିସ୍ କହିଛି। ଦିନକରେ ୧୦୯ ପାଲେଷ୍ଟିନୀୟ ନିହତ ହୋଇଥିବା ହମାସ୍ ନିୟନ୍ତ୍ରିତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଦେଇଛି।

# ଶିକ୍ଷକଙ୍କୁ ଅପହରଣ କରି ନିଜ ଝିଅ ସହ ବିବାହ କରାଇଲେ

ପାଟନା,୧।୧୨



ନିକଟରେ ଗୌତମ କୁମାର ବିହାର ଲୋକ ସେବା ଆୟୋଗ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ବୁଧବାର ୩-୪ ଜଣ ବ୍ୟକ୍ତି ତାଙ୍କ ସ୍କୁଲରେ ପହଞ୍ଚି ଗୌତମଙ୍କୁ ଅପହରଣ କରି ନେଇଥିଲେ। ସେମାନେ ଏହାର ୨୪ ଘଣ୍ଟା ଭିତରେ ବନ୍ଧୁକ ଦେଖାଇ ଜଣେ ଅପହର୍ତ୍ତାଙ୍କ ଝିଅ ସହ ତାଙ୍କୁ ବିବାହ କରାଇଛନ୍ତି। ବିହାରର 'ପକଡ୍‌ୱା ବିବାହ' ଇତିହାସରେ ଏହା ହେଉଛି ସଦ୍ୟ ଘଟଣା।

ପୋଲିସ ସୂଚନାନୁସାରେ ବୈଶାଳୀ ଜିଲାର ପଟେପୁରସ୍ଥିତ ରେପୁରା ଉତ୍କ୍ରମିତ ମଧ୍ୟ ବିଦ୍ୟାଳୟରେ ନବନିଯୁକ୍ତ ଶିକ୍ଷକ ଗୌତମ ପାଠ ପଢ଼ାନ୍ତି। ବୁଧବାର ରାତିରେ ତାଙ୍କୁ ଅପହରଣ କରାଯାଇଥିଲା। ଏହାର ପ୍ରତିବାଦରେ ଗାଁ ଲୋକେ ରାସ୍ତା ଅବରୋଧ କରିଥିଲେ। ପୋଲିସ ନିଖୋଜ ଶିକ୍ଷକଙ୍କୁ ଠାବ କରିବା ପାଇଁ ତଲାସି ଆରମ୍ଭ କରିଥିଲା। ଅପହରଣ ପାଇଁ ପରିବାର ଲୋକେ ରାଜେଶ ରାଏ ନାମକ ଜଣେ ବ୍ୟକ୍ତିଙ୍କୁ ଦାୟୀ କରିଛନ୍ତି। ରାଜେଶଙ୍କ ଝିଅ ଚାନ୍ଦନୀଙ୍କ ସହ ଗୌମତଙ୍କୁ ଜବରଦସ୍ତ ବିବାହ କରାଯାଇଥିବା ସେମାନେ ଅଭିଯୋଗ ଆଣିଛନ୍ତି।

# ଅଧିକାରୀଙ୍କୁ ବହିଷ୍କାରକଲା ପାରାଗୁଏ

ଅସୁନସିଓନ୍,୧।୧୨

## ମହଙ୍ଗା ପଡ଼ିଲା ନିତ୍ୟାନନ୍ଦଙ୍କ କୈଳାସା ସହ ଚୁକ୍ତି



ଭଣ୍ଡ ବାବା ନିତ୍ୟାନନ୍ଦଙ୍କ କାଳ୍ପନିକ ସାମ୍ରାଜ୍ୟ କୈଳାସା ସହ ଏକ ସହଯୋଗ ଚୁକ୍ତିରେ ସ୍ୱାକ୍ଷର କରିବା ଅଭିଯୋଗରେ ପାରାଗୁଏ ନିଜର ଜଣେ ବରିଷ୍ଠ ଅଧିକାରୀଙ୍କୁ ବହିଷ୍କାର କରିଛି। ଅର୍ନାଲ୍ଡୋ ଚାମୋରୋ ପାରାଗୁଏ କୃଷିମନ୍ତ୍ରୀଙ୍କ ଚିଫ୍ ଅଫ୍ ଷ୍ଟାଫ୍ ଭାବେ କାର୍ଯ୍ୟ କରୁଥିଲେ। 'ୟୁନାଇଟେଡ୍ ଷ୍ଟେଟ୍ସ ଅଫ୍ କୈଳାସା'ର ଜଣେ ତଥାକଥିତ ଅଧିକାରୀ ତାଙ୍କ ନିକଟରେ ଏହାକୁ ଏକ ଦକ୍ଷିଣ ଆମେରିକୀୟ ଦ୍ୱୀପ ରାଷ୍ଟ୍ର ଦର୍ଶାଇ ଅନେକ ପ୍ରକଳ୍ପ ସମ୍ପର୍କରେ ଉପସ୍ଥାପନ କରିଥିଲେ। ଏଥିସହ ପାରାଗୁଏର କୂଟନୈତିକ ସହଯୋଗ ଲୋଡ଼ିଥିଲେ। ଅର୍ନାଲ୍ଡୋ ସେମାନଙ୍କ କଥା ଶୁଣିବା ପରେ ଉକ୍ତ ଦସ୍ତାବିଜରେ ସ୍ୱାକ୍ଷର କରିଥିଲେ। ଦସ୍ତାବିଜରେ ନିତ୍ୟାନନ୍ଦଙ୍କୁ ସାର୍ବଭୌମ କୈଳାସାର ସମ୍ମାନନୀୟ ରାଷ୍ଟ୍ରମୁଖ୍ୟ 'ନିତ୍ୟାନନ୍ଦ ପରମଶିବମ୍' ଦର୍ଶାଯାଇଛି। ଏଥିସହ ହିନ୍ଦୁଧର୍ମ, ମାନବଜାତି ଓ ପାରାଗୁଏ ସାଧାରଣତନ୍ତ୍ର ପ୍ରତି ତାଙ୍କ ଅବଦାନକୁ ପ୍ରଶଂସା କରାଯାଇଛି। ତାଙ୍କୁ ଗତ ବୁଧବାର ଚାକିରିରୁ ବହିଷ୍କାର କରାଯାଇଛି। କୈଳାସାର ନକଲି ଅଫିସରମାନେ କୃଷିମନ୍ତ୍ରୀ କାର୍ଲୋସ୍ ଗିମେନେଜ୍‌ଙ୍କୁ ମଧ୍ୟ ଭେଟିଥିବା ଅର୍ନାଲ୍ଡୋ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ନିତ୍ୟାନନ୍ଦ ହେଉଛନ୍ତି ଭାରତର ଜଣେ ବିବାଦୀୟ ନାଗରିକ। ଏହି ଆତ୍ମଘୋଷିତ ଧର୍ମଗୁରୁଙ୍କ ବିରୋଧରେ ନିଜ ଶିଷ୍ୟାମାନଙ୍କୁ ଅପହରଣ ଓ ବଳାତ୍କାର ଭଳି ସଙ୍ଗିନ ଅଭିଯୋଗ ରହିଛି। ୨୦୧୯ରେ ଭାରତରୁ ପଳାୟନ ପରେ ସେ କୈଳାସା ନାମରେ ଏକ ଦେଶ ପ୍ରତିଷ୍ଠା କରିଛନ୍ତି, ଯାହାର କୌଣସି ଅସ୍ତିତ୍ୱ ନାହିଁ।

# ୪୮ ସ୍କୁଲକୁ ଏକସଙ୍ଗେ ଉଡ଼ାଇବାକୁ ଧମକ

ବେଙ୍ଗାଲୁରୁ,୧।୧୨

## ଇ-ମେଲ୍ ମିଳିବା ପରେ ବେଙ୍ଗାଲୁରୁରେ ଆତଙ୍କ


ବେଙ୍ଗାଲୁରୁର ୪୮ଟି ଘରୋଇ ସ୍କୁଲକୁ ଶୁକ୍ରବାର ସକାଳେ ଏକସଙ୍ଗେ ବିସ୍ଫୋରଣରେ ଉଡ଼ାଇଦେବା ନେଇ ଧମକ ମିଳିବା ପରେ ଆତଙ୍କ ସୃଷ୍ଟି ହୋଇଛି। ଇ-ମେଲ୍ ଯୋଗେ ବୋମା ଧମକ ମିଳିବା ପରେ ସ୍କୁଲ କର୍ତ୍ତୃପକ୍ଷମାନେ ପୋଲିସକୁ ସୂଚନା ଦେଇଛନ୍ତି। ସମ୍ପୃକ୍ତ ସ୍କୁଲଗୁଡ଼ିକରୁ ଛାତ୍ରୀଛାତ୍ର ଓ ଷ୍ଟାଫ୍‌ଙ୍କୁ ବାହାରିଯିବାକୁ କୁହାଯାଇଥିଲା। ଏଥିସହ ବୋମା ନିଷ୍କ୍ରିୟକାରୀ ଦଳ ତଲାସି କରିଥିଲେ।

ଏନେଇ ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି, ଗୋଟିଏ ଇ-ମେଲ୍ ଆଇଡିରୁ ଏହି ଧମକ ଯାଇଥିଲା। ତେବେ ତଲାସି ଅଭିଯାନ ବେଳେ କୌଣସି ବିଦ୍ୟାଳୟ ପରିସରରୁ ବୋମା କିମ୍ବା ସନ୍ଦିଗ୍ଧ ସାମଗ୍ରୀ ମିଳିନାହିଁ। ଆତଙ୍କିତ କରିବା ପାଇଁ ଏହା ଏକ ଗୁଜବ। ଆମେ ମାମଲା ରୁଜୁ କରି ତଦନ୍ତ ଚଳାଇଛୁ। ଅନ୍ୟପକ୍ଷେ ବେଙ୍ଗାଲୁରୁ ପୋଲିସ କମିଶନର କହିଛନ୍ତି, ଏହା ପ୍ରଥମ ଧମକ ନୁହେଁ। ପୂର୍ବରୁ ମଧ୍ୟ ଅନେକ ଥର ଏଭଳି ଚିଠି ଓ ଇ-ମେଲ୍ ଆସିଥିଲା। ଲୋକେ ଚିନ୍ତିତ ହେବା ଅନୁଚିତ। କର୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ପୋଲିସକୁ ଗମ୍ଭୀରତାର ସହ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସ୍କୁଲ ଓ ମନ୍ଦିରଗୁଡ଼ିକର ସୁରକ୍ଷା କଡ଼ାକଡ଼ି କରିବାକୁ ମଧ୍ୟ କହିଛନ୍ତି।

# ରାଷ୍ଟ୍ରପତିଙ୍କ ପାଖକୁ ପୁନଃ ଗୃହୀତ ବିଲ୍ ପଠାଇପାରିବେନି ରାଜ୍ୟପାଳ

ନୂଆଦିଲ୍ଲୀ,୧।୧୨(ପି.ଟି.)

## ଅଚଳାବସ୍ଥା ଦୂର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ବୈଠକ କରନ୍ତୁ ତାମିଲନାଡୁ ରାଜ୍ୟପାଳ: ସୁପ୍ରିମକୋର୍ଟ


ଆର୍.ଏନ୍. ରବି


ଏମ୍.କେ. ଷ୍ଟାଲିନ୍

ଜଣେ ରାଜ୍ୟପାଳ ରାଜ୍ୟ ବିଧାନସଭାରେ ପୁନଃ ଗୃହୀତ ବିଲ୍‌କୁ ରାଷ୍ଟ୍ରପତିଙ୍କ ନିକଟକୁ ଅନୁମୋଦନ ପାଇଁ ପଠାଇପାରିବେ ନାହିଁ ବୋଲି ଶୁକ୍ରବାର ସୁପ୍ରିମକୋର୍ଟ ରାୟ ଦେଇଛନ୍ତି। ଏଥିସହ ୧୦ ବିଧେୟକଙ୍କୁ ନେଇ ରହିଥିବା ଅଚଳାବସ୍ଥା ଦୂର ଲାଗି ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବିଙ୍କୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ସହ ବୈଠକ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଅନେକ ପ୍ରସଙ୍ଗରେ ରାଜ୍ୟପାଳ ରବି ଓ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍‌ଙ୍କ ମଧ୍ୟରେ ମତଭେଦ ରହିଛି। ତେଣୁ ରାଜ୍ୟପାଳ ଏହି ଅଚଳାବସ୍ଥା ଦୂର କରିବା ଆବଶ୍ୟକ। ସେ ମୁଖ୍ୟମନ୍ତ୍ରୀଙ୍କୁ ଆମନ୍ତ୍ରଣ କରି ଏକାଠି ବସନ୍ତୁ। ଦୁହେଁ ଆଲୋଚନା ମାଧ୍ୟମରେ ସମାଧାନ କରନ୍ତୁ ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଜେ.ବି. ପରଦିୱାଲ ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ନିକଟରେ ବିଧାନସଭାରେ ପୁନଃ ପାରିତ ୧୦ ବିଲ୍‌କୁ ରାଜ୍ୟପାଳ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟକୁ ପଠାଇଦେଇଥିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଙ୍ଘ୍‌ଭି ସୁପ୍ରିମକୋର୍ଟଙ୍କୁ ଅବଗତ କରାଇବା ପରେ ଖଣ୍ଡପୀଠ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଡିସେମ୍ବର ୧୧ରେ ଏହାର ପରବର୍ତ୍ତୀ ଶୁଣାଣି ହେବ।

## ଫୁରସତ୍

# ବିଶ୍ୱକୁ ପ୍ରଦୂଷଣ ଚିନ୍ତା

## ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ



ମଣିଷ ବଞ୍ଚି ରହିବା ପାଇଁ ପ୍ରଦୂଷଣ ମୁକ୍ତ ପରିବେଶ ଅପରିହାର୍ଯ୍ୟ। ସେହିପରି ପ୍ରଦୂଷଣ ମୁକ୍ତ ପରିବେଶ ଲାଗି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସମଗ୍ର ବିଶ୍ୱ ପାଇଁ ଏକ ଚିନ୍ତାର ବିଷୟ ପାଲଟିଛି ପ୍ରଦୂଷଣ । ଏହା ବାୟୁ ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ, ଜଳ ପ୍ରଦୂଷଣ,କିମ୍ବା ଖାଦ୍ୟ ପ୍ରଦୂଷଣ ବି ହୋଇପାରେ । ଯାହାଦ୍ୱାରା ଆମର ଦୈନନ୍ଦିନ ଜୀବନ ପ୍ରଭାବିତ ହୋଇଥାଏ । ଭିନ୍ନ ଭିନ୍ନ କାରଣ ପାଇଁ ପ୍ରଦୂଷଣ ବ୍ୟାପିଥାଏ। ପ୍ରଦୂଷଣର ପ୍ରଭାବ ସମଗ୍ର ବିଶ୍ୱ ଉପରେ ଅନୁଭୂତ ହେଉଛି। ଏହାର ବିଭିନ୍ନ ପ୍ରତିକୂଳ ପ୍ରଭାବ ମଧ୍ୟ ଧୀରେ ଧୀରେ ସାମ୍ନାକୁ ଆସୁଛି । ଏ ବିଷୟରେ ଜନ ମାନସକୁ ସଚେତନ କରିବା ପାଇଁ ପ୍ରତିବର୍ଷ ୨ ଡିସେମ୍ବରକୁ ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ ଭାବରେ ପାଳନ କରାଯାଇ ଥାଏ ।

ଏହି ଦିନ ପାଳନ କରିବାର ଉଦ୍ଦେଶ୍ୟ ହେଉଛି ପ୍ରଦୂଷଣରୁ ମୁକ୍ତି ପାଇବା ଏବଂ ଲୋକଙ୍କୁ ଏହା ବିଷୟରେ ଅବଗତ କରାଇବା । ଯାହା ଦ୍ୱାରା ପ୍ରକୃତିକୁ ଏଥିରୁ ରକ୍ଷା କରାଯାଇପାରିବ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁସାରେ ପ୍ରଦୂଷଣ ପ୍ରଭାବରେ ପ୍ରତିବର୍ଷ ୭ ନିୟୁତ ଲୋକଙ୍କ ଅକାଳ ମୃତ୍ୟୁ ଘଟୁଛି। ଏଥିରୁ ଅନୁମାନ କରାଯାଇ ପାରେ ପ୍ରଦୂଷଣର ପ୍ରଭାବ ମଣିଷର ସ୍ୱାସ୍ଥ୍ୟ ଉପରେ କେତେ ମାତ୍ରାରେ ପଡୁଛି ।

୧୯୮୪ରେ ଭୟଙ୍କର ଭୋପାଳ ଗ୍ୟାସ ଟ୍ରାଜେଡିରେ ପୀଡିତ ତଥା ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ସ୍ମୃତିରେ ପ୍ରତିବର୍ଷ ଡିସେମ୍ବର ୨ରେ ଏହି ଦିବସ ପାଳିତ ହୋଇଥାଏ। ୧୯୮୪ ଡିସେମ୍ବର ୨ ରାତିରେ ଭୋପାଳର ୟୁନିଅନ କାର୍ବାଇଡ ରାସାୟନିକ କାରଖାନାରୁ ମିଥାଇଲ ଆଇସୋସିଆନେଟ ଏବଂ ଅନ୍ୟ ବିଷାକ୍ତ ଗ୍ୟାସ ନିର୍ଗତ ହୋଇଥିଲା। ପାଞ୍ଚ ଲକ୍ଷରୁ ଅଧିକ ଲୋକ ବିଷାକ୍ତ ଗ୍ୟାସର ସଂସ୍ପର୍ଶରେ ଆସିଥିଲେ ଏବଂ ପରବର୍ତ୍ତୀ ଦିନରେ ଅତି କମରେ ୪,୦୦୦ ଲୋକଙ୍କର ମୃତ୍ୟୁ ଘଟିଥିଲା। ପରବର୍ତ୍ତୀ ବର୍ଷଗୁଡିକରେ ଗ୍ୟାସ ଲିକର ପ୍ରଭାବ ଯୋଗୁ ବହୁ ଲୋକଙ୍କ ମୃତ୍ୟୁ ଘଟିଥିଲା। ବଞ୍ଚିଥିବା ଲୋକଙ୍କଠାରେ କର୍କଟ ଏବଂ ଜନ୍ମଗତ ବିଭିନ୍ନ ସମସ୍ୟା ସହିତ ରୋଗପ୍ରତିରୋଧକ ଶକ୍ତି ହ୍ରାସ ପାଇବା ସମସ୍ୟା ସୃଷ୍ଟି ହୋଇଥିଲା। ବାୟୁ ପ୍ରଦୂଷଣ ଯୋଗୁ ଭାରତରେ ଷ୍ଟ୍ରୋକ, ହୃଦଘାତ, ମଧୁମେହ, ଫୁସଫୁସ କର୍କଟ, କ୍ରନିକ ଫୁସଫୁସ ସମସ୍ୟା ସୃଷ୍ଟି ହୋଇଥାଏ। ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ ପାଳନ ଅବସରରେ ବାୟୁ, ଜଳ ଏବଂ ମୃତ୍ତିକା ପ୍ରଦୂଷଣ ଦ୍ୱାରା ମାନବ ଜୀବନ ଉପରେ କିଭଳି ପ୍ରଭାବ ଅନୁଭୂତ ହେଉଛି ସେ ନେଇ ସଚେତନତା ସୃଷ୍ଟି କରାଯାଇଥାଏ।

# ଛୁଟି କାଟୁଛନ୍ତି ଦୀପିକା


ଦୀପିକା ପାଦୁକୋନ

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ଦୀପିକା ପାଦୁକୋନଙ୍କୁ ଗୁରୁବାର ଲଣ୍ଡନରେ ସ୍ପଟ କରାଯାଇଥିଲା। ସେଠାରେ ସେ ଛୁଟି କାଟୁଥିବା କୁହାଯାଉଛି। ଅଭିନେତ୍ରୀ ନିଜ ସାଙ୍ଗମାନଙ୍କ ସହିତ ଭ୍ୟାକେଶନ ଏନଜୟ କରୁଥିବା ବେଳର ଫଟୋ ସାମ୍ନାକୁ ଆସିଛି। ଲଣ୍ଡନରେ ଥିବାବେଳେ ସେ ତାଙ୍କର ସର୍ବୋତ୍ତମ ବନ୍ଧୁମାନଙ୍କୁ ଭେଟି ସେମାନଙ୍କ ସହ ସମୟ ବିତାଇଥିଲେ। ତାଙ୍କ ବନ୍ଧୁ ସ୍ନେହା ଏବଂ ଦିବ୍ୟା ନାରାୟଣଙ୍କ ସହ ଲଣ୍ଡନର ଏକ ଭଲ ଡାଇନିଂ ରେଷ୍ଟୁରାଣ୍ଟକୁ ଯାଇଥିବାରୁ ସେ ବହୁତ ଖୁସି ଥିବା ନଜର ଆସିଛନ୍ତି। ଫାଇଟର୍ ଅଭିନେତ୍ରୀ କିଛି ଘଣ୍ଟା ପୂର୍ବରୁ ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ସୁନ୍ଦର ଫଟୋ ଶେୟାର କରିଥିଲେ। ପ୍ରଥମ ଫଟୋରେ ଦୀପିକା ଲଣ୍ଡନ ରାସ୍ତାରେ ନିଜ ସାଙ୍ଗମାନଙ୍କ ସହ ସେଲଫି ପାଇଁ ପୋଜ କରୁଥିବାବେଳେ ତାଙ୍କ ମିଲିୟନ ଡଲାରର ହସକୁ ଚମକାଉଛନ୍ତି। ପରବର୍ତ୍ତୀ ଫଟୋରେ ସେ ରେଷ୍ଟୁରାଣ୍ଟ ବାହାରେ ସାଙ୍ଗମାନଙ୍କ ସହ ପୋଜ ଦେଉଥିବା ନଜର ଆସିଛନ୍ତି। ଅଭିନେତ୍ରୀ ବ୍ୟାଗୀ ଜିନ୍ସ ଏବଂ ଏକ ଲମ୍ବା ବ୍ରାଉନ କୋଟ ସହିତ ଧଳା ରଙ୍ଗର ହୁଡି ପିନ୍ଧିଥିଲେ। ସେ ନିଜ କେଶକୁ ବାନ୍ଧି ରଖିଥିଲେ। କ୍ୟାପଶନରେ ଇମୋଜି ଏବଂ ତାଙ୍କ ସାଙ୍ଗମାନଙ୍କୁ ଟ୍ୟାଗ କରିଥିଲେ।

# ଇତିହାସ ରଚିଲା 'ଆନିମଲ'

ମୁମ୍ବାଇ


ରଣବୀର କପୁର

ବଲିଉଡ ଷ୍ଟାର ରଣବୀର କପୁର ଆଜିକାଲି ତାଙ୍କ ଚଳଚ୍ଚିତ୍ର ଆନିମଲ ପାଇଁ ଚର୍ଚ୍ଚାରେ ରହିଛନ୍ତି। ଚଳଚ୍ଚିତ୍ରଟି ଶୁକ୍ରବାର ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି। ଏହି ଚଳଚ୍ଚିତ୍ର କେବଳ ଭାରତରେ ନୁହେଁ ସମଗ୍ର ବିଶ୍ୱରେ ରାଜ କରୁଛି। ଆନିମଲ ଅଫିସିଆଲ ଏକ୍ସ (ପୂର୍ବରୁ ଟୁଇଟର)ରେ ଶେୟାର କରିଛି ଯେ ଉତ୍ତର ଆମେରିକାରେ ଆନିମଲ ଏକ ମିଲିୟନ ଡଲାର ମାର୍କ ଅତିକ୍ରମ କରିଛି। ଏକ ମିଲିୟନ ଡଲାର ମାର୍କ ସହିତ ସନ୍ଦୀପ ରେଡ୍ଡୀ ବାଙ୍ଗା ନିର୍ଦ୍ଦେଶିତ ଏହି ଫିଲ୍ମ ଉତ୍ତର ଆମେରିକାର ପ୍ରଥମ ହିନ୍ଦୀ ଚଳଚ୍ଚିତ୍ର ହୋଇପାରିଛି। ଏହାର ପ୍ରିମିୟର ସନ୍ଧ୍ୟା ୫.୩୦ରେ ପିଏସ୍ଟିରେ ହେବ। ଏହି ସଫଳତା ହାସଲ କରିବାରେ ଆନିମଲ ହେଉଛି ପ୍ରଥମ ହିନ୍ଦୀ ଚଳଚ୍ଚିତ୍ର।

# ସଭିଏଁ ସମାନ

## ଅନ୍ତର୍ଜାତୀୟ ଦାସତ୍ୱ ବିଲୋପ ଦିବସ



ସମାଜରେ ସମାନତା ରହିବା ଦ୍ୱାରା ବିକାଶର ପ୍ରଥମ ପାହାଚ ପଡିଥାଏ। ସମାଜରେ ସମାନତା ରହିଲେ ପୃଥିବୀର ସାମଗ୍ରିକ ବିକାଶ ଧାରା ସହଜ ହୋଇ ପାରିଥାଏ। ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଡିସେମ୍ବର ୨ରେ ଅନ୍ତର୍ଜାତୀୟ ଦାସତ୍ୱ ବିଲୋପ ଦିବସ ପାଳନ କରାଯାଇଥାଏ।ଦାସତ୍ୱର ବିଲୋପ ପାଇଁ ମିଳିତ ଜାତିସଂଘର ସାଧାରଣ ସଭା ଦ୍ୱାରା ୧୯୮୬ଠାରୁ ଏହି ଦିବସ ପାଳିତ ହୋଇଆସୁଛି। ମାନବ ଚୋରା ଚାଲାଣ,ବ୍ୟଭିଚାର ଏବଂ ଶୋଷଣ ବିରୋଧରେ ୧୯୪୯ ଡିସେମ୍ବର ୨ରେ ଜାତିସଂଘର ସାଧାରଣ ସଭାରେ ଏନେଇ ଏକ ପ୍ରସ୍ତାବ ଆଗତ କରାଯାଇଥିଲା। ଦାସତ୍ୱ ବିରୁଦ୍ଧରେ ସଂଗ୍ରାମ ତଥା ଏହାର ବିଲୋପକୁ ସ୍ମରଣ କରିବା ପାଇଁ ଏହି ଦିବସ ପାଳନ ଲାଗି ଘୋଷଣା କରାଯାଇଥିଲା ।

ଏହି ଦିବସ ପାଳନ ଅବସରରେ ଯୌନ ଶୋଷଣ, ଶିଶୁ ଶ୍ରମିକ, ଜୋର୍ ଜବରଦସ୍ତ ବିବାହ, ଏବଂ ସଶସ୍ତ୍ର ବିବାଦରେ ପିଲାମାନଙ୍କୁ ବାଧ୍ୟତାମୂଳକ ନିଯୁକ୍ତି ବିରୋଧରେ ସଚେତନତା ସୃଷ୍ଟି କରାଯାଇଥାଏ। ଅଦ୍ୟାବଧି ବିଶ୍ୱ ସମସ୍ତ କ୍ଷେତ୍ରରେ ଅଗ୍ରଗତି କରିଛି ତଥାପି ବହୁ ସଂଖ୍ୟକ ଲୋକ ଦାସତ୍ୱର ଶିକାର ହେଉଛନ୍ତି। ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲଏ) ଅନୁଯାୟୀ ବିଶ୍ୱର ୪୦ ନିୟୁତରୁ ଅଧିକ ଲୋକ ଆଧୁନିକ ଦାସତ୍ୱର ଶିକାର ହେଉଛନ୍ତି। ସେହିପରି ୧୫୦ ମିଲିୟନରୁ ଅଧିକ ଶିଶୁ ଶ୍ରମିକ ରହିଛନ୍ତି। ବିଶ୍ୱରେ ପ୍ରତି ଦଶ ପିଲାଙ୍କ ମଧ୍ୟରୁ ଜଣେ ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ଏସମସ୍ତ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ଏହି ଦିବସ ପାଳନ ଅବସରରେ ଉଦ୍ୟମ ହୋଇଥାଏ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନଭେମ୍ବରରେ ୧.୬୮ ଲକ୍ଷ କୋଟିର ଜିଏସ୍‌ଟି ସଂଗ୍ରହ

**ନୂଆଦିଲ୍ଲୀ,୧।୧୨ (ଅଭୟ ଦାଶ)**

■ଗତ ବର୍ଷ ଅପେକ୍ଷା ୧୫% ଅଧିକ ଟିକସ ଆଦାୟ

■ଦ୍ୱାଦଶ ଥର ପାଇଁ ୧.୫ଲକ୍ଷ କୋଟିରୁ ଅଧିକ ଟିକସ ଆଦାୟ

■କ୍ରମାଗତ ୨୧ ମାସ ପାଇଁ ୧.୪ ଲକ୍ଷ କୋଟିର ଟିକସ ଆଦାୟ

■ଚଳିତ ଆର୍ଥିକ ବର୍ଷରେ ୬ଷ୍ଠ ଥର ପାଇଁ ୧.୬ କୋଟିରୁ ଅଧିକ ଟିକସ ଆଦାୟ

ଚଳିତ ଆର୍ଥିକ ବର୍ଷର ୮ମ ମାସରେ ରେକର୍ଡ ପରିମାଣର ସାମଗ୍ରୀ ଏବଂ ସେବା ଟିକସ (ଗୁଡ଼ସ ଆଣ୍ଡ ସର୍ଭିସ୍ ଟ୍ୟାକ୍ସ ବା ଜିଏସ୍‌ଟି) ସଂଗ୍ରହ କରାଯାଇଛି ବୋଲି ଶୁକ୍ରବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୩-୨୪ ଆର୍ଥିକ ବର୍ଷର ନଭେମ୍ବରରେ ଦେଶର ଜିଏସ୍‌ଟି ସଂଗ୍ରହ ପ୍ରାୟ ୧.୬୮ (୧, ୬୭, ୯୨୯) ଲକ୍ଷ କୋଟି ଟଙ୍କାର ଟିକସ ରାଜସ୍ୱ ଆକାରରେ ସଂଗ୍ରହ କରାଯାଇଛି। ବିଶେଷକରି ୨୦୨୨-୨୩ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ସଂଗ୍ରହ ହୋଇଥିବା ଟିକସ ପରିମାଣଠାରୁ ପ୍ରାୟ ୧୫% ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ନଭେମ୍ବର ମାସରେ ସଂଗୃହୀତ ଟିକସ ପରିମାଣ ୧, ୪୫, ୮୬୭ ଲକ୍ଷ କୋଟିଠାରୁ ପ୍ରାୟ ୧୫% ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ କ୍ରମାଗତ ୨୧ ମାସ ପାଇଁ ଦେଶର ଜିଏସ୍‌ଟି ସଂଗ୍ରହ ୧.୪ ଲକ୍ଷ କୋଟିରୁ



ଅଧିକ ରହିଥିବାବେଳେ ଦ୍ୱାଦଶ ଥର ପାଇଁ ୧.୫ଲକ୍ଷ କୋଟିରୁ ଅଧିକ ପରିମାଣର ଟିକସ ଆଦାୟ ହୋଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିଭଳି ୨୦୨୩-୨୪ ଆର୍ଥିକ ବର୍ଷରେ ୬ଷ୍ଠ ଥର ଲାଗି ଜିଏସ୍‌ଟି ସଂଗ୍ରହ ୧.୬ ଲକ୍ଷ କୋଟିରୁ ଅଧିକ ରହିଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ୨୦୨୩ ନଭେମ୍ବରରେ ସଂଗୃହୀତ ମୋଟ ଜିଏସ୍‌ଟି ରାଜସ୍ୱ ୧,୬୭,୯୨୯ ଲକ୍ଷ କୋଟି ରହିଥିବା ବେଳେ ସେଥିମଧ୍ୟରୁ କେନ୍ଦ୍ରୀୟ ଟିକସ (ସିଜିଏସ୍‌ଟି) ୩୦,୪୨୦ କୋଟି ଟଙ୍କା ରହିଥିଲାବେଳେ ରାଜ୍ୟ ଜିଏସ୍‌ଟି (ଏସ୍‌ଜିଏସଟି) ୩୮, ୨୨୬ କୋଟି ଟଙ୍କା ରହିଛି। ସେହିଭଳି ଆଇଜିଏସ୍‌ଟି ବାବଦରେ ୮୭, ୦୦୯ କୋଟି (ସାମଗ୍ରୀ ଆମଦାନୀରେ ୩୯, ୧୯୮ କୋଟି ଟଙ୍କା ଅନ୍ତର୍ଭୁକ୍ତ) ଏବଂ ସେସ୍ ବାବଦରେ ୧୨,୨୭୪ ଟଙ୍କା କୋଟି (ସାମଗ୍ରୀ ଆମଦାନୀ ଉପରେ ୧୦୩୬ କୋଟି ଟଙ୍କା ସାମିଲ)ର ଟିକସ ଆଦାୟ କରାଯାଇଛି। ସେହିପରି ସରକାର ସିଜିଏସ୍‌ଟି ବାବଦରେ ୩୭,୮୭୮ କୋଟି ଟଙ୍କା ଏବଂ ଆଇଜିଏସ୍‌ଟିରୁ ଏସ୍‌ଜିଏସ୍‌ଟି ବାବଦରେ ୩୧,୫୫୭ କୋଟି ଟଙ୍କା ପରିଶୋଧ କରିଛନ୍ତି। ଅପରପକ୍ଷରେ ଓଡ଼ିଶାରୁ ଚଳିତ ଆର୍ଥିକ ବର୍ଷର ୮ମ ମାସରେ ପ୍ରାୟ ୪୨୯୫ କୋଟି ଟଙ୍କାର ଟିକସ ସଂଗ୍ରହ କରାଯାଇଛି। ଗତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ଟିକସ ପରିମାଣ ୪୧୬୨ କୋଟି ଟଙ୍କାରୁ ଅଧିକ ରହିଥିଲା, ଯାହା ଚଳିତ ଆର୍ଥକ ବର୍ଷର ନଭେମ୍ବର ଅବଧିରେ ୩% ବୃଦ୍ଧି ପାଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

# ଶେୟାର ବଜାର କାରବାରରେ ଉତ୍ସାହ

**ନୂଆଦିଲ୍ଲୀ,୧।୧୨**

କ୍ରମାଗତ ୪ର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୯୩ (୪୯୨.୭୫) ପଏଣ୍ଟ ବଢ଼ି ୬୭,୪୮୧(୬୭,୪୮୧.୧୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୩୫ (୧୩୪.୭୫) ପଏଣ୍ଟ ବୃଦ୍ଧି ଘଟି ୨୦,୨୬୮ (୨୦,୨୬୭.୯୦) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲ କ୍ୟାପ୍ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ବୃଦ୍ଧି ଘଟିଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଏସିସିରେ 'ସାଇବର ନାଇଫ୍' ଟେକ୍ନୋଲୋଜି

**ଭୁବନେଶ୍ୱର,୧।୧୨**

ଦେଶର ପ୍ରମୁଖ ଘରୋଇ ଚିକିତ୍ସାଳୟ ଆପୋଲୋ ହସ୍ପିଟାଲ ଗ୍ରୁପ୍ ପକ୍ଷରୁ ଏକ ଅତ୍ୟାଧୁନିକ ଚିକିତ୍ସା ସୁବିଧା 'ସାଇବର ନାଇଫ୍' ଟେକ୍ନୋଲୋଜିର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଦକ୍ଷିଣ ଏସିଆର ପ୍ରଥମ ସାଇବର ନାଇଫ୍ 'ସାଇବର ନାଇଫ୍ ଏସ୍ ୭ଟିଏମ୍ ($7^{TM}$) ଏଫ୍‌ଆଇଏମ୍ ରୋବୋଟିକ୍ ରେଡିଓ ସର୍ଜରି ସିଷ୍ଟମ୍ (ଟେକ୍ନୋଲୋଜି) ହସ୍ପିଟାଲର ଚେନ୍ନାଇ ଆପୋଲୋ କ୍ୟାନ୍‌ସର ସେଣ୍ଟର (ଏସିସି)ଠାରେ ଆରମ୍ଭ କରାଯାଇଛି। ଏପରିକି ସାଇବର ନାଇଫ୍ ଟେକ୍ନୋଲୋଜିର ପ୍ରଚଳନ କ୍ୟାନ୍‌ସର ଚିକିତ୍ସା ଏବଂ ପ୍ରଯୁକ୍ତି ବିଦ୍ୟା ପାଇଁ ଏକ ପରିବର୍ତ୍ତନଶୀଳ ମୁହୂର୍ତ୍ତ ପାଲଟିଛି। ଏ ସମ୍ପର୍କରେ ଆପୋଲୋ ହସ୍ପିଟାଲର ରେଡିଏସନ୍ ଅଙ୍କୋଲୋଜିର ବରିଷ୍ଠ ପରାମର୍ଶଦାତା ଡା. ମହାଦେବ ପୋଥାରାଜୁ କହିଛନ୍ତି, ସାଇବର ନାଇଫ୍ ଚିକିତ୍ସା ସାଧାରଣତଃ ୧ରୁ ୫ଟି ସେସନରେ କରାଯାଇଥାଏ। ଏହାର ଚିକିତ୍ସା ଅବଧି ସାଧାରଣତଃ ୩୦ରୁ ୯୦ମିନିଟ୍ ପର୍ଯ୍ୟନ୍ତ ରହିଥିବାବେଳେ ଉକ୍ତ ସମୟ ମଧ୍ୟରେ ବିଭିନ୍ନ କୋଣରୁ ୧୦୦ରୁ ୨୦୦ ରାଡିଏସନ ବିମ୍ ଦିଆଯାଏ। ପ୍ରତ୍ୟେକ ବିମ୍ ପ୍ରାୟ ୧୦ରୁ ୧୫ ସେକେଣ୍ଡ ପର୍ଯ୍ୟନ୍ତ ରହିଥାଏ। ସେହିଭଳି ରେଡିଏସନ୍ ଅଙ୍କୋଲୋଜିର ବରିଷ୍ଠ ପରାମର୍ଶଦାତା ଡା. ରତ୍ନାଦେବୀ ଆର୍. କହିଛନ୍ତି, ମସ୍ତିଷ୍କର ସାଧାରଣ କ୍ଷତ ଯଥା ଶ୍ୱାନୋମା, ମେନିଞ୍ଜିଓମା ଏବଂ ଏଭିଏମ୍‌କୁ ଅଣ-ଆକ୍ରମଣାତ୍ମକ ଉପାୟରେ ଚିକିତ୍ସା କରିବା ସହିତ ସାଇବର ନାଇଫ୍ ଏସ୍୭ ଫିମ୍ ସବୁଠାରୁ ପ୍ରଭାବଶାଳୀ ହୋଇଥାଏ। ସେହିପରି ରେଡିଏସନ୍ ଅଙ୍କୋଲୋଜିର ବରିଷ୍ଠ ପରାମର୍ଶଦାତା ଡ.ଶଙ୍କର ଭାଙ୍ଗିପୁରମ୍ କହିଛନ୍ତି, ସାଇବର ନାଇଫ୍ ଏସ୍ ୭ଟିମ୍ ଫିମ୍ ସିଷ୍ଟମ୍ ରେଡିଏସନ୍ ଥେରାପିର ଭବିଷ୍ୟତକୁ ପୁନଃ ନିର୍ଦ୍ଧାରଣ କରିଥାଏ।




## ଦତ୍ତାତ୍ରେୟ ଶାନ୍ତି ତପୋବନ, ମଧୁପୁର, ଛତିଆ

ଆସନ୍ତା ଡିସେମ୍ବର ମାସ ୨ ତାରିଖ ଶନିବାର ସୀତା ବିବାହ ଦିନ ତପୋବନ ପରିସରରେ ଯଜ୍ଞ ସହିତ ଗଣେଶ ଭଗବାନଙ୍କର ପ୍ରତିଷ୍ଠା କାର୍ଯ୍ୟ ଅନୁଷ୍ଠିତ ହେବ। ସମୟ ବାହାରକରି ଆସିପାରିଲେ ଭଲ ହୁଅନ୍ତା।

ବି.ଦ୍ର. ମେଷ ଓ ବିଛା ରାଶିର ଇଷ୍ଟ ଦେବତା ଗଣେଶ ଭଗବାନ ହୋଇଥିବାରୁ ଏହି ରାଶିର ଲୋକମାନେ ନିଶ୍ଚୟ ଆସିବାକୁ ଚେଷ୍ଟା କରିବେ।



- ଗଗନ ଗୁରୁଜୀ

ଯୋଗାଯୋଗ ନଂ.: ୯୪୩୮୬୬୦୫୧୬, ୯୪୩୭୯୨୮୫୬୫



## SEWAK

Strengthening Rural & Tribal Communities

ଘରେ ଘରେ ପୁଷ୍ଟି ଶସ୍ୟକୁ ପ୍ରତ୍ୟେକ ଖାଦ୍ୟ ଥାଳିରେ ପହଞ୍ଚାଇବା ନିମନ୍ତେ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସେବକ" ନିରନ୍ତର ପ୍ରୟାସରତ। ଆସନ୍ତୁ ସମସ୍ତେ ମିଳିମିଶି ଏକ ସ୍ୱଚ୍ଛ ଓ ସୁନ୍ଦର ସମାଜ ଗଢ଼ିବା ସଙ୍ଗେ ସଙ୍ଗେ ଗରିବ, ଅତି ଗରିବ, ଆଦିବାସୀ, ଜଙ୍ଗଲ ଅଧିବାସୀଙ୍କ ଜୀବିକାର ଉନ୍ନତି ନିମନ୍ତେ ପ୍ରଚେଷ୍ଟା ଜାରି ରଖିବା।

"ସେବକ"

ରଙ୍ଗିଆମୁଣ୍ଡା, ସୁନ୍ଦରଗଡ଼


# ବଢ଼ିଲା କମର୍ସିଆଲ ଗ୍ୟାସ୍ ଦର

**ଭୁବନେଶ୍ୱର,୧।୧୨**

ଗତ କିଛି ମାସ ହେଲା କମର୍ସିଆଲ ଗ୍ୟାସ୍ (୧୯କେଜି) ଦରରେ ବୃଦ୍ଧି ଘଟୁଛି। ଏପରିକି କ୍ରମାଗତ ୪ ମାସ ହେବ କମର୍ସିଆଲ ଗ୍ୟାସ୍ ଦର ବଢୁଥିବାବେଳେ ଘରୋଇ ଗ୍ୟାସ (୧୪.୨ କି.ଗ୍ରା.)ର ମୂଲ୍ୟ ସ୍ଥିର ରହିଛି। ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ଇନ୍ଧନ ବିପଣନକାରୀ କମ୍ପାନୀଗୁଡ଼ିକ ପକ୍ଷରୁ ଶୁକ୍ରବାର ୨୦୨୩ ନଭେମ୍ବର ମାସ ପାଇଁ ନୂତନ ଗ୍ୟାସ୍ ଦରସୂଚୀ ପ୍ରକାଶ କରାଯାଇଛି।



ବିଶେଷକରି ନୂ... ମୂଲ୍ୟ ଉପରେ ୨୧ ଟଙ୍କା ବଢ଼ି ୧୭୯୬.୫୦ଟଙ୍କାରେ ପହଞ୍ଚିଛି। ଅପରପକ୍ଷରେ କୋଲକାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ସହରରେ ୧୯କେଜି ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ଯଥାକ୍ରମେ ୧୯୦୮ଟଙ୍କା, ୧୭୪୯ ଟଙ୍କା ଏବଂ ୧୯୬୮.୫୦ ଟଙ୍କାରେ ପହଞ୍ଚିଛି। ସେହିଭଳି ଉପରୋକ୍ତ ସହରଗୁଡ଼ିକରେ ଘରୋଇ ଗ୍ୟାସ୍ (୧୪.୨ କେଜି) ଦର ପୂର୍ବଭଳି ସ୍ଥିର ରହିଛି। ଏପରିକି ନୂଆଦିଲ୍ଲୀ,କୋଲକାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ସହରରେ ୧୪.୨କେଜି ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ଯଥାକ୍ରମେ ୯୦୩ ଟଙ୍କା, ୧୦୨୯ ଟଙ୍କା,୧୦୦୨.୫୦ଟଙ୍କା ଏବଂ ୧୦୧୮ ଟଙ୍କାରେ କାରବାର ହେଉଛି। ଅପରପକ୍ଷରେ ଭୁବନେଶ୍ୱରରେ କମର୍ସିଆଲ ଗ୍ୟାସ୍ (୧୯ କି.ଗ୍ରା) ଦର ୨୨.୫୦ ଟଙ୍କା ବଢ଼ି ୧୯୪୫.୫୦ ଟଙ୍କାରେ କାରବାର ହେଉଥିବାବେଳେ କଟକରେ ୧୯୪୪ ଟଙ୍କାରେ ବିକ୍ରି ହେଉଛି ବୋଲି ଗ୍ୟାସ୍ ବିତରଣ ସଂସ୍ଥାର ଡିଲରମାନେ ସୂଚନା ଦେଇଛନ୍ତି।

# ଆଇ ଡେଷ୍ଟିନିର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍

**ଭୁବନେଶ୍ୱର,୧।୧୨**




ଆପଲ୍‌ର ଅଧିକୃତ ରିସେଲର ଆଇ ଡେଷ୍ଟିନିର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଭୁବନେଶ୍ୱରର ପଟିଆସ୍ଥିତ ୟୁଡି ସିଟି ମଲ୍ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଆ ଅଭିନେତ୍ରୀ ଏଲିନା ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଆଇଡେଷ୍ଟିନିର ନିର୍ଦ୍ଦେଶକ ବିଜୟ ଦୁଗର କହିଛନ୍ତି, ଗ୍ରାହକଙ୍କୁ ଗୁଣାତ୍ମକ ଉତ୍ପାଦ ସହିତ ବିକ୍ରି ପରିବର୍ତ୍ତୀ ସେବା ଓ ସୁଲଭତା ସହ ପୁରୁଣା ମଡେଲ ବଦଳାଇବାର ସୁବିଧା ମଧ୍ୟ ପ୍ରଦାନ କରାଯାଉଛି। ଏପରିକି ସେବା ଯୋଗାଣରେ ଅତୁଳନୀୟ ଅଭିଜ୍ଞତା ଲାଗି ଗ୍ରାହକଙ୍କ ଭଲ ପାଇବା ସହ ଗ୍ରହଣୀୟତା ବଢ଼ିଛି ବୋଲ ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିଭଳି ଆଇଡେଷ୍ଟିନିର ବିଜ୍‌ନେସ୍ ହେଡ୍ ଶୌନକ ରୟ କହିଛନ୍ତି, ଏଠାରେ ଆପଲ୍‌ର ବିସ୍ତୃତ ବର୍ଗ ଏବଂ ତୃତୀୟ ପକ୍ଷ ଆସେସୋରିଜ ଉପଲବ୍ଧ ହେବ। ଏପରିକି ଅଧିକାଂଶ ଆସେସୋରିଜ ଉକ୍ତ ଆଉଟ୍‌ଲେଟ୍‌ରେ ମିଳିପାରିବ। ବିଶେଷକରି ମ୍ୟାକ୍ ବୁକ୍ ସ୍ଲିଭ୍ କିମ୍ବା ଆଇପ୍ୟାଡ୍, ସଦ୍ୟତମ ମ୍ୟାକ ଆସେସରିଜ ଏବଂ ମ୍ୟାକ୍, ଆଇ ପ୍ୟାଡ୍ ଓ ଆଇଫୋନର ବ୍ୟାପକ ରେଞ୍ଜ ଆସେସୋରିଜ ଆଦିକୁ ଗ୍ରାହକମାନେ ସୁଲଭ ମୂଲ୍ୟରେ ପାଇପାରିବେ। ଏପରିକି ଆପଲ୍‌ର ଡେସ୍କଟପ୍, ଲାପ୍‌ଟପ୍, ମୋବାଇଲ ଏବଂ ଆଇ ପ୍ୟାଡ୍ ଭଳି ଉତ୍ପାଦ ଆଉଟ୍‌ଲେଟ୍‌ରେ ପ୍ରଦର୍ଶନ କରାଯାଇଥିବା ରୟ ମତବ୍ୟକ୍ତ କରିଛନ୍ତି। ସେହିପରି ଆଇଡେଷ୍ଟିନିର ମାର୍କେଟିଂ ମୁଖ୍ୟ ଶଶୀ ଶର୍ମା କହିଛନ୍ତି, ଏଠାରେ ଥିବା ପ୍ରଶିକ୍ଷିତ କର୍ମଚାରୀ ଆପଲ୍‌ର ସଦ୍ୟତମ ଉତ୍ପାଦ ଏବଂ ଆସେସରିଜ ସମ୍ପର୍କରେ ଗ୍ରାହକଙ୍କୁ ବିସ୍ତୃତ ସୂଚନା ପ୍ରଦାନ କରିବେ। ଏପରିକି ସର୍ବୋତ୍ତମ ଗ୍ରାହକ ସେବା ଯୋଗାଣ ଉପରେ ଉକ୍ତ ଷ୍ଟୋର କାମ କରିବ ବୋଲି ଶର୍ମା ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ଆଇଡେଷ୍ଟିନିର ଅପରେଶନ ମ୍ୟାନେଜର ସୋମନାଥ ଦତ୍ତ କହିଛନ୍ତି, ଏଠାରେ ଗ୍ରାହକଙ୍କୁ ସହଜ ଇଏମଆଇ ଏବଂ ବାଏ ବ୍ୟାକ୍ ସୁବିଧା ମିଳିବ। ଏପରିକି ଗ୍ରାହକ ୩ ମାସରୁ ୨ବର୍ଷ ପର୍ଯ୍ୟନ୍ତ କିସ୍ତି ଚୟନ କରିପାରିବେ। ଛାତ୍ରୀଛାତ୍ର ଏବଂ ବାଣିଜ୍ୟିକ ଗ୍ରାହକଙ୍କ ଲାଗି ସ୍ୱତନ୍ତ୍ର ଅଫର ରହିଛି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର ରସୁଲଗଡ଼ସ୍ଥିତ ଏସ୍‌ପ୍ଲାନେଡ୍ ମଲ୍ ଏବଂ ଜନପଥ (ଶହୀଦନଗର)ରେ କମ୍ପାନୀ ଆଉଟ୍‌ଲେଟ୍ ରହିଛି।


# Classified Everyday 0674-2580101, 2549949



REAL ESTATE

## SALE

**Plot for sale, plot size-50x40=2000, per sqrft. 3250 near Kesura Chhak Bypass NH Road, up to 100 meters with 5feet. boundary wall. Contact No.- 8328895879 & 7008344856.** D-1923

ଭୁବନେଶ୍ୱର ଏୟାରପୋର୍ଟରୁ ୧୪କିମି, ଜଟଣୀ-ପିପିଲି ମେନ୍‌ରୋଡ଼ ପାଖରେ ୩୦ ଫୁଟ ରୋଡଥାଇ ଘରବାଡି ପ୍ଲଟ୍ ବର୍ଗଫୁଟକୁ- 850/-,1100/- କିଣି ଘର କରନ୍ତୁ। 9853150290. D-75274

Duplex sale and plot sale near AIIMS Hospital Bhubaneswar. 9777433701. D-75273

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919

2634sqft. stitiban gharabadi plot W/ Boundary, front road for sale at Senapati Bagicha, Puri @ 75 Lakhs: negotiable. Contact No- 9437281290, 8895729136. D-1835

**Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 7008459987.** D-75272

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




**Newly Healthcare benefited spa Experience Therapist in Bhubaneswar. Contact: 9938843929** D- 75172

**Relax, Refresh your body, Mind at Saikrupa Spa with best therapies. 8984068077.** D-1873

**Full Body massage by experience therapist @999 only- 9078484455 (Bhubaneswar).** D-1928

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75066

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Ashirvaad Salon and SPA get good massage for your health tha best therapy. 7077181074.** D-75069

Newly open spa positively Heath benefits with expert therapist. 9040286886. D- 75173



CONSTRUCTION

**Construct your Dream home @460/-, 850/-, 1325/- with Branded material along with 3 years AMC & 50 years structural guarantee. We provide plan approval, Boring, Bank estimate. Contact the Engineering Pvt. Ltd. 9439856856.** D-1789

## AFFIDAVIT

I, Reena Patra, W/o- Susanta Kumar Patra, R/o- Plot No.-2076, Sabarsahi Lane, Kalpana Square, P.S- Laxmisagar, P.O- Budheswari, Bhubaneswar-751006, Dist.- Khurdha hereby declare vide affidavit dated 08.11.2023 sworn before the Notary Public, Bhubaneswar that I have changed my name from Reena Patra to Diptimayee Patra. Hence, now onwards I shall be known as Diptimayee Patra for all future purposes. D-75068

I, Kanak Prabha Jain, W/o- Akash Agrawal, resident of Road No.-3, Ward No.-2, PO/PS/-Kantabanji, Dist.- Balangir, Odisha-767039 declare by this affidavit No.- 958 dtd. 02.08.2023 that now onwards I shall be known as Kanak Agrawal for all future purposes. D- 1929

## ମନେ ପଡ଼ନ୍ତି

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ବଟକ୍ରିଷ୍ଣ ପରିଡ଼ା

ଆବିର୍ଭାବ: ୧୧।୦୯।୧୯୩୫
ତିରୋଧାନ: ୨୭।୧୧।୨୦୧୮

ଆପଣଙ୍କ ପ୍ରେରଣା, ଭଲ ପାଇବା, ଆଶୀର୍ବାଦ, ସଦିଚ୍ଛା ସଦାସର୍ବଦା ଆମ ଜୀବନର ପଥ ପ୍ରଦର୍ଶକ ହେଉ।

-:ଶୋକସନ୍ତପ୍ତ:-
ସ୍ତ୍ରୀ, ପୁଅ, ବୋହୂ, ନାତି, ସମୁଦି, ସମୁଦୁଣୀ ଓ ପରିବାରବର୍ଗ।

ଧ-୧୯୨୪

### ଏକାଦଶାହ ଉପଲକ୍ଷେ



ଦତ୍ତହରି ନାୟକ

N-6/386, IRC Village, BBSR

ବିଶିଷ୍ଟ ସମାଜସେବୀ ତଥା ନାରୀଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟ

ଆବିର୍ଭାବ- ୧୬।୦୨।୧୯୪୭
ତିରୋଧାନ- ୨୨।୧୧।୨୦୨୩

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ। ଶୋକସନ୍ତପ୍ତ ପରିବାରବର୍ଗ: ଆଦରମଣି (ସ୍ତ୍ରୀ), ବିଭୁଧେନ୍ଦୁ ଓ ମାଳବିକା (ପୁଅବୋହୂ), ପ୍ରଜ୍ଞା ଓ ଲିପକ ଏବଂ ଲୋପା ଓ ଶାଶ୍ୱତ (ଝିଅ,ଜ୍ୱାଇଁ) ଆର୍ଜିଶା, ବଂଶ, ଶ୍ଳୋକ ଓ ଶାଚି (ନାତିନାତୁଣୀ) ଓ ଆତ୍ମୀୟସ୍ୱଜନ।

ଧ-୧୯୨୬

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଚିତ୍ରକଳାର ଅନନ୍ୟ ପ୍ରତିଭା ରାହୁଲ

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ସଦର ମହକୁମା ନୂଆସାହିର ରାହୁଲ ପାତ୍ର। ପିଲାଟି ଦିନରୁ ରହିଛି ଚିତ୍ର ଆଙ୍କିବାର ସଉକ। ଟିକିଏ ଫୁର୍‌ସତ ମିଳିଲେ ଲାଗି ପଡ଼ନ୍ତି ଚିତ୍ର ଆଙ୍କିବାରେ। ତାଙ୍କ ଚିତ୍ର ଦେଖି ପ୍ରଶଂସା କରିଛନ୍ତି ବଲିଉଡ୍ ଅଭିନେତା ଶାହରୁଖ ଖାନ। ରାହୁଲ ପ୍ରଧାନୀଗୁଡ଼ା କାଜୁମିଲ୍‌ରେ ଶାହରୁଖଙ୍କ ଯବାନ ଚଳଚ୍ଚିତ୍ରର ଏକ ଚିତ୍ର ଆଙ୍କିଥିଲେ। ୧୦ଫୁଟ ଉଚ୍ଚ ଓ ୬ଫୁଟ ଲମ୍ବର ଚିତ୍ରଟିଏ କରିବାକୁ ତାଙ୍କୁ ୩ ଦିନ ସମୟ ଲାଗିଥିଲା। ଏକ୍ରିଲିକ ପେଣ୍ଟ ସାହାଯ୍ୟରେ ସେ ଏହି ଚିତ୍ର ଆଙ୍କି ମ୍ୟୁଜିକ ଦେଇ ୟୁଟ୍ୟୁବ୍‌ରେ ଶେୟାର କରିଥିଲେ। ଏହା ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଅଭିନେତା ଶାହରୁଖ ଖାନ ଏହା ଦେଖି ନିଜ ସୋସିଆଲ ମିଡିଆ ଆକାଉଣ୍ଟରୁ ରାହୁଲଙ୍କ ଚିତ୍ରକୁ ପ୍ରଶଂସା କରିବା ସହ ଧନ୍ୟବାଦ ଜଣାଇଛନ୍ତି। ଆପଣ ଜଣେ ଦକ୍ଷ ଚିତ୍ରକର ବୋଲି ଶାହରୁଖ ନିଜ ପୋଷ୍ଟରେ ଉଲ୍ଲେଖ କରିଥିଲେ। ସେହିପରି ବିଭିନ୍ନ ଗାଣିତିକ ସୂତ୍ରକୁ ନେଇ ରାହୁଲ ଆଇନଷ୍ଟାଇନଙ୍କ ଛବି ଆଙ୍କିଛନ୍ତି। ଏହା ବ୍ୟତିତ ବିଭିନ୍ନ ସମୟରେ ସେ ନିଜ ତୂଳୀରୁ ଅନେକ ବିଶିଷ୍ଟ ବ୍ୟକ୍ତିଙ୍କ ଚିତ୍ର କରିଥାନ୍ତି। ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଏମ୍.ଏସ୍. ଧୋନୀ, ସ୍ୱର ସାମ୍ରାଜ୍ଞୀ ଲତା ମଙ୍ଗେସକରଙ୍କ ସମେତ ଅନେକ ଜଣାଶୁଣା ଲୋକଙ୍କ ଚିତ୍ର ଆଙ୍କି ରାହୁଲ ପ୍ରଶଂସା ସାଉଣ୍ଟିଛନ୍ତି। ନିଜ ଚିତ୍ରକଳା ମାଧ୍ୟମରେ ସମାଜ ପାଇଁ ବିଭିନ୍ନ ସମୟରେ ବାର୍ତ୍ତା ମଧ୍ୟ ଦେଇଥାନ୍ତି। ସାଇବର ଠକେଇ କିପରି ହୁଏ, ଏହାକୁ କିପରି ରୋକାଯାଇପାରିବ ସେ ନେଇ ବିଭିନ୍ନ ଚିତ୍ର ଆଙ୍କି ରାହୁଲ ପ୍ରଶଂସିତ ହୋଇଛନ୍ତି। ରାଜ୍ୟ ଓ ଜିଲାସ୍ତରରେ ସେ ଅନେକ ସମୟରେ ପୁରସ୍କୃତ ମଧ୍ୟ ହୋଇଛନ୍ତି। ରାହୁଲଙ୍କ ଅନେକ ଫଟୋଚିତ୍ର ବିକ୍ରୀ ମଧ୍ୟ ହୋଇଛି। କେବଳ ଦେଶରେ ନୁହେଁ ବିଦେଶ (ଆୟରଲାଣ୍ଡ ଓ ନ୍ୟୁୟର୍କ)ରେ ମଧ୍ୟ ତାଙ୍କ ଚିତ୍ର ଆଦୃତ ହୋଇଛି। ରାହୁଲଙ୍କ ବାପା ଶିବପ୍ରସାଦ ପାତ୍ର ଜଣେ ଅବସରପ୍ରାପ୍ତ ଶିକ୍ଷକ ଓ ମାତା ସୁବାସିନୀ ପଟ୍ଟନାୟକ ଶିକ୍ଷୟିତ୍ରୀ। ପିଲାଟି ଦିନରୁ ଚିତ୍ର ପ୍ରତି ରହିଛି ତାଙ୍କର ରୁଚି। କୌଣସି ତାଲିମ ନ ନେଇ ମଧ୍ୟ ସେ ଖୁବ୍ ସୁନ୍ଦର ଓ ଜୀବନ୍ତ ଚିତ୍ର ଆଙ୍କିପାରନ୍ତି। ରାହୁଲ ଇଞ୍ଜିନିୟରିଂ ସାରିବା ପରେ ବାଙ୍ଗାଲୋରରେ ସଫ୍ଟୱେର ଇଞ୍ଜିନିୟର ଭାବେ କାମ କରୁଛନ୍ତି। ବର୍ତ୍ତମାନ ୱାର୍କ ଫ୍ରମ୍ ହୋମ୍ ଚାଲିଥିବାରୁ ଫୁରସତ ମିଳିଲେ ବିଭିନ୍ନ ପ୍ରକାର ଚିତ୍ର ଆଙ୍କୁଛନ୍ତି।

**ରିପୋର୍ଟ– ସ୍ୱପ୍ନଜିତ ପଟ୍ଟନାୟକ, ପାପଡ଼ାହାଣ୍ଡି**



**ରାହୁଲଙ୍କ ଚିତ୍ରକୁ ପ୍ରଶଂସା କରିଛନ୍ତି ଶାହରୁଖ ଖାନ**

**ବିଭିନ୍ନ ସୂତ୍ରରୁ ତିଆରି କରିଛନ୍ତି ଆଇନଷ୍ଟାଇନଙ୍କ ଛବି**














# ଭିଜିଲାନ୍ସ ଜାଲରେ କନିଷ୍ଠ କିରାଣି

**ବାଲେଶ୍ୱର, ୧।୧୨(ମାନସ ବିଶ୍ୱାଳ)**

ବାଲେଶ୍ୱର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଅଧୀନ ବନ୍ଦୋବସ୍ତ ଅଫିସରେ କାର୍ଯ୍ୟରତ ଜଣେ କନିଷ୍ଠ କିରାଣି ଲକ୍ଷ୍ମୀନାରାୟଣ ନାଥ ଶୁକ୍ରବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଏକ ଜମିଜମା ମାମଲାରେ ସାହଜାନ ଅଲୀ ଖାଁଙ୍କଠାରୁ କନିଷ୍ଠ କିରାଣି ନାଥ ୪ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଅଧିକାରୀଙ୍କ ହାତରେ ଧରାପଡ଼ିଥିଲେ। ଭଦ୍ରକ ଗୁଜିଦରଡ଼ା ଗ୍ରାମର ସାହାଜାନ୍ ଅଲ୍ଲୀ ଖାଁ ପୈତୃକ ସମ୍ପତ୍ତିର ୟାଦସ ସାବକ (୧୯୩୦ ମସିହା ପୂର୍ବର)ର ସାର୍ଟିଫାଏଡ ନକଲ ନେବା ପାଇଁ ବନ୍ଦୋବସ୍ତ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ନକଲ ପାଇବା ନିମନ୍ତେ ଆବେଦନକାରୀ ସାହଜାନ ବହୁବାର ବନ୍ଦୋବସ୍ତ କାର୍ଯ୍ୟାଳୟକୁ ଦୌଡ଼ି ନୟାନ୍ତ ହୋଇଥିଲେ। ଏପରିକି କିରାଣି ଲକ୍ଷ୍ମୀନାରାୟଣ ତାଙ୍କୁ ଆଜିକାଲି କହି ବାରମ୍ବାର ଫେରାଉଥିଲେ। ପରେ ଏଥିନିମନ୍ତେ ୫ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଆବେଦନକାରୀ ସାହଜାନ ୧ହଜାର ଟଙ୍କା ଲାଞ୍ଚ ଦେବା ପରେ ବାଲେଶ୍ୱର ଭିଜିଲାନ୍ସର ଦୃଷ୍ଟି ଆକର୍ଷଣ କରିଥିଲେ। ଯୋଜନା ଅନୁଯାୟୀ ଶୁକ୍ରବାର ସାହଜାନ ୪ହଜାର ଟଙ୍କା ଲାଞ୍ଚ କିରାଣି ଲକ୍ଷ୍ମୀନାରାୟଣ ନାଥଙ୍କୁ ଦେବା ସମୟରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିଲା। ଏ ବାବଦରେ ଭିଜିଲାନ୍ସ ପକ୍ଷରୁ ମାମଲା (ନଂ.୩୨/୨୩) ରୁଜୁ କରାଯାଇଛି। ଗିରଫ ଲକ୍ଷ୍ମୀନାରାୟଣ ଗତ ୨୦୧୨ ମସିହାରେ କନିଷ୍ଠ କିରାଣି ଭାବେ କାର୍ଯ୍ୟରେ ଯୋଗଦେଇଥିଲେ। କିରାଣି ନାଥଙ୍କର ବିଭିନ୍ନ ବ୍ୟବସାୟ ଥିବା ଭିଜିଲାନ୍ସ ବିଭାଗ ଜାଣିପାରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଭିଜିଲାନ୍ସର ୮ଜଣିଆ ଟିମ୍ ବାଲେଶ୍ୱର କଂଗ୍ରେସ ଅଫିସସ୍ଥିତ ଭଡ଼ା ଘର, ସାହାଦାସ୍ଥିତ ପୈତୃକ ବାସଭବନ ଓ ସରକାରୀ କାର୍ଯ୍ୟାଳୟରେ ଚଢ଼ାଉ କରି କିଛି କାଗଜପତ୍ର ଜବତ କରିଥିବା ଭିଜିଲାନ୍ସ ଅଫିସ ପକ୍ଷରୁ ଜଣାପଡ଼ିଛି।


କନିଷ୍ଠ କିରାଣି ଲକ୍ଷ୍ମୀନାରାୟଣ ନାଥ









ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଡିସେମ୍ବର ୨/୨୦୨୩ Bhubaneswar, Saturday, December 2/ 2023

# ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ଭାରତ ପରାସ୍ତ

**ସାଣ୍ଟିଆଗୋ, ୧।୧୨**

ଏଠାରେ ଚାଲିଥିବା ଜୁନିୟର ମହିଳା ହକି ବିଶ୍ୱକପ୍‌ରେ ଭାରତ ଏହାର ଦ୍ୱିତୀୟ ମ୍ୟାଚରେ ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ଜର୍ମାନୀଠାରୁ ୩-୪ ଗୋଲରେ ହାରିଯାଇଛି। ପ୍ରଥମ ମ୍ୟାଚରେ କାନାଡା ବିପକ୍ଷରେ ୧୨-୦ ଗୋଲରେ ବିଜୟୀ ହୋଇଥିବା ଭାରତୀୟ ଦଳ ଦ୍ୱିତୀୟ ମ୍ୟାଚରେ ଜର୍ମାନୀକୁ କଡ଼ା ଟକ୍କର ଦେଇଥିଲା। ମାତ୍ର ଶେଷ ଭାଗରେ ଜର୍ମାନୀ ରକ୍ଷଣାତ୍ମକ ଖେଳି ଭାରତକୁ ବରାବର ସ୍ଥିତିକୁ ଆସିବାରେ

**ଜୁନିୟର ମହିଳା ହକି ବିଶ୍ୱକପ୍**

ରୋକିଥିଲା। ପ୍ରଥମ କ୍ୱାର୍ଟରରେ ଭାରତ ପ୍ରଭାବୀ ପ୍ରଦର୍ଶନ କରିଥିଲା। କ୍ରମାଗତ ୨ଟି ପେନାଲ୍ଟି କର୍ନର ମିଳିଥିବାବେଳେ ମ୍ୟାଚର ୧୧ତମ ମିନିଟରେ ଅନୁ ଦ୍ୱିତୀୟଟିକୁ ଗୋଲରେ ପରିଣତ କରି ଭାରତକୁ ଅଗ୍ରଣୀ କରିଥିଲେ। ୧୪ତମ ମିନିଟରେ ରୋପ୍‌ନି କୁମାରୀ ପେନାଲ୍ଟି କର୍ନରରୁ ଆଉ ଏକ ଗୋଲ ସ୍କୋର କରି ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଅର୍ଥାତ୍ ୧୭ତମ ମିନିଟରେ ସୋଫିଆ ସ୍ୱାବେ ଗୋଟିଏ ଗୋଲ ପରିଶୋଧ କରିବାରୁ ଜର୍ମାନୀ ପ୍ରତ୍ୟାବର୍ତ୍ତନ କରିଥିଲା। ଲୌରା ପ୍ଲୁଥ୍ ୨୧ତମ ମିନିଟରେ ଗୋଲ ଦେଇ ମ୍ୟାଚକୁ ୨-୨ ସ୍ଥିତିକୁ ନେଇ ଆସିଥିଲେ। ୨ଟି ଯାକ ଫିଲ୍ଡଗୋଲ ଥିଲା। ତେବେ ମୁମ୍‌ତାଜ ଖାଁ ୨୪ତମ ମିନିଟରେ ଫିଲ୍ଡ ଗୋଲ ଦେବାରୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତର ଅଗ୍ରଣୀ ବ୍ୟବଧାନ ୩-୨ରେ ପହଞ୍ଚି ଯାଇଥିଲା। ତୃତୀୟ କ୍ୱାର୍ଟରରେ ଆକ୍ରମଣକୁ ଜୋରଦାର କରି ସଫଳ ହୋଇଥିଲା ଜର୍ମାନୀ। ୩୬ତମ ମିନିଟରେ ଲୌରା ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଦଳ ପକ୍ଷରୁ ୩ୟ ଗୋଲଟି ଦେବାରୁ ମ୍ୟାଚ ୩-୩ ସ୍ଥିତିକୁ ଚାଲି ଆସିଥିଲା। ଏହାର ୨ ମିନିଟ ପରେ ଅର୍ଥାତ୍ ୩୮ତମ ମିନିଟରେ କାରୋଲିନ ସେଇଡେଲ ପେନାଲ୍ଟି କର୍ନରର ସଦୁପଯୋଗ କରି ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ପରବର୍ତ୍ତୀ ୨୨ ମିନିଟରେ ବିଶେଷକରି ୪ର୍ଥ କ୍ୱାର୍ଟରରେ ଭାରତ ବହୁବାର ଉଦ୍ୟମ କରିଥିଲେ ମଧ୍ୟ ଗୋଲ ପରିଶୋଧ କରିବାରେ ଅସମର୍ଥ ରହିଥିଲା। ଭାରତୀୟ ଦଳର ଗୋଲକିପର ମାଧୁରୀ କିଣ୍ଡୋ ଚମତ୍କାର ପ୍ରଦର୍ଶନ କରି ଜର୍ମାନୀର ଏକାଧିକ ଉଦ୍ୟମକୁ ପଣ୍ଡ କରିଥିଲେ। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ବେଲଜିୟମ ବିପକ୍ଷରେ ଖେଳିବ। ଶନିବାର ସନ୍ଧ୍ୟା ୬ଟା ୩୦ରେ ଏହି ମ୍ୟାଚ ଆରମ୍ଭ ହେବ।



ଭାରତ-ଜର୍ମାନୀ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଟେନିସ୍‌କୁ ପ୍ରତ୍ୟାବର୍ତ୍ତନ କରିବେ ନାଡାଲ

**ମାଡ୍ରିଡ୍, ୧।୧୨(ଏପି)**

ରାଫାଲ ନାଡାଲ ଆସନ୍ତାବର୍ଷ ଜାନୁୟାରୀରେ ଅଷ୍ଟ୍ରେଲିଆରେ ବ୍ରିସ୍‌ବେନ୍ ଇଣ୍ଟରନ୍ୟାଶନାଲ ଖେଳି ପ୍ରତିଯୋଗିତାମୂଳକ ଟେନିସ୍‌କୁ ପ୍ରତ୍ୟାବର୍ତ୍ତନ କରିବେ। ୨୨ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଶୁକ୍ରବାର ଏ ବିଷୟରେ ସୂଚନା ଦେଇଛନ୍ତି। ନାଡାଲ ପ୍ରାୟ ଏକ ବର୍ଷ ହେଲା କୌଣସି ଟେନିସ ପ୍ରତିଯୋଗିତାରେ ଅଂଶଗ୍ରହଣ କରିନାହାନ୍ତି। ଜାନୁୟାରୀ ପ୍ରଥମ ସପ୍ତାହରେ ତାଙ୍କୁ ବ୍ରିସବେନ୍‌ଠାରେ ଦେଖିବାକୁ ମିଳିବ ବୋଲି ସୋସିଆଲ ମିଡିଆରେ ସେ ଛାଡ଼ିଥିବା ଏକ ଭିଡିଓ ଜରିଆରେ ଜଣାଇଛନ୍ତି। ସ୍ପେନର ଏହି ୩୭ବର୍ଷୀୟ ଟେନିସ ଷ୍ଟାର ଗତ ଜାନୁୟାରୀରୁ ଟୁର୍‌ରେ ଖେଳିନାହାନ୍ତି। ଅଷ୍ଟ୍ରେଲିଆନ ଓପନ ଦ୍ୱିତୀୟ ରାଉଣ୍ଡରେ ତାଙ୍କ ପିଚାରେ ଆଘାତ ଲାଗିଥିଲା। ଏହି ମ୍ୟାଚ ସେ ହାରିଯାଇଥିଲେ। ମେ' ମାସରେ ଫ୍ରେଞ୍ଚ ଓପନ ଆରମ୍ଭର ଏକ ସପ୍ତାହ ପୂର୍ବରୁ ସେ ଟୁର୍ନାମେଣ୍ଟରେ ଭାଗ ନେବେ ନାହିଁ ବୋଲି ଘୋଷଣା କରିଥିଲେ, ଯେଉଁଠାରେ କି ସେ ରେକର୍ଡ ୧୪ଥର ଟାଇଟଲ ବିଜୟୀ ହୋଇଛନ୍ତି। ସେତେବେଳେ କେବେ ଟେନିସକୁ ଫେରିବେ ସେ ନେଇ ନିଶ୍ଚିତ ନ ଥିବା ନାଡାଲ କହିଥିଲେ। ୨୦୨୪ରେ ପ୍ରତିଯୋଗିତାକୁ ଫେରିବେ ବୋଲି ଆଶା ପ୍ରକାଶ କରିଥିଲେ ଏବଂ ଏହା ତାଙ୍କର ଶେଷ ସିଜନ ହୋଇପାରେ ବୋଲି ସେ କହିଥିଲେ।



ରାଫାଲ ନାଡାଲ

# କ୍ରୀଡ଼ା ସଙ୍ଗଠକ ସନ୍ତୋଷଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ୧।୧୨**
**(ତପନ ସ୍ୱାଇଁ)**

ଓଡ଼ିଶା ମାଷ୍ଟର୍ସ ଆଥଲେଟିକ୍ ଆସୋସିଏଶନର ପ୍ରତିଷ୍ଠାତା ସମ୍ପାଦକ ତଥା ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନର ବରିଷ୍ଠ ଉପସଭାପତି ସନ୍ତୋଷ କୁମାର ଦାସଙ୍କର ଗତ ୨୮ ତାରିଖରେ ପରଲୋକ ଘଟିଛି। ତାଙ୍କ ସ୍ମୃତିରେ ଭୁବନେଶ୍ୱର ଆଥଲେଟିକ୍ ଦାସ, ଅଶୋକ କୁମାର ପଟ୍ଟନାୟକ, ଗୁରୁ ପ୍ରସାଦ ପଟ୍ଟନାୟକ, ଗଣେଷ ପାଲ, ସସ୍ମିତା ଦାସ, ସୂର୍ଯ୍ୟକାନ୍ତ ମହାନ୍ତି, ସତ୍ୟବ୍ରତ ନାୟକ, ରବି ନାରାୟଣ ମହାରଣା, ମହେନ୍ଦ୍ର ନାୟକ, କାର୍ଯ୍ୟକାରୀ ସମିତି ସଦସ୍ୟ ଦିଲୀପ ପଟ୍ଟନାୟକ, ନିକୁଞ୍ଜ ମହାନ୍ତି, ବିଭୁ ମହାପାତ୍ର, ନିହାର ପଟ୍ଟନାୟକ, ଦୀପକ ମଙ୍ଗରାଜ, ମୀନତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଆସୋସିଏଶନ କର୍ମକର୍ତ୍ତା।

ଆସୋସିଏଶନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଅନୁଷ୍ଠାନର ସଭାପତି ସୁରେଶ କୁମାର ରାଉତରାୟ, ସାଧାରଣ ସମ୍ପାଦକ ସୌର୍ଯ୍ୟ ରଞ୍ଜନ ପରିଜା, ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ କୁମାର ମହାନ୍ତି ପ୍ରମୁଖ ସ୍ମୃତି ଚାରଣ କରିବା ସହ ଓଡ଼ିଶା କ୍ରୀଡ଼ାପ୍ରତି ତାଙ୍କ ଅବଦାନକୁ ମନେ ପକାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସୋସିଏଶନ ଉପସଭାପତି ଭାଗ୍ୟଧର ଜଗଦେବ, ବିଭିନ୍ନ କ୍ରୀଡ଼ା ବିଭାଗର ସମ୍ପାଦକ ଦିଲୀପ କୁମାର ସନ୍ତୋଷ ଦାସ ଯୁବାବସ୍ଥାରେ ଜଣେ ଭଲ ଫୁଟବଲ ଖେଳାଳି ଓ ଆଥଲେଟ୍‌ଭାବେ ସୁନାମ ଅର୍ଜନ କରିଥିଲେ। ପରବର୍ତ୍ତୀ ସମୟରେ ଜଣେ ଦକ୍ଷ କ୍ରୀଡ଼ା ସଙ୍ଗଠକଭାବେ ପରିଚିତ ହୋଇଥିଲେ। ପୂର୍ବତନ କ୍ରୀଡ଼ାବିତ୍‌ମାନଙ୍କୁ ସଙ୍ଗଠିତ କରି ଓଡ଼ିଶା ମାଷ୍ଟର୍ସ ଆଥଲେଟିକ୍ ଆସୋସିଏଶନ ପ୍ରତିଷ୍ଠା କରିଥିଲେ ଏବଂ ଶେଷ ପର୍ଯ୍ୟନ୍ତ ଏହାର ସମ୍ପାଦକ ଥିଲେ। ଭାରତୀୟ ମାଷ୍ଟର୍ସ ଆଥଲେଟିକ୍ ଆସୋସିଏଶନର ଉପସଭାପତି ମଧ୍ୟ ହୋଇଥିଲେ।

# ଓଡ଼ିଶାର ୧୬ ଖେଳାଳିଙ୍କ ନାମ ପଞ୍ଜୀକୃତ

**ଭୁବନେଶ୍ୱର, ୧।୧୨ (ତପନ ସ୍ୱାଇଁ)**

**ଆଇପିଏଲ୍ ଖେଳାଳି ନିଲାମ**

୨୦୨୪ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପାଇଁ ଖେଳାଳି ନିଲାମ ପ୍ରକ୍ରିୟା ଚଳିତ ମାସ ୧୯ ତାରିଖରେ ଦୁବାଇରେ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ୧୬ ଜଣ ଖେଳାଳିଙ୍କ ନାମ ପଞ୍ଜୀକୃତ କରାଯାଇଛି। ସମସ୍ତ ଖେଳାଳିଙ୍କ ବେସ୍ ପ୍ରାଇସ୍ ୨୦ ଲକ୍ଷ ଟଙ୍କା ଲେଖାଏ ରଖା ଯାଇଛି। ପଞ୍ଜୀକୃତ ହୋଇଥିବା ଖେଳାଳିମାନେ ହେଲେ ଗୋବିନ୍ଦ ପୋଦ୍ଦାର, ପ୍ରୟାସ ସିଂ, ସୁନୀଲ ରାଉଳ, ରାକେଶ ପଟ୍ଟନାୟକ, ହର୍ଷିତ ରାଠୋଡ, ସ୍ୱସ୍ତିକ ସାମଲ, ଦେବବ୍ରଦ ପ୍ରଧାନ, ଅଭିଷେକ ଯାଦବ, ସୌଭାଗ୍ୟ ରାଉତ, ଶାନ୍ତନୁ ମିଶ୍ର, ଶୁଭ୍ରାଂଶୁ ସେନାପତି, ରାଜେଶ ଧୂପର, ମୁସ୍ତାକ ବେଗ୍, ଆଶୀର୍ବାଦ ସ୍ୱାଇଁ, ରାଜେଶ ମହାନ୍ତି ଓ ସନ୍ଦିପ ପଟ୍ଟନାୟକ। ପ୍ରକାଶ ଯୋଗ୍ୟ ଯେ, ଗତ ସିଜନରେ ଶୁଭ୍ରାଂଶୁ ସେପାନତି ଚେନ୍ନାଇ ସୁପର କିଙ୍ଗ୍ସ ଦଳର ସଦସ୍ୟ ରହିଥିଲେ। ମାତ୍ର ଏଥର ଏହି ଫ୍ରାଞ୍ଚାଇଜ୍ ତାଙ୍କୁ ରିଲିଜ କରିଦେଇଛି। ଫଳରେ ସେ ନିଲାମ ପ୍ରକ୍ରିୟାରେ ଉପଲବ୍ଧ ହେବେ।

# ଆଇପିଏଲ୍ ମିଡିଆ ରାଇଟ ୫୦ ବିଲିୟନ ଡଲାର ଛୁଇଁପାରେ

**ବେଙ୍ଗାଲୁରୁ, ୧।୧୨ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଲୋକପ୍ରିୟତା ଯଦି କ୍ରମେ ବୃଦ୍ଧି ପାଇବାରେ ଲାଗେ ତେବେ ଆଗାମି ଦୁଇ ଦଶନ୍ଧିରେ ଏହି ଟି୨୦ ଟୁର୍ନାମେଣ୍ଟର ମିଡିଆ ରାଇଟ୍ ମୂଲ୍ୟ ୫୦ ବିଲିୟନ ଆମେରିକୀୟ ଡଲାର ଛୁଇଁପାରେ ବୋଲି ଇଭେଣ୍ଟର ଚେୟାରମ୍ୟାନ ଅରୁଣ ଧୂମଲ ପ୍ରକାଶ କରିଛନ୍ତି। ବର୍ତ୍ତମାନ ୨୦୨୨ରୁ ଆରମ୍ଭ କରି ୫ବର୍ଷ ପର୍ଯ୍ୟନ୍ତ ଲିଗ୍‌ର ମିଡିଆ ରାଇଟ ମୂଲ୍ୟ ୬.୨ ବିଲିୟନ (ପ୍ରାୟ ୪୮,୦୦୦ କୋଟି ଟଙ୍କା) ରହିଛି। ଏକ ହିସାବରୁ ଜଣାପଡ଼ିଛି ଯେ, ନ୍ୟାଶନାଲ ଫୁଟ୍‌ବଲ ଲିଗ୍ ପରେ ଆଇପିଏଲ ହେଉଛି ବିଶ୍ୱର ଦ୍ୱିତୀୟ ମୂଲ୍ୟବାନ ଲିଗ୍। ଆମେରିକାରେ ଖେଳାଯାଉଥିବା ଏହି ଇଭେଣ୍ଟର ଗତବର୍ଷଠାରୁ ୧୧ ବର୍ଷ ପର୍ଯ୍ୟନ୍ତ ମିଡିଆ ରାଇଟ୍ ମୂଲ୍ୟ ୧୧୦ବିଲିୟନ ଆମେରିକୀୟ ଡଲାର ରହିଛି। ଏଠାରେ ରୟାଲ ଚ୍ୟାଲେଞ୍ଜର୍ସ ଫ୍ରାଞ୍ଚାଇଜର ଏକ କାର୍ଯ୍ୟକ୍ରମରେ ଯୋଗଦାନ ଅବସରରେ ଧୂମଲ କହିଛନ୍ତି ସେ ଭାବୁଛନ୍ତି ୨୦୪୩ ବେଳକୁ ଆଇପିଏଲ୍ ମିଡିଆ ରାଇଟ ୫୦ ବିଲିୟନ ଡଲାର ପାଖାପାଖି ପହଞ୍ଚିଯାଇଥିବ।

# ଭୁବନେଶ୍ୱର 'ଏ' ଡିଭିଜନ ଫୁଟ୍‌ବଲ ଲିଗ୍ ଆରମ୍ଭ

**ଭୁବନେଶ୍ୱର, ୧।୧୨ (ତପନ ସ୍ୱାଇଁ)**

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ 'ଗତିକୃଷ୍ଣ ପଣ୍ଡା ମେମୋରିଆଲ' ଭୁବନେଶ୍ୱର 'ଏ' ଡିଭିଜନ ଫୁଟବଲ ଲିଗ୍ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଫ୍ଲଡ୍ ଲାଇଟରେ ଅନୁଷ୍ଠିତ ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଓ ଏଜି ରିକ୍ରିଏଶନ କ୍ଲବ ଉଦ୍‌ଘାଟନୀ ମ୍ୟାଚ ୨-୨ ଗୋଲରେ ଡ୍ର ରହିଛି। ମ୍ୟାଚର ୩୯ତମ ମିନିଟରେ ୟୁନିଟ-୬ର ରାହୁଲ ମୁଖି ଏକ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ୪୫ତମ ମିନିଟରେ ଏଜି ରିକ୍ରିଏଶନ କ୍ଲବର ରାଜେନ୍ଦ୍ର ହେମ୍ବ୍ରମ ଗୋଲଟିକୁ ପରିଶୋଧ କରି ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ଅର୍ଥାତ୍ ମ୍ୟାଚର ୬୦ତମ ମିନିଟରେ ୟୁନିଟ-୬ର ରୁଦ୍ର ପ୍ରଧାନ ଏକ ପେନାଲ୍ଟି କିକ୍‌କୁ ଗୋଲରେ ପରିଣତ କରି ଦଳକୁ ପୁଣି ଅଗ୍ରଣୀ କରିଥିଲେ। ମାତ୍ର ୭୫ତମ ମିନିଟରେ ଏଜି ଦଳର ଅର୍ପଣ ଲାକ୍ରା ଗୋଲଟିକୁ ପରିଶୋଧ କରି ଦେଇଥିଲେ। ମ୍ୟାଚ ଡ୍ର ରହିବା କାରଣରୁ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ପାଇଛନ୍ତି। ୟୁନିଟ-୬ ଦଳର ରାହୁଲ ମୁଖି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇ ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଗତିକୃଷ୍ଣଙ୍କ ପୁତ୍ର ଶିବ ପ୍ରସାଦ ପଣ୍ଡା ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଫୁଟବଲ ସମ୍ପାଦକ ଦିଲୀପ କୁମାର ଦାସ ଏବଂ ଅନୁଷ୍ଠାନର କାର୍ଯ୍ୟକାରିଣୀ ସମିତି ସଦସ୍ୟମାନେ ଉପସ୍ଥିତ ଥିଲେ। ଶେଖାଓ୍ୱତ ଖାଁ ମ୍ୟାଚ ପରିଚାଳନା କରିଥିଲେ। ତାଙ୍କୁ ସହାୟତା କରିଥିଲେ ଆଲୋକ ଦେହୁରୀ ଓ ଏସ୍.ଏଓ୍. ବେଗ୍। ସୁଶାନ୍ତ ମିଶ୍ର ଚତୁର୍ଥ ରେଫରି ଦାୟିତ୍ୱ ନିର୍ବାହ କରିଥିଲେ। ଶନିବାର କିଶୋର କ୍ଲବ ଓ କିସ୍ ଫୁଟବଲ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଏହି ଲିଗ୍ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ।




ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।


# ଜନ୍ମଦିନ ବିଶେଷାଙ୍କ
# ଧରିତ୍ରୀ 50

ଧରିତ୍ରୀର ୫୦ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ। ଏଥିରେ ଧରିତ୍ରୀର ୫୦ ବର୍ଷର ଯାତ୍ରାପଥରେ ବିଭିନ୍ନ ଉଲ୍ଲେଖନୀୟ ଘଟଣାର ଫଟୋଚିତ୍ର ସମେତ ଦାଦୁଦିଅଁଙ୍କ ୫୦ ନୀତି, ୫୦ ମିଠାପିଠା, ଅନୁସରଣୀୟ ୫୦ ବ୍ୟକ୍ତିତ୍ୱ, ଓଡ଼ିଶାର ୫୦ ଜନଜାତି, ପର୍ଯ୍ୟଟନର ୫୦ ଆକର୍ଷଣ, ଓଡ଼ିଆ ସାହିତ୍ୟରେ ଛାପ ଛାଡ଼ିଥିବା ୫୦ ବହି, ୫୦ ଆମ ଖେଳ ଓ ଖେଳାଳି, ୫୦ ଲୋକପ୍ରିୟ ଓଡ଼ିଆ ସିନେମା ଗୀତ ସହ ୧୯୭୪ରୁ ୨୦୨୩ ମସିହା ମଧ୍ୟରେ ଧରିତ୍ରୀର ପୃଷ୍ଠା ମଣ୍ଡନ କରିଥିବା ବହୁ ପ୍ରବୀଣ ଲେଖକଙ୍କ ଗୃହୀତ ଗଳ୍ପ, କବିତା ଓ ପ୍ରବନ୍ଧକୁ ନେଇ ଏହି ସଂଖ୍ୟା ସମୃଦ୍ଧ। ଏଥିସହ ବିଶିଷ୍ଟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର କଳାକୃତିରେ ପୁଷ୍ଟ ଏହି ବିଶେଷାଙ୍କର ପ୍ରଚ୍ଛଦ।

**ମୂଲ୍ୟ:୧୦୦**

**ଯୋଗାଯୋଗ- ଭୁବନେଶ୍ୱର:** ସମୀର ରଞ୍ଜନ ପରିଡ଼ା- ୯୮୫୩୯୮୯୮୫୬
**(କଟକ ସହର,ଖୋର୍ଦ୍ଧା,ପୁରୀ):**
ଅରବିନ୍ଦ ପାଠୀ -୭୦୦୮୯୫୦୪୨୫
**କଟକ ସଦର:**ପ୍ରମୋଦ ନାୟକ - ୮୨୪୯୨୯୦୩୭୨
**ବାଲେଶ୍ୱର:** ଆଲୋକ କାନୁନ୍‌ଗୋ-୮୨୪୯୫୮୪୦୧୦
**ସମ୍ବଲପୁର:**ନରୋତ୍ତମ ଜେନା- ୯୩୪୮୨୦୯୫୩୪
**ଅନୁଗୋଳ:**ସୌରଭ ତ୍ରିପାଠୀ-୮୮୪୭୮୬୨୦୯୨
**ରାୟଗଡ଼ା:**ବିଶ୍ୱଜିତ୍ ପାଲଟାସିଂ-୭୯୭୮୦୩୮୨୦୩
**ବ୍ରହ୍ମପୁର:**ମଳୟ କୁମାର ସାହୁ-୯୪୩୯୬୮୩୯୯୯




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ।

**ଦୂରଭାଷ: ୦୬୭୪-୨୫୮୦୧୦୧, ୨୫୪୯୩୦୨**





1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ODM EDUCATIONAL GROUP

WISHES DHARITRI GROUP A HAPPY 50 YEARS ANNIVERSARY

ODM EDUCATIONAL GROUP
*Changing your Tomorrow*

## ADMISSIONS OPEN 24-25

NURSERY - XI (RESIDENTIAL FACILITY AVAILABLE)

## 32 YEARS OF GOLDEN LEGACY


ODM PUBLIC SCHOOL, BHUBANESWAR


ODM GLOBAL SCHOOL, BHUBANESWAR


ODM SAPPHIRE GLOBAL SCHOOL, RANCHI


ODM INTERNATIONAL SCHOOL, DURGAPUR

## With Proven Track Record of Excellence

### Class X Achievers


SWATI
99.2%
STATE TOPPER

95% & above 45 students
90% & above 107students
84% SCHOOL AVERAGE

### Class XII Achievers


AROSHISH
98.2%
SCIENCE TOPPER

95% & above 49 students
90% & above 151students
82% SCHOOL AVERAGE

### Our JEE (Adv.) Topper


SHRINIKET BEHERA
AIR 435(OBC)

### Our NEET Topper


DIPTESH KUMAR BEHERA
AIR 571(OBC)

24 JEE (Adv.)
45 JEE (MAIN)
43 NEET
01 NISER
07 KVPY

*Results of ODM Educational Group



1800 120 2316

www.odmps.org | www.odmglobalschool.org | odmsapphireglobalschool.org | odminternationalschool.org

# ଅଧିକ ସମୟ ଦେବାକୁ ସରକାରଙ୍କ ଆବେଦନ

## ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ କମିଶନ୍ ରିପୋର୍ଟ ସାର୍ବଜନୀନ କରିବା ମାମଲା

**କଟକ,୧।୧୨ (କାର୍ତ୍ତିକ ସାହୁ)**

ଶ୍ରୀମନ୍ଦିର ରତ୍ନଭଣ୍ଡାରର ଚାବି ହଜିବା ଘଟଣାର ତଦନ୍ତ କମିଶନ୍‌ଙ୍କ ରିପୋର୍ଟ ସାର୍ବଜନୀନ କରାଯିବା ନେଇ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ଶୁକ୍ରବାର ହୋଇଛି। ରାଜ୍ୟ ସରକାର ସ୍ଥିତି ସମ୍ପର୍କିତ ରିପୋର୍ଟ ଦାଖଲ ପାଇଁ ଅଧିକ ସମୟ ଦେବାକୁ ଅଦାଲତଙ୍କୁ ପ୍ରାର୍ଥନା କରିଛନ୍ତି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଛନ୍ତି। ଆସନ୍ତା ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଶୁକ୍ରବାର ଶୁଣାଣିବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଅଧିକ ସମୟ ନେବାକୁ ଆବେଦନ କରାଯାଇଥିବାବେଳେ ଆବେଦନକାରୀଙ୍କ ଆଇନଜୀବୀ ଅନୁପ ମହାପାତ୍ର ଏହାକୁ ବିରୋଧ କରିଥିଲେ। ମହାପାତ୍ର ଯୁକ୍ତି ବର୍ଶାଇଥିଲେ ଯେ, ଗତ ଏପ୍ରିଲ ୨୫ ତାରିଖ ଶୁଣାଣିରେ ହାଇକୋର୍ଟ ପ୍ରତିପକ୍ଷ ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ରାଜ୍ୟ ଆଇନ ବିଭାଗ ସଚିବଙ୍କୁ ରତ୍ନଭଣ୍ଡାର ସ୍ଥିତି ସମ୍ପର୍କିତ ରିପୋର୍ଟ ଦାଖଲ ପାଇଁ ନୋଟିସ ଜାରି କରିଥିଲେ। ଗତ ଜୁଲାଇ ୧ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଇତିମଧ୍ୟରେ ୫ ମାସ ବିତି ଯାଇଥିଲେ ସୁଦ୍ଧା ରାଜ୍ୟ ସରକାର ରିପୋର୍ଟ ଦାଖଲ ନ କରି ଅଧିକ ସମୟ



ନେଉଛନ୍ତି। ପୂର୍ବରୁ ଏକ ମଧ୍ୟବର୍ତ୍ତୀକାଳୀନ ଆବେଦନ ଜରିଆରେ ସରକାର ୨ ମାସ ସମୟ ନେଇଥିଲେ। ଆବେଦନକାରୀ ପୁରୀ ଜିଲା କାମକଣ୍ଟିଆର ସାମାଜିକ କର୍ମୀ ଦିଲ୍ଲୀପ ବରାଳଙ୍କ ପକ୍ଷରୁ ଦାୟର ମାମଲାକୁ ଆଇନଜୀବୀ ଅନୁପ ମହାପାତ୍ର ଓ ଆଇନଜୀବୀ ହରପ୍ରିୟା ରାଉତରାୟ ପରିଚାଳନା କରୁଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଶ୍ରୀମନ୍ଦିରର ରତ୍ନଭଣ୍ଡାର ଚାବି ହଜିବା ମାମଲାର ତଦନ୍ତ ପାଇଁ ରାଜ୍ୟ ସରକାର ୨୦୧୮ ଜୁନ୍ ୬ରେ ଜଷ୍ଟିସ ରଘୁବୀର ଦାଶ କମିଶନ୍ ଗଠନ କରିଥିଲେ। ଜଷ୍ଟିସ ରଘୁବୀର ଦାଶ ମାମଲାର ତଦନ୍ତ କରି ୨୦୧୮ ନଭେମ୍ବର ୨୯ ତାରିଖରେ ରାଜ୍ୟ ସରକାରଙ୍କୁ ୩୫୪ ପୃଷ୍ଠାର ରିପୋର୍ଟ ପ୍ରଦାନ କରିଥିଲେ। କମିଶନ୍ ଅଫ୍ ଇନକ୍ୱାରି ଆକ୍ଟ ୧୯୫୨ ଅନୁଯାୟୀ ସରକାର ଉକ୍ତ ରିପୋର୍ଟକୁ ପରଖିବା ପରେ ବିଧାନସଭାରେ ଉପସ୍ଥାପନ କରିବେ କି ନାହିଁ ସେନେଇ ନିଷ୍ପତ୍ତି ନେବା କଥା। ହେଲେ ଏ କ୍ଷେତ୍ରରେ କ'ଣ ହୋଇଛି ତାହା ଜଣାନାହିଁ। ବିରୋଧୀ ଦଳ ମଧ୍ୟ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ନିମନ୍ତେ ବିଧାନସଭାରେ ପ୍ରସଙ୍ଗ ଉଠାଇଥିଲେ। ହେଲେ ୨୦୧୮ରୁ ଅଦ୍ୟାବଧି ଉକ୍ତ ରିପୋର୍ଟକୁ ସରକାର ଚପାଇ ରଖିଛନ୍ତି। ଆବେଦନକାରୀ ରିପୋର୍ଟକୁ ବିଧାନସଭାରେ ଉପସ୍ଥାପନ ପୂର୍ବକ ସାର୍ବଜନୀନ କରିବାକୁ ପିଟିଶନ୍‌ରେ ଦର୍ଶାଇଛନ୍ତି। ଏଥିସହ ସେ ଆହୁରି ମଧ୍ୟ ପ୍ରାର୍ଥନା କରିଛନ୍ତି, ରତ୍ନଭଣ୍ଡାରରେ କ'ଣସବୁ ଅଳଙ୍କାର ରହିଛି ତାହାର ତାଲିକା ୧୯୭୮ ମସିହାରୁ ଏଯାବତ୍ ପ୍ରସ୍ତୁତ ହୋଇନାହିଁ। ଏହି ତାଲିକା ପ୍ରସ୍ତୁତ କରିବା ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ମଧ୍ୟ ଆବେଦନ କରାଯାଇଛି। ଏଥିସହ ରତ୍ନଭଣ୍ଡାର ଦୁର୍ବଳ ହୋଇପଡ଼ିବା କାରଣରୁ ତାହାର ମରାମତି ନିମନ୍ତେ ଏଏସ୍ଆଇକୁ ଦାୟିତ୍ୱ ଦିଆଯାଉ ବୋଲି ସେ ଆବେଦନ କରିଛନ୍ତି। ଏଥିରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଆଇନ ବିଭାଗ ସଚିବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଉପ ମୁଖ୍ୟ ପ୍ରଶାସକ, ଶ୍ରୀମନ୍ଦିର ପରିଚାଳନା କମିଟି, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ମହାନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି।

# କନ୍ଧମାଳ ଯୁବ ବିଜେଡି ଉପସଭାପତିଙ୍କ ସନ୍ଦେହଜନକ ମୃତ୍ୟୁ

**ଫୁଲବାଣୀ,୧।୧୨**
**(ରାକେଶ କୁମାର ରାଉତ)**

କନ୍ଧମାଳ ଜିଲା ଯୁବ ବିଜେଡି ଉପସଭାପତି ସଞ୍ଜିତ ମଲ୍ଲିକ(୩୨)ଙ୍କ ଗୁରୁବାର ରାତିରେ ମୃତ୍ୟୁ ହୋଇଛି। ନିଜ ଘର ପାଖରୁ କିଛି ଦୂର ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ କ୍ୱାର୍ଟର୍ସରୁ ତାଙ୍କ ମୃତଦେହକୁ ଜବତ କରାଯାଇଛି। ସଞ୍ଜିତଙ୍କ ମୃତ୍ୟୁ ସ୍ୱାଭାବିକ ନୁହେଁ, ତାଙ୍କୁ ହତ୍ୟା କରାଯାଇଛି ବୋଲି ସ୍ତ୍ରୀ ଏବଂ ବାପା ଅଭିଯୋଗ କରିଛନ୍ତି। ପୋଲିସ ସବୁ ଦିଗକୁ ନଜରରେ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି। ସଞ୍ଜିତଙ୍କ ଘର ଫୁଲବାଣୀ ବ୍ଲକ ଦଡ଼କି ପଞ୍ଚାୟତରେ। ତାଙ୍କ ମା' ନମିତା ମଲ୍ଲିକ ସରପଞ୍ଚ ଅଛନ୍ତି।

୩ ଦିନ ତଳେ ସଞ୍ଜିତଙ୍କ ସହ କେତେଜଣ ଯୁବକଙ୍କ ମଧ୍ୟରେ କମେଣ୍ଟମରାକୁ କେନ୍ଦ୍ର କରି ପାଟିତୁଣ୍ଡ ହୋଇ ତାହା ଉଗ୍ରରୂପ ନେଇଥିଲା। ସଞ୍ଜିତ ଅଧିକାଂଶ ଦିନ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ କ୍ୱାର୍ଟର୍ସରେ ରୁହନ୍ତି। ତାଙ୍କ ସ୍ତ୍ରୀ କୋଟଗଡ ବ୍ଲକରେ ଶିକ୍ଷୟିତ୍ରୀ ଅଛନ୍ତି। ଗୁରୁବାର ସ୍ତ୍ରୀ କୋଟଗଡ ଯାଇଥିଲେ। ସଞ୍ଜିତ ରାତିରେ ଘରୁ ଉକ୍ତ କ୍ୱାର୍ଟର୍ସକୁ ଆସିଥିଲେ। ସକାଳେ

**ସ୍ତ୍ରୀ, ବାପା ଆଣିଲେ ହତ୍ୟା ଅଭିଯୋଗ**



ସଞ୍ଜିତ ମଲ୍ଲିକ

ସେ ଘରକୁ ନ ଫେରିବାରୁ ବାପା ଯଶୋବନ୍ତ ମଲ୍ଲିକ ସେଠାକୁ ଯାଇ ସଞ୍ଜିତଙ୍କ ବାଇକ୍ ଥିବା ଦେଖିଥିଲେ। ସଞ୍ଜିତକୁ ଡାକିଥିଲେ ମଧ୍ୟ ଭିତରୁ କୌଣସି ଉତ୍ତର ମିଳି ନ ଥିଲା। କବାଟକୁ ଠେଲି ଭିତରେ ପଶିବାରେ ତାଙ୍କ ମୃତଦେହ ପଡି ରହିଥିବା ଓ ପାଟିରୁ ରକ୍ତ ବାହାରିଥିବା ଦେଖିଥିଲେ ବୋଲି ଯଶୋବନ୍ତ କହିଛନ୍ତି। ପୁଅକୁ ହତ୍ୟା କରାଯାଇଛ, ଦୋଷୀକୁ ତୁରନ୍ତ ଧରାଯାଉ ବୋଲି ସେ ଦାବି କରିଛନ୍ତି। ସେହିପରି ମୋ ସ୍ୱାମୀଙ୍କୁ ହତ୍ୟା କରାଯାଇଛି ବୋଲି ସଞ୍ଜିତଙ୍କ ସ୍ତ୍ରୀ କହିଛନ୍ତି। ୩ ଦିନ ପୂର୍ବରୁ ହୋଇଥିବା ଝଗଡା ସମ୍ପର୍କରେ ସ୍ୱାମୀ ମୋତେ କହୁଥିଲେ। ଏପରିକି ସେମାନେ ଏକୁଟିଆ ପାଇଲେ ମାରିଦେବେ ବୋଲି ମଧ୍ୟ କହିଥିଲେ। ଶେଷରେ ସେମାନେ ତାହା ହିଁ କଲେ ବୋଲି ସଞ୍ଜିତଙ୍କ ସ୍ତ୍ରୀ କହିଛନ୍ତି। ନିଜ ସମ୍ପର୍କୀୟ ଏଥିରେ ସମ୍ପୃକ୍ତ ଅଛନ୍ତି, ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଉ ବୋଲି ସେ କହିଛନ୍ତି। ଏ ନେଇ ସଦର ଥାନାଧିକାରୀ ସିତାଂଶୁ ଶେଖର ମାନ୍ଧାତାଙ୍କୁ ପଚାରିବାରୁ ସବୁ ଦିଗକୁ ନେଇ ତଦନ୍ତ କରୁଛୁ। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। କେତେଜଣଙ୍କୁ ପଚରାଉଚରା ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ପଦାକୁ ଆସିବ ବୋଲି ସେ କହିଛନ୍ତି। ଏ ନେଇ ଥାନାରେ ୧୯୭/୨୩ରେ ମାମଲା ରୁଜୁ ହୋଇଛି।

































## •ମଣିଷ ହେବାର ରାସ୍ତା•



ସନ୍ଥ ଶରଣାନୁଗତ
**ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ**
ଦେଉଳସାହି, ବାରିପଦା
ଚଳଭାଷ – ୯୪୩୯୪୮୦୦୦୦

**ଶ୍ରୁତି ବେଦବାଣୀ (ମନୁର୍ଭବ)-** (କ) **ପ୍ରାତା ସୁଗ୍ଧ୍ୟ ମାତା ପିତେବ ହୁବେ ପ୍ରଦକ୍ଷଣ** ବିଧି ଅନୁସାରେ ପ୍ରତ୍ୟହ ପିତାମାତାଙ୍କୁ ଥିବା ଅବସ୍ଥାରେ ବା ସେମାନଙ୍କ ଅନ୍ତେ ଯେ ଫଟୋ ପୂଜା ପ୍ରଦକ୍ଷଣ କରେ, ତା ପାଇଁ ପ୍ରତିମା ପୂଜା ଲୋଡା ନାହିଁ ବରଂ ସେ ଶ୍ରୀଗଣେଶଙ୍କ ଗୁଣରେ ଗୁଣୀ। **(ଖ) ବୃଦ୍ଧସ୍ୟ ବଚନଂ ଗ୍ରାହ୍ୟ** – ତନୁ ଷୋମେଭିଃ – ମତେ କଳିଷଠାଷାଠ୍ ନୀତିରେ ଷାଠିଏ ବର୍ଷ ପରେ କିଛି କଥା ରହେ ନାହିଁ ଜାଣି ନୀରବତା ଶ୍ରେୟ। ପୁଣି **ପଦ୍ମ ପତ୍ର ମିମ୍ବାବସା ଜୀବନମ୍** ଅନୁସାରେ ଜଳରେ ପଦ୍ମପତ୍ରର ସମ୍ପର୍କ ପରି ଆମର ଘରୋଇ ସମ୍ପର୍କ ରଖି ସିଜୁଦ୍ରମ ସହ ସହି ଏବଂ ରୋଗଶଯ୍ୟାକୁ ଭଗବାନଙ୍କ ନାମ ସ୍ମରଣ ପାଇଁ ଫୁଲଶଯ୍ୟା ଭାବି ଭାବନା ହିଁ ବଞ୍ଚିବାର ବ୍ୟାକରଣ ଏକଥା ନ ମାନିଲେ "**ଢ଼ୋ**"।

**ସ୍ମୃତିଗୀତା(କୁରୁ କର୍ମଣ୍ୟ - ଶରୀର ଯାତ୍ରାପିଂଚତେ)** - ଯେଉଁ ମଣିଷ ନିଜକୁ ଛୋଟ ମନେ ନକରି ପୂର୍ବ ଜନ୍ମର କର୍ମଫଳରୁ ମିଳିଥିବା ପ୍ରାରବ୍ଧରୁ 'ଜୋତା ପାଲିସ୍ ଠାରୁ ଚଣ୍ଡୀପାଠ' ପର୍ଯ୍ୟନ୍ତ ସବୁ କର୍ମକୁ ପୂଜା ଏବଂ ଈଶ୍ୱରଙ୍କ ଚୟନ ମାନି ବୃତ୍ତିଗତ ଜୀବନରେ ତାକୁ ବ୍ରତ ଭାବି ସମୟର ସଦୁପଯୋଗରେ ଯେ ଅର୍ଥ ସହ ପରମାର୍ଥ ବାଣ୍ଟେ ସେ ତଳୁ ଉପରକୁ ଉଠିଯାଏ। ଗୀତାର ଅର୍ଥ ଗୀତ ଭାବି ଶୁଆ ଶାରୀ ସମ ଘୋଷି ଚର୍ଯ୍ୟା ନଥାଇ ସଭାରେ ଚର୍ଚ୍ଚା ଆର୍ଷବାଣୀ **ନନାମାନବସାଦ ଯତେ** ମତେ ଶବ୍ଦବ୍ରହ୍ମର ଅଯଥା ବିନିଯୋଗ। ଗୀତା କୌରବ ପାଣ୍ଡବ ମଧ୍ୟରେ ଧର୍ମଯୁଦ୍ଧ ବୁଝି ସାଧୁ ପରିତ୍ରାଣ- ଧର୍ମ ସଂସ୍ଥାପନ ପାଇଁ ଆର୍ଷବାଣୀ **ବିଷ୍ଣୁଟୋ ବିନାଶାୟ, ଅଗ୍ନିଦୋ ଗରଳଶ୍ଚୈବ ଆତତାୟୀ, Chief compedium of Manab Dharma who cherish the poor & punish the wicked** ଅର୍ଥରେ ସମାଜରେ ଦୁଷ୍ଟମାନଙ୍କୁ ଦୁଷ୍ଟାମିରେ ଦମନ କରିବା ଶିଖାଏ ଭଗବାନ ଶ୍ରୀକୃଷ୍ଣ ମଧ୍ୟ ସୁଦର୍ଶନ ଚକ୍ର ଧାରଣ କରିବା ନ୍ୟାୟରେ ସେ କଥା ନ ମାନି ଗୀତା ଆବୃତ୍ତି ଧୃଷ୍ଟତା।


**ଇତିହାସ ରାମାୟଣ (ନିନ୍ଦକ ମନ୍ଦମତି ଆତ୍ମହନ୍ ଗତିଯାଇ)** - ଯେ ପରନିନ୍ଦା ପରଚର୍ଚ୍ଚାରେ ରତ, ଅନ୍ୟକୁ ଦେଖି ହନୁକରଣ କରେ **'ସେ ବ୍ରଣ ଇଚ୍ଛନ୍ତି ମକ୍ଷିକାଃ'** ମତେ ମାଛି ଘା' ଖୋଜେ ସମ ଘୃଣ୍ୟ ଅଭିଶପ୍ତ ଜୀବନକୁ ଆଦରି ଆତ୍ମହତ୍ୟା ଦୋଷରେ ଆତ୍ମାକୁ ଅସାଡ଼ କରିଥାଏ। ଈଶ୍ୱରଙ୍କ ଲାଠିରେ ତା ପାଇଁ ଶବ୍ଦ ନାହିଁ କିନ୍ତୁ ଅପକର୍ମ ପାଇଁ ଇଷ୍ଟକୁ ଭୁଲି ସେ ନଷ୍ଟ ହୁଏ। ରାମାୟଣ (ରାମଙ୍କ ଅୟନ) - ସବ୍‌କେ ଦାତା ରାମ ନାମର ମହିମା ଏବଂ ଦଶରଥ ନନ୍ଦନ ଶ୍ରୀରାମଙ୍କ ମଧ୍ୟରେ ଅନ୍ତର ତଥା ଧର୍ମ ଓ ଆଧାତ୍ମିକତା ମଧ୍ୟରେ ପ୍ରଭେଦ ବୁଝାଏ। ତେବେ ରାମାୟଣର କଥା-କଥନ-କହି-ପଢ଼ି **ଯେତେ ଭାଇ ସେତେ ଘର** କିମ୍ବା ରାବଣରାଜକୁ ଦେଖି ନୀରବତାର ନିରାଜନା ପୁରୁଷୋତ୍ତମ ଶ୍ରୀରାମଙ୍କ ପ୍ରତି ଅବମାନନା ଏବଂ ପରମୋତ୍ତମ ପ୍ରତୀକ ହେବାର ସୁଯୋଗ ଦିଏନାହିଁ ପ୍ରଚାର ସର୍ବସ୍ୱ ଧର୍ମ ସୌଦାଗରମାନଙ୍କୁ ତାଙ୍କ ପେଟପୂଜା ପାଇଁ।

**ପୁରାଣ ଭାଗବତ୍ (ନିଷିଦ୍ଧ ନିଖିଳୋପାଧି ନେତି ନେତୀତି ବାକ୍ୟତଃ)** - ସତ୍ୟମପି ନ ବନିଷ୍ଟଃ ଅର୍ଥାତ୍ ସତକଥା ତାକୁ ବାଧେ ଯାହାର କର୍ମରେ ଦୋଷଥାଏ। ତାକୁ ସର୍ବଦା ସତକଥା କାନ୍ଥ କୁଣ୍ଡିଆ ସମ କୁଣ୍ଡେଇ ହୁଏ ସେ ପାପୀ ବିହିତ କର୍ମ ନ କରି ନିଜ କାମ ପାଇଟି ବ୍ୟକ୍ତିଗତ ଉପଚାରରେ ମାତି ଘରେ ଏନାମାର ସମ ତାର ଜୀବନଟା ଏକ ସର୍କସ ସୋ ବୁଝିପାରେନି। ପୁଣି ଭାଗବତ ଗାନ ବଜାନ ମଉଜ ମନାଇବାର ମାଧ୍ୟମ ନୁହେଁ ବରଂ **ଅନାବୃତ୍ତ ତତ୍ତ୍ୱାନାମ୍ ବାକ୍** ଅର୍ଥରେ ତାର କେଇପଦ ଅକୁହା କଥାକୁ ଯେପରି ରାଜା ପରିକ୍ଷିତ ଶୁଣି ୭ ଦିନରେ ତରିଗଲେ ମଣିଷ ହେବାର ରାସ୍ତା ପାଇ, ଭାଗବତ ସେହି ଅମୃତମଣୋହି କେବଳ ମହର୍ଷି ବ୍ୟାସଦେବଙ୍କ ଅନୁସାରେ ବୁଝିବା-ହେଜିବା ଅକ୍ଷରେ ସନ୍ତୁଷ୍ଟ ହୋଇ।

**ଉପନିଷଦ (ନାୟମାତ୍ମା ପ୍ରବଚନେନ ଲଭ୍ୟୋ ନ ମେଧୟାନ୍ ବହୁନା ଶୃତେନ୍)** - ପ୍ରବଚନର ଅର୍ଥ ଯେଉଁ ବଚନ ଉର୍ଦ୍ଧ୍ୱଗାମୀ କରେ ନିଜ ମନ ନିଜ ଗୁରୁ ପଣିଆରେ କାହାର ଦାସତ୍ୱ ସ୍ୱୀକାର ନ କରାଇ। **ଧନହୀନଃ ନ ହୀନଃ - ଦାନହୀନଃ ଧନୀକଃ ହୀନଃ** - ଯାହାର ଧନ ନାହିଁ ମନ ଅଛି ସେ ହୀନ ନୁହେଁ ବରଂ ଯାହାର ଢ଼େର୍ ଧନ ଥାଇ ଯେ କୃପଣ ସେ ହିଁ ହୀନ। ସେ ବୁଝିପାରେନି ନଦୀ ସମ ଦେଲେ ଭରଣା ହୋଇଯାଏ-ଗାଡିଆ ସମ ସଂକୀର୍ଣ୍ଣ ହେଲେ ସରିଯାଏ। **ଯତ୍ର ଦେବାସଃ ପୂଜ୍ୟନ୍ତେ ତତ୍ର ଦେବତାଃ** - ଯେଉଁ ସ୍ଥାନରେ ଦିବ୍ୟ ସମାଗମ, ଗୁଣର ଆଦର ତାହା ହିଁ ସନ୍ଥତୀର୍ଥ ଉପନିଷଦ ଶିଖାଏ।

ସେହିପରି ମନୁ ସ୍ମୃତିରେ ଧର୍ମୋ ରକ୍ଷତି ରକ୍ଷିତଃ ମର୍ମରେ ଧର୍ମ ଦେହ ଧାରଣ ପାଇଁ ଏବଂ ଆଧାତ୍ମିକତାର ଚାରଣ ଦେହୀ ପାଇଁ ବୁଝୁଚି କିଏ ପ୍ରଶ୍ନବାଚୀ। ସନାତନ ଧର୍ମରେ **Life is highest hapiness gain in minimum** ଅର୍ଥାତ୍ ଅତିଅଳ୍ପ ବଞ୍ଚିବା ପାଇଁକି ସରଳ ଜୀବନଯାପନ ଲୋଡି ଘିଅ ମହୁରେ ନ ଭାସି ଘର ସଂସାର ଯେ ନଛାଡ଼େ ସେ ଖାଣ୍ଟି ସନ୍ଥ। ଏସବୁକୁ ବଞ୍ଚିବାର ବ୍ୟାକରଣ ମାନି ସମାଜରେ ସୁଖଦ ସଂଯୋଗର ସୂତ୍ରଧର ହେବାକୁ ଅପସଂସ୍କୃତିର ନୀଳ ନଈରେ ନିଜକୁ ନ ହଜେଇ ସଭ୍ୟ ନ ବୋଲାଇ ସତ୍‌ପଥ ହିଁ ଶପଥ ହେଉ ଦୈନିକ ଧରିତ୍ରୀର ୫୦ବର୍ଷ ପଦାର୍ପଣର ସ୍ୱନକ୍ଷତ୍ର ଦିବସରେ ସମଗ୍ର ମାନବ ଜାତିକୁ ମାନବ ଧର୍ମର ବାର୍ତ୍ତା ଏବଂ ମଣିଷ ହେବାର ରାସ୍ତା।

# ଟ୍ରକ୍ ପଛରେ ପିଟିହେଲା ଟ୍ରାଭେଲର, ୮ ମୃତ


ଦୁର୍ଘଟଣାଗ୍ରସ୍ତ ଟ୍ରାଭେଲର

**ରାଜ୍ୟ ସରକାରଙ୍କ ପରିବହନ ବିଭାଗ ପକ୍ଷରୁ ଶୁକ୍ରବାରଠାରୁ 'ମୃତ୍ୟୁଶୂନ୍ୟ ସପ୍ତାହ' ଆରମ୍ଭ ହୋଇଛି। ହେଲେ ପ୍ରଥମ ଦିନରେ ବିଭିନ୍ନ ସ୍ଥାନରେ କେତେକ ଦୁର୍ଘଟଣା ଘଟିଯାଇଛି। ଛୋଟ ଛୋଟ ଦୁର୍ଘଟଣାକୁ ବାଦ୍‌ଦେଲେ କେନ୍ଦୁଝର ଜିଲା ଘଟଗାଁ ନିକଟରେ ଘଟିଥିବା ମର୍ମନ୍ତୁଦ ଦୁର୍ଘଟଣାରେ ୮ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିବା ସମସ୍ତଙ୍କୁ ମର୍ମାହତ କରିଛି ।**

- **୧୨ ଗୁରୁତର, ୧୧ କଟକ ବଡ଼ ମେଡିକାଲରେ ଭର୍ତ୍ତି**
- **ଆଉ ୩ କି.ମି ପରେ କରିଥାନ୍ତେ ତାରିଣୀ ଦର୍ଶନ**
- **ପୂର୍ବତନ ଏମ୍‌ପି ରେଣୁବାଳା ପ୍ରଧାନଙ୍କ ୩ ସମ୍ପର୍କୀୟଙ୍କ ମୃତ୍ୟୁ**

ଘଟଗାଁ (ରାଜେନ୍ଦ୍ର କୁମାର ପଟ୍ଟନାୟକ)/ ଡେଙ୍କିକୋଟ(ନୀଳମଣି ମଣ୍ଡଳ)/ କେନ୍ଦୁଝର (ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର),୧।୧୨

କେନ୍ଦୁଝର ଜିଲା ଘଟଗାଁସ୍ଥିତ ମା' ତାରିଣୀଙ୍କ ଦର୍ଶନ ସାରି ପୁରୀ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାକୁ ଯାଇଥାନ୍ତେ। ଆଉ କିଛି ସମୟ ପରେ ମା'ଙ୍କ ପୀଠରେ ପହଞ୍ଚି ସକାଳ ମଙ୍ଗଳ ଆଳତି ଦେଖିଥାନ୍ତେ। ଶୀଘ୍ର ପହଞ୍ଚି ଆଗ ଦର୍ଶନ କରିବାକୁ ନେଇ ସମସ୍ତଙ୍କ ମନରେ ଉତ୍ସାହ ଭରିରହିଥିଲା। ମାତ୍ର ତାରିଣୀଙ୍କ ମନ୍ଦିରଠାରୁ ୩ କି.ମି. ଦୂରରେ ଦୁର୍ଘଟଣା ଅଟକାଇଦେଲା। ଏହି ସଡ଼କ ଦୁର୍ଘଟଣାରେ ଗଞ୍ଜାମ ଜିଲା ଦିଗପହଣ୍ଡି ଅଞ୍ଚଳରୁ ଏକ ଟ୍ରାଭେଲରରେ ମା'ଙ୍କ ଦର୍ଶନ ପାଇଁ ଯାଉଥିବା ୩ ପରିବାରର ୮ଜଣଙ୍କ ମୃତ୍ୟୁ ଘଟିଛି। ୧୨ ଜଣ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ରୁଦ୍ର ଗୌଡ଼(୪), ବାବୁଲୁ ଗୌଡ଼(୫୦), ମଦନ ଗୌଡ଼(୪୦), ବାୟାଧର ଗୌଡ଼(୬୦), ପଦ୍ମିନୀ ଗୌଡ଼(୩୮), ଲିଜା ପ୍ରଧାନ(୨୨), ଆକାଶ ପ୍ରଧାନ(୨୮) ଏବଂ ମିତାଲି ପ୍ରଧାନ(୪୮)। ଘଟଣାରେ ପୋଲିସ ଟ୍ରାଭେଲର ଡ୍ରାଇଭର ଚିତ୍ରସେନ ଗୌଡ଼(୨୯)ଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ଗଞ୍ଜାମ ଜିଲା ଦିଗପହଣ୍ଡି ବଡାଗଡ଼ର ଗଜେନ୍ଦ୍ର ପ୍ରଧାନଙ୍କ ପରିବାର ସହ ତାଙ୍କ ଗ୍ରାମର ଅନ୍ୟ ୨ ପରିବାରର ୨୦ ଜଣ ସଦସ୍ୟ ଘଟଗାଁ ମା' ତାରିଣୀ ଓ ପୁରୀ ଜଗନ୍ନାଥ ଦର୍ଶନ ପାଇଁ ବାହାରିଥିଲେ। ସମସ୍ତେ ମା'ଙ୍କ ନିକଟରେ ପୂଜା ଓ ଦର୍ଶନ ସାରି ପୁରୀ ଯିବାର କାର୍ଯ୍ୟକ୍ରମ ରହିଥିଲା। ଏ ନେଇ ଗୁରୁବାର ରାତିରେ ଟ୍ରାଭେଲର (ଓଡି ୦୭ ଏଏଲ୍ ୦୯୭୫) ଯୋଗେ ପ୍ରଥମେ ଘଟଗାଁକୁ ଆସୁଥିଲେ। ଶୁକ୍ରବାର ଭୋର ୫ଟା ସମୟରେ ମନ୍ଦିରଠାରୁ ୩ କି.ମି. ଦୂର ଏନ୍‌ଏଚ୍-୨୦ ବାଲିଯୋଡ଼ି ନିକଟରେ ରାସ୍ତା ଉପରେ ବ୍ରେକ୍ ଡାଉନ ହୋଇ ଛିଡ଼ାହୋଇଥିବା ଏକ ୧୪ ଚକିଆ ଟ୍ରକ୍(ଓଡି ୦୫ ଏୟୁ ୯୮୬୫) ପଛରେ ଟ୍ରାଭେଲର ଧକ୍କାଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଟ୍ରାଭେଲରର ସମ୍ମୁଖ ଭାଗ ଭାଙ୍ଗି ଚୂର୍ମାର ହୋଇଯାଇଥିଲା। ସମସ୍ତ ଯାତ୍ରୀ ଶୋଇଥିବା ବେଳେ ଦୁର୍ଘଟଣା ପରେ କେତେ ଜଣ ଗାଡ଼ି ଭିତରେ ଚାପିହୋଇଯାଇଥିଲେ। ଆଉ କେତେ ଜଣ ରାସ୍ତାକୁ ଛିଟିକି ପଡ଼ିଥିଲେ। ☞ପୃଷ୍ଠା-୫

## ମୃତକଙ୍କ ଆତ୍ମୀୟଙ୍କୁ ୩ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପା ସହାୟତା

### ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୧।୧୨(ଅନିଲ ଦାସ)

ଘଟଗାଁ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ୮ ଜଣ ବ୍ୟକ୍ତିଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକପ୍ରକାଶ କରିଛନ୍ତି। ଏଥିସହ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୩ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି ଏବଂ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।

ଏହି ଦୁର୍ଘଟଣାରେ ଆହତ ୧୨ ଜଣଙ୍କୁ ମାଗଣାରେ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହିତ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ମୃତାହତ ସମସ୍ତ ବ୍ୟକ୍ତି ଗଞ୍ଜାମ ଜିଲା ଦିଗପହଣ୍ଡି ଅଞ୍ଚଳର ବୋଲି ଜଣାପଡ଼ିଛି। ୫-ଟି ଏବଂ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉପଯୁକ୍ତ ସମନ୍ୱୟ ରକ୍ଷା କରି ଦୁର୍ଘଟଣାଗ୍ରସ୍ତ ଲୋକ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ସମସ୍ତ ସହାୟତା ଯୋଗାଇ ଦେବାକୁ ଉଭୟ କେନ୍ଦୁଝର ଏବଂ ଗଞ୍ଜାମ ଜିଲାପାଳଙ୍କ ସହ କଥା ହୋଇଛନ୍ତି।

# ବାପାଙ୍କ କଟୁରି ଚୋଟରେ ପୁଅ, ପଡ଼ୋଶୀ ମହିଳା ମୃତ


ପୋଲିସ ଗାଁରେ ତଦନ୍ତ କରୁଛି।

### ଗୁଜମାପଦରରେ ଡବଲ ମର୍ଡର

- **ଅଭିଯୁକ୍ତଙ୍କୁ କାବୁ କରି ନିର୍ଦ୍ଧୁମ ପିଟିଲେ ଗ୍ରାମବାସୀ**
- **ଚିକିତ୍ସାଧୀନ ଅବସ୍ଥାରେ ଅଭିଯୁକ୍ତଙ୍କ ମୃତ୍ୟୁ**

ପାପଡ଼ାହାଣ୍ଡି/ମଇଦଲପୁର,୧।୧୨ (ସ୍ୱପ୍ନଜିତ ପଟ୍ଟନାୟକ/ସଦାଶିବ ଦାସ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମଇଦଲପୁର ଥାନା ଅନ୍ତର୍ଗତ ଗୁଜମାପଦରରେ ଶୁକ୍ରବାର ଡବଲ ମର୍ଡର ଘଟିଛି। ବାପାର କଟୁରି ଚୋଟରେ ପୁଅର ମୃତ୍ୟୁ ହୋଇଥିବା ବେଳେ ତାଙ୍କୁ ବଞ୍ଚାଇବାକୁ ଯାଇ ପଡୋଶୀ ଘରର ଜଣେ ମହିଳାଙ୍କର ମଧ୍ୟ ପ୍ରାଣ ଯାଇଛି। ମୃତକ ହେଲେ ବେବି ଶାନ୍ତା (୨) ଓ ଜନେଇ ସାନ୍ତା(୬୦)। ଉତ୍ତ୍ୟକ୍ତ ଗ୍ରାମବାସୀ ଅଭିଯୁକ୍ତ ରାଧ ଶାନ୍ତାଙ୍କୁ କାବୁକରି ନିର୍ଦ୍ଧୁମ ପିଟିଥିଲେ। ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ହୋଇଯାଇଛି। ଖବରପାଇ ପାପଡ଼ାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ, ଥାନାଧିକାରୀ ଦୀପକ ଜେନା ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନାନୁଯାୟୀ, ସ୍ତ୍ରୀ ସାମଲଙ୍କ ସହ ଗଣ୍ଡଗୋଳକରି ରାଧ ସକାଳୁ ଗ୍ରାମରେ ପାଟିକରି ବୁଲୁଥିଲେ। ସେ ସାମଲଙ୍କୁ ଆକ୍ରମଣ କରିବାକୁ ଏକ କଟୁରି ଧରି ଗୋଡ଼ାଇଥିଲେ। ସାମଲ ପୁଅ ବେବିଙ୍କୁ ଛାଡି ଦୌଡ଼ି ଚାଲିଯାଇଥିଲେ। ରାଧଙ୍କ ରାଗ ଏତେ ଜୋରରେ ଥିଲା ଯେ ସେ ୨ ବର୍ଷର ବେବିଙ୍କୁ ସାମ୍ନାରେ ଦେଖି କଟୁରିରେ ଆକ୍ରମଣ କରିଥିଲେ। ଏହା ଦେଖି ପଡୋଶୀ ଜନେଇ ଶାନ୍ତା ବେବିଙ୍କୁ ବଞ୍ଚାଇବାକୁ ଆସିଥିଲେ। ସେ କଟୁରି ଛଡ଼ାଇବା ☞ପୃଷ୍ଠା-୫

# ମୁନିଗୁଡ଼ାରେ ବାଘ ଆତଙ୍କ


ଦହିଖାଲ ଅଞ୍ଚଳରେ ବାଘ ପାଦଚିହ୍ନ।

ମୁନିଗୁଡ଼ା,୧।୧୨ (ରାଧେଶ୍ୟାମ ଅଗ୍ରୱାଲ)

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ବନାଞ୍ଚଳରେ ମହାବଳ ବାଘ ଆତଙ୍କ ଦେଖାଦେଇଛି। ଏହି ବାଘ ଗଜପତି ଜିଲାରେ କିଛିଦିନ ବୁଲିବା ପରେ ରାୟଗଡ଼ା ଜିଲା ଗୁଡ଼ାରି ଓ ଚନ୍ଦ୍ରପୁର ଜଙ୍ଗଲ ପାରହୋଇ ଏବେ ମୁନିଗୁଡ଼ା ରେଞ୍ଜ ଅଧୀନ ଦହିଖାଲ ଅଞ୍ଚଳରେ ବୁଲୁଥିବା ଜଣାପଡ଼ିଛି। ବନ୍ଧଗୁଡ଼ା ଜଙ୍ଗଲ ଓ ମୁନିଗୁଡ଼ା- ଅମ୍ବାଦଳା ଜଙ୍ଗଲ ଅଞ୍ଚଳରେ ବାଘର ପାଦଚିହ୍ନ ମଧ୍ୟ ଦେଖିବାକୁ ମିଳିଛି। ବାଘର ପାଦଚିହ୍ନରୁ ଏହା ଏକ ମହାବଳ ବାଘ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ☞ପୃଷ୍ଠା-୫

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ୪ ଓଡ଼ିଆ ଶ୍ରମିକ



### ପ୍ରତ୍ୟେକଙ୍କୁ ୨ ଲକ୍ଷ ଟଙ୍କାର ସହାୟତା

ଭୁବନେଶ୍ୱର,୧।୧୨(ଅନିଲ ଦାସ)

ଉତ୍ତରାଖଣ୍ଡ ଟନେଲରୁ ଉଦ୍ଧାର ହୋଇଥିବା ଓଡ଼ିଆ ଶ୍ରମିକମାନେ ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚି ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି।

ଏହି ଅବସରରେ ସେମାନଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଷୟରେ ପଚାରି ବୁଝିଛନ୍ତି। ସେମାନେ ସମସ୍ତେ ଭଲ ଅଛନ୍ତି ବୋଲି କହିବା ସହ ମୁଖ୍ୟମନ୍ତ୍ରୀଙ୍କ ସହୃଦୟତା ପାଇଁ ଧନ୍ୟବାଦ ଦେଇଛନ୍ତି।

ଏଥିସହିତ ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ଶ୍ରମିକଙ୍କୁ ୨ ଲକ୍ଷ ଟଙ୍କା ଲେଖାଏ ସହାୟତା ପ୍ରଦାନ କରିଛନ୍ତି। ଟନେଲ ଭିତରେ ସେମାନଙ୍କ ସଂଘର୍ଷପୂର୍ଣ୍ଣ ଜୀବନ ବିଷୟରେ ମଧ୍ୟ ମୁଖ୍ୟମନ୍ତ୍ରୀ ସେମାନଙ୍କଠାରୁ ଶୁଣିଥିଲେ। ସେମାନେ ବାସ୍ତବରେ ଜଣେ ଜଣେ ହିରୋ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରତିକୂଳ ପରିସ୍ଥିତିରେ ☞ପୃଷ୍ଠା-୫

# ବିଦ୍ୟୁତ୍ ସଂଯୋଗ ନାହିଁ, ଖେଳାହେଲା ମ୍ୟାଚ୍

### ୩.୧୬ କୋଟି ଟଙ୍କା ବିଦ୍ୟୁତ ଶୁଳ୍କ ବାକି

ରାୟପୁର, ୧।୧୨

ସ୍ଥାନୀୟ ଶହୀଦ ବୀର ନାରାୟଣ ସିଂ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରୁ ୫ ବର୍ଷ ହେଲା ବିଦ୍ୟୁତ୍ ସଂଯୋଗ କାଟିଦିଆଯାଇଛି। ଏହାସତ୍ତ୍ୱେ ସେଠାରେ ଶୁକ୍ରବାର ଭାରତ- ଅଷ୍ଟ୍ରେଲିଆ ୪ର୍ଥ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ ଖେଳାଯାଇଛି। ଏହା କିପରି ସମ୍ଭବ ହୋଇପାରୁଛି ସେ ନେଇ କୌତୂହଳ ସୃଷ୍ଟିହେବା ସ୍ୱାଭାବିକ। ଖବର ଅନୁସାରେ, ବିଦ୍ୟୁତ୍ ବିଭାଗ ନିକଟରେ ୨୦୦୯ରୁ ୩.୧୬ କୋଟି ଟଙ୍କା ଷ୍ଟାଡିୟମ କର୍ତ୍ତୃପକ୍ଷଙ୍କ ବିଦ୍ୟୁତ ଶୁଳ୍କ ବାକି ରହିଛି। ସେଥିପାଇଁ ବିଦ୍ୟୁତ୍ କାଟିଦିଆଯାଇଛି। ତଥାପି ଏହି ଷ୍ଟାଡିୟମରେ ଶୁକ୍ରବାର ଟି୨୦ ପୂର୍ବରୁ ଇତିମଧ୍ୟରେ ୩ଟି ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଖେଳାଯାଇ ସାରିଛି। ସେତେବେଳେ ମ୍ୟାଚ ପାଇଁ ଛତିଶଗଡ଼ କ୍ରିକେଟ ଆସୋସିଏଶନ (ସିଏସ୍‌ସିଏ)ର ଅନୁରୋଧ କ୍ରମେ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିଲା, ଯାହାକି କେବଳ ଗ୍ୟାଲେରି ଓ ବକ୍ସକୁ ଆଲୋକିତ କରିବ। ମ୍ୟାଚ୍ ବେଳେ ଫ୍ଲଡ୍‌ଲାଇଟ୍ ପାଇଁ ଜେନେରେଟରର ସହାୟତା ନିଆଯାଇଥିଲା। ଏଥର କିନ୍ତୁ ଷ୍ଟାଡିୟମରେ କାମଚଳା ବିଦ୍ୟୁତ୍ ସଂଯୋଗ ପରିସରକୁ ବୃଦ୍ଧି କରିବା ଲାଗି କ୍ରିକେଟ ଆସୋସିଏଶନ ସମ୍ପାଦକ ଆବେଦନ କରିଥିବା ରାୟପୁର ରୁରାଲ ସର୍କଲ ଇନ୍‌ଚାର୍ଜ ଅଶୋକ ଖଣ୍ଡେଲୱାଲ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଷ୍ଟାଡିୟମରେ ଅସ୍ଥାୟୀ ସଂଯୋଗ କ୍ଷମତା ୨୦୦ କେଭି ରହିଛି। ଏହାର କ୍ଷମତା ୧ ହଜାର କେଭିକୁ ବୃଦ୍ଧି କରିବା ଲାଗି ଆବେଦନ କରାଯାଇଥିଲା। ଏହା ଅନୁମୋଦନ ଲାଭ କରିଥିଲେ ମଧ୍ୟ କାର୍ଯ୍ୟାରମ୍ଭ ହୋଇପାରି ନାହିଁ। ବିଦ୍ୟୁତ୍ ସଂଯୋଗ ନ ଥିବାରୁ ୨୦୧୮ରେ ଏହି ଷ୍ଟାଡିୟମରେ ହାଫ୍ ମାରାଥନରେ ଭାଗ ନେଇଥିବା ପ୍ରତିଯୋଗୀଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ୨୦୦୯ରୁ ବିଦ୍ୟୁତ୍ ଶୁଳ୍କ ପଇଠ କରାଯାଇ ନ ଥିବାରୁ ଏହାର ପରିମାଣ ବୃଦ୍ଧି ପାଇ ୩.୧୬ କୋଟି ଟଙ୍କାରେ ପହଞ୍ଚିଥିଲା। ଖବର ଅନୁସାରେ ଷ୍ଟାଡିୟମ ନିର୍ମାଣ ପରେ ଏହାର ରକ୍ଷଣାବେକ୍ଷଣା ଦାୟିତ୍ୱ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଅବଶିଷ୍ଟ ବ୍ୟୟ ଭାର କ୍ରୀଡ଼ା ବିଭାଗ ଉପରେ ନ୍ୟସ୍ତ କରାଯାଇଥିଲା। ବିଦ୍ୟୁତ୍ ବକେୟା ପଡ଼ିଥିବା ବିଲ୍‌କୁ ନେଇ ଦୁଇ ବିଭାଗ ପରସ୍ପରକୁ ଦୋଷାରୋପ କରିବାରେ ଲାଗିଛନ୍ତି। ବିଦ୍ୟୁତ୍ ବିଲ୍ ପଇଠ କରିବା ଲାଗି ବିଦ୍ୟୁତ୍ କମ୍ପାନୀ ବହୁବାର ପୂର୍ତ୍ତ ବିଭାଗ ଓ କ୍ରୀଡ଼ା ବିଭାଗ ନିକଟକୁ ନୋଟିସ ପଠାଇଛି। ମାତ୍ର ଏ ପର୍ଯ୍ୟନ୍ତ ପାଉଣା ଦାଖଲ କରାଯାଇନାହିଁ। ୨୦୧୮ରେ ଷ୍ଟାଡିୟମରୁ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଥିଲେ ମଧ୍ୟ ତିନୋଟି ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଖେଳାଯାଇଛି।



# ଜାନୁଆରୀ ୧୫ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

ଶେରଗଡ଼, ୧।୧୨ (ସୂର୍ଯ୍ୟନାରାୟଣ ଦାଶ) ଶେରଗଡ଼ ବ୍ଲକରେ ୫ଟି ଅଧୀନରେ ୯ ଟି ପ୍ରକଳ୍ପ କାର୍ଯ୍ୟ ଚାଲିଛି। ଏହି ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଡିଓ ଶିବାଶିଷ ବରାଳ ଅଧ୍ୟକ୍ଷତା କରିଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ସୀମାଞ୍ଚଳ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ବ୍ଲକରେ ଚାଲିଥିବା ପ୍ରକଳ୍ପ ନିର୍ମାଣ ଦାୟିତ୍ୱରେ ଥିବା ବ୍ୟକ୍ତିମାନଙ୍କ ଉପସ୍ଥିତରେ ଏହି ବୈଠକ ବସିଥିଲା। ପିଉଳର ଉଗ୍ରେଶ୍ୱର, ଜଗନ୍ନାଥ ମନ୍ଦିର, କରଞ୍ଜେଇ ପୀଠ, ଶୋଭାଚନ୍ଦ୍ରପୁର ସ୍ଥିତ ତାରାତାରିଣୀ ପୀଠ, ପିଉଳ ୟୁଥ ୨ କଲେଜ, ଶେରଗଡ଼ ୟୁଥ ୨ କଲେଜ, ଶେରଗଡ଼ ଜଗନ୍ନାଥ ମନ୍ଦିର, ଝିଙ୍କାରିଆ ପୀଠ, ଅଲାରିଗଡ଼ ଶିବ ମନ୍ଦିର, କରଡାକଣା ଉଦୟନାଥ ପୀଠ କାମ ଚାଲିଛି। କାମରେ ସ୍ୱଚ୍ଛତା ରକ୍ଷା ସହ ଉତ୍ତମ ମାନ ରଖିବାକୁ କୁହାଯାଇଛି। ସମସ୍ତ ପ୍ରକଳ୍ପ କାମ ଜାନୁଆରୀ ୧୫ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଏଡ୍‌ସକୁ ଘୃଣାକର, ରୋଗୀଙ୍କୁ ନୁହେଁ

ପାରଳାଖେମୁଣ୍ଡି/ବେଲଗୁଣ୍ଠା/ରଣ୍ଡା, ୧।୧୨ (ଗିରିଧାରୀ ପରିଡ଼ା/କୃଷ୍ଣଚନ୍ଦ୍ର ପଟ୍ଟନାୟକ/ବନବାସୀ ସେଠୀ): ଗଜପତି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କାର୍ଯ୍ୟାଳୟ ପ୍ରଶିକ୍ଷଣ କେନ୍ଦ୍ରରେ ଏକ ବୈଠକ ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର ପ୍ରଦୀପ କୁମାର ପାତ୍ର ଯୋଗଦାନ କରି ତାଙ୍କ ବାକ୍ତବ୍ୟରେ ଏଚଆଇଭିର କାରଣ ଓ ନିରାକରଣ ବିଷୟରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ମହିଳା ସ୍ନାତକ ମହାବିଦ୍ୟାଳୟ ପରିସରରେ ବିଶ୍ୱ ଏଡ୍‌ସ ଦିବସ କାର୍ଯ୍ୟକ୍ରମ ଯୁବ ରେଡକ୍ରସ ବିଭାଗ ଆନୁକୁଲ୍ୟରେ ଯୁବ ରେଡକ୍ରସ ଅଧିକାରୀ ଅଧ୍ୟାପକ କୃଷ୍ଣଚନ୍ଦ୍ର ପଣ୍ଡିତଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ଅଧ୍ୟକ୍ଷା ଡ. ଗୀତା ସାହୁ ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରି କହିଥିଲେ ଯେ, ଏଡ୍‌ସ ରୋଗକୁ ଘୃଣା କର ଏଡ୍‌ସ ରୋଗୀଙ୍କୁ ନୁହେଁ । ଅଧ୍ୟାପିକା ଡ.ଭାରତୀ ପାଣିଗ୍ରାହୀ ଏଡ୍‌ସର ଲକ୍ଷଣ ଏବଂ ନିରାକରଣ ଉପରେ ପରାମର୍ଶ ପ୍ରଦାନ କରିଥିଲେ । ଶେଷରେ ଯୁବ ରେଡକ୍ରସ ବିଭାଗ ଅଧିକାରୀ ଅଧ୍ୟାପକ କୃଷ୍ଣଚନ୍ଦ୍ର ପଣ୍ଡିତ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ କ୍ଷେତ୍ରିୟବରପୁରସ୍ଥିତ ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରାକୁ ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ପଟ୍ଟନାୟକ ଶୁଭାରମ୍ଭ କରିଥିଲେ। ଗ୍ରାମ କୋଠଘରଠାରେ ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ଯୁବ ରେଡକ୍ରସ ସଂଯୋଜକ ବି ଗୋବିନ୍ଦ ରାଓ ଉପସ୍ଥିତ ରହି ଏଡ୍‌ସ ନିରାକରଣ ସମ୍ପର୍କରେ ସବିଶେଷ ତଥ୍ୟ ଦେଇଥିଲେ। ସୁଶାନ୍ତ କୁମାର ଲେଙ୍କା, କୁମୁଦ ଚନ୍ଦ୍ର ମହାପାତ୍ର, ଦେବେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଏଡ୍‌ସର ପ୍ରତିକାର କରିବାକୁ ମତ ପ୍ରକାଶ କରିଥିଲେ। ପରଶୁରାମ ଗ୍ରାମର ସଭାପତି କାମରାଜୁ ଗୌଡ଼ ସମସ୍ତ ସ୍ୱେଚ୍ଛାସେବୀ ମାନଙ୍କୁ ସାଧୁବାଦ ଜଣାଇଥିଲେ। ରଣ୍ଡା ଶ୍ରୀଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ବିଶ୍ୱ ଏଡ୍‌ସ ଦିବସରେ ଏକ ସଚେତନ ରାଲି ଅଧ୍ୟାପକ ଅଭିମନ୍ୟୁ ସାହୁଙ୍କ ଅଧ୍ୟକ୍ଷତାରେ ଓ ନୋଡାଲ ଅଫିସର ଇତିହାସ ଅଧ୍ୟାପକ ହେମନ୍ତ କୁମାର ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥିଭାବେ ରଣ୍ଡା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଥମାଳା, ଆୟୁଷ ଡ଼ଃ ମୋନାଲିସା ମହାପାତ୍ର, ଚନ୍ଦ୍ରଶେଖର ନାୟକ, କାଉନସିଲର ସମରସେନ ପଣ୍ଡା ଉପସ୍ଥିତ ଥିଲେ। ଅଧ୍ୟାପକ ଛାତ୍ରୀଛାତ୍ର ପ୍ଲାକାର୍ଡ, ବେନରର ଧରି ଏଡ୍‌ସରୁ ରକ୍ଷା ପାଇବା ପାଇଁ କିପରି ସତର୍କତା ଅବଲମ୍ବନ କରିବା ତାହା ସଚେତନ କରିଥିଲେ।

# ଭାଜପା କାର୍ଯ୍ୟକାରିଣୀ ବୈଠକ

ଖଲ୍ଲିକୋଟ, ୧।୧୨ (ପ୍ରଶାନ୍ତ କୁମାର ମିଶ୍ର): ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମ ନିକଟରେ ଥିବା ବଡ଼ରାଉଳ ଦେବୀ ପୀଠରେ ଭାଜପା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। କୋରକମିଟି ସଭାପତି ସଞ୍ଜୟ କୁମାର ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ନୂତନ ଭାବେ କମିଟି ସଦସ୍ୟଙ୍କୁ ମନୋନୀତ କରାଯାଇଥିଲା। ସାଧାରଣ ସମ୍ପାଦକ ରୂପେ ପଦ୍ମଚରଣ ସୁବୁଦ୍ଧି, ଉପସଭାପତି ଭାଗିରଥି ଦାସ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ମହାପାତ୍ର, ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ସ୍ୱାଇଁ, ମଣ୍ଡଳ ପ୍ରଭାରୀ ବିଜ୍ଞାନ ନାଏକ, ମଣ୍ଡଳ ସଭାପତି ମିଟୁ ସ୍ୱାଇଁ ପମୁଖ ମନୋନୀତ ହୋଇଥିଲେ। ଏଠାରେ ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଜଗା ଭୂୟଂ, ବିଧାନସଭା ସଂଯୋଜକ ଯଜ୍ଞ ନାରାୟଣ ଦାଶ, ନଗର ଭାଜପା ସଭାପତି ଶଙ୍କର ପ୍ରସାଦ ନାହାକ, ଘୁମୁସର ଜିଲ୍ଲା ସାଧାରଣ ସଂପାଦକ ଅନିଲ କୁମାର ପଣ୍ଡା, ଉପଦେଷ୍ଟା ପ୍ରଫୁଲ୍ଲ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଭାରେ ଖଲ୍ଲିକୋଟରେ ଭାଜପା ସାଙ୍ଗଠନିକ ସୁଦୃଢ଼ କରିବା ପାଇଁ ଆଲୋଚନା ହୋଇଥିଲା। ସାଧାରଣ ଲୋକ କିପରି ନ୍ୟାୟ ପାଇବେ ଏବଂ ଦୁର୍ନୀତି ବିରୋଧରେ ମିଳିତ ଭାବେ ପ୍ରତିବାଦ କରିବା ପାଇଁ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭାଜପାର ବହୁ ଦଳୀୟକର୍ମୀ ଉପସ୍ଥିତ ଥିଲେ।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ଖଜୁରିପଡ଼ା, ୧।୧୨ (ବିଦୁର ବେହେରା) ଖଜୁରିପଡ଼ା ଆମ୍ବେଦକର ମହାବିଦ୍ୟାଳୟ ଠାରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଯୁବପିଢ଼ି ଶାରୀରିକ, ମାନସିକ କ୍ଷେତ୍ରରେ ଅଗ୍ରସର ହେବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ ଚାଲିଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼. ପ୍ରଶାନ୍ତ କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡ଼ିଓ ଜର୍ଜ ଡୁଙ୍ଗୁ ଡୁଙ୍ଗୁ ମୁଖ୍ୟ ଅତିଥି, ଜିଲ୍ଲା ପରିଷଦ ସଭ୍ୟା ଉର୍ବଶୀ ଦିଗାଲ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ତଥା ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରଥମେ ଏକ ମଶାଲ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରି ଫେରିବା ପରେ ବିଡ଼ିଓଙ୍କ ଦ୍ୱାରା କାର୍ଯ୍ୟକ୍ରମ ଉଦ୍‌ଘାଟନ ପରେ ଛାତ୍ରମାନଙ୍କ ମଧ୍ୟରେ ଭଲିବଲ୍ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ପରେ ବିଭିନ୍ନ ଖେଳ ପ୍ରତିଯୋଗିତା ହୋଇଥିଲା। ଏହା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଅଧ୍ୟକ୍ଷ ଡ଼ଃ ପ୍ରଶାନ୍ତ କୁମାର କର ସୂଚନା ଦେଇଛନ୍ତି।


## ODISHA HYDRO POWER CORPORATION LIMITED
BALIMELA HYDRO ELECTRIC PROJECT: POST:BALIMELA:DIST:MALKANGIRI (ODISHA) PIN:764051
Phones:06861-291058(O)/ 06861-291048(R),Fax:06861-232541,
Email: bhep.balimela@gmail.com, unit.head_balimela@yahoo.com
CIN:U40101OR1995SGC003963, GSTIN-21AAACO2575P1Z9 b

**TENDER CALL NOTICE No.BHEP/TECH/ /2023-24, Dtd.29.11.2023**

**No.CAD-3081:**Sealed tenders are invited in two part bid basis (Technical & commercial Bid) from the Registered Firms/Manufacturers/Authorized Dealers/ Chanel Partners for supply of materials and associated works as detailed below.

| SL. No. | Description of Items | Cost of Tender Paper (in Rs.) | E.M.D. in shape of D.D/ B.C. |
|---|---|---|---|
| 1 | Group-A-Supply, Installation and supervision of Commissioning of items relating to Fire Fighting Tank Filling arrangements for BHEP, Balimela. Group-B-Supply and Supervision of Commissioning of items relating to Tail Pool Drying up for BHEP, Balimela | Rs.7080/- Inclusive of GST @ 18% | 1% (One Percent) of the quoted amount |

**The Sale of Tender Paper will be from: 09.00 hrs of 04.12.2023**
**The last date & time of receipt of tenders: Upto 12.00 hrs. of Dt.18.12.2023.**
**Date and Time of opening of the Techno Commercial Bid: Dt.18.12.2023 at 12.30 hrs.**
For details of tender documents, Terms and Conditions, Eligibility criteria and downloading please visit our website at www.ohpcltd.com.

OIPR-04019/11/0025/2324 — Sd./- C & P Head, BHEP, Balimela

## OFFICE OF THE COLLECTOR & DISTRICT MAGISTRATE, SUBARNAPUR
( LAccMI & ABS,OSRTC)

**TENDER NOTICE**

Letter No.04/OSRTC-DM — Date:29.11.23

**Selection of Agency for providing Facility Management Services (FMS) at Ama Bus Stands. Subarnapur. Odisha**

**No.CAD-3091:**Request for Proposal is invited from eligible Firm/Agency interested to provide different Manpower Services/Facility Management Services (FMS) at Ama Bus Stands, Subarnapur, Odisha on outsourcing basis separately for Binika & Ulunda. Details regarding the eligibility criteria, terms & conditions and formats of submission of tender may be downloaded from the website https://subarnapur.nic.in/ and the tender should reach the office of the undersigned by 20/12/2023(5:00 PM). The undersigned reserves the right to reject any or all the tenders without assigning any reason thereof.

Sd./- Collector-Cum-Chairman,
District Level ABS Committee, Subarnapur
OIPR-24383/11/0001/2324

## OFFICE OF THE DIVISIONAL FOREST OFFICER BOLANGIR FOREST DIVISION
AT/ PO / DIST;- Balangir- ODISHA Phone & Fax - 06652-232948 (O),
Email - dfo.bolangir@odisha.gov.in

**NOTIFICATION**

**No.MM-328:**This is for information of all concerned that the following Forest Roads of Bolangir Forest Division will remain closed to the traffic on the 31.12.2023 from Zero Hours to 24 hours in accordance with Rule 284 of Odisha Forest Department Code 1979. The movement of traffic on the date and time specified above will be violation of Section 26 of Orissa Forest Act. 1972 and hence will be liable for prosecution.

| Sl. No. | Name of the Range | Name of the Forest Road | Length In KM |
|---|---|---|---|
| 1 | Balangir | Sikachida - Bijakhaman | 4 |
| 2 | Balangir | Kadalimunda-Sikachida | 11 |
| 3 | Balangir | Kharsel-Khola | 6.09 |
| 4 | Balangir | Bijakhaman - Sikachida | 12 |
| 5 | Balangir | Jamjharan - Purnapani | 8 |
| 6 | Bangomunda | Jamkhuta - Chgakagujia | 6 |
| 7 | Bangomunda | Mohakhand - Jubamal | 8 |
| 8 | Bangomunda | Jubamal-Kandei | 12 |
| 9 | Deogaon | Dhanpur-Thelkovela | 5 |
| 10 | Harishankar | Harishanar - Sapmund | 22 |
| 11 | Harishankar | Harishankar- Brahmani | 8 |
| 12 | Harishankar | Sapmund - Jhalbahal - Masina | 20 |
| 13 | Kantabanji | Kandei - Muribahal - Goindimal | 25 |
| 14 | Lath ore | Lathore - Rengali | 18 |
| 15 | Lathore | Kharli - Patpani | 04 |
| 16 | Lathore | Dhaurakhaman - Pandkimal | 07 |
| 17 | Lathore | Bender -Chahakpara | 02 |
| 16 | Muribahal | Satbahani- Jaintara | 12 |
| 19 | Muribahal | Gulmi- Jaintara | 03 |
| 20 | Patnagarh | Pipaldabar - Desand | 14.99 |
| 21 | Patnagarh | Thelkochhapar - Gunchadihi | 06 |
| 22 | Saintala | Naikensira - Lamkani | 13 |
| 23 | Titilagarh | Siker -Gulmi | 10 |
| 24 | Titilagarh | Siker - Narikata - Gokharung | 12 |
| | | TOTAL | 249.08 |

Sd./- Divisional Forest Officer
Bolangir Forest Division
OIPR-08061/11/0014/2324

## SEALED (SHORT) TENDER CALL NOTICE FOR PALLISHREE MELA - KEONJHAR

No. 515 — Date: 30.11.2023

No. CAD-3093:- Sealed Tenders are Invited from reputed Tent House/ Event Management Organization/Decorator/ Bidder for the ensuing National Level Pallishree Mela- 2023 to be held at Kali Padia, Keonjhar from 18th to 25th December, 2023. The details of the specifications along with terms and conditions of the work can be downloaded from the website www.kendujhar.nic.in and also in www.ormas.org **w.e.f 30th November, 2023 (evening).** The last date for submission of bid both technical and financial is **up to 11.30 AM of 6th December, 2023.** In case of any addendum / clarification / corrigendum / extension regarding this tender call notice, the same will be published in the above websites.

OIPR-19258/11/0003/2324 — Sd./- CDO-cum-EO, ZP, Keonjhar

## GOVERNMENT OF ODISHA, "e" - PROCUREMENT NOTICE
## OFFICE OF THE BLOCK DEVELOPMENT OFFICER, NAYAGARH
PR & DW DEPARTMENT
Tender Call Notice
E-mail: ori-nayagarh@nic.in

Letter No.-4535 — Dated:- 29.11.23

**Bid Identification No. B.D.O., Nayagarh-Online 03/2023-24**

No. i-505:- The Block Development Officer, Nayagarh on behalf of Governor of Odisha inviting percentage rate bid in Double Cover system in ONLINE MODE from eligible contractors for construction of Building Work as detailed in the table below:

| | | | |
|---|---|---|---|
| 1. | Nature of Work | : | Building Works. |
| 2. | No. of Work | : | 1 No. |
| 3. | Tender Cost & EMD | : | To be remitted online through a process as mentioned in DTCN. |
| 4. | Class of Contractor | : | As mentioned in DTCN. |
| 5. | Available of Bid Document in the Website | : | From Dt.04.12.2023 11.00 AM to Dt.18.12.2023 upto 5.00 P.M. |
| 6. | Date of opening of Bid | : | Dt.19.12.2023 at 11.00 A.M. |
| 7. | They have to participate in ONLINE bidding only. Further details can be seen from the Website: **https://tenderodisha.gov.in**. Any Addendum/ Corrigendum/Cancellation of tender can also be seen in the said website. | | |

OIPR-19297/11/0006/2324 — Sd./- Block Development Officer, Nayagarh

## e-Procurement Notice for Building Work
No.O-1669 **Identification No. 09/SERW/JLS/2023-24**

| | | | |
|---|---|---|---|
| 1. | Procurement Officer | :- | Superintending Engineer Rural Works Division, Jaleswar |
| 2. | Name of the Work | :- | Buildings |
| 3. | Total No. of Works | :- | 06 Nos |
| 4. | Estimated Cost | :- | Approx. Estimated Cost ₹37.04 Lakh |
| 5. | Class of Contractor | :- | 'C' & 'B' Class |
| 6. | Time of Completion | :- | Six Calender months ( As per annexure) |
| 7. | Avaliability of tender On-line for bidding | :- | From 08.12.2023 at 11.00 A.M. to 14.12.2023 upto 5.00 P.M. |
| 8. | Last date & time of seeking tender clarification | :- | 13.12.2023 upto 5.00 P.M |
| 9. | Date & Time of Opening of tender in the office of the Superintending Engineer, R.W. Division, Jaleswar | :- | Date &Time Opening of Techinical & Financial bid -15.12.2023 at 11.00 A.M. |

Further details can be seen from the website -
**www.tendersodisha.gov.in**

Sd./- Superintending Engineer
OIPR-25051/11/0015/2324 — R.W. Division, Jaleswar

## ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

No.CAD-3094 **E-procurement Notice**

**Bid document No.: OMC/E-Proc/CMC/135/2023 dated 30.11.2023**

| | | |
|---|---|---|
| 1 | Work name | Engagement of Agency for Preparation of Audio Visual for social media handles of OMC (through e-tendering) |
| 2 | Availability of tender documents | Date: 01.12.2023 |
| 3 | Pre-bid meeting | Date: 08.12.2023; Time: 3.30 pm; Venue: Through VC |
| 4 | Bid Due Date | Date: 28.12.2023; Time: 3.00pm |
| 5 | Opening of Techno-Commercial Bid | Date: 28.12.2023; Time: 5.00pm |

All other details can be seen from the Tender Document available on the e-procurement portal of the Government of Odisha (www.tendersodisha.gov.in) and on the website of OMC (www.omcltd.in). OMC reserves the right to reject any or all bids without assigning any reason thereof.

OIPR-30005/11/0198/2324 — Sd./- Head (C&P)

## Government of Odisha
## Office of the Superintending Engineer
## Rural Works Division, Jharsuguda
Email: eerw_jharsuguda@yahoo.co.in; Tel.: 06645-271643

**Bid Identification No. Online-SEJSG-17 of 2023-24**
**NOTICE INVITING TENDER FOR WEIR WORK IN ODISHA**
NATIONAL COMPETITIVE BIDDING THROUGH e-Procurement

No. O-1670:-
1. Name of the work : Weir Works as per DTCN available in the www.tendersorissa.gov.in
2. Total No. of Work : 01 (One) No.
3. Estimated Cost : Rs.65.27 Lakh
4. Period of Completion : 04 (Four) Calendar Months
5. Period and time of availability of bid document in the portal for bidding : Dt.04.12.2023 at 11.00 A.M. to 13.12.2023 upto 05.00 P.M.
6. Date and time of bid opening : Dt.14.12.2023 at 11.00 A.M.
7. Name and address of the officer inviting bid : S.E., R.W. Division, Jharsuguda

(1) Other details can be seen from detailed notice inviting Tenders, available in website www.tendersorissa.gov.in
(2) Corrigendum if any shall only be published in the above website.

Sd./- Superintending Engineer, R.W. Division, Jharsuguda
OIPR-25104/11/0020/2324

## OFFICE OF THE CHIEF GENERAL MANAGER (P&C) IDCO, IDCO TOWERS,JANPATH, BHUBANESWAR-751022
idco Your power to grow ISO 9001 & 14001 Corporation | ODISHA NEW OPPORTUNITIES — No.CAD-3087

Tender Call Notice No.IDCO:H.O./P&C/EST/E-729/03/2018/V-III/37866 Dt.29.11.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

1.Name of the Work:- Construction of CC Road from Cuttack-Chandabali Road to IDCO Plot No.1 and 1/A at Andei Sahi, Jagatpur New Industrial Estate, Cuttack, Odisha.
2.Value of the Work: Rs.154.02 Lakhs
3. Period of Completion: 03 (Three) Calendar Months
4. Other details:

| Procurement Officer | Tender reference No. | Availability of Tender On-line for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, Idco Towers, Janpath, Bhubaneswar-751022 | P&C/EST/ E-158/ 2023-24 | 06.12.2023 at 17.00 Hrs. | 21.12.2023 upto 17.00 Hrs. |

**Further details can be seen from the e-Procurement Portal.www. tendersodisha.gov.in** and Corrigendum if any will not be published in newspapers and can only be seen in the e-procurement portal **www. tendersodisha.gov.in and www.idco.in.**

Sd./- Chief General Manager (P&C)
OIPR-14003/11/0302/2324 — IDCO, Bhubaneswar

## obcc
ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
## ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking under Works Department) — No.CAD-3080

No.10744 — Date:29.11.2023
File: PCF-1135 **NOTICE INVITING TENDER**

| | | |
|---|---|---|
| 1. | Name of Work | Development & Beautification of Pathara Puskarinee near Alm Chandi Mandir, Puri under ABADHA Scheme on Percentage Rate basis. |
| 2. | Bid Identification No. | 67/Tender/OBCC/2023-24 |
| 3. | Amount put to tender/ Estimated Cost | Rs.2,16,52,288.00 |
| 4. | Class of Contractor | "A" Class & "B" Class |
| 5. | Bid Security/ EMD | Rs.2,20,000.00 |
| 6. | Bid Processing Fee (only in online mode) | Rs.11,800.00 (Including GST) |
| 7. | Date of availability of bid document in e-procurement Portal | From 05.12.2023 |
| 8. | Last date & time of receipt of online Bid | Upto 5.00 PM on 21.12.2023 |
| 9. | Date of Bid Opening | 22.12.2023 at 11.30 AM |
| 10. | Period of Completion | 6 (Six) Calendar Months |

11. Further details can be seen from the e-Procurement portal https://www.tendersodisha.gov.in.
12. OBCC has the right to accept or reject the Notice/ RFP without assigning any reason thereof.

OIPR-34161/11/0084/2324 — Sd./- Sr. Chief General Manager-I

## OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR
No.CAD-3083 — idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

Tender Call Notice No.:H.O./P&C/EST-E-2542/03/2023 37577 Dt.24.11.2023

**NOTICE INVITING TENDER THROUGH e-PROCUREMENT**
**Bid Reference No.P&C/EST/E-154/2023-24**

**Name of the Work:-** "Construction of Internal Road of 12mtr Row & 18 mtr Row RCC Drain and Box Culvert at IDCO, MSME Park at Hinjili, Dist-Ganjam".
**Estimated Cost:** Rs.486.80 lakhs (approx.).
**Period of Completion:** 04 (Four) Calendar Months

| Procurement Officer | Bid Identification No. | Availability of Tender On-line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, Idco Tower, Bhubaneswar | Bid Id.No. PC/ EST/ E-154/ 2023-24 | 17.00 Hours of 06.12.2023 | 17.00 Hours of 21.12.2023 |

**Further details can be seen from the e-Procurement Portal.www. Tendersorissa.gov.in** and Corrigendum if any will not be published in newspapers and can only be seen in the e-procurement portal **www. tenderorissa.gov.in and IDCO Website www.idco.in.**

Sd./- Chief General Manager (P&C)
OIPR-14003/11/0297/2324 — IDCO, Bhubaneswar

## OFFICE OF THE EXECUTIVE ENGINEER RWSS DIVISION, RAIRANGPUR
INVITATION FOR BIDS
E-mail-eerwss_rai@nic.in, eerwss.rai@gmail.com

**e-PROCUREMENT NOTICE**
**IDENTIFICATION No. 43 RWSS/RRPUR- 2023-2024 / Dated 28.11.2023**

**No. O-1663:-** The Executive Engineer, RWSS Division, Rairangpur on behalf of Governor of Odisha, invites **percentage rate bids** to be received in online mode for the following work from the eligible experienced contractors in similar nature of work, registered with State Govt. & contractor of equivalent Grade/class registered with Central Govt. / Railways.
1. Nature of work : - a) Execution of retrofitting PWS schemes to village **Dari** of **Karanjia** Block under RWS&S Division Rairangpur in the District of Mayurbhanj.
2. No. of Packages : - 01 (One) No.
3. Period of Completion : **04 (Four)** months
4. Cost of tender : **₹10000.00**
5. Estimated cost :- **₹62.58 Lakhs**
6. Class of Contractor :- (As mentioned in Tender Call Notice)
7. Date and time of availability of bid documents in Portal:- from **10 hours of 04.12.2023 to 17.30 hours of 14.12.2023**
8. Receipt of bid cost, bid security, documents:- Online only
9. Date & time of opening of technical bid:- **Dt. 15.12.2023 at 11.00 hours** onwards.
10. Other Documents:- (As mentioned in DTCN)
11. The bidders have to participate in on-line bidding only. Further details can be seen from the website **https://www.tendersodisha.gov.in**.
12. **Any addendum / Corrigendum / Cancellation of tender can also be seen in the said website.**

Sd./- Executive Engineer,
OIPR-25010/11/0009/2324 — RWSS Division, Rairangpur

## OFFICE OF THE DEPUTY DIRECTOR, SIMILIPAL (NORTH) WILDLIFE DIVISION
AT-MATIAGARH CHHAKA, PO-K. JASHIPUR, DIST-MAYURBHANJ, ODISHA-757091
Tel: - 06797-295030, Email-dfo.similipalnorthwl@odisha.gov.in/ddsimilipalnorth@gmail.com

**Office Order No.104, Date:30.11.2023**

**2nd Corrigendum to Bid invited vide this Office Tender Call Notice No.91, dtd.17.11.2023**

**No.MM-331:**In pursuance to this Office Tender Call Notice No.91,Dtd. 17.11.2023, the following changes have been made in NIT & DTCN.

| Sl.No. As per original TCN | Items | As per Original TCN | As per 2nd Corrigendum to TCN & DTCN |
|---|---|---|---|
| 7 | Date & Time of availability of tender document | Tender Documents for construction of Forest Guard Quarter as stated above will be available in the O/o the Deputy Director, Similipal North Wildlife Division, Jashipur, on payment of cost of Tender Document as mentioned above. The Tender Document cost which is non-refundable, should be deposited in shape of Demand Draft from any Nationalized Bank drawn in favour of the Deputy Director, Similipal North Wildlife Division, Jashipur, Mayurbhanj payable at Jashipur from 10.00 AM of 20.11.2023 to 05.30 PM of 29.1 1.2023 | Tender Documents for construction of Forest Guard Quarter as stated above will be available in the O/o the Deputy Director, Similipal North Wildlife Division, Jashipur, on payment of cost of Tender Document as mentioned above. The Tender Document cost which is non-refundable, should be deposited in shape of Demand Draft from any Nationalized Bank drawn in favour of the Deputy Director, Similipal North Wildlife Division, Jashipur. Mayurbhanj payable at Jashipur from 10.00 AM of 01.12.2023 to 11.30 PM of 04.12.2023 |
| 8. | Recipt of bid documents | Through Direct Deposit by hand / Registered post/ Speed post/ Courier service to the Deputy Director. O/o the Deputy Director, Similipal North (WL) Division, At-Maliagarh Chhaka, P.O.- K. Jashipur, Dist.-Mayurbhanj. Pin-757091 on or before 30.11.2023 by 11.00 A.M. | Through Direct Deposit by hand / Registered post/ Speed post/ Courier service to the Deputy Director, O/o the Depuly Director, Similipal North (WL) Division, At-Matiagarh Chhaka, P.O.- K. Jashipur, Dist.-Mayurbhanj, Pin-757091 on or before 04.12.2023 by 12.30 P.M. |
| 10 | Date & Time of opening of technical bid | Dt.30.11.2023 at 12.00 hours onwards | Dt.04.12.2023 at 03.00 PM onwards |

Sd./- Deputy Director
OIPR-08133/11/0012/2324 — Similipal (North) WL Division, Jashipur

## OFFICE OF THE CHIEF CONSTRUCTION ENGINEER RAYAGADA (R&B) CIRCLE, RAYAGADA
e-Procurement Notice
e-mail ID:sepwd_rgda@yahoo.com, Phone/Fax No-06856-223049
Bid Identification No.C.C.E. (RANDB) RGDA-15/2023-2024 (Online)
No.B-1360: No.1616, Date:21.11.2023

**INVITATION FOR BIDS**

| | | | |
|---|---|---|---|
| 1 | The Chief Construction Engineer, Rayagada (R&B) Circle, Rayagada on behalf of Governor of Odisha invites percentage rate bids in double cover mode to be received in online mode only for the construction of works as detailed in the table below: | | |
| 2 | Nature of Work | : | Bridge Work |
| 3 | No. of Works | : | 01 (One) No. of Work |
| 4 | Estimated Cost (Approximately) | : | Rs.343.07 Lakhs |
| 5 | Bid Cost (Online) | : | Rs.10,000/- (each) |
| 6 | EMD/Bid Security Amount (Online) | : | One Percentage of the Estimated Cost |
| 7 | Class of Contractor | : | A Class, as per Financial Eligibility |
| 8 | Availability of Bid documents in the website | : | 11.00 Hrs. of Dt.01.12.2023 to 17.00 Hrs. of Dt.10.12.2023 |
| 9 | Date of Opening of Bid | : | 11.00 Hrs. of Dt.11.12.2023 |
| 10 | The Bidders have to participate in ONLINE bidding only. Further details can be seen from the website https://tendersorissa.gov.in. Any Addendum/ Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

Sd./- Chief Construction Engineer
OIPR-34154/11/0021/2324 — Rayagada (R&B) Circle, Rayagada

## OFFICE OF THE SUPERINTENDENT, MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL, BERHAMPUR-760004, GANJAM, ODISHA
Tel:0680-2292624, Fax:0680-2292752/E-mail:supdtmkcg@gmail.com, supdtmkcg-bam@gov.in

No.17329 MCH/CS/XIX/2023 — Date:30.11.23

**TENDER CALL NOTICE**

**No.E-601:**The Superintendent, MKCG Medical College Hospital Berhampur-760004, Dist. Ganjam, Odisha invites sealed tenders in the prescribed Proforma from the Registered and reputed Manufacturers, Authorized suppliers, Dealers, Stockiest and Wholesaler for "Supply of Suture items" for M.K.C.G Medical College Hospital, Berhampur. The tenderer should submit the tender in two Bids (i) Technical Bid and (ii) Price Bid. The Technical bid'shall contain (1) Tender Cost (2) List of bided items (3) valid PAN CARD, (4) Valid GSTN Certificate as per the Govt. rule, (5) Valid Drug Licenses issued by the Competitive Authority, for both the firms manufacturer & Suppliers (6) Valid ISI,ISO,GMP Certificate, (7)Valid manufacturing License and Authorization Certificate in prescribed format & (8) E-mail ID & Contact No. The Price bid should be submitted as per Proforma enclosed. The intending tenderers should submit their tenders separately in two sealed covers duly superscribed as Technical Bid for "Supply of Suture items" with address & Price Bid for "Supply of Suture items" with address putting in a single sealed cover.

The bidders may download the tender papers from websites: www. ganjam.nic.in/www.mkcgmch.org and deposit the tender cost of Rs. 2000/- (two thousand)+GST is non-refundable to be paid by way of E-Challan under the Head Of Account 0075-00-800-0097-02237-000 through Odisha Govt. Treasury Site. The last date of receipt of tenders through Regd. Post/ Speed Post is on or before 18.12.2023 by 05.00 PM and will be opened on 20.12.2023 at 12:00 noon. The date of opening may be differed/postponed in case of unavoidable circumstances.

The Superintendent, M.K.C.G Medical College Hospital, Berhampur reserves right to accept /reject/ cancel any or all the tenders in full or part without assigning any reason thereof.

Sd./- Superintendent
OIPR-10028/11/0018/2324 — MKCG Medical College Hospital, Berhampur

See Career Appointment on every Wednesday & Saturday

## ସ୍କୁଟି ଦୁର୍ଘଟଣାରେ ଯୁବକ ମୃତ

ଦାରିଙ୍ଗବାଡି,(ଅରୁଣ ସାହୁ): ଦାରିଙ୍ଗବାଡ଼ି ଥାନା ପର୍ଡମାହା ପଞ୍ଚାୟତ କଟାବା ଗ୍ରାମ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଏକ ସ୍କୁଟି ଦୁର୍ଘଟଣାରେ ଜଣେ ପ୍ରାଣ ହରାଇଥିବା ଜଣାପଡ଼ିଛି। ମୃତ ଯୁବକ ଜଣକ ହେଲେ ଶ୍ରାନିକେତା ପଞ୍ଚାୟତ ସୁଲୁମାହା ଗ୍ରାମର ସମୀର ପ୍ରଧାନ(୨୫) । ପୋଲିସ ଶୁକ୍ରବାର ସକାଳେ ପହଞ୍ଚି ମୃତଦେହ ଜବତ କରି ବ୍ୟବଛେଦ କରାଇଛି। ଏନେଇ ମାମଲା ରୁଜୁକରି ତଦନ୍ତ କରାଯାଉଥିବା ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର କହିଛନ୍ତି।

**ସଂକ୍ଷେପରେ**

### ହିଲ୍ଟପ କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ମୋହନା,୧।୧୨(ମଙ୍ଗୁଆ ମିଶ୍ର): ହିଲ୍ଟପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ସାମାଜିକ ସଚେତନତାମୂଳକ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ନୋଡାଲ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଞ୍ଚ ପୁନିତା ମଲିକ ଉଦଘାଟନ କରିଥିଲେ। ଖରଡାବାନ ବାବୁଲା ସେଠୀ ମୁଖ୍ୟବକ୍ତା ଓ ଶୁଭ୍ରକାନ୍ତ ମହାନ୍ତି, ଏସ. ରମେଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ ଅଭିଭାଷଣ ରଖିଥିଲେ। ସଭାପତି ଭାବେ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଭଗବାନ ବିଷୋୟୀ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସଦସ୍ୟ ଡକ୍ଟର ଅନ୍ତର୍ଯ୍ୟାମୀ ଗୌଡ଼, ମାନସ ରଞ୍ଜନ ପାଣିଗ୍ରାହୀ, ଶ୍ରୀକାନ୍ତ ମାଢ଼ଣା, ନୀଳମାଧବ ସାହୁ ସହଯୋଗ କରିଥିଲେ। ପରିବେଶର ସ୍ୱଚ୍ଛତା ସହ ପ୍ଲାଷ୍ଟିକ୍ମୁକ୍ତ ଭାରତ ଗଠନ କରିବା ଉପରେ ଆଲୋକପାତ କରାଯିବା ପରେ ୬୦ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ମହାବିଦ୍ୟାଳୟ ପରିସରରୁ ମୋହନା ହାଇସ୍କୁଲ ଯାଏଁ ରାସ୍ତାର ଉଭୟ ପାର୍ଶ୍ୱ ସଫେଇ କରାଯାଇଥିଲା। ପରିବେଶ ସ୍ୱଚ୍ଛ ରଖିବା ସହ ପ୍ଲାଷ୍ଟିକ୍ମୁକ୍ତ ଭାରତ ଗଠନ କରିବାର ସ୍ଲୋଗାନ ଦେଇ ସହର ପରିକ୍ରମା କରାଯାଇଥିଲା।

### ତହସିଲଦାର ପଦବୀ ଖାଲି

ଧରାକୋଟ,୧।୧୨(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ତହସିଲଦାର ପଦବୀ ଖାଲି ପଡ଼ିଛି। ରାଜ୍ୟ ସରକାର ଗତ ଅକ୍ଟୋବରରେ ଓଏଏସ ଅଧିକାରୀସ୍ତରରେ ଅଦଳବଦଳ କରିବା ପରେ ଧରାକୋଟରେ କାର୍ଯ୍ୟରତ ତହସିଲଦାରଙ୍କ କଳାହାଣ୍ଡି ଜିଲାକୁ ବଦଳି ହୋଇଥିଲା। ସେବେଠାରୁ ଏଠାରେ ଏହି ପଦବୀ ଖାଲି ପଡିଛି। ସଂପ୍ରତି ବିଡିଓ ଡେନିସ ବେହେରା ତହସିଲଦାର ଦାୟିତ୍ୱ ତୁଲାଉଥିବା ବେଳେ ତାଙ୍କର ଆର୍ଥିକ କ୍ଷମତା ନାହିଁ। ତେଣୁ ଅର୍ଥ ଦେଣନେଣ କାରବାର ସଂପୂର୍ଣ୍ଣ ଠପ ହୋଇଯାଇଛି। ତହସିଲ ଅଧୀନରେ ୧୮୧ ରାଜସ୍ୱ ଗ୍ରାମ ରହିଥିବା ବେଳେ ଧରାକୋଟ, ମୁଣ୍ଡମରାଇ, ଖାଡ଼ବନ୍ଧ, ଜାହାଡା, ବରଡାବିଲି, ମାଣିକପୁର ଓ ଡଉଗାଁ ରାଜସ୍ୱ ସର୍କଲ ରହିଛି। ସ୍ଥାୟୀ ତହସିଲଦାର ନ ଥିବା ଯୋଗୁ ଜାତିଗତ ପ୍ରମାଣପତ୍ର, ଉତ୍ତରାଧିକାରୀ ପ୍ରମାଣ ପତ୍ର, ଆର୍ଥିକ ପ୍ରମାଣପତ୍ର ପ୍ରଦାନରେ ସମସ୍ୟା ଓ ରାଜସ୍ୱ ଆଦାୟର ଚାଲାଣ ଡିପୋଜିଟରେ ଅସୁବିଧା ହେଉଛି। ସେହିପରି ଲଘୁ ଖଣିଜ ଚୋରାଚାଲାଣ ରୋକିବା ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣରେ ବାଧା ସୃଷ୍ଟି ହେଉଛି । ତହସିଲ କାର୍ଯ୍ୟାଳୟ ଅଧିନରେ କାର୍ଯ୍ୟରତ ୩୬ ଜଣ କର୍ମଚାରୀ ଗତ ୨ ମାସ ହେଲା ଦରମା ପାଇ ନଥିବା ଯୋଗୁ ଆର୍ଥିକ ଅନଟନ ମଧ୍ୟରେ ରହିଛନ୍ତି । ରାଜ୍ୟ ସରକାର ତୁରନ୍ତ ତହସିଲଦାର ପଦବୀ ପୂରଣ ଦାବି ହେଉଛି।

### ଅନସ୍ଲୋ ହାଇସ୍କୁଲରେ ବିଶ୍ୱ ଏଡ୍ସ ଦିବସ ପାଳିତ

ଛତ୍ରପୁର,୧।୧୨(ସନ୍ତୋଷ ପାଢ଼ୀ): ଛତ୍ରପୁର ସ୍ଥିତ ଅନସ୍ଲୋ ସରକାରୀ ହାଇସ୍କୁଲ ପରିସରରେ ବିଶ୍ୱ ଏଡସ ଦିବସ ଉପଲକ୍ଷେ ଏଡସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟର ବିଭିନ୍ନ କାଡେଟ୍ର ଛାତ୍ରୀଛାତ୍ରମାନେ ଏବଂ ଏନସିସି, ସ୍କାଉଟ୍ସ, ଏସବିସି ବର୍ଗର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଏଡ୍ସ ରୋକିବା ଏବଂ ଏହାର ନିୟନ୍ତ୍ରଣ ସମ୍ପର୍କିତ ଶିକ୍ଷା ଅପରିହାର୍ଯ୍ୟ ହୋଇପଡିଛି। ଏହି ଦିବସ ପାଳନ ଅବସରରେ ଲୋକଙ୍କ ମଧ୍ୟରେ 'ହାରିବାନି ହରାଇବା' ଭାବନା ଜାଗ୍ରତ କରିବା ଲାଗି ପ୍ରୟାସ କରାଯାଇଥାଏ ବୋଲି ପ୍ରଧାନ ଶିକ୍ଷୟିତ୍ରୀ କହିଥିଲେ। ଏହି ଅବସରରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏ ଦିଲେଶ୍ୱର ରେଡ୍ଡୀ, ଆକାଂକ୍ଷା ବେହେରା, ଶୁଭମ ନାୟକ ଓ ପୂଜା ବେହେରା ପୁରସ୍କୃତ ହୋଇଥିଲେ।

# ସୁନାପୁର ଇକୋ ରିଟ୍ରିଟ ଆରମ୍ଭ

ଚିକିଟି,୧।୧୨(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ଅନ୍ତର୍ଗତ ସୁନାପୁର ବେଳାଭୂମିରେ ଚଳିତବର୍ଷର ଇକୋ ରିଟ୍ରିଟ ଆରମ୍ଭ ହୋଇଛି। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଅନ୍ଲାଇନରେ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ବେଳାଭୂମିରେ ଏକ ସଭା ଆୟୋଜନ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବ୍ରହ୍ମପୁର ଏମ୍ପି ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ଯୋଗଦେଇ ରାଜ୍ୟ ସରକାର ପ୍ରାକୃତିକ ପରିବେଶରେ ଅବସର ବିନୋଦନ ପାଇଁ ଗତକିଛି ବର୍ଷ ହେଲା ବିଭିନ୍ନ ସ୍ଥାନରେ ଇକୋ ରିଟ୍ରିଟ ବ୍ୟବସ୍ଥା କରିଛନ୍ତି ବୋଲି କହିଥିଲେ। ଯାହାକି ପର୍ଯ୍ୟଟକମାନଙ୍କ ପାଇଁ ଆକର୍ଷଣ କେନ୍ଦ୍ର ବିନ୍ଦୁ ପାଲଟିଛି। ବେଳାଭୂମିରେ ପର୍ଯ୍ୟଟକମାନଙ୍କ ପାଇଁ ୨୫ଟି ଅତ୍ୟାଧୁନିକ ତମ୍ବୁଘର ନିର୍ମାଣ ହୋଇଛି। ଏଥିରେ ହୋଟେଲ ଭଳି ଶୀତତାପ ନିୟନ୍ତ୍ରିତ ରେଷ୍ଟୁରାଣ୍ଟ, ସମ୍ମିଳନୀ କକ୍ଷ ରହିଛି। ତମ୍ବୁଘର ଗୁଡିକର ମୂଲ୍ୟ ୭ ହଜାର ଟଙ୍କାରୁ ଆରମ୍ଭ କରି ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। କାର୍ଯ୍ୟକ୍ରମରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣି, ବ୍ରହ୍ମପୁର ଏସ୍ପି ଡ଼. ସର୍ବଣା ବିବେକ ଏମ, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଭି କୀର୍ତ୍ତିଭାସନ, ଜିଲା ପର୍ଯ୍ୟଟକ ଅଧିକାରୀ ବିନୋଦ କୁମାର ବେହେରା, ଚିକିଟି ତହସିଲଦାର ବଳଦେବ ବେହେରା, ବିଡ଼ିଓ ପ୍ରମୋଦ କୁମାର ନାୟକଙ୍କ ସମେତ ବିଦ୍ୟୁତ ବିଭାଗ, ଗ୍ରାମ୍ୟଜଳ ଯୋଗାଣ ଏବଂ ତିୟୁରିଜିମ୍ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ଜଳିଗଲା ୯ ବଖରା ଘର

ବୁଗୁଡା,୧।୧୨(କାଳିଚରଣ ଦାଶ):

ଗଞ୍ଜାମ ଜିଲା ବୁଗୁଡ଼ା ବ୍ଲକ କରଚୁଲି ପଞ୍ଚାୟତ ଅନ୍ତର୍ଗତ ପଡିଆଭଙ୍ଗା ଗ୍ରାମରେ ଅଗ୍ନିକାଣ୍ଡ ଘଟି ୮ ଟି ପରିବାରର ୯ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ବୁଗୁଡ଼ା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ ମଧ୍ୟ ଘରଗୁଡିକ ସମ୍ପୂର୍ଣ୍ଣ ପୋଡି ଯାଇଥିଲା। ଅଗ୍ନିକାଣ୍ଡରେ ଶିବ ଗୌଡ଼, ଜଗନ୍ନାଥ ପ୍ରଧାନ, ସଇନ୍ଦ୍ରି ପ୍ରଧାନ, ମାମିନି ପ୍ରଧାନ, ରବି ଦାସ, ସଚ୍ଚିଦାନନ୍ଦ ଦାସ, କାଳୁଚରଣ ଦାସ, ବନମାଳୀ ପ୍ରଧାନଙ୍କ ଘର ସମେତ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଶୁକ୍ରବାର ଅପରାହ୍ନ ୪ ଟାରେ ପ୍ରଥମେ ଜଗନ୍ନାଥ ପ୍ରଧାନଙ୍କ ଘରୁ ନିଆଁ ବାହାରି ଆଖପାଖରେ ଥିବା ଘରେ ନିଆଁ ଲାଗି ଯାଇଥିବା ଗାଁ ଲୋକେ କହିଛନ୍ତି।

### ଯୌତୁକ ନିର୍ଯାତନା ଅଭିଯୋଗ ମାମଲା

## ପରିବାର ନିର୍ଦ୍ଦୋଷରେ ଖଲାସ

ବାଲିଗୁଡା,୧।୧୨(ସଞ୍ଜୟ କୁମାର ପାଣିଗ୍ରାହୀ):

କନ୍ଧମାଳ ଜିଲା ବାଲିଗୁଡା ବନ୍ଧସାହିରେ ୨୦୧୪ରେ ଏକ ଯୌତୁକ ନିର୍ଯାତନା ଅଭିଯୋଗରେ ବୋହୂକୁ ପୋଡି ମାରି ଦେଇଥିବା ଅଭିଯୋଗରେ ଶାଶୂଘର ସପରିବାର ଗିରଫ ହୋଇ ଜେଲ ଯାଇଥିଲେ। ଉକ୍ତ ଘଟଣାରେ ସପରିବାର ନିର୍ଦ୍ଦୋଷରେ ସାବ୍ୟସ୍ତ ହୋଇଛନ୍ତି। ପ୍ରକାଶ ଯେ, ୨୦୧୪ ଅକଟୋବର ୨୫ ତାରିଖ ଦିନ ବନ୍ଧସାହି ସ୍ଥିତ ଅରୁଣ ମହାରଣାଙ୍କ ସ୍ତ୍ରୀ ଉର୍ମିଳା ପୋଡି ହୋଇ ମରିଯିବା ପରେ ତାଙ୍କର ବଡ଼ ଭଉଣୀ ଗୀତା ୨୮ ତାରିଖରେ ବାଲିଗୁଡା ଥାନାରେ ଏତଲା ଦେଇଥିଲେ। ଯୌତୁକଜନିତ କାରଣରୁ ଉର୍ମିଳାଙ୍କୁ ପୋଡି ମାରିଦେଇଥିବା ଅଭିଯୋଗ କରିଥିଲେ। ପୋଲିସ ସ୍ୱାମୀ ଅରୁଣ, ଶଶୁର କୃଷ୍ଣ, ଦିଅର ଅଭୟ ଓ ଯାଆ ସବିତାଙ୍କୁ ଗିରଫ କରିଥିଲା। ପ୍ରାୟ ୧୪ଜଣଙ୍କ ସାକ୍ଷ୍ୟ ପ୍ରମାଣ କୁ ବିଚାର କରି ଅତିରିକ୍ତ ଜିଲାଜଜ ଦିଲ୍ଲୀପ କୁମାର ବିଶ୍ୱାଳ ସମସ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମୁଦାଲା ମାନଙ୍କ ପକ୍ଷରୁ ଓକିଲ ସୁରେନ୍ଦ୍ର କୁମାର ପାତ୍ର ମକଦ୍ଦମା ପରିଚାଳନା କରୁଥିଲେ।

## ବାର୍ ଆସୋସିଏଶନ, ପ୍ରେସ କ୍ଲବର ଉନ୍ନତୀକରଣ ହେବ

### ଅର୍ଥମନ୍ତ୍ରୀଙ୍କ ବିଭିନ୍ନ ଅନୁଷ୍ଠାନ ପରିଦର୍ଶନ

ଭଞ୍ଜନଗର,୧।୧୨(ବାବୁଲା ପ୍ରଧାନ): ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଶୁକ୍ରବାର ସନ୍ଧ୍ୟାରେ ଭଞ୍ଜନଗର ପ୍ରେସ କ୍ଲବ ସଦସ୍ୟ, ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ କର୍ମକର୍ତ୍ତାଙ୍କୁ ଡାକି ଆଲୋଚନା କରିଛନ୍ତି। ସନ୍ଧ୍ୟାରେ ଭଞ୍ଜନଗର ବାର ଆସୋସିଏଶନ ପକ୍ଷରୁ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ମନ୍ତ୍ରୀ କହିଥିଲେ, ଭଞ୍ଜନଗର ବାର ଆସୋସିଏଶନର ଉନ୍ନତୀକରଣ ପାଇଁ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଆବଶ୍ୟକତାକୁ ଦେଖି ଆହୁରି ଅନୁଦାନ ଦିଆଯିବ। ଆୟୋଜିତ ସଭାରେ ବାର ଆସୋସିଏଶନ ସଭାପତି ଅଭିମନ୍ୟୁ ଗୌଡ ଅଧ୍ୟକ୍ଷତା କରିଥିଲେ। ଉପସଭାପତି ରଜତ କୁମାର ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସହ ସମ୍ପାଦକ ଚନ୍ଦ୍ରମଣି ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଏହାପରେ ମନ୍ତ୍ରୀ ସେଠାରୁ ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘକୁ ଦିଆଯିବାକୁ ଥିବା ସଂଘର ସ୍ଥାୟୀ କୋଠା ବୁଲି ଦେଖିଥିଲେ। ସେଠାରେ ସେନା କର୍ମଚାରୀ ସଂଘର କର୍ମକର୍ତ୍ତାଙ୍କ ସହ ସେମାନଙ୍କର ଭଲ ମନ୍ଦ ପଚାରି ବୁଝିଥିଲେ। ଏହାପରେ ପ୍ରେସ କ୍ଲବ ଆସି ସେଠାରେ ପ୍ରେସ କ୍ଲବ କର୍ମକର୍ତ୍ତା ଙ୍କ ସହ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ ଏବଂ ପ୍ରେସ କ୍ଲବର ଉନ୍ନତୀକରଣ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ମନ୍ତ୍ରୀ ପ୍ରକାଶ କରିଥିଲେ। ସେନା କର୍ମଚାରୀ ସଂଘର କର୍ମକର୍ତ୍ତା କର୍ଣ୍ଣେଲ ମହେନ୍ଦ୍ର କୁମାର ସ୍ୱାଇଁ, ପ୍ରେସ କ୍ଲବ ସଭାପତି ଲୋକନାଥ କର, ସମ୍ପାଦକ ବାବୁଲା ପ୍ରଧାନ, ଉପସଭାପତି ରତ୍ନାକର ସାହୁ, ସଂଗଠନ ସମ୍ପାଦକ ବିଶମ୍ଭର ଜେନା, ଉପଦେଷ୍ଟା ରବିନ୍ଦ୍ର ପାତ୍ର, ରବିନ୍ଦ୍ର ପ୍ରଧାନ, ଉତ୍କଳ ସାମ୍ବାଦିକ ସଂଘ ଭଞ୍ଜନଗର ଶାଖାର ସଭାପତି ଅମରେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।




ଭଞ୍ଜନଗର ବାର୍ ଆସୋସିଏଶନ କାର୍ଯ୍ୟାଳୟରେ ମନ୍ତ୍ରୀ ଉଦବୋଧନ ଦେଉଛନ୍ତି।

## 'ମୁଁ ବି ହେବି ନବୀନ ଓଡ଼ିଶାର ସାରଥି' କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୧।୧୨ (ଗିରିଧାରୀ ପରିଚ୍ଛା): ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ବିଜୁ ଜନତା ଦଳ ଜିଲା କାର୍ଯ୍ୟାଳୟଠାରେ 'ମୁ ବି ହେବି ନବୀନ ଓଡ଼ିଶାର ସାରଥୀ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଦେବିରଞ୍ଜନ ତ୍ରିପାଠୀ, ପ୍ରଣବ ବଳବନ୍ତ ରାୟ, ବ୍ୟୋମକେଶ ରାୟ ପ୍ରମୁଖ ଯୋଗଦେଇଥିଲେଲ। ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନା କିପରି ପ୍ରତିଟି ଲୋକମାନଙ୍କ ପାଖରେ ପହଞ୍ଚିବ ଏବଂ ଲୋକେ ଏହାର ଲାଭ ଉଠାଇପାରିବେ ତାହା ଉପରେ ଆଲୋଚନା କରାଯାଇଥିଲା। ଜିଲା ଯୁବ ସଭାପତି ଏସ.ଲିଙ୍ଗରାଜଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିବା ବେଳେ ବିଶ୍ୱଜିତ ତ୍ରିପାଠି, ମୁନ୍ନା ମଲ୍ଲିକ, ଚନ୍ଦନ ମହାରଣା ପ୍ରମୁଖ ସହଯୋଗ କରିଥିଲେ।

## ଦିବ୍ୟାଙ୍ଗଙ୍କୁ ରୋଗ ନିଦାନ, ଉପକରଣ ବଣ୍ଟନ

ଦାରିଙ୍ଗବାଡି, ୧।୧୨(ଅରୁଣ ସାହୁ): ଦାରିଙ୍ଗବାଡି ରାପଡ଼ାବାଡି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ରୋଗ ନିଦାନ କରାଯିବା ସହ ସେମାନଙ୍କ ମାନସିକ ଶାରୀରିକ ବାଧିତ ସମସ୍ୟାର ସମାଧାନ ପାଇଁ ସେମାନଙ୍କୁ ଆବଶ୍ୟକ ଉପକରଣ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଇଓ ରସାନନ୍ଦ କର ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ମୁଖ୍ୟବକ୍ତା ବିଡ଼ିଓ ଗଦାଧର ପାତ୍ର, ସମ୍ମାନିତ ଅତିଥି ଭାବେ ତହସିଲଦାର ଶରତ ଶବର, ଏବିଇଓ ତଥା ବିଆରସିସି ଗୋକୁଳା ଚନ୍ଦ୍ର ନାୟକ, ବନମାଳୀ ମାଝୀ, ଭୁବନେଶ୍ୱରରୁ ଆସିଥିବା ଡାକ୍ତର ଅମିତ ମିଶ୍ର, ଏ. ଜୟଚନ୍ଦ୍ର ଏବଂ ଫିଜିଓ ଆର ଗୋଷ୍ଠୀ ସମ୍ବଳ ଶିକ୍ଷକ ନିହାର ରଞ୍ଜନ ଦାସ ଯୋଗଦେଇଥିଲେ। ମୋଟ ୬୨ଜଣଙ୍କୁ ପରୀକ୍ଷା କରାଯାଇଥିଲା। ଗୋଷ୍ଠି ସମ୍ବଳ ଶିକ୍ଷକ ମାନସ ଷଡ଼ଙ୍ଗୀ ଏବଂ ରଶ୍ମିତା ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ମାସ ପାଳନ




ପୋଷ୍ୟ ସନ୍ତାନ ଗ୍ରହଣ କରୁଥିବା ଦମ୍ପତିଙ୍କୁ ଅନୁମତି ପତ୍ର ପ୍ରଦାନ କରୁଛନ୍ତି ଜିଲାପାଳ।

ପାରଳାଖେମୁଣ୍ଡି, ୧।୧୨ (ଗିରିଧାରୀ ପରିଚ୍ଛା): ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ମାସ ପାଳନ ଅବସରରେ ଜିଲାର ପିତୃମାତୃହୀନ, ଅବହେଳିତ ଏବଂ ପରିତ୍ୟକ୍ତ ଶିଶୁମାନଙ୍କୁ କୋଳେଇ ନେବା ପାଇଁ ଜିଲାବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ନିମନ୍ତେ ଶୁକ୍ରବାର ଜିଲା ଶିଶୁ ସୁରକ୍ଷା ୟୁନିଟ ତଥା ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ସହଯୋଗରେ ଜିଲା ପରିଷଦ ସମ୍ମେଳନ କକ୍ଷଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଯୋଗଦେଇଥିଲେ। ପୋଷ୍ୟ ସନ୍ତାନ ଗ୍ରହଣ କରିଥିବା ଦମ୍ପତିମାନଙ୍କୁ ଉତ୍ତରୀୟ ଏବଂ ଶିଶୁମାନଙ୍କୁ ଖେଳଣା ପ୍ରଦାନ କରି ଉତ୍ସାହିତ କରିବା ସହ ସେମାନଙ୍କର ଅନୁଭୂତି ପଚାରି ବୁଝିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିରେନ୍ଦ୍ର କୁମାର ଦାସ ଯୋଗଦେଇ ପୋଷ୍ୟ ସନ୍ତାନ ଗ୍ରହଣ ବିଷୟରେ ସମ୍ୟକ ସୂଚନା ଦେବା ସହ ଯେଉଁ ଶିଶୁମାନେ ଆଇନତଃ ମୁକ୍ତ ହୋଇ ଶିଶୁ ଯତ୍ନ ଅନୁଷ୍ଠାନରେ ରହିଛନ୍ତି ସେମାନେ କିପରି ନୂତନ ପିତାମାତା ଶୀଘ୍ର ପାଇବେ ସେଥିପାଇଁ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଡ. ଗୁଣନିଧି ନାୟକ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର 'ନିସାନ ସାଲୋମ'ର ୪୯ ତମ ଶିଶୁଙ୍କୁ ତଥା କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଦ୍ୱାରା ଅନୁମୋଦିତ ହୋଇଥିବା ଉତ୍ତର ପ୍ରଦେଶର ଏକ ଦମ୍ପତିଙ୍କୁ ଜିଲାପାଳ ପୋଷ୍ୟ ସନ୍ତାନ ରୂପେ ହସ୍ତାନ୍ତର କରିଥିଲେ। ଉକ୍ତ ଦମ୍ପତିଙ୍କର ପୂର୍ବରୁ ଏକ କନ୍ୟା ସନ୍ତାନ ରହିଥିବା ବେଳେ ପୋଷ୍ୟ ସନ୍ତାନ ରୂପେ ଏକ ପୁତ୍ର ସନ୍ତାନ ପାଇ ଦମ୍ପତି ଖୁସି ଥିବା ଲକ୍ଷ୍ୟ କରାଯାଇଥିଲା। ଶିଶୁମାନଙ୍କୁ ଯେଉଁମାନେ ରକ୍ତ ଦେଇ ଜୀବନ ବଞ୍ଚାଉଛନ୍ତି ସେମାନଙ୍କ ମଧ୍ୟରୁ ଦେବାଶିଷ ପଟ୍ଟନାୟକ ଏବଂ ପ୍ରଶାନ୍ତ କୁମାର ପୁଷ୍ପାରେଡ୍ଡୀଙ୍କୁ ସମ୍ମାନିତ କରାଯାଇଥିଲା।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.52/ET/SBP/ENGG/2023-24, ତା.17.11.2023ରିଖ

(1)ଇ-ଟେଣ୍ଡର ସଂ.51-eT-DENE-SBP-23

କାର୍ଯ୍ୟର ନାମ: ରେଳବାଇ ଜମି/ଖଦାନ (Land/Quarry) ବାହାରୁ ସାସନ ଡିପୋ ଠାରେ ରେଳବାଇ ବିନିର୍ଦ୍ଦେଶ ଅନୁଯାୟୀ ମେସିନ୍ ଦ୍ୱାରା ଭଙ୍ଗା ଯାଇଥିବା 60,000 ଘନ ମିଟର ବିଶିଷ୍ଟ ଟ୍ରାକ୍ ବାଲାଷ୍ଟର ଯୋଗାଣ ଏବଂ ଗଦା ମାରିବା ତଥା ତାହାକୁ ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ସମ୍ବଲପୁର ପରିସୀମା ଅଧୀନସ୍ଥ ରେଳବାଇ ୱାଗନଗୁଡ଼ିକରେ ବୋଝେଇ କରିବା କାର୍ଯ୍ୟ (ଶେଷ ହେବା ଅବଧି : ବର୍ଷାଋତୁ ଅବଧି ବ୍ୟତୀତ 18 ମାସ) ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 7,81,72,800/-, ବିଡ୍ ସିକ୍ୟୁରିଟି (₹): 5,40,900/- ।

(2)ଇ-ଟେଣ୍ଡର ସଂ.40-eT-SDENC-SBP-23

କାର୍ଯ୍ୟର ନାମ: କୋଚିଙ୍ଗ୍ ଡିପୋ, ସମ୍ବଲପୁର ଠାରେ IOH ର ସମ୍ପ୍ରସାରଣ ସମ୍ବନ୍ଧୀୟ ଅବଶିଷ୍ଟ ସିଭିଲ୍ ଇଂଜିନିୟରିଂ କାର୍ଯ୍ୟଗୁଡ଼ିକର ସମ୍ପାଦନ ଏବଂ ଜୈବ-ଟାଙ୍କି ରକ୍ଷଣାବେକ୍ଷଣ ଏବଂ ପରୀକ୍ଷଣ ନିମନ୍ତେ ସୁବିଧା ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 76,43,929.55, ବିଡ୍ ସିକ୍ୟୁରିଟି (₹): 1,52,900/- ।

କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର)ମାସ (କ୍ରମ ସଂ.1 ପାଇଁ) ଏବଂ 06 (ଛଅ)ମାସ (କ୍ରମ ସଂ.2 ପାଇଁ) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.18.12.2023ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍ରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ)/ସମ୍ବଲପୁର

PR-828/O/23-24

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍ଆଇଟି/୧୧/୨୩/୨୯, ତାରିଖ: ୨୦।୧୧।୨୦୨୩

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର ଡିଭିଜନାଲ ମ୍ୟାଟେରିଆଲ୍ସ ମ୍ୟାନେଜର/ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ, ବିଳାସପୁର ଡିଭିଜନ ନିମ୍ନଲିଖିତ ସାମଗ୍ରୀ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି:

| କ୍ର.ସଂ. | ଟେଣ୍ଡର ନଂ. | ଧାର୍ଯ୍ୟ ତାରିଖ | ଧାର୍ଯ୍ୟ ସମୟ | ଟେଣ୍ଡର ମୂଲ୍ୟ (ଟ.) | ଇଏମଡି (ଟ.) |
|---|---|---|---|---|---|
| ୧ | ୧୧୨୩୫୪୮୬ | ୨୦।୧୨।୨୦୨୩ | ୧୦.୩୦ | ୦୦ | ୧୪୧୯୮୦.୦୦ |

ବର୍ଣ୍ଣନା:- ଆରଡିଏସଓ ବିନିର୍ଦ୍ଦିଷ୍ଟତା: ଟିଆଇ/ଏସ୍ପିସି/ଓଏଚ୍ଇ/ଜେଏମ୍ପି/୦୯୪୧ ଅନୁଯାୟୀ ୧୬୦ ବର୍ଗ ମିମି ଆନିଲଡ କପର୍ ଷ୍ଟ୍ରାଣ୍ଡେଡ୍ ଜମ୍ପର୍ ଓୟାର୍ସ । ସିଓଆରଇ ଉପ ସାମଗ୍ରୀ ଆଇଡି: ୪୨୦୦୦୦୩୦୦୨ । ଗଠନ ସିଓଆରଇ/ଆରଡିଏସଓ ଅନୁମୋଦିତ ବିକ୍ରେତା ।

ଟେଣ୍ଡରଦାତାମାନେ ଦୟାକରି ଆଇଆରଇପିଏସ୍ ୱେବ୍ସାଇଟ୍ https://www.ireps.gov.in ପରିଦର୍ଶନ କରନ୍ତୁ ।

ଦ୍ରଷ୍ଟବ୍ୟ:- ବିବାଦୀୟ ପରିସ୍ଥିତିରେ ଇଂରାଜୀ ଲେଖା ସଂସ୍କରଣକୁ ପ୍ରମାଣିତ ଭାବେ ବିବେଚନା କରାଯିବ ।

ସିନିୟର ଡିଭିଜନାଲ ମ୍ୟାଟେରିଆଲ୍ସ ମ୍ୟାନେଜର, ଦ.ପୂ.ମ. ରେଳପଥ, ବିଳାସପୁର

CPR/10/311

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ @secrail

**ପାର୍କିଂ ପାଇଁ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ କାଟାଲଗ ନଂ.: (i) ପାର୍କ-କେଜିପି-୨୩-୨୦, ତାରିଖ: ୨୯।୧୧।୨୦୨୩ ଭାରତର ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼୍ଗପୁର ଡିଭିଜନ ୦୩ (ତିନି) ବର୍ଷ ଅବଧି ପାଇଁ ସୁତେଇ ବଡ଼ଗାଁ, କୁଲଗାଛିଆ, ଟିକିଆପଡ଼ାଠାରେ ଦୁଇଚକିଆ ପାର୍କିଂ ନିମନ୍ତେ ୦୩ (ତିନି) ଗୋଟି ପାର୍କିଂ ଲଟ୍ ଏବଂ ଗୋପୀନାଥପୁର ନୀଳଗିରି, ଝାଡ଼ଗ୍ରାମ ଏବଂ ଦିଘା ରେଳ ଷ୍ଟେଶନ ପରିସରରେ ମିଶ୍ରିତ ପାର୍କିଂ ଲାଗି ୦୩ (ତିନି) ଗୋଟି ପାର୍କିଂ ଲଟ୍ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା ୱେବ୍ସାଇଟ୍ https://www.ireps.gov.inରେ ଅଧିସୂଚିତ ହୋଇଛି । କ୍ର.ସଂ. ୧, ବର୍ଗ: ଦୁଇଚକିଆ ଓ ମିଶ୍ରିତ ପାର୍କିଂ ପାଇଁ ପାର୍କିଂ ଲଟ୍; କାଟାଲଗ୍ ନଂ.: ପାର୍କ-କେଜିପି-୨୩-୨୦; ଲଟ୍ ସଂଖ୍ୟା: ୦୬; ନିଲାମ ତାରିଖ: ୧୫।୧୨।୨୦୨୩; ନିଲାମ ଆରମ୍ଭ ସମୟ: ୧୧.୩୦ ଘଟିକା; ନିଲାମ ବନ୍ଦ ହେବା ସମୟ: ୧୨.୫୦ ଘଟିକା । ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼୍ଗପୁର

(PR-873)

ଦକ୍ଷିଣ ପୂର୍ବ ରେଳପଥ

ହର୍ଷର ସହିତ ଆମେ ସେବାରତ

## ଏମ୍ଜିଏନ୍ଆର୍ଇଜିଏସ୍ରେ ମିଳୁନି ମଜୁରି

କୋଦଳା,୧।୧୨(ଅମିତ କୁମାର ପଟ୍ଟନାୟକ) ଗ୍ରାମାଞ୍ଚଳରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍ଜିଏନ୍ଆର୍ଇଜିଏସ୍)ରେ ଶ୍ରମିକମାନଙ୍କୁ କାମ ଯୋଗାଇ ଦିଆଯାଉଛି। କେନ୍ଦ୍ର ସରକାରଙ୍କ ଏହି ଯୋଜନା ଏବେ ପଥଭ୍ରଷ୍ଟ ହେଉଥିବା ଦେଖାଯାଉଛି। ଏଥିପାଇଁ ପ୍ରଶାସନିକ କ୍ଷେତ୍ରରେ ଲଗାମ ରହୁନି। ଗ୍ରାମାଞ୍ଚଳରେ ରାସ୍ତାଘାଟର ଉନ୍ନତୀକରଣ, ନୂତନ ପୋଖରୀ ଖନନ, ପୋଖରୀରୁ ପଙ୍କ ଉଦ୍ଧାର ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ କେନ୍ଦ୍ର ସରକାର ଏମ୍ଜିଏନ୍ଆର୍ଇଜିଏସ୍ରେ କୋଟି କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଉଛନ୍ତି। ମାତ୍ର ବ୍ଲକ ପ୍ରଶାସନ ଉଦାସୀନତା ଯୋଗୁ ଏବେ ଶତାଧିକ ମହିଳା ଓ ପୁରୁଷ ଶ୍ରମିକ ମଜୁରି ପାଇବାରୁ ବଞ୍ଚିତ ହୋଇଛନ୍ତି। ବେଗୁନିଆପଡ଼ା ବ୍ଲକ ଖଣ୍ଡିଆନଈ ପଞ୍ଚାୟତର ତିରିଡା ଗ୍ରାମରୁ ଏଭଳି ଅଭିଯୋଗ ଆସିଛି। ସୂଚନା ଅନୁସାରେ ତିରିଡ଼ା ଗ୍ରାମରେ ୨ଟି ମାଟି ରାସ୍ତା କାର୍ଯ୍ୟ କରି ଶ୍ରମିକମାନେ ମଜୁରି ବାବଦକୁ ୨ ଲକ୍ଷ ୫୦ ହଜାର ଟଙ୍କା ପାଇବାକୁ ବାକି ଅଛି। ହଠାତ୍ ସେମାନଙ୍କ କାର୍ଯ୍ୟକୁ ବନ୍ଦ କରି ଦିଆଯାଇଥିବା ବେଳେ ମଜୁରୀ ବି ପ୍ରଦାନ କରାଯାଉ ନାହିଁ। କାର୍ଯ୍ୟ କରାଯିବାର ସମସ୍ତ ତଥ୍ୟ ପ୍ରମାଣ ରହିଛି। ଏହାକୁ ନେଇ ଶତାଧିକ ଶ୍ରମିକ ଗୁରୁବାର ବିଡିଓ ପ୍ରଜ୍ଞା ପ୍ରିୟଦର୍ଶନୀଙ୍କୁ ଭେଟି ଅଭିଯୋଗ କରବା ପରେ ସେ ଏହାର ଅନୁଧ୍ୟାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି। ତୁରନ୍ତ ମଜୁରି ପ୍ରଦାନ କରା ନ ଗଲେ ଆଗାମୀ ଦିନରେ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଶ୍ରମିକମାନେ କହିଛନ୍ତି।



**କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷ**

KNDA

ଚୋରଦା, ପୋ.: ଫେରୋକ୍ରମ ପ୍ଲାଣ୍ଟ, ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ-୧୯୮୨, ଧାରା-୧୬ ଅନୁଯାୟୀ କଳିଙ୍ଗ ନଗର ଉନ୍ନୟନ ଅଞ୍ଚଳ ମଧ୍ୟରେ ଥିବା ପୂର୍ବର ୧୬୧ଟି ଗ୍ରାମ ଏବଂ ପରବର୍ତ୍ତୀ ସମୟରେ ମିଶ୍ରିତ ଅତିରିକ୍ତ ୮୪ଟି ଗ୍ରାମକୁ ନେଇ ସମୁଦାୟ ୨୪୫ଗୋଟି ଗ୍ରାମ ମଧ୍ୟରୁ ବ୍ୟାସନଗର ପୌରାଞ୍ଚଳସ୍ଥିତ ୨୦ଗୋଟି ଗ୍ରାମକୁ ବାଦ୍ ଦେଇ ଅବଶିଷ୍ଟ ୨୨୫ଗୋଟି ଗ୍ରାମ ମଧ୍ୟରେ ଯେ କୌଣସି ଗୃହ ନିର୍ମାଣ କାର୍ଯ୍ୟ ବା ଜମି ବିଭକ୍ତୀକରଣ କରିବା ପୂର୍ବରୁ କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରୁ ଏହାର ନକ୍ସା ମଞ୍ଜୁରୀ କରାଇବା ବାଞ୍ଛନୀୟ। କିନ୍ତୁ ଏ ସମ୍ବନ୍ଧରେ ବାରମ୍ବାର ବିଭିନ୍ନ ନୋଟିସ ମାଧ୍ୟମରେ ସର୍ବସାଧାରଣଙ୍କୁ ଅବଗତ କଲା ପରେ ମଧ୍ୟ କିଛି ବ୍ୟକ୍ତି ଏହାକୁ ଅବମାନନା କରୁଥିବା କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷଙ୍କ ନଜରକୁ ଆସିଛି।

ଏଣୁ ସର୍ବସାଧାରଣଙ୍କୁ ଜଣାଇ ଦେଉଅଛୁ କି କଳିଙ୍ଗ ନଗର ଉନ୍ନୟନ ଅଞ୍ଚଳ ମଧ୍ୟରେ ଯେ କୌଣସି ପ୍ରକାରର ଗୃହ (Building) କିମ୍ବା ଜମି ବିଭକ୍ତୀକରଣ (Plot Layout) କରିବା ପୂର୍ବରୁ ଆଇନ ଅନୁଯାୟୀ କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରୁ ଏହାର ନକ୍ସା ମଞ୍ଜୁରୀ କରାଇ ନିଅନ୍ତୁ। କୌଣସି ବ୍ୟକ୍ତି ବା ସଂସ୍ଥା ଏହାର ଅବମାନନା କଲେ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ-୧୯୮୨, ଧାରା ୯୦, ୯୧, ୯୨ ଓ ୯୪ ଅନୁଯାୟୀ ଉକ୍ତ ବ୍ୟକ୍ତି ବା ସଂସ୍ଥା ବିରୁଦ୍ଧରେ କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./- ସଚିବ

କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷ

**ରାୟଗଡ଼ ପୌର ପରିଷଦ**

- ଆପଣଙ୍କ ପ୍ରଦତ୍ତ ଟିକସ ହିଁ ସହରର ବିକାଶମୂଳକ କାର୍ଯ୍ୟରେ ଲଗାଯାଇଥାଏ । ଏଣୁ ଟିକସ ଠିକ୍ ସମୟରେ ପୈଠ କରନ୍ତୁ ।
- ପରିମଳ କର୍ମଚାରୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ଶୁଖିଲା ଓ ଓଦା ବର୍ଜ୍ୟବସ୍ତୁ ପୃଥକ୍ କରିଦିଅନ୍ତୁ ।
- ପଲିଥିନ୍ ବ୍ୟବହାର ନ କରି ପ୍ରଦୂଷଣମୁକ୍ତ ସହର ଗଠନରେ ସହାୟକ ହୁଅନ୍ତୁ ।
- ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ଆଦି ରୋଗରୁ ରକ୍ଷା ପାଇବା ପାଇଁ ନିଜ ଅଞ୍ଚଳର ପରିବେଶକୁ ସଫା କରିବା ସଙ୍ଗେ ସଙ୍ଗେ ନିଜର ଘର ଚାରିପଟ ସଫାରଖନ୍ତୁ ।
- ପରିଷଦର ବିନା ଅନୁମତିରେ ନୂତନ କିମ୍ବା ପୁରାତନ ଗୃହନିର୍ମାଣ କରନ୍ତୁ ନାହିଁ ।
- ପୌରସଂସ୍ଥା ଦ୍ୱାରା ଲେଆଉଟ ନକ୍ସା ଅନୁମୋଦନ ହୋଇ ନ ଥିବା ଖାଲିସ୍ଥାନ କ୍ରୟ ବିକ୍ରୟ କରନ୍ତୁ ନାହିଁ । ଗୃହ ନିର୍ମାଣ ପୂର୍ବରୁ ବିଲ୍ଡିଙ୍ଗ ପ୍ଲାନ୍ ଏପ୍ରୁଭାଲ କରାନ୍ତୁ ।
- ବିନା ଲାଇସେନ୍ସରେ କୌଣସି ବ୍ୟବସାୟ କରାନ୍ତୁ ନାହିଁ ।

ଶ୍ରୀମତୀ ଶୁଭ୍ରା ପଣ୍ଡା, ଉପାଧ୍ୟକ୍ଷା, ରାୟଗଡ଼ ପୌର ପରିଷଦ

ଶ୍ରୀଯୁକ୍ତ ପି.ମହେଶ ପଟ୍ଟନାୟକ, ଅଧ୍ୟକ୍ଷ, ରାୟଗଡ଼ ପୌର ପରିଷଦ

ସମସ୍ତ ପାରିଷଦବୃନ୍ଦ
ରାୟଗଡ଼ ପୌର ପରିଷଦ

# ପାଣି ପାଇଁ ଘଣ୍ଟାଏ ରାଜପଥ ଅବରୋଧ

ବ୍ରହ୍ମପୁର,୧।୧୨(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ସହରରେ ୪ଦିନ ଧରି ପିଇବା ପାଣି ଯୋଗାଣ ଠପ ହୋଇଥିବାରୁ ଅସନ୍ତୋଷ ବୃଦ୍ଧି ପାଇଛି। ହିଞ୍ଜିଳିକାଟୁ ଉପକଣ୍ଠ ନୂଆଗଡ ଗ୍ରାମର ନୂତନ ସବଜଜ କୋର୍ଟ କୋଠା ଓ ଘୋଡାହାଡ ନଦୀ ନିକଟରେ ପାଇପ ଫାଟିଯାଇଛି। ଭୂତଳ ପାଇପ ଲାଇନଟି ଫାଟିଥିବାରୁ ମରାମତି କାର୍ଯ୍ୟ ଚାଲିଛି। ଏହି କାରଣରୁ ସହରରେ ପାନୀୟ ଜଳ ଯୋଗାଣରେ ସମସ୍ୟା ଉପୁଜୁଥିବା ୱାଟକୋ ପକ୍ଷରୁ ସଫେଇ ଦିଆଯାଉଛି। ଏପଟେ କିନ୍ତୁ ପିଇବା ପାଣି ନ ପାଇ ଲୋକେ ତହଳ ବିକଳ ହେଉଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ୬ନଂ ୱାର୍ଡ ଧାନମେରା ସାହିବାସିନ୍ଦା ପାଣି ପାଇଁ ରାଜରାସ୍ତାକୁ ଓହ୍ଲାଇଛନ୍ତି। ହାଣ୍ଡି ମାଠିଆ ଧରି ସେମାନେ ୫୯ନଂ ରାଜ୍ୟ ରାଜପଥ ତଥା ଆସ୍କା ରୋଡ ରାସ୍ତା ଉପରେ ମହିଳାମାନେ ଦୀର୍ଘ ୧ ଘଣ୍ଟା ଧରି ଆନ୍ଦୋଳନ କରିଥିଲେ। ଫଳରେ ଉକ୍ତ ରାସ୍ତା ଦେଇ ଯାତାୟତ କରୁଥିବା ଯାନବାହନ ଗୁଡିକ ଅଟକି ରହିଥିଲା। ସ୍ଥିତି ଅଣାୟତ ହେବାରୁ ବଡବଜାର ଥାନାଧିକାରୀ ସୌଭାଗ୍ୟ ସ୍ୱାଇଁ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ ପାଣି ନ ଆସିବା ଯାଏଁ ରାସ୍ତା ଅବରୋଧ ହଟିବ ନାହିଁ ବୋଲି ମହିଳାମାନେ ଜିଦ ଧରିଥିଲେ। ଘଟଣା ସ୍ଥଳରେ ଉପସ୍ଥିତ ପୋଲିସ ସ୍ଥାନୀୟ ଏସଡିଓଙ୍କ ସହ ଫୋନ ଯୋଗେ ଆଲୋଚନା ପରେ ପାଣି ଆସିଥିଲା। ଏହାପରେ ସ୍ଥିତି ଶାନ୍ତ ପଡିଥିଲା।



ମହିଳାମାନେ ରାସ୍ତା ଅବରୋଧ କରିଛନ୍ତି।

# ତତ୍କାଳୀନ ମେଡିକାଲ ଅଫିସରଙ୍କୁ ୨ ବର୍ଷ ଜେଲ

ବ୍ରହ୍ମପୁର,୧।୧୨(ସୁବାସ ଚନ୍ଦ୍ର ପାଢ଼ୀ):

**ଲାଞ୍ଚ ମାମଲା**

ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଡ. ଅରୁଣ କୁମାର ସାହୁ ଶୁକ୍ରବାର ଏକ ଲାଞ୍ଚ ଗ୍ରହଣ ମାମଲାର ୬ ବର୍ଷ ପରେ ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ଗଞ୍ଜାମ ଜିଲା ବୁଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ତତ୍କାଳୀନ ମେଡିକାଲ ଅଫିସର ବି. ଗୋପାଳ ଚନ୍ଦ୍ର ରାଓଙ୍କୁ ସେ ଦୋଷୀ ସାବ୍ୟସ୍ତ କରିବା ସହ ୨ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୮ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୩ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ରାୟରେ ଉଲ୍ଲେଖ କରିଛନ୍ତି।

ବୁଗୁଡା ଥାନା ଘୋଡାପଡା ଗ୍ରାମର ନିରଞ୍ଜନ ଗୌଡ଼ ହାର୍ନିଆ ଅସ୍ତ୍ରୋପଚାର ପାଇଁ ବୁଗୁଡା ସିଏଚସି ଡାକ୍ତର ଗୋପାଳ ରାଓଙ୍କ ସହ ସାକ୍ଷାତ କରିଥିଲେ। ଏଥିପାଇଁ ସେ ତାଙ୍କୁ ଦେଢ଼ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ନିରଞ୍ଜନ ଏନେଇ ବ୍ରହ୍ମପୁର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ୨୦୧୭ ନଭେମ୍ବର ୧୮ ତାରିଖରେ ସେ ଡାକ୍ତର ଗୋପାଳଙ୍କୁ ଭେଟି ଲାଞ୍ଚ ଟଙ୍କା ଦେଇଥିଲେ। ସେଠାରେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଟିମ ତାଙ୍କୁ କାବୁ କରି ଟଙ୍କା ଜବତ କରିଥିଲେ। ନଂ.୫୨/୧୭ରେ ଡାକ୍ତରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। କିଛିଦିନ ପରେ ସେ ଜାମିନରେ ମୁକୁଳିଥିଲେ। ତତ୍କାଳୀନ ତଦନ୍ତକାରୀ ଅଧିକାରୀ ତଥା ଇନ୍ସପେକ୍ଟର କେ.କେ. ପ୍ରଧାନ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ମାମଲାର ବିଚାର ବେଳେ କୋର୍ଟରେ ୭ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇ ଥିଲା। ଶୁକ୍ରବାର ରାୟ ପ୍ରକାଶ ବେଳେ ଅଭିଯୁକ୍ତ ତଥା ଅବସରପ୍ରାପ୍ତ ଡାକ୍ତର ବି. ଗୋପାଳ ରାଓ କୋର୍ଟରେ ହାଜର ହୋଇଥିଲେ। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

## ସଂକ୍ଷେପରେ

### ଆନ୍ତଃ ମହାବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା

କୋଦଳା,୧।୧୨(ଅମିତ କୁମାର ପଟ୍ଟନାୟକ): ବେଗୁନିଆପଡ଼ା ବ୍ଲକ ଜନତା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା,ନବୀନ ଓଡ଼ିଶା ତରଫରୁ ଆନ୍ତଃ ମହାବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ର ପ୍ଲାଷ୍ଟିକମୁକ୍ତ ସଚେତନତା ଶୋଭାଯାତ୍ରା କରିଥିଲେ। ପରେ ଚେସ ଏବଂ କ୍ୟାରମ ପ୍ରତିଯୋଗିତା ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବିଡିଓ ନିରଞ୍ଜନ ବେହେରା, ମୁଖ୍ୟବକ୍ତା ଭାବେ ସମାଜିକ କର୍ମୀ ମହେଶ୍ୱର ବରାଡ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅଭିମନ୍ୟୁ ସ୍ୱାଇଁ ସମେତ ଅନ୍ୟାନ୍ୟ ଅତିଥି ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଅରୁଣ କୁମାର ରଥ, ଅଧ୍ୟାପକ ପ୍ରବୀଣ କୁମାର ଖାଡ଼ଙ୍ଗା, କବିରାଜ ନାୟକ, ଅରୁଣ ମଣ୍ଡଳ, ଅଧ୍ୟାପିକା ମମତା କୁମାରୀ ପାଢି, ସଙ୍ଗୀତା କୁମାରୀ ସାହୁ, ଜ୍ୟୋସ୍ନା ନାୟକ, ଡିଇଓ ରାଜେଶ ପାତ୍ରଙ୍କ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୧୫ ତାରିଖରେ କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ।

### ଉନ୍ନତ ଆଖୁଚାଷ ତାଲିମ ଶିବିର

ଆସିକା,୧।୧୨(ସୁରେନ୍ଦ୍ର ନାଥ ସାହୁ)

ଓଡିଶା ଟେକ୍ନୋଲୋଜି ମିଶନ ପକ୍ଷରୁ ଶୁକ୍ରବାର ବାବନପୁରସ୍ଥିତ ବ୍ଲକ କୃଷି ଓ ପରାମର୍ଶ କେନ୍ଦ୍ର ପରିସରରେ ଉନ୍ନତ ବୈଜ୍ଞାନିକ ପ୍ରଣାଳୀରେ ଆଖୁଚାଷ ସମ୍ପର୍କରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା । ଏହାକୁ ଆସିକା ସମବାୟ ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଗାୟତ୍ରୀଦତ୍ତ ନାୟକ ଉଦଘାଟନ କରିଥିଲେ । କୃଷି ଓ ପରାମର୍ଶ କେନ୍ଦ୍ରର ଅଧ୍ୟକ୍ଷ ରାଜେଶ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ କୃଷି ଜିଲା ଅଧିକାରୀ ପ୍ରଦୀପ କୁମାର ଦାଶ, ଗୋଷ୍ଠୀ କୃଷି ଅଧିକାରୀ ବାସୁଦେବ ସାହୁ, ସହକାରୀ କୃଷି ଅଧିକାରୀ ଶୁଭ୍ରତା ମିଶ୍ର, ଚିନିଶିଳ୍ପର ଆଖୁ ପରିଚାଳକ ପ୍ରଶାନ୍ତ କୁମାର ପାଢୀ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ଚାଷୀଙ୍କୁ ଉନ୍ନତ ନୂତନ ବୈଜ୍ଞାନିକ ପ୍ରଣାଳିରେ ଆଖୁଚାଷ, ମୁଳି ଆଖୁଚାଷ, ଆଖୁ ବିହନ ଉତ୍ପାଦନ, ସରଳ ଆଖୁ ରୋପଣ ସମ୍ପର୍କରେ ତାଲିମ ଦିଆଯାଇଥିଲା । ସୂଚନାଯୋଗ୍ୟ, ଆସିକା ସମବାୟ ଚିନିଶିଳ୍ପ ପରିଚାଳନା ନିର୍ଦ୍ଦେଶକ ଭାବେ ନାୟକ ଯୋଗ ଦେବା ପରେ ଆଖୁଚାଷ ପ୍ରତି ବିମୁଖ ହୋଇଥିବା ଚାଷୀଙ୍କୁ ଆଖୁଚାଷ ଲାଗି ଉତ୍ସାହିତ କରିବା ଲାଗି ଉଦ୍ୟମ ଆରମ୍ଭ କରିଛନ୍ତି। ଶୁକ୍ରବାର ଆସିକା ବ୍ଲକର ଜୟପୁର, କେନ୍ଦୁପଦର ଓ ଶେରଗଡ ବ୍ଲକର ଚିନିଶିଳ୍ପ ପକ୍ଷରୁ କେନ୍ଦୁପଦର ଗ୍ରାମରେ ଆଖୁଚାଷିଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିବା ସହ ସମାଧାନ ଲାଗି କାରଖାନା ପକ୍ଷରୁ ଯଥାସାଧ୍ୟ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ହିଞ୍ଜିଳିକାଟୁ ନଗର ବିଜେଡି ସଭାପତିଙ୍କ ବିୟୋଗ



ହିଞ୍ଜିଳିକାଟୁ,୧।୧୨(ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳିକାଟୁ ନଗର ବିଜେଡି ସଭାପତି ତଥା ସ୍ଥାନୀୟ ଏନ୍‌ଏସି ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭୀମସେନ ବେହେରାଙ୍କ ଗୁରୁବାର ବିଳମ୍ବିତ ରାତିରେ ବିୟୋଗ ହୋଇଛି। ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ବେହେରା ୨୦୦୧ରେ ପ୍ରଧାନ ଶିକ୍ଷକ ପଦବୀରୁ ଅବସର ଗ୍ରହଣ କରିଥିଲେ। ୨୦୦୮ରେ ରାଜନୀତିରେ ଯୋଗଦେଇ କାଉନସିଲର ନିର୍ବାଚିତ ହୋଇଥିଲେ। କେଉଟ କୁଳର ସେ ୧୮ ଖଣ୍ଡ ଗାଁର ମୁଖିଆ ଓ କାଟୁ ଲକ୍ଷ୍ମୀ ନୃସିଂହ କେଉଟ ବାଡ଼ଯାତ୍ରା କମିଟି ସଭାପତି ଥିଲେ। ୨୦୧୩ରୁ ସେ ହିଞ୍ଜିଳିକାଟୁ ନଗର ବିଜେଡି ସଭାପତି ଭାବେ ଦାୟିତ୍ୱ ନିର୍ବାହ କରି ଆସୁଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଆସିକା ଏମପି ପ୍ରମିଳା ବିଷୋୟୀ, ହିଞ୍ଜିଳିକାଟୁ ବ୍ଲକ୍, ପୌରାଞ୍ଚଳ ଶେରଗଡ଼ ବ୍ଲକର ବହୁ ଜନପ୍ରତିନିଧି, ଆଇନଜୀବୀ, ଶିକ୍ଷକ, ପ୍ରାକ୍ତନ ଛାତ୍ର କେଉଟ ସାହିସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ସମ୍ମାନ ପ୍ରଦର୍ଶନ କରିଥିଲେ। ପରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ଗୋଷ୍ଠୀ ସମୂହ ହାତରେ ଏଡ୍‌ସ ନିରାକରଣ ଦାୟିତ୍ୱ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବ୍ରହ୍ମପୁର,୧।୧୨(ସୁବାସ ଚନ୍ଦ୍ର ପାଢ଼ୀ):

ଗଞ୍ଜାମ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଶୁକ୍ରବାର ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପରିସରସ୍ଥ ପ୍ରଜ୍ଞାନ ସମ୍ମିଳନୀ କକ୍ଷରେ ବିଶ୍ୱ ଏଡ୍‌ସ ଦିବସ ପାଳନ କରାଯାଇଛି। ପ୍ରାରମ୍ଭରେ ଏକ ସଚେତନତା ଶୋଭାଯାତ୍ରାକୁ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଆର.ଜଗଦୀଶ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଚଳିତବର୍ଷ ଏଡ୍‌ସ ଦିବସର ବାର୍ତ୍ତା ଗୋଷ୍ଠୀ ସମୂହର ସହଭାଗିତା ସଂକ୍ରାନ୍ତରେ ସେ ଆଲୋକପାତ କରିଥିଲେ। ଏହି ରୋଗ ନିରାକରଣ ପାଇଁ ଗୋଷ୍ଠୀ ସମୂହର ଦାୟିତ୍ୱ ରହିଛି। ତେଣୁ ଏଥିପାଇଁ ସେ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ଏଡସ ନିରାକରଣ ପାଇଁ ସଚେତନତା ସୃଷ୍ଟି ନିମନ୍ତେ ଡିସେମ୍ବର ୧ରେ ବିଶ୍ୱ ଏଡ୍‌ସ ଦିବସ ପାଳନ କରାଯାଉଛି। ଜିଲା ଏଡସ ନିୟନ୍ତ୍ରଣ ସଂସ୍ଥା ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶରେ ଜିଲାରେ ଥିବା ସମସ୍ତ କାରାଗାର, ଟ୍ରକ ସଂଘ, ସମ୍ବେଦନଶୀଳ ଗୋଷ୍ଠୀଗୁଡ଼ିକର ଏଚଆଇଭି ପରୀକ୍ଷା କରାଯାଉଛି। ଇଏମଟିସିଟି କାର୍ଯ୍ୟକ୍ରମ ମାଧ୍ୟମରେ ଏଚଆଇଭି ସଂକ୍ରମିତ ମା'ଠାରୁ ଶିଶୁକୁ ସଂକ୍ରମଣରୁ କିପରି ରୋକାଯାଇପାରିବ ତାହା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ଡ. ପଟ୍ଟନାୟକ କହିଥିଲେ। ଏଚଆଇଭି ଓ ଟିବିର ନୋଡାଲ ଅଫିସର ଡା. ଅବନୀ କୁମାର ପାତ୍ର ଉକ୍ତ ରୋଗ ସମ୍ପର୍କରେ ବିସ୍ତୃତ ମତ ରଖିଥିଲେ। ଏଡ୍‌ସ ସେଲର ଜିଲା ପ୍ରକଳ୍ପ ଅଧିକାରୀ ହେମନ୍ତ କୁମାର ଦାଶ, ଏଚଆଇଭି ଏଡ୍‌ସ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଡା. ସନ୍ତୋଷ କୁମାର ପାଢ଼ୀ ଏଚ୍‌ଆଇଭି ସଂକ୍ରାମିତଙ୍କୁ ଘୃଣା ନ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଡା. ମନୋଜ କୁମାର ପଣ୍ଡା ଯୁବଗୋଷ୍ଠୀ ସଚେତନ ହେଲେ ସମାଜରୁ ଖୁବ ଶୀଘ୍ର ଏଚଆଇଭି ସଂକ୍ରମଣ ଶୂନ ହୋଇଯିବ ବୋଲି ମତ ରଖିଥିଲେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ବ୍ରହ୍ମପୁର,୧।୧୨(ତନୁଶ୍ରୀ ନାହାକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଅଧ୍ୟକ୍ଷତା କରିଥିଲେ। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ମୁଖ୍ୟ ଅତିଥି, ବିଧାୟକ ବିକ୍ରମ କୁମାର ପଣ୍ଡା ସମ୍ମାନନୀୟ ଅତିଥି ଭାବେ ଉପସ୍ଥିତ ଥିଲେ। କୁଳସଚିବ ସଚ୍ଚିଦାନନ୍ଦ ନାୟକ, ପିଜି କାଉନସିଲ ଚେୟାରମ୍ୟାନ ପ୍ରଫେସର ସୁଶାନ୍ତ କୁମାର ବରାଳ, କ୍ରୀଡ଼ା ଅଧିକାରୀ ତଥା ନୋଡ଼ାଲ ଅଫିସର ଭାବେ ଡ଼.ଗଣେଶ ସେଠୀ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅଧିକାରୀ ଭାବେ ଡ଼.ସରିତା ଦାସ ମଞ୍ଚାସୀନ ଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କ ପ୍ରତିଭା ବିକାଶ ନିମନ୍ତେ ସରକାରଙ୍କ ଏପରି କାର୍ଯ୍ୟକ୍ରମ ଆବଶ୍ୟକତା ସମ୍ପର୍କରେ ମତ ଦେଇଥିଲେ। ଏଥିରେ ପର୍ଯ୍ୟାୟକ୍ରମେ ବକ୍ତୃତା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଆସନ୍ତା ୩୧ ତାରିଖ ଯାଏ ହେବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

## ଏନ୍‌ଏସ୍‌ଏସ୍ ପକ୍ଷରୁ ଏଡ୍‌ସ ସଚେତନତା

ବ୍ରହ୍ମପୁର,୧।୧୨(ତନୁଶ୍ରୀ ନାହାକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏଚଆଇଭି ସଂପର୍କରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରାଯାଇଥିଲା। କୁଳପତି ପ୍ରଫେସର ଗୀତାଞ୍ଜଳି ଦାସଙ୍କ ଅଧ୍ୟକ୍ଷତା ଓ ଏନଏନଏସ ଅଧିକାରୀ ଡ଼.ଜୟନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀମାନେ ବ୍ୟାନର ଓ ପ୍ଲାକର୍ଡ ଧରି କ୍ୟାମ୍ପସରେ ଶୋଭାଯାତ୍ରା କରିଥିଲେ। ପ୍ରଶାସନିକ ବ୍ଲକ ସମ୍ମୁଖରେ ସ୍ୱେଚ୍ଛାସେବୀଙ୍କ ସହ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, କର୍ମଚାରୀ, ସୁରକ୍ଷା ଅଧିକାରୀମାନେ ଏଚଆଇଭି ଏଡସ୍ ସଚତନତା ନେଇ ଶପଥପାଠ କରିଥିଲେ। ସ୍ୱେଚ୍ଛାସେବୀମାନେ ବିଭିନ୍ନ ଗ୍ରାମରେ ଏଡ୍‌ସ ସଂପର୍କରେ ପ୍ରଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ରୋଗର କାରଣ ଓ ନିରାକରଣ ସଂପର୍କରେ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଏନଏସଏସ ବ୍ୟୁରୋ ସଂଯୋଜକ ଡକ୍ଟର ଜୟନ୍ତ କୁମାର ପଣ୍ଡା, କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ଶଙ୍କରର୍ଷଣ ମଲ୍ଲିକ, ଶକ୍ତି ରଞ୍ଜନ ଦାଶଙ୍କ ସହ ସୌମ୍ୟଶ୍ରୀ ସାହୁ ପ୍ରମୁଖ ଭାଗ ନେଇଥିଲେ।

# କବିସୂର୍ଯ୍ୟନଗରକୁ ମରୁଡ଼ି ଘୋଷଣା ଦାବି



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

କବିସୂର୍ଯ୍ୟନଗର,୧।୧୨(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଏନ୍‌ଏସିର ପ୍ରାୟ ସବୁ ଅଞ୍ଚଳରେ ବର୍ଷା ଅଭାବରୁ ଧାନ ଫସଲ ପୋଡି ନଷ୍ଟ ହେବାକୁ ବସିଲାଣି । ଏହାକୁ ନେଇ ଚାଷୀ ହତାଶ ହୋଇପଡିଛନ୍ତି । ଶୁକ୍ରବାର ଏନ୍‌ଏସି ଶତାଧିକ ଚାଷୀ ତହସିଲଦାରଙ୍କୁ ଭେଟି ଅଞ୍ଚଳକୁ ମରୁଡି ଘୋଷଣା ଓ ବୃହତ ଜଳସେଚନ ବ୍ୟବସ୍ଥା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିସହ ଚାଷୀଙ୍କୁ ସମ୍ପୂର୍ଣ୍ଣ କୃଷି ଋଣ ଛାଡ଼, ମାଗଣା ବିହନ, ସାର ଓ କୀଟନାଶକ ଯୋଗାଇ ଦେବା ସହ ଦୀର୍ଘ ମିଆଦି ଯୋଜନାରେ ବୃହତ ଜଳସେଚନ ବ୍ୟବସ୍ଥା ପାଇଁ ଦାବି କରିଥିଲେ। ଚାଷୀ ପ୍ରଭାତ କୁମାର ସାମଲ, ବି. ଶଙ୍କର ପାତ୍ର, ଭିକାରି ସ୍ୱାଇଁ, ଅମର ସ୍ୱାଇଁ, ସୁରେନ୍ଦ୍ର ସ୍ୱାଇଁ, ବାଉରୀବନ୍ଧୁ ସ୍ୱାଇଁ, ଇନ୍ଦ୍ର ସ୍ୱାଇଁ, ଜୟନ୍ତ ସ୍ୱାଇଁ, ଦୟାନିଧି ପଳତା, ଶ୍ରୀନିବାସ ମାଝୀ, ବଳି ଗୌଡ଼, ପ୍ରଫୁଲ୍ଲ କହଁର, ଅରକ୍ଷିତ ସାମଲ, ଗୋବର୍ଦ୍ଧନ ଗୌଡ଼, ବିକଳ ସ୍ୱାଇଁ, ନିମାଇଁ ସାହୁ, ବିଜୟ ଗୌଡ଼, ବଳି ଗୌଡ଼, ପ୍ରହ୍ଲାଦ ସାହୁ ଆଦି ଶତାଧିକ ଚାଷୀ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ଭାରତ ଭ୍ରମଣକାରୀଙ୍କୁ ସମ୍ବର୍ଦ୍ଧନା



ଭାରତ ଭ୍ରମଣକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଗଞ୍ଜାମ,୧।୧୨(ବିଦ୍ୟାଧର ସାହୁ)

ବିହାର ମଧୁବନି ଜିଲା ନାଗଦା ଗ୍ରାମରୁ ଭାରତ ଭ୍ରମଣରେ ବାହାରିଥିବା ୨୧ ବର୍ଷୀୟ ଯୁବକ ବଂଶୀଧର କୁମାର ଝାଙ୍କୁ ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ଦାମୋଦରପୁର ଗ୍ରାମରେ ସମ୍ବର୍ଦ୍ଧିତ କରାଯାଇଛି। ଓଡିଶା ସମ୍ବାଦିକ ସଂଘର ଗଞ୍ଜାମ ଜିଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରାଙ୍କ ନେତୃତ୍ୱରେ ସ୍ଥାନୀୟ ଶ୍ରୀହନୁମାନ ଯୁବକ ସଂଘ ପକ୍ଷରୁ ବଂଶୀଧରଙ୍କୁ ଶୁଭେଚ୍ଛା ଜଣାଇ ଦିଆଯାଇଛି। ତାଙ୍କର ରାତ୍ର ରହଣିର ସୁବ୍ୟବସ୍ଥା କରାଯିବା ସହ ଶୁକ୍ରବାର ସକାଳେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବଂଶୀଧର ଗତ ଜୁଲାଇ ୨୬ରୁ ଭାରତ ଭ୍ରମଣରେ ବାହାରି ୪ ଧାମ ଓ ୧୨ ଜ୍ୟୋର୍ତିଲିଙ୍ଗ ପରିଭ୍ରମଣ କରୁଛନ୍ତି। ସେ ବର୍ତ୍ତମାନ ସୁଦ୍ଧା ସାଇକେଲରେ ୧୧ହଜାର କି.ମି. ଅତିକ୍ରମ କରି ସାରିଥିବା ବେଳେ ଆଉ ୨ହଜାର କି.ମି. ଅତିକ୍ରମ କରିବାର ଅଛି ବୋଲି ସୂଚନା ଦେଇଛନ୍ତି।

# ପାଣ୍ଡିଆନଙ୍କୁ ଭେଟିଲେ ଆଇନଜୀବୀ ସଂଘ କର୍ମକର୍ତ୍ତା

ବ୍ରହ୍ମପୁର,୧।୧୨(ନରସିଂହ ସାହୁ)

**କନ୍ଧମାଳରେ ହେବ ରାଜ୍ୟ ସଂଘ ସମ୍ମିଳନୀ**

ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୫୨ତମ ଅଧିବେଶନ ଆସନ୍ତା ୨୯ ତାରିଖରୁ କନ୍ଧମାଳ ଜିଲାରେ ଅନୁଷ୍ଠିତ ହେବ। ଏଥିରେ ଯୋଗଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଏବଂ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ଶୁକ୍ରବାର ସଂଘ ଅଧ୍ୟକ୍ଷ ଜ୍ଞାନ ରଞ୍ଜନ ମହାନ୍ତି ଓ ସାଧାରଣ ସମ୍ପାଦକ ସଞ୍ଜିତ ପାଣିଗ୍ରାହୀ ପାଣ୍ଡିଆନଙ୍କୁ ଭେଟିଥିଲେ। ଭୁବନେଶ୍ୱରରୁ ଫେରିବା ପରେ ସଂଘ ସାଧାରଣ ସମ୍ପାଦକ ବ୍ରହ୍ମପୁରରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ସଂଘର ଅନୁରୋଧକୁ ରକ୍ଷା କରି ଉଭୟ ସମ୍ମିଳନୀରେ ଯୋଗଦେବେ ବୋଲି ଆଶା କରାଯାଇଛି। ୨ଦିନିଆ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେବାକୁ ଇତିମଧ୍ୟରେ ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ନିବେଦନ କରାଯାଇଛି। ଅନ୍ୟପକ୍ଷରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି, ପୂର୍ବତନ ପ୍ରଧାନ ବିଚାରପତି, ହାଇକୋର୍ଟ ବିଚାରପତି, ରାଜ୍ୟର ଆଇନ, ଅର୍ଥମନ୍ତ୍ରୀ, ଉପବାଚସ୍ପତି, ଭାରତର ଆର୍ଟର୍ଣ୍ଣି ଜେନେରାଲଙ୍କ ସମେତ ଲୋକସଭା ଓ ରାଜ୍ୟସଭା ସଦସ୍ୟମାନେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଫୁଲବାଣୀ ଆଇନଜୀବୀ ସଂଘ ଆନୁକୂଲ୍ୟରେ ହେବାକୁ ଥିବା ସମ୍ମିଳନୀରେ ରାଜ୍ୟର ୧୫୨ ଅନୁମୋଦିତ ବାର ଆସୋସିଏଶନର ୩ ହଜାରରୁ ଅଧିକ ସଦସ୍ୟ ଯୋଗଦେବାର ତାଲିକା ପ୍ରସ୍ତୁତ ହୋଇଛି। ସାଧାରଣ ସମ୍ପାଦକ କହିବାନୁସାରେ ପାଣ୍ଡିଆନଙ୍କୁ ସାକ୍ଷାତ ଅବସରରେ ରାଜ୍ୟ ଆଇନଜୀବୀମାନଙ୍କ ବିଭିନ୍ନ ସମସ୍ୟା ଅବଗତ କରାଯାଇଥିଲା। ଆଡ଼ଭୋକେଟ ଏକାଡ଼େମୀ ପ୍ରତିଷ୍ଠା ଲାଗି ଦାବି କରାଯାଇଥିଲା। ସହାନୁଭୂତି ସହ ବିଚାର କରାଯିବାର ଆଶ୍ୱାସନା ମିଳିଛି ବୋଲି ପାଣିଗ୍ରାହୀ କହିଛନ୍ତି।

# ଏଡ୍‌ସ ରୋକିବାକୁ ସଚେତନତା ଲୋଡ଼ା




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

କୋଦଳା,୧।୧୨(ଅମିତ କୁମାର ପଟ୍ଟନାୟକ):

ଏଡ୍‌ସ ସଂକ୍ରମଣରୁ ଦୂରେଇ ରହିବାକୁ ହେଲେ ସଚେତନତା ଲୋଡା ବୋଲି କୋଦଳା ଲକ୍ଷ୍ମୀ ନାରାୟଣ ସ୍ନାତକ ମହାବିଦ୍ୟାଳୟରେ ଅନୁଷ୍ଠିତ ବିଶ୍ୱ ଏଡ୍‌ସ ଦିବସ ଅବସରରେ ଅତିଥିମାନେ କହିଛନ୍ତି। ଯୁବ ରେଡକ୍ରସ ଅଧିକାରୀ ରତ୍ନାକର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ରଘୁନାଥ ମୁଦୁଲି ସଭାପତିତ୍ୱ କରିଥିଲେ। ଅଧ୍ୟାପକ ବିଷ୍ଣୁ ନାରାୟଣ ସେଠି, ଜାତୀୟ ସେବା ଶିବିର କାର୍ଯ୍ୟକ୍ରମ ଅଧିକାରୀ ପ୍ରଦୀପ କୁମାର ପଣ୍ଡା, ସାଗରିକା ଦାସ ଏବଂ ଅଧ୍ୟାପିକା ରଞ୍ଜୁବାଳା ନନ୍ଦ ପ୍ରମୁଖ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଏଡ୍‌ସ ରୋଗର ଲକ୍ଷଣ ଏବଂ ନିରାକରଣ ଓ ପ୍ରତିଷେଧକ ଉପରେ ଆଲୋକପାତ କରିଥିଲେ। ମୁଖ୍ୟତଃ ସଚେତନତା ଉପରେ ଅତିଥିମାନେ ଗୁରୁତ୍ୱ ଦେଇଥିଲେ।

# ଅଲିଭ ରିଡ୍‌ଲେଙ୍କ ଆଗମନକୁ ନେଇ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀ ଓ ସ୍ୱେଚ୍ଛାସେବୀ।

ବ୍ରହ୍ମପୁର,୧।୧୨(ସ୍ମୃତି ରଞ୍ଜନ ମହାଲିକ)

ଅଲିଭ ରିଡ୍‌ଲେ କଇଁଛଙ୍କ ଆଗମନକୁ ନେଇ ବନ ବିଭାଗ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନି ଖୋଖରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ରୂପେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସଞ୍ଜୟ ସ୍ୱାଇଁ ଯୋଗ ଦେଇଥିଲେ। ବିଗତବର୍ଷ ଋଷିକୁଲ୍ୟା ମୁହାଣକୁ ସର୍ବାଧିକ କଇଁଛ ସାମୂହିକ ଅଣ୍ଡାଦାନ ପାଇଁ ଆସିଥିଲେ। ଏହାକୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ବ୍ରହ୍ମପୁର ବନଖଣ୍ଡ ଅନ୍ତର୍ଗତ ପ୍ରୟାଗୀଠାରୁ ଅନନ୍ତରାୟପୁର ପର୍ଯ୍ୟନ୍ତ ପ୍ରାୟ ୫୨ କି.ମି. ବେଳାଭୂମିରେ କଇଁଛମାନେ ସାମୂହିକ ଅଣ୍ଡାଦାନ କରିଥାନ୍ତି। ଏଥିମଧ୍ୟରୁ ପୋଡମପେଟାଠାରୁ ପୁରୁଣାବନ୍ଧ ପର୍ଯ୍ୟନ୍ତ ୫ କି.ମି. ବେଳାଭୂମିରେ ଅଧିକ କଇଁଛ ଅଣ୍ଡାଦାନ କରିଥାନ୍ତି। ବନ ବିଭାଗ ପକ୍ଷରୁ ପୋଡମପେଟାଠାରୁ ପୁରୁଣା ବନ୍ଧ ଯାଏଁ ୫୦ଟି ଜୋନରେ ବିଭକ୍ତ କରାଯାଇଛି। ପ୍ରତି ଜୋନରେ ୫ ଜଣିଆ ଟିମ କଇଁଛ ଓ ଅଣ୍ଡାର ସୁରକ୍ଷା ପାଇଁ ନିୟୋଜିତ ହେବେ। ଗତବର୍ଷ ସମସ୍ତ ବିଭାଗର ସମନ୍ୱୟ ଓ ସହଯୋଗ କାରଣରୁ ସଫଳତାର ସହ ବନ ବିଭାଗ ପରିଚାଳନା କରି ସାମୂହିକ ଅଣ୍ଡାଦାନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସ୍ଥାପନ କରିଥିଲା ବୋଲି ମୁଖ୍ୟ ଅତିଥି ସ୍ୱାଇଁ କହିଥିଲେ। ଚଳିତ ବର୍ଷ ଗ୍ରୀନ ସାମୁଦ୍ରିକ କଇଁଛ ଆଗମନ ଓ ତାହାର ସ୍ଥିତିକୁ ବେଶୀ ଗୁରୁତ୍ୱ ଦିଆଯିବ। କଇଁଛଙ୍କ ଅଣ୍ଡାକୁ ସୁରକ୍ଷା ପାଇଁ ଅଣ୍ଡାଦାନ ହେଉଥିବା ୧ କିଲୋମିଟରରେ ଜିଆଇ ତାର ଦ୍ୱାରା ସୁରକ୍ଷା ବାଡ ନିର୍ମାଣ କରାଯିବ ବୋଲି ବ୍ରହ୍ମପୁର ବନଖଣ୍ଡ ଅଧିକାରୀ କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୋପାଳପୁର ଜୁଲୋଜିକାଲ ସର୍ଭେ ଅଫ ଇଣ୍ଡିଆର ପରିଚାଳନା ମୁଖ୍ୟ ଅନୀଲ ମହାପାତ୍ର, ଟାଟା ଏସଇଜେଡର ପରିଚାଳନା ମୁଖ୍ୟ ରକି ମାର୍ଟିନ, ଅତିରିକ୍ତ ବନ ସଂରକ୍ଷକ ପ୍ରଭାକର ନାୟକ, ମନୋଜ ପାତ୍ର, ଡବ୍ଲ୍ୟୁଡବ୍ଲ୍ୟୁଏଫର ରାଜ୍ୟ ସଂଯୋଜିକା ସ୍ୱାଦ୍ଧିତ୍ତି ସିନ୍ଦୁରା, ବନାଞ୍ଚଳ ଅଧିକାରୀ ସିଦ୍ଧାର୍ଥ ଶଙ୍କର ସାହୁ, ଦିବ୍ୟ ରଞ୍ଜନ ସାହୁ, ତଟରକ୍ଷୀ ବାହିନୀର କମାଣ୍ଡିଂ ଅଧିକାରୀ କମାଣ୍ଡାଣ୍ଟ ପ୍ରତିପ ମୋଦକ, ମତ୍ସ୍ୟ ବିଭାଗ ଅଧିକାରୀ ସୁବ୍ରତ ପଟ୍ଟନାୟକଙ୍କ ସମେତ ମତ୍ସ୍ୟଜୀବୀ ସଂଘ, ସ୍ଥାନୀୟ ଗ୍ରାମବାସୀ, ଗୋପାଳପୁର ପୋର୍ଟର କର୍ମଚାରୀଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟମାନେ ଉପସ୍ଥିତ ଥିଲେ।

# 'ମୃତ୍ୟୁ ଶୂନ୍ୟ ସପ୍ତାହ' ଆରମ୍ଭ ଦିନରୁ ବିଫଳ

ଭୁବନେଶ୍ୱର, ୧।୧୨(ସୁନିତ୍ ମିଶ୍ର)

■ ରାସ୍ତାକଡ଼ ବେଆଇନ ପାର୍କିଂ ହଟାଇପାରୁନାହାନ୍ତି

ରାଜ୍ୟ ସରକାରଙ୍କ ପରିବହନ ବିଭାଗ ପକ୍ଷରୁ ଶୁକ୍ରବାର ଠାରୁ 'ମୃତ୍ୟୁ ଶୂନ୍ୟ ସପ୍ତାହ' ଆରମ୍ଭ ହୋଇଯାଇଛି। ପରିବହନ ବିଭାଗ ପକ୍ଷରୁ ଏସ୍ଓପି ପ୍ରସ୍ତୁତ କରି ବିଭିନ୍ନ ବିଭାଗ, ରାଜ୍ୟର ସବୁ ଆର୍‌ଟିଓ ଅଫିସ୍ ଏବଂ ଏନ୍ଏଚ୍ଏଆଇ ସମେତ ପୋଲିସ ଡିଜିଙ୍କୁ ମଧ୍ୟ ପଠାଯାଇଛି। ସେହି ଏସ୍ଓପି ଅନୁଯାୟୀ ରାଜ୍ୟରେ କଡ଼ାକଡ଼ି ଚେକିଂ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ସପ୍ତାହ ପାଳନର ଆରମ୍ଭ ଦିନରୁ ହିଁ ରାଜ୍ୟର ବିଭିନ୍ନ ସ୍ଥାନରେ ଟ୍ରାଫିକ ଚେକିଂ କଡ଼ାକଡ଼ି କରାଯାଇଛି। ହେଲେ ଏହି ସପ୍ତାହ ପାଳନ ଆରମ୍ଭ ଦିନକୁ କାର୍ଯ୍ୟକ୍ରମ ଏକ ପ୍ରକାର ବିଫଳ ହୋଇଛି। ମୁଖ୍ୟତଃ ମଦ୍ୟପ ଗାଡ଼ି ଚାଳକ, ବିନା ହେଲ୍‌ମେଟ୍‌ରେ ଗାଡ଼ି ଚାଳନା କରୁଥିବା ଚାଳକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି କୁହାଯାଇଛି। ସେହିପରି ହେଲ୍‌ମେଟ୍ ନ ଥିଲେ ପେଟ୍ରୋଲ ନ ଦେବା ଲାଗି ପେଟ୍ରୋଲ ପମ୍ପଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ଏସବୁ ଭିତରେ ମୃତ୍ୟୁ ଶୂନ୍ୟ ସପ୍ତାହ ପାଳନ ଆରମ୍ଭ ଦିନରୁ ହିଁ ତାରିଣୀଙ୍କ ଦର୍ଶନ ଲାଗି ଯାଇଥିବା ପରିବାର ଦୁର୍ଘଟଣାର ଶିକାର ହେବା ଦ୍ୱାରା ୮ ଜଣଙ୍କ ଜୀବନ ଚାଲିଯାଇଛି। ମୃତ୍ୟୁ ଶୂନ୍ୟ ସପ୍ତାହ ପାଳନର ଆରମ୍ଭ ଦିନ ହିଁ ଏଭଳି ଭୟଙ୍କର ଦୁର୍ଘଟଣା ପରିବହନ ବିଭାଗ ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ କରିଛି। ତାରିଣୀ ଦର୍ଶନ ଲାଗି ଯିବା ସମୟରେ ରାସ୍ତା ଉପରେ ଠିଆ ହୋଇଥିବା ଏକ ଟ୍ରକ୍‌କୁ ଧକ୍କାଦେବାରୁ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି।

ତେବେ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ବାରମ୍ବାର ଚିଠି ଲେଖି ରାସ୍ତା ଉପରେ ବେଆଇନ ଭାବେ ପାର୍କିଂ କରୁଥିବା ଗାଡ଼ି ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ନିର୍ଦ୍ଦେଶ ଦେଉଛନ୍ତି। ଗତ ଜୁନ୍ ୨୧ରେ ପାଢ଼ୀ ଏନେଇ ଚିଫ୍ ଜେନେରାଲ ମ୍ୟାନେଜର, ଏନ୍ଏଚ୍ଆଇଙ୍କୁ ଚିଠି ଲେଖି ଏ ବାବଦରେ ଅବଗତ କରାଇଥିଲେ। ବେଆଇନ ପାର୍କିଂ କାରଣରୁ ହିଁ ଏନ୍ଏଚ୍ ଉପରେ ଅଧିକ ଦୁର୍ଘଟଣା ଘଟୁଥିବା ସେ ତାଙ୍କ ଚିଠିରେ ଉଲ୍ଲେଖ କରିଥିଲେ। ତଥାପି ମଧ୍ୟ କିଛି ଫରକ ପଡୁନାହିଁ। କେବଳ ଏଇ ଗୋଟିଏ ଚିଠି ନୁହେଁ ଏଭଳି ବହୁ ଚିଠି ଗତ ୬ ମାସ ମଧ୍ୟରେ ପାଢ଼ୀ ବିଭିନ୍ନ ବିଭାଗକୁ କରିଥିଲେ ସୁଦ୍ଧା ରାଜ୍ୟରେ ଦୁର୍ଘଟଣା କମିବାର ନାଁ ଧରୁନାହିଁ।

ଅନ୍ୟପଟେ ମୃତ୍ୟୁ ଶୂନ୍ୟ ସପ୍ତାହକୁ ନେଇ ଟାର୍ଗେଟ କରିଛି ଭାଜପା। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ଡିସେମ୍ବରର ପ୍ରଥମ ସପ୍ତାହକୁ 'ମୃତ୍ୟୁ ଶୂନ୍ୟ ସପ୍ତାହ' ଭାବେ ପାଳନ କରାଯାଉଛି। କିନ୍ତୁ ପ୍ରଥମ ଦିନରେ ହିଁ ରାଜ୍ୟରେ ୩ଟି ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଯାଇଛି। ପ୍ରଥମ ଦୁର୍ଘଟଣାଟି କେନ୍ଦୁଝର ଜିଲା ଘଟଗାଁରେ ହୋଇଥିଲା ଓ ସେଠାରେ ୮ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଅନ୍ୟଟି ସମ୍ବଲପୁର ଜିଲା ଜମନକିରା ଅନ୍ତର୍ଗତ ଚିନିମହୁଲଠାରେ ହୋଇଥିଲା ଏବଂ ସେଠାରେ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ଭଦ୍ରକ ନିକଟରେ ଘଟିଥିବା ସଡକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ଗତବର୍ଷର ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ଗତ ୫ ବର୍ଷର ସମସ୍ତ ରେକର୍ଡ ଭାଙ୍ଗିଛି। ସଡ଼କ ଦୁର୍ଘଟଣାରେ ୨୦୨୨ରେ ୫ ହଜାର ୪୬୭ ଜଣ ମୃତ୍ୟୁ ହୋଇଥିବାବେଳେ ୧୧୬୬୩ ଆହତ ହୋଇଛନ୍ତି। ଗତ ୫ ବର୍ଷରେ ମୋଟ ୫୪୭୯୦ ସଡ଼କ ଦୁର୍ଘଟଣା ହୋଇଛି ସେଥିରୁ ୨୫୯୩୪ ଜଣ ମୃତ୍ୟୁବରଣ କରିଥିବାବେଳେ ୫୧୮୭୩ ଆହତ ହୋଇଛନ୍ତି। ଅନ୍ୟପଟେ ରାଜ୍ୟ ସରକାର ସଡ଼କ ସଚେତନତା ବାବଦକୁ ୫ ବର୍ଷରେ ୭୯ କୋଟି ୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି ବୋଲି କହୁଛନ୍ତି। ଯଦି ରାଜ୍ୟ ସରକାର ସଡ଼କ ଦୁର୍ଘଟଣା ପାଇଁ ଏତେ ଚିନ୍ତିତ ତା'ହେଲେ ରାଜ୍ୟରେ ଏତେ ପରିମାଣରେ ଦୁର୍ଘଟଣା କିପରି ବଢୁଛି ତାହାର ଉତ୍ତର ରାଜ୍ୟ ସରକାର ଦିଅନ୍ତୁ ବୋଲି ସେ ପ୍ରଶ୍ନ କରିଛନ୍ତି।

# ବେଆଇନ ପାର୍କିଂ ନେଉଛି ଜୀବନ

କେନ୍ଦୁଝର, ୧।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ)



ରାସ୍ତାକଡ଼ରେ ବେଆଇନ ଟ୍ରକ୍ ପାର୍କିଂ ହୋଇଛି।

ଦୁର୍ଘଟଣା ରୋକିବା ପାଇଁ ଶୁକ୍ରବାରଠାରୁ ସଡ଼କ ସୁରକ୍ଷା ସପ୍ତାହ ଆରମ୍ଭ ହୋଇଛି। ତେବେ ପ୍ରଥମ ଦିନରେ କେନ୍ଦୁଝର ଜିଲା ଘଟଗାଁ ଥାନା ଅଞ୍ଚଳରେ ଏକ ଦୁର୍ଘଟଣାରେ ୮ ଜଣଙ୍କ ମୃତ୍ୟୁ ଘଟିବା ପ୍ରଶାସନର ଚିନ୍ତା ବଢ଼ାଇଦେଇଛି। ଜାତୀୟ ରାଜପଥରେ ପାଟ୍ରୋଲିଂ ପାଇଁ ଏନ୍ଏଚ୍ଏଆଇ ପକ୍ଷରୁ ବ୍ୟବସ୍ଥା ରହିଥିଲେ ମଧ୍ୟ ଠିକ୍ ଭାବରେ କାର୍ଯ୍ୟକାରୀ କରାଯାଉ ନ ଥିବାରୁ ଜିଲା ଦେଇ ଯାଇଥିବା ଏନ୍ଏଚ୍‌ର ବିଭିନ୍ନ ସ୍ଥାନରେ ବେଆଇନ ପାର୍କିଂ ହେଉଛି। ଏହାଦ୍ୱାରା ଅନେକ ସମୟରେ ଏଭଳି ଦୁର୍ଘଟଣାମାନ ଘଟୁଛି। ଗୁରୁବାର ପାଟ୍ରୋଲିଂ କରାଯାଇଥିଲେ ବ୍ରେକ୍ ଡାଉନ ଗାଡ଼ିକୁ କ୍ରେନ୍ ସହାୟତାରେ ରାସ୍ତାରୁ ସାଇଡ୍ କରାଯାଇପାରିଥାନ୍ତା। ନଚେତ୍ ବ୍ୟାରିକେଡ୍ ଦେଇ ସତର୍କ ସୂଚନା ଲଗାଯାଇ ଦୁର୍ଘଟଣାକୁ ରୋକାଯାଇପାରିଥାନ୍ତା ବୋଲି ମତ ପ୍ରକାଶ ପାଇଛି।

ପ୍ରକାଶ ଯେ, ଜିଲାରେ ସଡ଼କ ଦୁର୍ଘଟଣା ରୋକିବା ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ, ଧରପଗଡ଼ କରାଯାଉଛି। ମାତ୍ର ଦ୍ରୁତଗତିରେ ବେପାରୁଆ ଭାବରେ ଗାଡ଼ି ଚାଳନା, ମଦ୍ୟପାନ କରି ଗାଡ଼ିଚାଳନା, ବେଆଇନ ପାର୍କିଂ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ବିନା ପାର୍କିଂ ବ୍ୟବସ୍ଥାରେ ରାସ୍ତାକଡ଼ରେ ଢାବା, ଦୋକାନ ବଜାର ଗଢ଼ି ଉଠୁଥିବାରୁ ଡ୍ରାଇଭର ଗାଡ଼ିଗୁଡ଼ିକ ରାସ୍ତା ଉପରେ ରଖି ଖାଇବାକୁ ଯାଉଛନ୍ତି। ବିଶେଷକରି କେନ୍ଦୁଝର ଜିଲା ଘଟଗାଁ, ସଦର, ଟାଉନ, ଝୁମ୍ପୁରା ଆଦି ଥାନା ଅଞ୍ଚଳରେ ଏନ୍ଏଚ୍-୨୦ ଉପରେ ବହୁ ସଂଖ୍ୟାରେ ବେଆଇନ ଭାବରେ ଟ୍ରକ୍ ପାର୍କିଂ ହେଉଛି। ଏନ୍ଏଚ୍ଏଆଇ ବିଭାଗ ମଧ୍ୟ ଏ ନେଇ ନିୟମିତ ପାଟ୍ରୋଲିଂ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଫଳରେ ଛିଡ଼ା ହୋଇଥିବା ଗାଡ଼ି ପଛରେ ଅନ୍ୟ ଗାଡ଼ି ପିଟିହୋଇ ଅନେକ ଜୀବନ ଯାଉଛି। ଆଞ୍ଚଳିକ ପରିବହନ ଅଧିକାରୀ ଗୋପାଳକୃଷ୍ଣ ଦାସ କହିଛନ୍ତି, ରାସ୍ତା ଉପରେ ଛିଡ଼ା କରୁଥିବା ଗାଡ଼ି ମାଲିକ ଓ ଚାଳକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବ୍ରେକ୍ ଡାଉନ ଟ୍ରକ୍‌ଗୁଡ଼ିକ ହଟାଇବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ। ଘଟଗାଁ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗେଇ କହିଛନ୍ତି, ଗୁରୁବାର ପାଟ୍ରୋଲିଂ ଦାୟିତ୍ୱରେ ଥିବା କର୍ମଚାରୀ ଆନ୍ଦୋଳନରେ ଥିବାରୁ ପାଟ୍ରୋଲିଂ କରି ନ ଥିଲେ। ଶୁକ୍ରବାର ସକାଳେ ସୂଚନା ପାଇ ଏନ୍ଏଚ୍ଏଆଇର ପାଟ୍ରୋଲିଂ ଗାଡ଼ି ଆସି ଉଦ୍ଧାର କାର୍ଯ୍ୟରେ ସହାୟତା କରିଥିଲା ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ଘଟଣାରେ ଏନ୍ଏଚ୍ଏଆଇ ବିରୋଧରେ ପ୍ରଶାସନ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ସଡ଼କ ସୁରକ୍ଷା ସପ୍ତାହର ପ୍ରଥମ ଦିନରେ ଗଡ଼ିଲା ୮ ମୁଣ୍ଡ

## ୯ମାସରେ ୫୭୬ ଦୁର୍ଘଟଣା, ୧୮୬ ମୃତ

୨୦୨୩ ଜାନୁୟାରୀରୁ ସେପ୍ଟେମ୍ବର ମଧ୍ୟରେ ୫୭୬ ଦୁର୍ଘଟଣାରେ ୧୮୬ ଜଣ ମୃତ୍ୟୁ ଘଟିଥିବା ବେଳେ ୪୭୯ ଆହତ ହୋଇ ବିକଳାଙ୍ଗ ହୋଇଛନ୍ତି। ୨୦୨୨ରେ ୪୮୭ଟି ଦୁର୍ଘଟଣାରେ ୨୭୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୬୮ ଜଣ ଆହତ ହୋଇଥିଲେ। ଗତ ବର୍ଷଠାରୁ ଚଳିତ ବର୍ଷ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଇଛି।

# ଶୋକରେ ବୁଡ଼ିଲା ଦିଗପହଣ୍ଡି

ବ୍ରହ୍ମପୁର/ଦିଗପହଣ୍ଡି, ୧।୧୨
(ଅଶୋକ କୁମାର ସାହୁ/ଅଶେଷ ନାଥ ମିଶ୍ର)



ଗଞ୍ଜାମ ଜିଲା ଖେମୁଣ୍ଡି ମହାବିଦ୍ୟାଳୟ ନିକଟରେ ବସ୍ ଟ୍ରାଜେଡିରେ ଗୋଟିଏ ପରିବାରର ୧୨ ଜଣ ସଦସ୍ୟ, ସମ୍ପର୍କୀୟଙ୍କର ମୃତ୍ୟୁ ଘଟଣାର ଭୟାବହ ଚିତ୍ର ଲୋକଙ୍କ ମନରୁ ନ ଲିଭୁଣୁ ଠିକ ୫ ମାସ ପରେ ଆଉ ଏକ ଦୁଃଖଦ ଘଟଣା ଦିଗପହଣ୍ଡି ଅଞ୍ଚଳବାସୀଙ୍କୁ ପୁଣି ସ୍ତବ୍ଧ କରିଦେଇଛି। କେଇ ମିନିଟରେ ସବୁ ଛାରଖାର ହୋଇଯାଇଛି। ଶୁକ୍ରବାର ଭୋର ସମୟରେ କେନ୍ଦୁଝର ଜିଲା ଘଟଗାଁ ନିକଟରେ ହୋଇଥିବା ମର୍ମନ୍ତୁଦ ଦୁର୍ଘଟଣାରେ ଦିଗପହଣ୍ଡି ଓ ସାନଖେମୁଣ୍ଡି ବ୍ଲକର ୮ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଦିଗପହଣ୍ଡି ବ୍ଲକ ପାଲଝାଡି, ଦେଓଖାଳି ଏବଂ ସାନଖେମୁଣ୍ଡି ବ୍ଲକ ପୋଡାମାରୀ ଓ ବଡାଗଡ଼ ଗ୍ରାମର। ମୃତକଙ୍କ ମଧ୍ୟରେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ରେଣୁବାଳା ପ୍ରଧାନ ଓ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନଙ୍କ ସମ୍ପର୍କୀୟ ଥିବା କୁହାଯାଉଛି। ବଡାଗଡ ଗ୍ରାମର ମଦନ ଗୌଡଙ୍କ ସହ ପୁଅ ବାୟାଘନ ଗୌଡ ଓ ତାଙ୍କ ପୁଅ ରୁଦ୍ର ଗୌଡଙ୍କ ମୃତ୍ୟୁ ହୋଇଛି। ସେହିପରି ଚଷାନିମଖଣ୍ଡି ପଞ୍ଚାୟତ ଅନ୍ତର୍ଗତ ପାଲଝାଡି ଗ୍ରାମର ପାମିନି ଗୌଡ ଓ ଦେଓଖାଳି ଗ୍ରାମର ବାବୁଲା ଗୌଡଙ୍କ ବି ମୃତ୍ୟୁ ହୋଇଛି। ଗାଁ କାନ୍ଦବୋବାଳିରେ ଫାଟି ପଡୁଛି। କିଏ ବାପାକୁ ହରାଇ ଦୁଃଖରେ ଭାଙ୍ଗିପଡିଛି ତ ଆଉ କିଏ ଭାଇକୁ ହରାଇ ବାହୁନି ବାହୁନି କାନ୍ଦୁଛି। ସବୁଠି ଶୋକାକୁଳ ପରିବେଶ। ପୋଡାମାରି ସରପଞ୍ଚ ସନ୍ତୋଷ ବିଷୋୟୀ ଖବରପାଇ ଦୁର୍ଘଟଣାସ୍ଥଳକୁ ଯାଇଛନ୍ତି। ବିଳମ୍ବିତ ରାତିରେ ମୃତଦେହଗୁଡିକ ଗାଁରେ ପହଞ୍ଚିବ ବୋଲି କହିଛନ୍ତି।

### ଶବଦାହ ପାଇଁ ଗ୍ରାମବାସୀଙ୍କ ପ୍ରସ୍ତୁତି

ଶବଦାହ ପାଇଁ ବଡାଗଡ ଗ୍ରାମବାସୀଙ୍କ ପ୍ରସ୍ତୁତି ଚାଲିଛି। ଗାଁରେ କେତେବେଳେ ମୃତଦେହ ପହଞ୍ଚିବ ସେଥିପାଇଁ ଗ୍ରାମବାସୀ ଅପେକ୍ଷା କରି ରହିଛନ୍ତି। ଉକ୍ତ ଗାଁର ବାୟାଘନ ଗୌଡଙ୍କ ସହ ପରିବାରର ୫ଜଣଙ୍କ ମୃତ୍ୟୁ ହୋଇଛି। ବାୟାଘନ, ତାଙ୍କ ପୁଅ, ନାତି, ଝିଅ ଓ ଜ୍ୱାଇଁଙ୍କ ମୃତ୍ୟୁ ଘଟିଛି। ପ୍ରତ୍ୟେକଙ୍କ ଘରୁ କାଠ ସଂଗ୍ରହ କରାଯାଉଛି। ଏ ସଂକ୍ରାନ୍ତରେ ଗ୍ରାମର ଧନେଶ୍ୱର ଗୌଡ କହିଛନ୍ତି ଯେ, ଭଗବାନଙ୍କ କ'ଣ ଇଚ୍ଛା ଥିଲା ଏଭଳି ଦୁର୍ଘଟଣା ଘଟିଲା। ଆଉ ତାଙ୍କୁ ଦେଖିବାକୁ ମିଳିବ ନାହିଁ।

### ମୃତକଙ୍କ ମଧ୍ୟରେ ରେଣୁବାଳାଙ୍କ ୩ ସମ୍ପର୍କୀୟ

କେନ୍ଦୁଝର ଜିଲା ଘଟଗାଁ ନିକଟରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ରେଣୁବାଳା ପ୍ରଧାନଙ୍କ ଯାଆ ମିତା ପ୍ରଧାନ, ପୁତୁରା ଆକାଶ ପ୍ରଧାନ ଓ ତାଙ୍କ ପତ୍ନୀ ଲିଜାଙ୍କ ମୃତ୍ୟୁ ଘଟିଛି। ଠିକ ସେହିପରି ଜୁନ ୨୫ ତାରିଖରେ ରାତି ପ୍ରାୟ ସାଢ଼େ ୧୨ଟାରେ ଖେମୁଣ୍ଡି ନିକଟରେ ଘଟିଥିବା ବସ୍ ଦୁର୍ଘଟଣାରେ ୧୨ଜଣଙ୍କ ମୃତ୍ୟୁ ହୋଇଥିଲା। ଭୋଜି ଖାଇ ଏକ ମିନି ବସ୍ ଯୋଗେ ଫେରୁଥିବା ବେଳେ ଦିଗପହଣ୍ଡି ସହର ଉପକଣ୍ଠ ଖେମୁଣ୍ଡି କଲେଜ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ସେତେବେଳେ ମଧ୍ୟ ପୂର୍ବତନ ରାଜ୍ୟ ସଭା ସଦସ୍ୟ ରେଣୁବାଳା ପ୍ରଧାନଙ୍କ ୩ ଜଣ ଝିଆରୀ, ଜ୍ୱାଇଁ, ଦିଅର, ଦଦେଇ ଶ୍ୱଶୁର, ଭଣଜା ଓ ନାତି ପ୍ରାଣ ହରାଇଥିଲେ। କାହିଁକି ତାଙ୍କ ପରିବାର ଉପରେ ଏଭଳି ଦୁଃଖର ବାଦଲ ଢାଙ୍କି ହୋଇଯାଉଛି ବୋଲି ଅଞ୍ଚଳବାସୀ କୋହଭରା କଣ୍ଠରେ କହିଛନ୍ତି।

# ବିଦ୍ୟାଳୟ ପରିସରରେ ବିଦ୍ୟୁତ୍ ଆଘାତରେ ୨ ଛାତ୍ର ଗୁରୁତର

ସୋର, ୧।୧୨(ଜନ୍ମେଜୟ ମିଶ୍ର)

ସୋର ବ୍ଲକ ସବିରା ପଞ୍ଚାୟତ ସବିରା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବା ବେଳେ ୨ଜଣ ଛାତ୍ର ବିଦ୍ୟୁତ ଆଘାତରେ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ପ୍ରଥମେ ସୋର ଡ଼ାକ୍ତରଖାନା ଓ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଶୁକ୍ରବାର ମଧାହ୍ନରେ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଚାଲିଥିବା ବେଳେ ନବମ ଶ୍ରେଣୀ ଛାତ୍ର ମନୋରଞ୍ଜନ ପାଣିଗ୍ରାହୀ ଏବଂ ରତିକାନ୍ତ ପାଢ଼ୀ ଷ୍ଟିଲ ପାଇପରେ ଲାଗିଥିବା ପତାକାକୁ ଧରିଥିଲେ। କିନ୍ତୁ ଅସାବଧାନତାବଶତଃ ପଡିଆ ନିକଟ ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ ତାରରେ ଉକ୍ତ ଷ୍ଟିଲ ପାଇପ ଲାଗିଯିବାରୁ ବିଦ୍ୟୁତ ଆଘାତର ଶିକାର ହୋଇ ଗୁରୁତର ହୋଇପଡିଥିଲେ। ଏହା ଦେଖି ସ୍କୁଲ ଶିକ୍ଷକ ଓ ଅଭିଭାବକମାନେ ଉଭୟଙ୍କୁ ଉଦ୍ଧାର କରିଥିଲେ।

# ଲଖନପୁରଠାରେ ପ୍ରତିଷ୍ଠା ହେବ ଆଇଟିଆଇ

ଭୁବନେଶ୍ୱର, ୧।୧୨(ଅନିଲ ଦାସ)

■ ୨୪.୪୮ କୋଟି ଟଙ୍କା ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ
■ ଜିଲା ଖଣିଜ ପାଣ୍ଠିରୁ ଅର୍ଥ ବିନିଯୋଗ ହେବ

ଝାରସୁଗୁଡ଼ା ଜିଲାର ଲଖନପୁରଠାରେ ଏକ ଆଇଟିଆଇ ପ୍ରତିଷ୍ଠା ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଏହାକୁ ଅନୁମୋଦନ କରିବା ସହ ଏଥିପାଇଁ ୨୪ କୋଟି ୪୮ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏହି ଅର୍ଥ ଜିଲା ଖଣିଜ ପାଣ୍ଠିରୁ ବିନିଯୋଗ କରାଯିବ।

ସୂଚନାଯୋଗ୍ୟ, ଝାରସୁଗୁଡ଼ା ଜିଲା ଏକ ଖଣିବହୁଳ ଅଞ୍ଚଳ। ଏଠାରେ ଖଣି ଉତ୍ତୋଳନ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାମ ପାଇଁ ଦକ୍ଷ ମାନବ ସମ୍ବଳର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏଠାରେ ଆଇଟିଆଇ ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ନୂତନ ଆଇଟିଆଇରେ ୯ଟି ବିଷୟରେ ପ୍ରଶିକ୍ଷଣ ଦିଆଯିବ। ମଞ୍ଜୁର ହୋଇଥିବା ଅର୍ଥରେ ଏକାଡେମିକ ଓ ୱାର୍କଶପ୍ ବିଲ୍ଡିଂ ନିର୍ମାଣ କରାଯିବା ସହିତ ବିଭିନ୍ନ ଉପକରଣ ଓ ଯନ୍ତ୍ରପାତି କିଣାଯିବ।

ପ୍ରଥମ ପୃଷ୍ଠାରୁ...

### ଟ୍ରକ୍ ପଛରେ...

ଘଟଣାସ୍ଥଳରେ ୭ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୧୩ ଜଣ ଗୁରୁତର ହୋଇଥିଲେ। ଖବର ପାଇ ଘଟଗାଁ ଥାନା ଆଇଆଇସି ଅଞ୍ଜନ ପାତ୍ର, ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗଇ ସଦଳବଳ ପହଞ୍ଚି ଘଟଗାଁ ଅଗ୍ନିଶମ ବିଭାଗ ସହାୟତାରେ ସମସ୍ତଙ୍କୁ ଉଦ୍ଧାର କରିଥିଲେ। ଘସିପୁରା ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପାତ୍ର, କେନ୍ଦୁଝର ଆର୍‌ଟିଓ ଏବଂ ଏମ୍‌ଭିଆଇଙ୍କ ସମେତ ବହୁ ସାମାଜିକ କର୍ମୀ ଆମ୍ବୁଲାନ୍ସ ଡାକି ଗୁରୁତରମାନଙ୍କୁ ଚିକିତ୍ସା ନିମନ୍ତେ ଘଟଗାଁ ଡାକ୍ତରଖାନାକୁ ପଠାଇଥିଲେ। ଗୁରୁତର ଥିବା ରୁଦ୍ରଙ୍କ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରେ ମୃତ୍ୟୁ ଘଟିଥିଲା। କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେ ଓ ଏସ୍‌ପି ନୀତିନ୍ କୁଶଲକର ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ଘଟଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସମସ୍ତ ୧୨ ଗୁରୁତର ହରିଓମ୍ ଗୌଡ଼(୧୭), ବାସନ୍ତୀ ଗୌଡ଼(୪୦), ଚିନ୍ମୟ ଗୌଡ଼(୧୭), ଶାଳିନୀ ଗୌଡ଼(୬), ମାମା ଗୌଡ଼(୨୩), ସୁରୋଜ ଗୌଡ଼(୪), ରଞ୍ଜିତା ଗୌଡ଼(୧୬), ସାଇରାମ ଗୌଡ଼(୩), ସନ୍ତୋଷିନୀ ଗୌଡ଼(୧୭), କୁନା ଗୌଡ଼(୩୦), ଝୁମୁରି ଗୌଡ଼(୩୫) ଓ ଜଗଦୀଶ ଗୌଡ଼(୩୫)ଙ୍କୁ କେନ୍ଦୁଝର ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ୧୧ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଗୋଟିଏ ପରିବାରର ୩ ଜଣ ମୃତକ ପୂର୍ବତନ ଏମ୍‌ପି ରେଣୁବାଳା ପ୍ରଧାନଙ୍କ ସମ୍ପର୍କୀୟ ବୋଲି ଜଣାଯାଇଛି। ଜିଲାପାଳଙ୍କ ଉପସ୍ଥିତିରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ସମସ୍ତ ମୃତକଙ୍କ ବ୍ୟବଚ୍ଛେଦ କରାଯାଇଛି। ୪ ମହାପ୍ରାୟଣ ଗାଡ଼ି ଯୋଗେ ଜଣେ ଆଇଆଇସିଙ୍କ ନେତୃତ୍ୱରେ ମୃତଦେହ ଗ୍ରାମକୁ ପଠାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିଛି। ଥାନାରେ ଏକ ମାମଲା(ନଂ.୨୭୨/୨୩)ରୁଜୁ ହୋଇଛି। ଦୁର୍ଘଟଣାସ୍ଥଳରୁ ଫେରାର ଥିବା ଟ୍ରାଭେଲର ଡ୍ରାଇଭର ଥାନାରେ ଆତ୍ମସମର୍ପଣ ପରେ କୋର୍ଟଚାଲାଣ କରାଯାଇଛି। ଆଖି ଲାଗିଯିବାରୁ ଏପରି ହୋଇଥିବା ସେ ସ୍ୱୀକାର କରିଥିବା ଥାନା ଅଧିକାରୀ ଅଞ୍ଜନ ପାତ୍ର କହିଛନ୍ତି।

### ବାପାଙ୍କ କଟୁରି...

ସମୟରେ ରାଧ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଉଭୟ ବେବି ଓ ଜନେଇଙ୍କ ମୃତ୍ୟୁ ହୋଇଥିଲା। ଗ୍ରାମବାସୀ ଏହା ଦେଖିବା ପରେ ରାଧଙ୍କୁ ଧରି ନିର୍ଘୁମ ମାଡ଼ ମାରିଥିଲେ। ରାଧ ଅଚେତ ହୋଇ ପଡ଼ିବାରୁ ଗ୍ରାମବାସୀ ଆମ୍ବୁଲାନ୍ସ ଡକାଇ ତାଙ୍କୁ ପାପଡ଼ାହାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ରାଧଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଛି। ଘଟଣା ସମ୍ପର୍କରେ ଖବରପାଇ ପାପଡ଼ାହାଣ୍ଡି ପୋଲିସ ସାଇଣ୍ଟିଫିକ ଟିମ୍ ସହ ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଜନେଇଙ୍କ ପୁଅ ସୀମାଞ୍ଚଳ ମଇଦଲପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କେସ୍ ନଂ. ୧୫୪/୨୩ରେ ମାମଲା ରୁଜୁ କରିଛି। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

### ମୁନିଗୁଡ଼ାରେ ବାଘ...

ଗୁରୁବାର ରାତିରେ ବନ୍ଧଗୁଡ଼ା ଗ୍ରାମ ନିକଟରେ ଏକ ମଇଁଷି ଛୁଆକୁ ମାରିଥିବା ଅଭିଯୋଗ ହୋଇଛି। ଅଞ୍ଚଳରେ ବାଘ ବୁଲୁଥିବା ଖବର ପ୍ରଚାରିତ ହେବା ପରେ ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ବନ ବିଭାଗର ଏକ ସ୍ପେଶାଲ ଟିମ୍ ବାଘର ଗତିବିଧି ଉପରେ ନଜର ରଖିବା ସହ ଟ୍ରାପ୍ କ୍ୟାମେରା ଲଗାଯାଇଛି। ଏଥିସହ ଜଙ୍ଗଲ ଆଖପାଖ ଅଞ୍ଚଳର ଲୋକଙ୍କୁ ଘରୁ ନ ବାହାରିବା ପାଇଁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରାଯାଉଛି। ମୁନିଗୁଡ଼ା ବନାଞ୍ଚଳ ଅଧିକାରୀ ଅନିଲ କୁମାର ବଳଙ୍କ ନେତୃତ୍ୱରେ ବନପାଳ ପ୍ରମୋଦିନୀ ମାଣ୍ଡିଙ୍ଗି, ବନରକ୍ଷୀ ରୋନିତ କୁମାର ମହାରଣା, ସୁରେଶ ପାତ୍ର, ସୋନାଲି ସ୍ୱାଇଁଙ୍କ ସହିତ ବନ ସୁରକ୍ଷା ସମିତିର କାର୍ଯ୍ୟକର୍ତ୍ତାମାନେ ବାଘର ଗତିବିଧି ସମ୍ପର୍କରେ ବନ୍ଧଗୁଡ଼ା ବନାଞ୍ଚଳରେ ଜଗି ରହିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ...

ସେମାନେ ଯେପରି ଜୀବନ ପାଇଁ ସଂଗ୍ରାମ କରି ବିଜୟୀ ହୋଇଛନ୍ତି ତାହା ବାସ୍ତବିକ ପ୍ରେରଣାଦାୟକ ବୋଲି ସେ କହିଛନ୍ତି। ଯେଉଁ ଶ୍ରମିକମାନେ ଆଜି ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସେମାନେ ହେଲେ ମୟୂରଭଞ୍ଜର ରାଜୁ ନାୟକ, ଧୀରେନ ନାୟକ, ବିଶ୍ୱେଶ୍ୱର ନାୟକ ଏବଂ ନବରଙ୍ଗପୁରର ଭଗବାନ ଭତ୍ରା। ସେମାନଙ୍କ ସହିତ ସେମାନଙ୍କ ପରିବାର ଲୋକମାନେ ମଧ୍ୟ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ୫-ଟି ଏବଂ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଗୁରୁବାର ସେମାନଙ୍କ ସହ ଭିଡିଓ ଜରିଆରେ ଆଲୋଚନା କରି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଥିଲେ। ଏହି ସାକ୍ଷାତ ସମୟରେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ଉପସ୍ଥିତ ଥିଲେ। ମନ୍ତ୍ରୀ ନାୟକ ସେମାନଙ୍କ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ଖବର ରଖିବା ପାଇଁ ଉତ୍ତରାଖଣ୍ଡ ଯାଇଥିଲେ ଓ ସମସ୍ତଙ୍କୁ ଧରି ଓଡ଼ିଶା ଫେରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରମ କମିଶନର ଉପସ୍ଥିତ ଥିଲେ।

# ୩୪ତମ କୋଣାର୍କ ଉତ୍ସବ ଉଦ୍‌ଘାଟିତ

କୋଣାର୍କ, ୧।୧୨(ଜ୍ୟୋତିରାଜ ମହାନ୍ତି)



କୋଣାର୍କ ଉତ୍ସବକୁ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି।

ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କ ସୂର୍ଯ୍ୟମନ୍ଦିର ପରିସରସ୍ଥ ମୁକ୍ତାକାଶ ରଙ୍ଗମଞ୍ଚରେ ଶୁକ୍ରବାର ରାଜ୍ୟ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ୩୪ତମ କୋଣାର୍କ ଉତ୍ସବ ଏବଂ ଚନ୍ଦ୍ରଭାଗା ବେଳାଭୂମିରେ ୧୩ତମ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମାର୍ଦ୍ଧରେ ବାଲୁକା କଳା ମହୋତ୍ସବକୁ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ଓଟିଡିସି ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ପରେ ୩୪ତମ କୋଣାର୍କ ଉତ୍ସବକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ଓଡ଼ିଆ, ଭାଷା ସାହିତ୍ୟ ଓ ସଂସ୍କୃତି ଏବଂ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ଓଟିଡିସି ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି, ବିଭାଗୀୟ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ,

■ ସୂର୍ଯ୍ୟ ସ୍ତୁତି, ଓଡ଼ିଶୀ ନୃତ୍ୟରେ ମତୁଆଲା ପର୍ଯ୍ୟଟକ
■ ୧୩ତମ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ ଆରମ୍ଭ
■ ଚନ୍ଦ୍ରଭାଗା ବେଳାଭୂମିରେ ବାଲୁକା କଳା ମନ ଛୁଇଁଲା

ବିଶିଷ୍ଟ ନୃତ୍ୟାଙ୍ଗନା ଡ. ଅରୁଣା ମହାନ୍ତି ଏବଂ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ସଂଘ ସଭାପତି ଦୁର୍ଗାପ୍ରସାଦ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ।

ସନ୍ଧ୍ୟାର ପ୍ରଥମ ଚରଣରେ କଟକ ସୁର ମନ୍ଦିରର କଳାକାରମାନେ ଓଡ଼ିଶୀ ନୃତ୍ୟ ଭେଟି ଦେଇଥିଲେ। କଳାକାରମାନେ ଜଗତର ନାଥ ଶ୍ରୀଜଗନ୍ନାଥ ଓ ସକଳ ଶକ୍ତିର ଆଧାର ପ୍ରଭୁ ସୂର୍ଯ୍ୟନାରାୟଣଙ୍କ ଉଦ୍ଦେଶ୍ୟରେ ନୃତ୍ୟ ନାଦ-ନିନାଦ ପରିବେଷଣ କରିଥିଲେ। ପରେ ଗଜ ଉଦ୍ଧାର ବିଷୟବସ୍ତୁକୁ ନେଇ ନୃତ୍ୟାଙ୍ଗନାମାନେ ଭେଟି ଦେଇଥିଲେ 'ଶରଣମ୍'। ସନ୍ଧ୍ୟାର ଦ୍ୱିତୀୟ ପର୍ଯ୍ୟାୟରେ ବେଙ୍ଗାଲୁରୁର ଚିତ୍ତକଳା ସ୍କୁଲ୍ ଅଫ୍ ଡ୍ୟାନ୍ସ ଅନୁଷ୍ଠାନର କଳାକାରମାନେ ଭାରତନାଟ୍ୟମ୍ ପରିବେଷଣ କରିଥିଲେ। କୋଣାର୍କ ଉତ୍ସବକୁ ରାଜ୍ୟ ପର୍ଯ୍ୟଟନ ବିଭାଗର ଅଧିକାରୀମାନଙ୍କ ସମେତ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ ପରିଚାଳନା କରୁଛନ୍ତି। ବାଲୁକା କଳା ମହୋତ୍ସବରେ ଅଷ୍ଟ୍ରେଲିଆ, ଶ୍ରୀଲଙ୍କା, ଚେକ୍ ରିପବ୍ଲିକ ସମେତ ଓଡ଼ିଶା ଏବଂ ଓଡ଼ିଶା ବାହାରର ୧୧୪ ଜଣ ବାଲୁକା ଶିଳ୍ପୀ ଯୋଗଦେଇ ବେଳାଭୂମିରେ ବାଲିରେ ଭାରତୀୟ ଐତିହ୍ୟ ଓ ସଂସ୍କୃତି ଉପରେ ବାଲୁକା କଳା ପ୍ରଦର୍ଶନ କରିଥିଲେ। ବାଲୁକା କଳା ଦେଖିବାକୁ ପର୍ଯ୍ୟଟକଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ପୂର୍ବାହ୍ନ ୧୧ଟାରେ ରାମଚଣ୍ଡୀ ବେଳାଭୂମି କୂଳରେ ପର୍ଯ୍ୟଟକ ଶିଳ୍ପର ପ୍ରସାର ଓ ଆର୍ଥିକ ପ୍ରଗତି ପାଇଁ ଇକୋ ରିଟ୍ରିଟ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଉଦ୍‌ଘାଟନ କରି ଏହାର ସୁଦୂରପ୍ରସାରୀ ଉପାଦେୟତା ଭାରତର ଅନ୍ୟ ରାଜ୍ୟ ପାଇଁ ପ୍ରେରଣାର ଉତ୍ସ ପାଲଟିଛି ବୋଲି କହିଥିଲେ। କୋଣାର୍କ ସମେତ ୭ଟି ସ୍ଥାନରେ ଏହି ମହୋତ୍ସବ ଆୟୋଜିତ ହେଉଛି। ପର୍ଯ୍ୟଟନ ଶିଳ୍ପର ଦ୍ରୁତ ଅଭିବୃଦ୍ଧି ଦିଗରେ ଏହା ଏକ ମାଇଲଖୁଣ୍ଟି ସଦୃଶ ବୋଲି ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ପୁରୀ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଜିଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ପୁରୀ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ ଓ ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ବେଙ୍ଗାଲୁରୁର ଚିତ୍ତକଳା ସ୍କୁଲ୍ ଅଫ୍ ଡ୍ୟାନ୍ସ ଅନୁଷ୍ଠାନର କଳାକାରମାନେ ଭାରତନାଟ୍ୟମ୍ ପରିବେଷଣ କରୁଛନ୍ତି।

# ଭାରତ ଟି୨୦ ସିରିଜ ବିଜୟୀ

**ରାୟପୁର, ୧।୧୨**

ବିଦ୍ୟୁତ୍ ଶୁଳ୍କ ବକେୟା ଜନିତ ପାୱାର କଟ୍ ଯୋଗୁ ଚର୍ଚ୍ଚାରେ ରହିଥିବା ରାୟପୁରର ଶହୀଦ ବୀର ନାରାୟଣ ସିଂ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଶୁକ୍ରବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚତୁର୍ଥ ଟି୨୦ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଭାରତ ୨୦ ରନରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଫଳରେ ଘରୋଇ ଦଳ ୩-୧ରେ ଅଗ୍ରଣୀ ସହ ୫ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ ଜିତି ନେଇଛି। ଭାରତ ୨୦ ଓଭରରେ ୯ ଉଇକେଟ ହରାଇ ୧୭୪ ରନ କରିଥିବାବେଳେ ଅଷ୍ଟ୍ରେଲିଆ ୨୦ ଓଭରରେ ୭ ଉଇକେଟ ହରାଇ ୧୫୪ ରନ କରିବାକୁ ସକ୍ଷମ ହୋଇଥିଲା। ଅଧିନାୟକ ମାଥ୍ୟୁ ୱାଡେ ଅଷ୍ଟ୍ରେଲିଆ ପକ୍ଷରୁ ସର୍ବାଧିକ ୩୬ ରନକରି ଅପରାଜିତ ରହିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଅକ୍ଷର ପଟେଲ ୩ଟି, ଦୀପକ ଚହର ୨ଟି ଏବଂ ରବି ବିଷ୍ଣୋଇ ଓ ଆଭେଶ ଖାଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଯଶସ୍ୱି ଜୟସ୍ୱାଲ ଓ ଋତୁରାଜ ଗାଏକ୍ୱାଡ୍‌ଙ୍କ ମାଧ୍ୟମରେ ଭଲ ଆରମ୍ଭ କରିଥିଲା। ଓପନିଂ ଯୋଡ଼ିରେ ଦୁହେଁ ୩୦ ବଲ୍‌ରେ ୫୦ ରନ ସଂଗ୍ରହ କରିଥିଲେ। ମାତ୍ର ଜୟସ୍ୱାଲ ୩୭ (୨୮ ବଲ, ୬ ଚୌକା, ୧ ଛକା) ରନକରି ଆଉଟ ହେବାପରେ ଭାରତ ଇନିଂସ ହଡ଼ବଡ଼େଇ ଯାଇଥିଲା। ଶ୍ରେୟସ ଆୟର ୮ ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୧ ରନକରି ପ୍ୟାଭିଲିୟନ ଫେରିଥିଲେ। ଫଳରେ ୫୦ ରନରେ ପ୍ରଥମ ଉଇକେଟ ହରାଇଥିବା ଭାରତ ସ୍କୋର ୬୩/୩ ହୋଇ ଯାଇଥିଲା। ଋତୁରାଜ ୩୨ (୨୮ ବଲ, ୩ ଚୌକା, ୧ ଛକା) ରନକରି ଆଉଟ ହୋଇଥିଲେ। ମିଡିଲ ଅର୍ଡରରେ ରିଙ୍କୁ ସିଂ ଓ ଜୀତେଶ ଶର୍ମାଙ୍କ ଦୃଢ଼ ବ୍ୟାଟିଂ ଯୋଗୁ ଭାରତ ବଡ଼ ସ୍କୋର ଆଡ଼କୁ ମୁହାଁଇଥିଲା। ଜୀତେଶ ୧୯ ବଲ୍‌ରୁ ୩୫ (୧ ଚୌକା, ୩ ଛକା) ଓ ରିଙ୍କୁ ୨୯ ବଲ୍‌ରୁ ୪୬ (୪ ଚୌକା, ୨ ଛକା) ରନ କରିଥିଲେ। ତେବେ ଶେଷ ୨ ଓଭରରେ ମାତ୍ର ୧୩ ରନ ମଧ୍ୟରେ ୫ ଉଇକେଟର ପତନ ଘଟିବାରୁ ଭାରତ ଇନିଂସ ୧୭୪ରେ ସୀମିତ ରହି ଯାଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ବେନ୍ ଡ୍ୱାରଶୁଇସ ସର୍ବାଧିକ ୩ଟି ଉଇକେଟ ନେଇଥିଲେ।

ଏହି ମ୍ୟାଚ ପାଇଁ ଭାରତୀୟ ଦଳରେ ୪ ପରିବର୍ତ୍ତନ କରାଯାଇଥିଲା। ପ୍ରସିଦ୍ଧ କ୍ରିଷ୍ଣା, ଅର୍ଶଦୀପ ସିଂ, ତିଲକ ବର୍ମା ଓ ଇଶାନ କିଶନଙ୍କ ସ୍ଥାନରେ ମୁକେଶ କୁମାର, ଦୀପକ ଚହର, ଶ୍ରେୟସ ଆୟର ଓ ଜୀତେଶ ଶର୍ମାଙ୍କୁ ସୁଯୋଗ ମିଳିଥିଲା। ସେହିପରି ୫ ପରିବର୍ତ୍ତନ ସହ ଅଷ୍ଟ୍ରେଲିଆ ପଡ଼ିଆକୁ ଓହ୍ଲାଇଥିଲା। ପୂର୍ବରୁ ଦଳରେ ସାମିଲଥିବା ଷ୍ଟୋଇନିସ, ମ୍ୟାକ୍ସୱେଲ, ଇଂଲିଶ୍, ରିଚାର୍ଡଶନ ଓ ଏଲିସଙ୍କୁ ବାଦ୍ ଦିଆ ଯାଇଥିଲା। ସେମାନଙ୍କ ସ୍ଥାନରେ କ୍ରିସ୍ ଗ୍ରୀନ୍, ବେନ୍ ମ୍ୟାକଡର୍ମଟ, ବେନ୍ ଡ୍ୱାରଶୁଇସ, ଜୋଶ୍ ଫିଲିପେ ଓ ମାଥ୍ୟୁ ଶର୍ଟଙ୍କୁ ସୁଯୋଗ ମିଳିଥିଲା। ୩୦ ବର୍ଷୀୟ ଅଫ୍ ସ୍ପିନର କ୍ରିସ୍ ଗ୍ରୀନ୍ ଏଠାରେ ପ୍ରଥମ ଅନ୍ତର୍ଜାତୀୟ ଟି୨୦ ପଦାର୍ପଣ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୭୪/୯ (ରିଙ୍କୁ ସିଂ-୪୬, ଯଶସ୍ୱି ଜୟସ୍ୱାଲ-୩୭, ଜୀତେଶ ଶର୍ମା-୩୫, ଋତୁରାଜ ଗାଏକ୍ୱାଡ-୩୨, ବେନ୍ ଡ୍ୱାରଶୁଇସ-୩/୪୦, ଜାସନ ବେହରେନଡର୍ଫ-୨/୩୨, ତନଭୀର ସଂଘା-୨/୩୦, ଆରୋନ ହାର୍ଡିଲି-୧/୨୦)। ଅଷ୍ଟ୍ରେଲିଆ ୨୦ ଓଭରରେ ୧୫୪/୭ (ମାଥ୍ୟୁ ୱାଡେ-୩୬*, ଟ୍ରାଭିସ ହେଡ୍-୩୧, ଅକ୍ଷର ପଟେଲ-୩/୧୬, ଦୀପକ ଚହର-୨/୪୪, ରବି ବିଷ୍ଣୋଇ-୧/୧୭, ଆଭେଶ ଖାଁ-୧/୩୩)।







ଶଟ୍ ଖେଳିବା ଅବସରରେ ରିଙ୍କୁ ସିଂ। ଉଇକେଟ ନେବାପରେ ବେନ୍ ଡ୍ୱାରଶୁଇସଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

# କିଟ୍ ଟେନିସ୍ ଦଳର ବିଜୟ ଅଭିଯାନ

**ଭୁବନେଶ୍ୱର, ୧।୧୨**

**(ତପନ ସ୍ୱାଇଁ)**

ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ସହଯୋଗରେ ହରିୟାଣାର ମୁରଥାଲସ୍ଥିତ ଦୀନବନ୍ଧୁ ଛୋଟୁରାମ ୟୁନିଭର୍ସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ପରିସରରେ ସର୍ବଭାରତୀୟ

**ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେନିସ**

ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ମହିଳା ଟେନିସ ଟୁର୍ନାମେଣ୍ଟ ଶୁକ୍ରବାର ଆରମ୍ଭ ହୋଇଛି। ଏଥିରେ ଅଂଶଗ୍ରହଣ କରିଥିବା କିଟ୍ ବିଶ୍ୱବିଦ୍ୟାଳୟ ମହିଳା ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ନିଜର ପ୍ରଥମ ମ୍ୟାଚରେ ଏହି ଦଳ ଚଣ୍ଡିଗଡ଼ର ପଞ୍ଜାବ ବିଶ୍ୱବିଦ୍ୟାଳୟକୁ ୨-୦ରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। କିଟ୍ ଦଳ ୪ର୍ଥ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିସାରିଛି। କିଟ୍ ମହିଳା ଦଳରେ ଋତୁପର୍ଣ୍ଣା ଚୌଧୁରୀ, ଅଭିଲାଷ ବିସ୍ତା, ରିୟା ମର୍ଦ୍ଦରାଜ ଓ ଆକୃତି ସାମିଲ ଥିବାବେଳେ ମହମ୍ମଦ ଅନାମୁଲ ହକ୍ କୋଚ୍ ଦାୟିତ୍ୱ ନିର୍ବାହ କରୁଛନ୍ତି।



କୋଚ୍‌ଙ୍କ ସହ କିଟ୍ ବିଶ୍ୱବିଦ୍ୟାଳୟ ମହିଳା ଟେନିସ୍ ଦଳ।

# ବାଂଲାଦେଶ ବିଜୟ ନିକଟତର

**ସିଲହେଟ୍, ୧।୧୨ (ଏପି)**

ବାମହାତି ସ୍ପିନର ତାଇଜୁଲ ଇସ୍‌ଲାମ ୪ ଉଇକେଟ ସଫଳତା ପରେ ବାଂଲାଦେଶ ଏଠାରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ବିଜୟ ନିକଟତର ହୋଇଛି। ୩୩୨ ରନର ବିଜୟ ଲକ୍ଷ୍ୟ ପିଛା କରୁଥିବା ନ୍ୟୁଜିଲାଣ୍ଡ ଶୁକ୍ରବାର ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୭ ଉଇକେଟ ବିନିମୟରେ ୧୧୩ ରନ କରିଛି। ଡେରିଲ ମିଚେଲ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ ସହ ୪୪ ରନ କରିଥିବା ବେଳେ ଇଶ୍ ସୋଧି ୭ ରନ କରି କ୍ରିଜ୍‌ରେ ଅଛନ୍ତି। ଉଇକେଟରେ କିଛି ସମୟ ତିଷ୍ଠି ରହିଥିବା ଅନ୍ୟ ଏକମାତ୍ର ଖେଳାଳି ଓପନ ଡେଭନ କନୱେ ୨୨ ରନ କରିଥିଲେ। ଶୁକ୍ରବାର ସକାଳେ ଘରୋଇ ଦଳ ପୂର୍ବଦିନର ଅସମାପ୍ତ ସ୍କୋର ୨୧୨/୩ରୁ ଏହାର ଖେଳ ଆରମ୍ଭ କରିଥିଲା। ଚତୁର୍ଥ ଦିବସ ଖେଳର ଦ୍ୱିତୀୟ ଓଭରରେ ଟିମ୍ ସାଉଦିଙ୍କ ବଲ୍‌ରେ ଟମ୍ ବ୍ଲଣ୍ଡେଲଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ

**ତାଇଜୁଲଙ୍କୁ ୪ ଉଇକେଟ**

ପୂର୍ବଦିନ ଶତକ ହାସଲକାରୀ ନାଜମୁଲ ହୋସେନ ଶାନ୍ତୋ। ପୂର୍ବଦିନ ସ୍କୋରରେ ସେ ମାତ୍ର ୧ ରନ ଯୋଗୁ କରି ବ୍ୟକ୍ତିଗତ ୧୦୫ ସ୍କୋରରେ ଆଉଟ ହୋଇଯାଇଥିଲେ। ଏହାଦ୍ୱାରା ଚତୁର୍ଥ ଉଇକେଟରେ ୯୮ରନ ପାର୍ଟନରଶିପ୍‌ର ଅନ୍ତ ଘଟିଥିଲା। ପରେ ୫୦ ରନ କରି ଅପରାଜିତ ରହିଥିବା ମେହିଦି ହସନ ଦଳର ସ୍କୋରକୁ ୩୦୦ ଅତିକ୍ରମ କରାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ପ୍ରଥମ ଇନିଂସ: ୩୧୦
ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୩୧୭
ବାଂଲାଦେଶ ଦ୍ୱିତୀୟ ଇନିଂସ: ୩୩୮ (ନାଜମୁଲ ହୋସେନ ଶାନ୍ତୋ-୧୦୫, ମୁସଫିକର ରହିମ-୬୭, ମେହିଦି ହସନ ମିରାଜ-୫୦*, ମୋମିନୁଲ ହକ୍-୪୦; ଏଜାଜ ପଟେଲ-୪/୧୪୮, ଇଶ୍ ସୋଧି-୨/୭୪)।
ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ : ୧୧୩/୭ (ଡେରିଲ ମିଚେଲ-୪୪, ଡେଭନ କନୱେ-୨୨; ତାଇଜୁଲ ଇସ୍‌ଲାମ-୪/୪୦)।




# କ୍ୟାପିଟାଲ-ୟୁନିଟ୍ ୬, ସେମିନାରି-କିସ୍ ସେମିଫାଇନାଲ



ଗୁଇସାନ ଦିଗଲ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର,୧।୧୨**

**(ତପନ ସ୍ୱାଇଁ)**

ଭୁବନେଶ୍ୱର ଭେଟେରାନ ଫୁଟ୍‌ବଲ ପ୍ଲେୟର୍ସ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୬ ପଡ଼ିଆରେ ଚାଲିଥିବା ଆନ୍ତଃସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟର ଅନ୍ତିମ କ୍ୱାର୍ଟର

**ଆନ୍ତଃ ସ୍କୁଲ ଫୁଟ୍‌ବଲ**

ଫାଇନାଲ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ କ୍ୟାପିଟାଲ ହାଇସ୍କୁଲ ୨-୧ ଗୋଲରେ ଓଡିଏମ୍ ଗ୍ଲୋବାଲ ସ୍କୁଲକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଶନିବାର ପ୍ରଥମ ସେମିଫାଇନାଲରେ କ୍ୟାପିଟାଲ ହାଇସ୍କୁଲ ଓ ୟୁନିଟ-୬ ଏବଂ ଦ୍ୱିତୀୟ ସେମିଫାଇନାଲରେ ସୟଦ ସେମିନାରି ଓ କିସ୍ ସ୍କୁଲ ମଧ୍ୟରେ ମୁକାବିଲା ହେବ।

ଅନ୍ତିମ କ୍ୱାର୍ଟର ଫାଇନାଲରେ ବିଜୟୀ ଦଳ ପକ୍ଷରୁ ସୁରେଶ ମୁର୍ମୁ ଓ ଗୁଇସାନ ଦିଗଲ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଓଡିଏମ୍ ଗ୍ଲୋବାଲର ରିଜୟସ ଦିଗଲ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଆସୋସିଏଶନ ସଭାପତି ନବରଞ୍ଜନ ପଟ୍ଟନାୟକ ଉପସ୍ଥିତ ରହି କ୍ୟାପିଟାଲ ସ୍କୁଲର ଗୁଇସାନ ଦିଗଲଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। କାଳୁ ମହାରଣା, କୀର୍ତ୍ତି ରଞ୍ଜନ ସ୍ୱାଇଁ, ବରୁଣ ବିହାରୀ ପ୍ରଧାନ, ଅମିତ ନାୟକ ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚ କମିଶନର ଥିଲେ ମହେଶ୍ୱର ସିଂ।

# ପଦକ ପକ୍କା କଲେ ଆଉ ୮ ବକ୍ସର

**ନୂଆଦିଲ୍ଲୀ, ୧।୧୨ (ପି.ଟି.):** ଏସିଆନ ଜୁନିୟର ଚାମ୍ପିୟନ୍ସ ନିଶା (୫୨କେଜି) ଓ ଆକାଂକ୍ଷା (୭୦କେଜି) ଆର୍ମେନିଆର ୟେରେଭାନ୍‌ଠାରେ ଚାଲିଥିବା ଆଇବିଏ ଜୁନିୟର ୱାର୍ଲ୍ଡ ବକ୍ସିଂ ଚାମ୍ପିୟନଶିପ୍‌ରେ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଫଳରେ ଆଉ ୮ଜଣ ଭାରତୀୟ ବକ୍ସର ଗୋଟିଏ ଲେଖାଏଁ ପଦକ ପକ୍କା କରିଛନ୍ତି। ଶୁକ୍ରବାର ସମସ୍ତ ୪ ଭାରତୀୟ ବାଳିକା ସେମାନଙ୍କ ମ୍ୟାଚରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ପ୍ରଥମେ ଆକାଂକ୍ଷା ବିଭାଜିତ ନିଷ୍ପତ୍ତି ରାୟରେ ଉଜ୍‌ବେକିସ୍ତାନର କୁରବନବୋଏଭା ରେହୋନାଙ୍କୁ ୪-୧ରେ ହରାଇ ଦେଇଥିଲେ।

# ଓଡ଼ିଶାର ଦ୍ୱିତୀୟ ବିଜୟ

**ଭୁବନେଶ୍ୱର, ୧।୧୨**

**(ତପନ ସ୍ୱାଇଁ)**

ଚଳିତ ବିଜୟ ହଜାରେ ଟ୍ରଫି ଘରୋଇ ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ କ୍ରମାଗତ ୩ ପରାଜୟ ପରେ ଓଡ଼ିଶା ବିଜୟ ସ୍ୱାଦ ଚାଖିଛି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଦଳ ୭ ଉଇକେଟରେ ପୁଡୁଚେରୀକୁ ପରାସ୍ତ କରିଛି। ଗ୍ରୁପ୍ 'ଏ'ରେ ୫

**ବିଜୟ ହଜାରେ ଟ୍ରଫି**

ମ୍ୟାଚରୁ ଓଡ଼ିଶାର ଏହା ଦ୍ୱିତୀୟ ବିଜୟ। ତ୍ରିପୁରା ବିପକ୍ଷରେ ବିଜୟ ସହ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ମ୍ୟାଚରେ ଭିଜେଡି ପଦ୍ଧତିରେ ରେଲୱେଠାରୁ, ତୃତୀୟ ମ୍ୟାଚରେ କେରଳଠାରୁ ୭୮ ରନରେ ଏବଂ ୪ର୍ଥ ମ୍ୟାଚରେ ସୌରାଷ୍ଟ୍ରଠାରୁ ୪ ଉଇକେଟରେ ହାରି ଯାଇଥିଲା। ପୁଡୁଚେରୀ ବିପକ୍ଷରେ ଟସ୍ ଜିତି ଓଡ଼ିଶା ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପୁଡୁଚେରୀ ୫୦ ଓଭରରେ ୬ ଉଇକେଟରେ ୨୩୦ ରନ କରିଥିଲା। ପାରସ ଡୋଗ୍ରା ୭୭ ରନରେ ଅପରାଜିତ ରହିଥିବାବେଳେ ଆକାଶ ଆନନ୍ଦ କର୍ଗାଭେ ୫୦ ଓ ଅରୁଣ କାର୍ତ୍ତିକ ୪୦ ରନ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ହର୍ଷିତ ରାଠୋଡ଼ ଓ ତାରିଣୀ ସ' ୨ଟି ଲେଖାଏ ଏବଂ ଦେବବ୍ରତ ପ୍ରଧାନ ଗୋଟିଏ ଉଇକେଟ ନେଇଥିଲେ। ୨୩୧ ରନ ବିଜୟ ଲକ୍ଷ୍ୟ ପିଛା କରି ଓଡ଼ିଶା ୪୨ ଓଭରରେ ୩ ଉଇକେଟ ହରାଇ ୨୩୪ ରନ ସଂଗ୍ରହ କରି ନେଇଥିଲା। ଶୁଭ୍ରାଂଶୁ ସେନାପତି ୭୭ ରନକରି ଅପରାଜିତ ରହିଥିବାବେଳେ ସନ୍ଦିପ ପଟ୍ଟନାୟକ ୭୭ ଓ ଶାନ୍ତନୁ ମିଶ୍ର ୩୬ ରନ ସ୍କୋର କରିଥିଲେ। ପୁଡୁଚେରୀ ପକ୍ଷରୁ ଅବିନ ମାଥ୍ୟୁ ୨ଟି ଓ ଗୌରବ ଯାଦବ ଗୋଟିଏ ଉଇକେଟ ନେଇଥିଲେ।



ଶୁଭ୍ରାଂଶୁ ସେନାପତି



ସନ୍ଦିପ ପଟ୍ଟନାୟକ



ଜାମଶେଦପୁରରେ ଶୁକ୍ରବାର ଓଡ଼ିଶା ଏଫ୍‌ସି ଓ ଜାମଶେଦପୁର ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ଆଇଏସ୍ଏଲ୍ ମ୍ୟାଚ।

# ପ୍ରିୟାଂଶୁ, ଅଶ୍ୱିନି-ତନିଶା ସେମିରେ

**ଲକ୍ଷ୍ନୌ,୧।୧୨(ପି.ଟି.)**

ଇଣ୍ଡୋନେସିଆର ଅଲୱି ଫାରହାନଙ୍କୁ ପରାସ୍ତ କରି ଭାରତର ଯୁବ ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରିୟାଂଶୁ ରାଜାୱତ ଏଠାରେ ଚାଲିଥିବା ସୟଦ ମୋଦି ଇଣ୍ଟରନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଚଳିତ ସିଜନରେ ଓର୍ଲିନ୍ସ ମାଷ୍ଟର୍ସ ସୁପର ୩୦୦ ଜିତିଥିବା ମଧ୍ୟପ୍ରଦେଶର ଏହି ୨୧ ବର୍ଷୀୟ ଖେଳାଳି କ୍ୱାର୍ଟରଫାଇନାଲରେ ବିଶ୍ୱ ଜୁନିୟର ଚାମ୍ପିୟନ ଫାରହାନ୍‌ଙ୍କୁ ୨୧-୧୫, ୨୧-୧୬ରେ ହରାଇ ଦେଇଛନ୍ତି। ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର ସୁପର ୩୦୦ ଟୁର୍ନାମେଣ୍ଟର ଏହି ମ୍ୟାଚ ୪୯ ମିନିଟରେ ଶେଷ ହୋଇଥିଲା। ପ୍ରିୟାଂଶୁ ସେମିଫାଇନାଲରେ ଚାଇନିଜ ତାଇପେର ଚି ୟୁ ଜେନ୍ କିମ୍ବା ଚିଆ ହାଓ ଲି'ଙ୍କୁ ଭେଟିବେ। ଅନ୍ୟପକ୍ଷରେ ଚଳିତ ବର୍ଷ ନାଟେସ ଇଣ୍ଟରନ୍ୟାଶନାଲ ଚ୍ୟାଲେଞ୍ଜ ଓ ଆବୁଧାବି ମାଷ୍ଟର୍ସ ସୁପର ୧୦୦ ଜିତିଥିବା ବିଶ୍ୱର ୭ମ ସିଡ୍ ତନିଶା କ୍ରାଷ୍ଟୋ ଓ ଅଶ୍ୱିନୀ ପୋନାପ୍ପା ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ ପଦକ ବିଜେତା ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦଙ୍କୁ ୨୧-୧୯, ୨୧-୮ରେ ହରାଇ ଦେଇଛନ୍ତି। ତନିଶା-ଅଶ୍ୱିନୀ ସେମିଫାଇନାଲରେ ଟପ୍ ସିଡ୍ ଜାପାନିଜ ଯୋଡ଼ି ୟୁକି ଫୁକୁଶିମା ଓ ସାୟାକା ହିରୋତାଙ୍କୁ ଭେଟିପାରନ୍ତି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ